# ସାପ୍ତାହିକ ସମ୍ବାଦ ।

[illegible]

## କଲିକତା-ଗେଜେଟ ।

[illegible]

## ସାହିତ୍ୟ ସମ୍ବାଦ ।

[illegible]

## ମୃତ୍ୟୁସମ୍ବାଦ ।

[illegible]

## ପତ୍ରପ୍ରେରକଙ୍କପ୍ରତି ।

ଯେଉଁମାନେ ମୋକଦ୍ଦମା ସମ୍ବନ୍ଧ ପତ୍ର ପଠାଇବେ ସେମାନଙ୍କୁ ଅନୁରୋଧ ଯେ କହୁସଙ୍ଗେ ହାକିମଙ୍କ ରାୟ ଅଥବା [illegible] କୌଣସି କାଗଜର ନକଲ ପଠାଇବେ । ଏଥି କାଗଜରେ ମୋକଦ୍ଦମା ସମ୍ବନ୍ଧ ସମାଲୋଚନାର ଗୁଣାଗୁଣ ବିଚାର କରିବାକୁ ଅନେକ ସମୟରେ କଷ୍ଟ ହୁଏ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକମହାଶୟ ସମୀପେଷୁ

ମହାଶୟ !

ନିମ୍ନଲିଖିତ [illegible] ଉତ୍କଳଦୀପିକାର ଏକପାର୍ଶ୍ୱରେ ସ୍ଥାନ ଦାନକରି ବାଧିତ କରିବା ହେବେ ।

[illegible]

Split by PDF Splitter

Digitized by srujanika@gmail.com

Split by PDF Splitter



ନେଇ ବଙ୍ଗଦେଶ ଅଜ୍ଞାନ ଲଗିଥିବାର ଦେଖି ଅତ୍ୟନ୍ତ ଆନନ୍ଦିତ ହେଲି । କାରଣ ବୈଦେହୀଶବିଳାସ ପାଠରେ ମୋର ଯେ ଭ୍ରମ ଥିଲା ତାହା ଏହି ଅନେକାଂଶରେ ଅବଶ୍ୟ ଦୂର ହୋଇ ଯାଇ । ଅଜଣ୍ଡ ପ୍ରାୟ ଅନେକ ଦିବସ ହେବ ଗୋପାଳବଲ୍ଲଭ ଓ ସନାତନ ବାବୁ ଆପଣାମାନଙ୍କ ମଧ୍ୟରେ ଯେଉଁ ବାଦ ପ୍ରତିବାଦ ଲଗାଇ ଅଛନ୍ତି ସେ ସମ୍ବନ୍ଧରେ କେତେକ କଥା କହିବାକୁ ଥିଲି । ମାତ୍ର ଅଳ୍ପ କାଳ ବିଶିଷ୍ଟ ଯେମାନଙ୍କ ଲେଖକଙ୍କୁ "ପିଙ୍ଗଳପ୍ରଦୀପ" ଓ "ଉପେନ୍ଦ୍ରଭଞ୍ଜ ଭକ୍ତି" ପ୍ରଭୃତି ପୁସ୍ତକ ରଚନା ଦେଖି ଉପାଧିଦାତାମାନଙ୍କ ଧନ୍ୟବାଦ ଦେଇ କୌଣସି କଥା କହିବାକୁ ଇଚ୍ଛା କରି ନ ଥିଲି । କିନ୍ତୁ ସମ୍ପ୍ରତି ପ୍ରକାଶିତ ପତ୍ରିକା ର ସଂଖ୍ୟାରେ ବାବୁ ଶ୍ରୀ ଦାଶରଥି ରଥ, ଯେଉଁ ପ୍ରବନ୍ଧ ଲେଖିଅଛନ୍ତି ସେହି ପ୍ରବନ୍ଧର ପ୍ରତିବାଦରେ ପଦେ ଅଧେ ନ କହି ସ୍ଥିର ହୋଇ ରହି ପାରିଲି ନାହିଁ । ଦାଶରଥି ବାବୁ କହନ୍ତି ଯେ ସନାତନ ବାବୁଙ୍କ ପ୍ରକୃତ କଥାରେ ଗୋପାଳବଲ୍ଲଭ ବୃଥା ହେବାକୁ ଯାଉଛନ୍ତି । ସେତେବେଳେ ଦୁର୍ଲଭ ସ୍ୱର୍ଗୀୟ ଭୂପରେ ବଳଙ୍କ ଦାନଶୀଳ ଲେଖକଙ୍କର ଓ ଜାତୀୟ ସାହିତ୍ୟର ଘୋର ଅନିଷ୍ଟକାରୀ ଉପେନ୍ଦ୍ରଭଞ୍ଜ ହେଲେ କେବେ ଶେଷକାଳରେ ପ୍ରାପ୍ତ ସମ୍ପଦ ସୁ ଭିଲଲଗାଇ ଏହି ଦୋଷରେ ଦୋଷୀ ହୋଇଥିବେ କି ନା ତାହା ଦାଶରଥି ବାବୁ ଭଲକରି ବୁଝାଇ ଦେବେ କି? କାରଣ ସେହି ସମ୍ବନ୍ଧରେ ଭଞ୍ଜଙ୍କ କବିତା ପଠନ ଓ ଅର୍ଥବୋଧ ସମସ୍ତଙ୍କର ଉପକାର ଅବା ଅପକାର ହେଉଅଛି ତାହା ମୁଁ ପ୍ରକାଶ କରିବାକୁ ଅକ୍ଷମ କେବଳ ଏହି ମାତ୍ର ବୋଲିବାକୁ ହେବ ଯେ ସେକାଳର ଭୂତ ଅଂଶ୍ୟ ପଦ୍ଧତିମସ୍ତ ଥିଲା ଲୋକମାନେ ମଧ୍ୟ ଧର୍ମଭୀରୁ ଓ ପ୍ରଶାନ୍ତ ଚେଷ୍ଟା ଥିଲେ । ଅଳ୍ପ କାଳ ଅସ୍ମାମାନଙ୍କପରି କୁଟିଳମନା ନ ଥିଲେ କେବେ ସେହି ସମୟରେ ବଙ୍କିମ କବିତା ଅଦ୍ଭୁତ ହେଉଥିଲା କି ନାହିଁ ତାହା ବୋଧ-ଗଲ କବିତାସ୍ୱାମୀଙ୍କୁ ପଙ୍କସାଥାରଣ ବୁଝିପାରିବେ । ବର୍ତ୍ତମାନ ଶୁଣି ଆନନ୍ଦ ହେଲି ଯେ ଦାଶରଥି ବାବୁ ବାଲ୍ମୀକି କଲ୍ପିତ ମୂଳ ରାମାୟଣ ସମ୍ପୂର୍ଣ୍ଣ ପଠନ କରି ଅଛନ୍ତି । ମାତ୍ର ମୁଁ ସଂସ୍କୃତ ରାମାୟଣ ବୁଝିବାରେ ଅକ୍ଷମ । କେବଳ ଧର୍ମକୋଷ୍ଟ ସଜ୍ଜନଙ୍କ କୃତ୍ତିବାସ ଦିଲ ରାମାୟଣକୁ ଦେଖି, ଉତ୍କଳ ପଦ୍ୟାନୁବାଦ କରୁଅଛି

ଛନ୍ଦି ପାଠ କରୁଅଛୁ । ଉତ୍କଳବାସୀରେ ଉପଚନ୍ଦ୍ର ନୀତାଙ୍କ ସହିତ ଲୁଦ୍ୟାଳ ଲୁଣ୍ଠଣ ସମ୍ବନ୍ଧରେ ଶୀକାଙ୍କର ପଦ୍ୟକଣ ମାର୍ଜନା କରନ୍ତୁ ଏବଂ ଅନ୍ୟମଧ୍ୟ କେତେକ ରହସ୍ୟ ତଥା ପ୍ରକାଶିତ ହୋଇଅଛି । ତେବେ ଏଥିମଧ୍ୟରେ ଦାଶରଥି-ବାବୁ କେଉଁ କବିଙ୍କୁ ଦୋଷୀ କରିବେ ତାହା ମୁଁ ବୁଝିପାରୁ ନାହିଁ । ମୋର ଏହି ବିଶ୍ୱାସ ଯେ ଭଗବାନ ଯେତେବେଳେ ମନୁଷ୍ୟ ଜନ୍ମ ଗ୍ରହଣ କରିଥିଲେ ସେତେବେଳେ ତାହାଙ୍କୁ ମନୁଷ୍ୟଙ୍କର ସମସ୍ତ କାର୍ଯ୍ୟ କରିବାକୁ ହୋଇଥିଲା ଅତଏବ ଭଞ୍ଜଙ୍କ ରଚିତ ବୈଦେହୀଶବିଳାସ ଦୋଷଯୁକ୍ତ ହୋଇ ନ ପାରେ । ଉପେନ୍ଦ୍ରଭଞ୍ଜଙ୍କ କବିତା ଯେ କେବଳ ଅଦରସାର୍ଥିତ ଏମନ୍ତ ନୁହଁ । ଦାଶରଥି ବାବୁ ଭଲକରି ପଢ଼ିଲେ ଅଦ୍ୟାପି ରସ ବୁଝିପାରନ୍ତେ ଜଣ ଅଳ୍ପ ବାଳ "ଗୁଡ୍ୟମୂଳଭସ" ଲେଖକଙ୍କପରି ନୁହନ୍ତି । ଏହା ମନେ କରିବା ଉଚିତ । କବିଙ୍କର ନିନ୍ଦା ଅବା ପ୍ରଶଂସା କରିବାର ମୋର କ୍ଷମତା ନାହିଁ ତେବେ ଅସ୍ମାମାନଙ୍କ ବର୍ତ୍ତମାନ ଅବସ୍ଥା କବି ଗୋବିନ୍ଦନାଥ ବସୁଙ୍କ ରଚିତ ଶହିବାଷ୍ଟକକୁ ଭୁଲିଗଲେ ଦାଶରଥି ବାବୁ ବୁଝିବା ନିମନ୍ତେ ଏଠାରେ ଉଲ୍ଲେଖ କଲି ।

"ଭାଗ୍ୟବାନ କେଉଁ ବାଣୀଙ୍କ କୁମର.
ତବ ବଟତରବର ଗାଉବର ।"

ଏହି ପ୍ରତିବାଦରେ ଯେ କେହି ଦୋଷୀ ହୁଏ ତେବେ ଦାଶରଥିବାବୁଙ୍କଠାରେ ସମ୍ପ୍ରତି ଦୋଷୀ ହେଉଥିବେ କି ନାହିଁ ବୁଝାଇଦେବେ । ଅଛ ଏହିପର୍ଯ୍ୟନ୍ତ କହି ଶାରଦ ହେଲି ସମସ୍ତ ଅନୁସାରେ କେତେଗୁଡ଼ିଏ କଥା କହିବାକୁ ଇଚ୍ଛା ରହି ଅଛି । ଇତି ।

"ଭାଗ୍ୟହୀନ ଯେ ବସସ୍ଥର
ଭକ୍ତି ନ ପାଇଲ କାହିଁ;
ତାର କି ସ୍ୱାଦୁ ଯଶ ଗାଇ
ପ୍ରଶଂସୁ ଭଲି ମଧ୍ୟ ଭକ୍ତି" ।

ଜଗନ୍ନାଥ ବୌଦ୍ଧ } ବଶମ୍ବଦ
ତା ୧୯।୮।୯୩ } ଶ୍ରୀ ବ୍ରଜବନ୍ଧୁ ମିଶ୍ର

---

ଭ୍ରମସଂଶୋଧନ ।

ଗତ ତା ୧୯ ରିଖର ପତ୍ରିକାର ମୂଲ୍ୟପ୍ରାପ୍ତି ସ୍ତମ୍ଭରେ "ଉଦ୍ଦୀପ ମହାନ୍ତି ବାଲେଶ୍ୱର ୧ ଙ୍କା ଓ ଡଟେଶ୍ୱର ରାଜସ୍ୱ ୧ ଙ୍କା" ସ୍ଥାନରେ "ଉଦ୍ଧବ ମହାନ୍ତି ବାଲେଶ୍ୱର ୧ ୫ ଙ୍କା" ପଢ଼ିବାକୁ ହେବ ।

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ବନମାଳୀ ମିଶ୍ର | ୧ ୨ |
| „ ଗଦାଧର ଦାସ କୌଡ଼ | ୧ ୦ ୮ |

---

# ବିଜ୍ଞାପନ ।

---

## ବାବୁ ବିଶ୍ୱେଶ୍ୱର ଦାସ ।

ଅଷ୍ଟିଣ୍ଟ୍ୟାଣ୍ଟ ସର୍ଜନ

କଟକ କଲେଜ ନିକଟରେ ଥାଇ ଚିକିତ୍ସା କରିବା ଏବଂ ସେ ସମ୍ବନ୍ଧରେ ପରାମର୍ଶ ଦେବାକୁ ପ୍ରସ୍ତୁତ ଅଛନ୍ତି ।

---

## ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ଶିକ୍ଷା ସହାୟକ ।

ମୂଲ୍ୟ ୫ ୦ ୵୵ ଚାରିଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମୋଦିମାନଙ୍କୁ କେତେକ ସାର ସଙ୍ଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରଲିପି ଓ ନୂତନ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଶୀଘ୍ର ନିଅ ! ନିଅ ! ନିଅ !!

ପୁସ୍ତକ ସଂଖ୍ୟା ଅଳ୍ପ ଅଛି ।

ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଅସ୍ମ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ ଆଜଠାରୁ ଅର୍ଦ୍ଧ ମୂଲ୍ୟରେ ବିକ୍ରୟ ହେଲା ।

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ୫ ୦ ୵ |
| ଏକାଳ | ଦ୍ୱିତୀୟ ଏକାଳ | ୫ ୦ ୵ |
| ଏକାଳ | ତୃତୀୟ ଏକାଳ | ୫ ୦ ୵ |
| ଏକାଳ | ଚତୁର୍ଥ ଏକାଳ | ୫ ୦ ୵ |
| ଶ୍ରୀକଳ୍ପତରୁ | | ୫ ୦ ୵ |
| କପିଳାସ ଶତକ | | ୫ ୦ ୵ |

ଏହି ପୁସ୍ତକମାନ କଟକ ପ୍ରିଣ୍ଟିଂମାନଙ୍କ ଛାପାଖାନା ଏବଂ ପୁରୀ ଏଜେଣ୍ଟ ବାବୁ ଶ୍ରୀ ରାମପ୍ରସାଦ ମୁଖୋପାଧ୍ୟାୟଙ୍କ ଦୋକାନରେ ମିଳିବ ।

କଟକ } ଶ୍ରୀ ଦାମୋଦର ପଟ୍ଟନାୟକ ।
୨୧।୮।୯୩ }

---

ଜମୀଦାର ! ଜମୀଦାର !

ଜାମଣ୍ଡା ସବଡିଭିଜନ ( ଦେଶୀୟ ଗଡ଼ରେ ) ତହସିଲ, ବନ୍ଦୋବସ୍ତ କାର୍ଯ୍ୟ ଖଜାନା

Digitized by srujanika@gmail.com

ଦୁର୍ଗାପୂଜା ପରେ ଆରମ୍ଭ ହେବାର ସ୍ଥିରହିତ ହୋଇଅଛି, ଏଥିନିମନ୍ତେ ଉପଯୁକ୍ତଅନୁସାରେ ମାସିକ ଟ ୧୦ ରୁ ଟ ୧୨ ( ବାରଟଙ୍କା ) ବେତନରେ ୬୦ ( ଷାଠିଏ ) ଜଣ ଅମୀନ ଆବଶ୍ୟକ । ସେମାନେ ଆପଣା ବେତନରୁ ଆପଣାର ଖର୍ଚ୍ଚ ଚଳାଇବେ । ଅମୀନ ସଂଗ୍ରହ ଭାର ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ଉପରେ ଅର୍ପଣ କରାଯାଇଅଛି । କର୍ମପ୍ରାର୍ଥୀମାନେ ସେମାନଙ୍କ ନିକଟରେ ଆପଣାମାନଙ୍କର କାର୍ଯ୍ୟଦକ୍ଷତାର ପରିଚୟ ଦେବେ । ସେମାନେ ଯେଉଁମାନଙ୍କୁ ମନୋନୀତ କରିବେ ସେମାନେ ଆସି ଉକ୍ତ କାର୍ଯ୍ୟରେ ନିଯୁକ୍ତ ହୋଇପାରିବେ । ଦଶହରାଦିନ ନିର୍ବାଚିତ ଅମୀନମାନଙ୍କୁ ଏଠାରେ ଉପସ୍ଥିତ ହେବାକୁ ହେବ ।

ଅମୀନ ସଂଗ୍ରହକାରୀଙ୍କ ନାମ ଓ ଠିକଣା

୧ । ବାବୁ ଭାଗବତ ପଟ୍ଟନାୟକ
। ଜି । କୁଟିଆ, ପୋଷ୍ଟ ଗୋଃ
କଟକ

୨ । ଲକ୍ଷ୍ମୀଧର ପଟ୍ଟନାୟକ
। କି । ଉଇପୁର । ପ୍ର । ଅଲତି । ତା । ଗୋପାଳପୁର କୁଅଁପାଳ ପୋଃ କଟକ

ଉପରୋକ୍ତ ଉଭୟ ବ୍ୟକ୍ତିଙ୍କ ମଧ୍ୟରୁ ଏକ ବ୍ୟକ୍ତିଙ୍କ ପାଖରେ ଆବେଦନ କଲେ ଚଳିପାରିବ । ଇତି ।

ସ୍ୱାକ୍ଷର ଶ୍ରୀ ପ୍ରତାପଚନ୍ଦ୍ର ଦେବ
ଦେବଗଡ଼ ରାଜା
୨୮।୮।୯୩　　। ତ । ବାମଣ୍ଡା

---

ଶବ୍ଦମାଳା ଅର୍ଥପୁସ୍ତକ ।

ସୁଲଭପାଠ୍ୟ ଶବ୍ଦମାଳା ପରିବର୍ଦ୍ଧିତ ସଂସ୍କରଣ—ଅର୍ଥପୁସ୍ତକ ଅର୍ଦ୍ଧଅଣା ମୂଲ୍ୟରେ ଏବଂ ପଞ୍ଚାଶଅମାନକା ଏକଅଣା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଓ ଗ୍ରନ୍ଥପ୍ରକାଶକ ବାବୁଙ୍କ ନିକଟରେ ବିକ୍ରୟ ହେଉଅଛି ।

ଶ୍ରୀ ନୀଳମଣି ଶର୍ମା,
ବାମଣ୍ଡା

---

## ତୃତୀୟପାଠର ବ୍ୟାଖ୍ୟା ।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରଭୃତି ଓ ଦୁର୍ବୋଧ ସ୍ଥାନମାନଙ୍କର ବିଶଦ ବୃତ୍ତି ଏବଂ ଐତିହାସିକ ଓ ଭୌଗଳିକ ବିବରଣ ସନ୍ନିବେଶିତ ହୋଇଅଛି । ଇଣ୍ଟ୍ରାନ୍ସ ସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଛାତ୍ରବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତୀବ ପ୍ରୟୋଜନୀୟ । ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ । ମୂଲ୍ୟ ଚାରିଅଣା । କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି ।

---

## NOTICE.

Wanted immediately a passed and experienced Sub-Overseer for the Kondmal Sub-Division, Orissa, on a salary of Rs. 30 and fixed allowance of Rs. 10 per month. None need apply who has not had at least 3 years experience in hill roads and building works. Applications will be received by the undersigned up to end of September 1893.

Copies of testimonials should only be sent.

J. C. Lloyd
*Sub-Divisional Officer*
Kondmal Sub-Division
Orissa.

---

## Sita-mai-ki Andira

## ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତି ଚମତ୍କାର ଘଟନା, ଏପରି ପୁସ୍ତକ ଉତ୍କଳଭାଷାରେ ଅଦ୍ୟାପି ମୁଦ୍ରିତ ହୋଇ ନାହିଁ । ଆବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ　..　ଟ ୦।୨ ମାତ୍ର
କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

---

## ନୂତନପୁସ୍ତକ ।

ଉତ୍କଳଇତିବୃତ୍ତର ପ୍ରଶ୍ନୋତ୍ତର ମୂଲ୍ୟ ଟ ୦।୯ ଶ୍ରୀ ସୀତାନାଥ ରାୟଙ୍କ ଦ୍ୱାରା ସଙ୍କଳିତ । ଅପରପ୍ରାଇମେରୀପରୀକ୍ଷାର୍ଥୀଙ୍କ ସୁବିଧାର୍ଥ ଏହି ପୁସ୍ତକ ସଙ୍କଳିତ ହୋଇ ଅଛି । ଉତ୍କଳଇତିବୃତ୍ତ ପାଠ ନ କରି କେବଳ ଏହି ପ୍ରଶ୍ନୋତ୍ତର ପାଠ କଲେ ବାଳକମାନେ ଇତିହାସପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ।

ନିମ୍ନଲିଖିତ ପୁସ୍ତକର ପରିବର୍ଦ୍ଧିତ ନୂତନସଂସ୍କରଣ ପ୍ରକାଶିତ ହୋଇ ଅଛି ।

ସରଳଭୂଗୋଳପାଠ ( ୫ମ ସଂସ୍କରଣ ) ଟ ୦।୯
ସ୍କୁଲର ଜ୍ୟାମିତି ( ୩ୟ ସଂସ୍କରଣ ) ଟ ୦।୫
ଲିପିମାଳା ( ୨ୟ ସଂସ୍କରଣ ) ଟ ୦।୧
ନାମ୍ବକାବେଶ ଯୁକ୍ତ ମୂଲ୍ୟ　ଟ ୦ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

## ବିଚ୍ୟମସାହେବଙ୍କ ବଟିକା ।

## ( BEECHAM'S PILLS. )

ଫଳଦେବେବାରେ ଏକ ୨ ଫାଉଥର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲଯାଇ ପାରେ ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଅର୍ବ ଇତ୍ୟାଦି ଧାତୁ ବା ଅପକାରକର ଦ୍ରବ୍ୟ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ପରେ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବାତ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଉକ୍ତ ପରିବାର ଓ ଦେହପୁଷ୍ଟି ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହଲୋୱାଲର ସକଳଜିଲାର ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତିଫାଉଥ ଆକାର ଅନୁସାରେ ଟ ୦।୫ ଟ ୦।୯ ଓ ଟ ୧।୯ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

---

## New School Books.

### JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English Entrance Course for 1894.

Chambers' Etymol. Dictionary.

Webb's Condensed Dictionary.

Webb's International Do.

Whitehall Drawing Copy Books.

Split by PDF Splitter

Digitized by srujanika@gmail.com

Split by PDF Splitter



R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.
To be had of the Secretary, Printing Company, Durgha Bazar, Cuttack.

ନୂତନ ଉଏଲ୍‌ଓ୍ୱାର୍ଡ଼ ନ ୨ ୟାର୍ ଅର୍ଥ-ପୁସ୍ତକ ଦ୍ୱିତୀୟ ସଂସ୍କରଣ ମୁଦ୍ରିତ ହୋଇ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ।୵ ମାତ୍ର ।

Key to New Royal Readers No. II. 2nd edition is out and can be had of the Printing Company's Press, Cuttack.

*Price 3 Annas only.*

## ଘଣ୍ଟିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଜାଣାଯାଉଅଛି ଯେ କଟକ ପ୍ରିଣ୍ଟିଂ କମ୍ପାନିରୂପେ ମରାମତ ହେବା ଓ ଯଥା ସମ୍ଭବରେ ଘଣ୍ଟିମାନ ଭଲ କରେ ସ୍ତ୍ର ଏ ଉତ୍ତରରେ ନ ଖୁବାରୁ ଅମ୍ଭେ ଘଣ୍ଟା ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ବିଷୟ ଜାଣି ପାରିବେ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ଦେଶ କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ଘର ସମ୍ମୁଖରେ ଅମ୍ଭମାନଙ୍କ ଦୋକାନରେ ଚଦରକୋଣା, ବନାତ, ରେଶମୀ ଓ ରେଶମ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ଦାମରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଉଚିତ ଦର ସେହି ଲୁଗା ଉପରେ ଲେଖା ଅଛି ଜନ୍ତୁ ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । କେବେହେଁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ଲେଖା ଥିବା ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ

ଗ୍ରାହକଙ୍କ ପକ୍ଷରେ ଏକଦର ହେବାରୁ କାହାରିଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଏହାସବୁ ଦେଖି ବଜାର ସଙ୍ଗେ ମିଳାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲରୁ ଡାକ-ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ସିକିଏ ଅଗ୍ରିମ ପଠାଇଲେ ଭେଲ୍ୟୁ ପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଫର୍ଦ୍ଦସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଟୋମେଟିକ ପେନସିଲ | ଗୋ ୧ ଟ ୦।୵ |
| ଲାଲ୍ ଓ ନୀଳ ପେନସିଲ | ଗୋ ୧ ଟ ୦୵୯ |
| ଓଡ଼ିଆ ପେନସିଲ | ଡ ୧ ଟ ୦ ।୵ |
| ନକସା କାଗଜ | ଦ ୧ ଟ ୦ ୫।୵ |
| ଫୁଲସ୍କେପ କାଗଜ ସରୁଆ | ଦ ୧ ଟ ୦ ୵୩ |
| ଏକଲ ରୁଲକାଗ | ଦ ୧ ଟ ୦ ୵୨ |
| ଏକଲ ନିରସା | ଦ ୧ ଟ ୦ ୵୩ |
| ଫାଉଣ୍ଟେନ୍ ପେପର ଓ | |
| ଲଫାଫା | ଦ ୧ ଟ ୨। |
| ଡାକବାଗଜ ସରସା | ଦ ୧ ଟ ୦ ୵ |
| ଏକଲ ମଧ୍ୟମ | ଦ ୧ ଟ ୦ ୵ |
| ଲଫାଫା ନିରସା ସ୍ ୧୦୦ ଟ ୦୵୵ | ଗୋ ୨୦ ଟ ୵୩ |
| ଏକଲ ମଧ୍ୟମ ସ୍ ୧୦୦ ଟ ୦ ।୵ | ଗୋ ୨୫ ଟ ୦୵୯ |
| ଦାଲକାଗଜ ୧୨ ପଣି | ଦ ୧ ଟ ୦ ୵୩ |
| ସୀସାଲ | ଗୋ ୧ ଟ ୦ ୵୵ |
| ଏକଲ ଗୁଣ୍ଡି ଏହାକୁ ଅଧ-ବୋତଲ ଜଳରେ ପକାଇ ଫୁଟାଇ ଘଟେ ରଖି ନେଲେ ଉତ୍ତମ ସିହାଇ | |
| ପ୍ରସ୍ତୁତ ହେବ | ଡ ୧ ଶ୍ରୀଲ ଟ ୦ ୵୨ |
| କାଠିଆ ପେନସୀଲ | ଦ ୧ ଟ ୦ ।୵ |
| ରବର | ଶ ୧ ଟ ୦ ।୵ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।୵ |
| ଲୁହା କଲମ (ନିବ) ସରସା | ଡ ୧ ଟ ୦ ।୵ |
| ଏକଲ ନିରସା | ଡ ୧ ଟ ୦ ୧୯ |
| ଏକଲ ବଡ଼ମାପଲକବୋଳନ | ଗୋ ୧ ଟ ୦ ୧୭ |
| ଦାତଦୂଆର ପାଲୁଣି ସହିତ (ଜଳପାତାଳ) | ଗୋ ୧ ଟ ୦। |
| ଏକଲ ସାଧାରଣ | ଗୋ ୧ ଟ ୦୵୨ |
| ବଲାଫିତା ସରସା | ଗ ୧ ଟ ୦।୵ |
| କୋଇଲ୍ୟାର ନେଗ ସୁବସ୍ଥଲ | ଗୋ ୧ ଟ ୦୩।୵ |
| ମନିବେଗ | ଗୋ ୧ ଟ ୦ ୵ |
| ମୁଦ୍ରଣପଥରର ଫଟୋଚିତ୍ର ଓ | |
| ରୁପେଲ କଲସୀ ବାଲି | ଗୋ ୧ ଟ ୨। |
| କେବେଣ୍ଡର | ଗୋ ୧ ଟ ୧୯ |
| ନେକଲର ଫଏଲ | ଗୋ ୧ ଟ ୦ ୫ |
| ସାବୁନ ସରସା | ଗ ୧ ଟ ୦ ।୯ |
| ଫଲଦାନ | ଗୋ ୧ ଟ ୧୵ |
| ଦେବାଲଗିର ମଡ଼ାନସ୍ୟା | ଗୋ ୨ ଟ ୪। |
| ଏକଲ ଏବଡ଼ାକସ | ଗୋ ୧ ଟ ୨ |
| ଝେଜ | ଗୋ ୧ ଟ ୨ |
| ଅଷ୍ଟେଲ୍ସ | ଗୋ ୧ ଟ ୵ ୨ |
| ଛାପ | ଡ ୧ ଟ ୦ ।୩ |
| ସାନପରାତ୍ରୀ | ଗୋ ୧ ଟ ୫ ୧ |
| ତଳାଇଶୀ ସଙ୍ଗ ଜଗ | ଗ ୧ ଟ |
| ଏଡ଼ଦାର ଏହାକୁ କୌଣସି ପାତ୍ରରେ ରଖି କଅଁଳେ ଉତ୍ତପ୍ତ କୋଠା ଘରର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୦ |

କଟକ } ଅଲ୍ଲଚାନ୍ଦ ଦର
ଚୌଧୁରୀ ବଜାର } କମ୍ପାନି ।

ଉତ୍କଳଦୀପିକାର ବାର୍ଷିକ ଅଗ୍ରିମ ମୂଲ୍ୟ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାର୍ଯ୍ୟରେ | ଟ ୩ ୵ |
| ଅଗ୍ରିମମୂଲ୍ୟ | ଟ ୨୧ |
| ବୃଦ୍ଧି ଏକ ପ୍ରମୂଲ୍ୟ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଅର୍ଦ୍ଧ ପ୍ରଥମଥରର ଦେଡ଼ା ଓ ତହିଁ ପରେ ଯେତେଥର ହେବ ଅଧିକ ଧନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ର କଟକ ପ୍ରିଣ୍ଟିଂ କମ୍ପାନି ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


୨୮ ଭାଗ } ତା ୯ ଋଣ ମାହେ ସେପ୍ଟେମ୍ବର ସନ ୧୮୯୩ ମସିହା । ମୁ। ଭାଦ୍ରବ ୨୨ ନ ସନ ୧୩୦୦ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧

୫ ୩୬ ସଂଖ୍ୟା } { ପଶ୍ଚାଦେୟ ଟ ୬୧


ବାଲେଶ୍ୱରସମ୍ବାଦବାହିକା ଶୁଣି ଅଛନ୍ତି ଯେ ଘଟସଭଙ୍ଗା ମୋକଦ୍ଦମା ମେଦିନୀପୁର ମାଜିଷ୍ଟ୍ରେଟଙ୍କ ମିସଲରେ ଦାଏର ହୋଇ ଆଗାମି ତା ୧୮ ଋଖ ବିଚାର ନିମନ୍ତେ ଧାର୍ଯ୍ୟ ହୋଇ ଅଛି ଏବଂ ରାଜା ବାହାଦୁର ଏକହଜାର ଟଙ୍କା ଜାମିନରେ ଅଛନ୍ତି ।

---

ସମ୍ବାଦପତ୍ରମାନଙ୍କରୁ ଜଣାଯାଏ ଯେ ଗତମାସ ତା ୨୨ ଋଖରେ ଚୀନସ୍ଥାନର ବାଣିଜ୍ୟପ୍ରଦେଶର ବଙ୍ଗଚୌ ଜିଲ୍ଲାରେ ଅତ୍ୟନ୍ତ ବୃଷ୍ଟି ଯୋଗେ ନଦୀମାନ ଉଚ୍ଛୁଳି ଗୃହାଦି ସହିତ ଅନେକ ଗ୍ରାମ ଭସାଇ ନେଲା । କଥିତ ହୁଅଇ ପ୍ରାୟ ୧୦ହଜାର ଲୋକ ଏଥିରେ ମରି ପଡ଼ିଅଛନ୍ତି ।

— * —

ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ଆଗାମୀମାସ ଶେଷପର୍ଯ୍ୟନ୍ତ ସିମଲାରେ ରହିବାର ସ୍ଥିର ହେଉଅଛି । କାବୁଲକୁ ଭାରତବର୍ଷରୁ ଇଂରାଜଦୂତ ପ୍ରେରିତ ହେଉଅଛନ୍ତି ସେ ଉକ୍ତ ସମୟମଧ୍ୟରେ ସିମଲାକୁ ଫେରିଆସିଲେ ତାହାଙ୍କଠାରୁ ସେଠା ସମ୍ବାଦ ବୁଝି ଗବର୍ଣ୍ଣର ବାହାଦୁର କଲିକତାକୁ ଆସିବେ । ସିକ୍ରେଟେରୀମାନ ନବେମ୍ବରମାସ ପ୍ରଥମସପ୍ତାହରେ ସିମଲାରୁ କଲିକତାକୁ ଆସିବାର ଧାର୍ଯ୍ୟ ହୋଇଅଛି ।

---

ଅତିବୃଷ୍ଟି ଏବଂ ନଦୀବଢ଼ି ହେତୁ ବଙ୍ଗଳାର ଝୋଟଫସଲ ଏବର୍ଷ ବହୁ ମାଡ଼ଖାଇ ଯାଇଅଛି । କେତେକ ଜିଲ୍ଲାରେ ବିଶେଷ ନଷ୍ଟ ହୋଇଅଛି ଏବଂ ଅଳ୍ପସ୍ଥାନରେ ଭଲ ଅଛି । ଦରଦରରେ ଫସଲ ପ୍ରାୟ ୧୦ ଅଣାରୁ ଅଧିକ ହେବ ନାହିଁ । ଅତଏବ ଝୋଟର ଦର ଗତବର୍ଷଠାରୁ ବୃଦ୍ଧି ହେବାର ସମ୍ଭାବନା ସୁତରାଂ ଯେଉଁ ସ୍ଥାନମାନଙ୍କରେ ଭଲ ଫସଲ ହୋଇଅଛି ସେଠା ଲୋକଙ୍କର ଲାଭ ହେବ ।

---

ଉତ୍ତରପଶ୍ଚିମର ଛୋଟଲାଟ ସେ ଅଞ୍ଚଳର ହିନ୍ଦୁ ମୁସଲମାନମାନଙ୍କ ଦଙ୍ଗା ହଙ୍ଗାମାରେ ଏକା ହିନ୍ଦୁମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଅଛନ୍ତି ଏବଂ ଗୋରକ୍ଷିଣୀ ସଭାମାନ ଏଥିପାଇଁ ବଡ଼ ହଇରାଣରେ ପଡ଼ି ଅଛନ୍ତି । ବମ୍ବେଇ ଓ ବଙ୍ଗଳାର ଶାସନକର୍ତ୍ତାମାନେ ଏଥିରେ ଏକଦେଶଦର୍ଶିତା ଦେଖାଇ ନାହାନ୍ତି । କଥାରେ କହନ୍ତି ଏକବାଇରେ ଭାଗ ବାଙ୍କିଲା । ମାତ୍ର ଉତ୍ତରପଶ୍ଚିମର ଛୋଟଲାଟଙ୍କ ହସ୍ତରେ ସେ ନ୍ୟାୟ ବ୍ୟର୍ଥ ହୋଇଅଛି । ଅମ୍ଭମାନଙ୍କର ଭୟ ହେଉଅଛି ସେ ଏପରି ଭାବକୁ ନ ଛାଡ଼ିଲେ ଅନିଷ୍ଟ ଘଟିପାରେ ।

---

ବିଲାତର ତାରସମ୍ବାଦରୁ ଜଣାଯାଏ ଯେ ହୋମରୁଲବିଲ ଅର୍ଥାତ ଆୟରଲଣ୍ଡର ସ୍ୱତନ୍ତ୍ରଶାସନବିଷୟକ ଆଇନର ପାଣ୍ଡୁଲିପି ଗତମାସ ତା ୧ ଋଖରେ ପାର୍ଲିଆମେଣ୍ଟର କମନସ ସଭାରେ ତୃତୀୟଥର ପାଠ ହୋଇ ପାଶ ହେଲା । ଏ ସମୟରେ ଉଭୟପକ୍ଷ ଉତ୍ତେଜିତ ହୋଇ ଚିତ୍କାର ଧ୍ୱନିରେ ସଭା କମ୍ପମାନ କରିଥିଲେ । କମନସ ସଭା ଭାଙ୍ଗିବା ମାତ୍ରକେ ଲର୍ଡସମାନେ ବୈଠକ କରି ସେହି ବିଲ ପ୍ରଥମଥର ପାଠ କଲେ । ଲର୍ଡସଭାରେ ଗୃହୀତ ହେଲେ ଆଇନ ଜାରି ହେବ ।

---

ନେଟେଭ ସରକାରଙ୍କର ବଣ୍ଟନ ବୁଝା ଭାର ! ଏକପକ୍ଷରେ ବଟ୍ଟାବିଭ୍ରାଟର ଘାଟ ପୂରାଇବା ନିମନ୍ତେ ନାନା ଉପାୟ ଲାଗିଅଛି ଅନ୍ୟ ପକ୍ଷରେ ବିଲାତି ଅଫିସିଆଲ କର୍ମଚାରୀଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା ହୋଇ ପ୍ରାୟ ଏକ କୋଟି ଟଙ୍କା ବ୍ୟୟ ବୃଦ୍ଧି ହୋଇଅଛି । ବଟ୍ଟାବିଭ୍ରାଟ ହେତୁ ଯେମନ୍ତ ସରକାରଙ୍କର ତେମନ୍ତ ନାନା ଶ୍ରେଣୀର ଲୋକଙ୍କ କ୍ଷତି ହେଉଥିବା ସ୍ଥଳେ ଏକ ଶ୍ରେଣୀର କର୍ମଚାରୀଙ୍କ ପ୍ରତି ଅଯଥା ଦୟା ପ୍ରକାଶ କରିବାର ନ୍ୟାୟସଙ୍ଗତ କାରଣ କିଛି ଦେଖାଯାଏ ନାହିଁ । ବିଲାତି ଲୋକେ ଲଗାଇ ଆନ୍ଦୋଳନ କରି ପାରନ୍ତି ବୋଲି ସରକାରଙ୍କର ସେମାନଙ୍କ ପ୍ରତି ଏତେ ଅନୁଗ୍ରହ କିସ ?

---

କଟକ ମିଉନିସିପାଲିଟୀର ଚତୁର୍ଥ ସାଧାରଣ ନିର୍ବାଚନ ଆଗାମୀ ଡିସେମ୍ବରମାସ ତା ୧୮ ଋଖରେ ହେବାର ବିଜ୍ଞାପନ କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଟିକସଦାତାମାନେ ସ୍ୱ ସ୍ୱ ୱାର୍ଡରେ କମିଶ୍ନର ନିର୍ବାଚନ ନିମନ୍ତେ ମନୋନୀତ କରିବାକୁ ଉଚିତର

Digitized by srujanika@gmail.com

Split by PDF Splitter



ହେଉଛନ୍ତି । ମାଜିଷ୍ଟ୍ରେଟ ସାହେବ ଏହି ବିଷୟରେ ବିଜ୍ଞାପନ ଜାରି କରିବାର ଦୁଇସପ୍ତାହଧରେ ଷ୍ଟାମ୍ପଦାତାମାନଙ୍କୁ ମନୋନୟନ ଦରଖାସ୍ତ ପ୍ରେରଣ କରିବାକୁ ହେବ । ଆମ୍ଭେମାନେ ଆଶା କରୁଁ ଷ୍ଟାମ୍ପଦାତାମାନେ ସେମାନଙ୍କ ଭିତରୁ ଉପଯୁକ୍ତ ଲୋକଙ୍କୁ କମିଶ୍ନର ପଦରେ ମନୋନୀତ କରିବାକୁ ଉତ୍ସୁକ ହେବେ ପଛରେ ସେପରି ବ୍ୟସ୍ତ ହେବାକୁ ଉଚିତ ନାହିଁ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବମ୍ବେଇ ହାଇକୋର୍ଟର ପିଉନିଜଜ ଶ୍ରୀ କାଶୀନାଥ ତ୍ର୍ୟମ୍ବକ ତେଲଙ୍ଗ ଗତ ମାସ ଶେଷଦିନ ଯୁବାବୟସରେ ଇହସଂସାରରୁ ବିଦାୟ ଗ୍ରହଣ କଲେ । ଏ ମହାଶୟ ଜଣେ ବିଚକ୍ଷଣ ଆଇନଜ୍ଞ ଏବଂ ବୁଦ୍ଧିମାନ୍ ବିଚାରପତି ହୋଇ ସର୍ବସାଧାରଣଙ୍କର ଆଦର ଏବଂ ପ୍ରଶଂସାର ପାତ୍ର ହୋଇଥିଲେ ଏତଦ ଭିନ୍ନ, ବସ୍ତୁତଃରେ ଏ ଜଣେ ଅଦ୍ୱିତୀୟ ପଣ୍ଡିତ ଥିଲେ ଏବଂ ଏଥିପାଇଁ ଏହାଙ୍କର ନାମ ସମସ୍ତ ଭାରତରେ ବିଖ୍ୟାତ ଥିଲା । ସାଧାରଣ ହିତକର କାର୍ଯ୍ୟରେ ମଧ୍ୟ ଏହାଙ୍କର ସଂପୂର୍ଣ୍ଣ ଚେଷ୍ଟା ଓ ଯତ୍ନ ଥିଲା । ଏହାଙ୍କ ମୃତ୍ୟୁହେତୁ ବମ୍ବେଇ-ହାଇକୋର୍ଟ ଏକ-ହନ ବଳ ହୋଇଅଛି ଏବଂ ବମ୍ବେଇର ଲାଟ ଆପଣା ବକ୍ତୃତାରେ ଦୁଃଖପ୍ରକାଶ କରିଥିଲେ । ପରମେଶ୍ୱର ଏହାଙ୍କ ଆତ୍ମାର ଶାନ୍ତିବିଧାନ ଏବଂ ଏହାଙ୍କ ପରିବାରବର୍ଗଙ୍କର ଏହି ଦାରୁଣ ଶୋକ ବହନାର୍ଥେ ବଳ ପ୍ରଦାନ କରନ୍ତୁ ।

---

ଖାଞ୍ଚସାଲି ଜଳକର କବୁଲିୟତର ମିଆଦ ପୂରିଯିବାରୁ ଏବର୍ଷଠାରୁ ନୂତନ କବୁଲିୟତ ନେବାର ଆବଶ୍ୟକ । ଏଥର ଏପର୍ଯ୍ୟନ୍ତ ପ୍ରଚୁର ବୃଷ୍ଟି ହେବାର ଦେଖି ପ୍ରଜାମାନେ କବୁଲିୟତ କରିବାକୁ ଅସ୍ୱୀକାର ହୋଇ ନାହାନ୍ତି । ଗତସପ୍ତାହର ଦ ୩୨ ନ ଟାଙ୍କାସବେ ହେବ ଜଳ ଶୁଖିଯିବାର ଦେଖି ଥୋଡେ ପ୍ରଜା କବୁଲିୟତ କରିଥିଲେ । ତହୁଁ ପରେ ବୃଷ୍ଟି ହେଲା । ମୂଳରେ ଏପର୍ଯ୍ୟନ୍ତ ଅଳ୍ପ ଜମିର କବୁଲିୟତ ହୋଇଅଛି । ମାତ୍ର ପାଞ୍ଚିଶମସ୍ତ ଯୁଗସ୍ତି ନ ହୋଇ ନାହିଁ । ଯଦ୍ୟପି ଯେବେ ପାଣି ନ ହେବ ସେବେ ଅଶ୍ୱିନ ଓ କାର୍ତ୍ତିକ ମାସରେ ବ୧୦/୧୫ ଦ ଷ୍ଟାଲ ଦେବେ ଜେତେ ପ୍ରଜାଏ ଅସମ୍ମତ ହୋଇ କବୁଲିୟତ କରିବେ । ଗତ ହେତେକାଳ ହେଲା ପ୍ରତି ପାଞ୍ଚବର୍ଷୀୟ କବୁଲିୟତବେଳେ ଇଞ୍ଜିନିୟର ସରକାରଙ୍କର ସାହାଯ୍ୟ କରି ଆସୁଅଛନ୍ତି । ଏଥର ଦୁଃଖିପ୍ରଜାଙ୍କ ଆଡ଼କୁ ଟିକିଏ ଚାହିଁବେ କି ?

---

କଟକର ଜଙ୍ଗଲବ୍ୟାପାର ଯେପରି ବାଙ୍ଗଲର ପାର୍ଲିୟାମେଣ୍ଟସଭାରେ ଗଲା ତର୍କ ବିତର୍କ ଉପସ୍ଥିତ ହୋଇଅଛି ଏବଂ ଭାରତୀୟ ସେକ୍ରେଟେରିଙ୍କୁ ଏ ବିଷୟରେ ଅନେକ ପ୍ରଶ୍ନ ହେଉଅଛି । ସର ଓଡେରବର୍ଣ୍ଣ ସାହେବ କହନ୍ତି ଏପରି ଜଙ୍ଗଲର ଅବେଶ ପ୍ରଜାସ୍ୱତ୍ୱବିଷୟକ ଆଇନାନୁସାରେ ହୋଇ ନ ପାରେ ସୁତରାଂ ସରକାରଙ୍କର ସମସ୍ତ କାର୍ଯ୍ୟ ବେଆଇନ ଅଟଇ । ଉକ୍ତ ଅଧିନାନୁସାରେ କୌଣସି ଜମିଦାରୀରେ ଜମିଦାର ଓ ପ୍ରଜା ମଧ୍ୟରେ ବିବାଦ ହେଲେ ସରକାର ତାହା ଭଞ୍ଜନାର୍ଥେ ଜଙ୍ଗଲର ଅବେଶ ଦେଇ ପାରନ୍ତି । ମାତ୍ର ସେପରି ବିବାଦ ନ ଥିବା କିମ୍ବା କୌଣସି ପକ୍ଷ ପ୍ରାର୍ଥନା ନ କରିବା ସ୍ଥଳେ ସମସ୍ତ ପ୍ରଦେଶ ଅଥବା କୋଟିଏ ଜଲ ଜଙ୍ଗଲ କରାଇବା ଏବଂ ତହିଁର ଖରଚ ଲୋକଙ୍କଠାରୁ ନେବାର ଅଧିକାର ସରକାରଙ୍କୁ ଦିଆ ଯାଇ ନାହିଁ । ଏ ଆପତ୍ତି ଅବଶ୍ୟ ଗୁରୁତର ଅଟେ ସନ୍ଦେହ ନାହିଁ । ପାର୍ଲିମେଣ୍ଟ କି ମୀମାଂସା କରିବେ ଅସ୍ତାତ ଜଣାଯିବ ।

---

ଖିଲାତର ଖାନ ସ୍ୱେଚ୍ଛାରେ ଗଦି ତ୍ୟାଗ କରିବାରୁ ଭାରତଗବର୍ଣ୍ଣମେଣ୍ଟ ତାହା ସ୍ୱୀକାରପୂର୍ବକ ତାହାଙ୍କ ପୁତ୍ର ମହମ୍ମଦକୁ ଗଦି ପ୍ରଦାନ କରିବାର ସରକାରୀ ସମ୍ବାଦ ଏଥିପୂର୍ବେ ପାଠକମାନଙ୍କୁ ଜଣାଇ ଅଛୁଁ । ଏହି ଘଟନା ପରେ ଗବରଖାନ ପଦଚ୍ୟୁତଖାନଙ୍କ ଉତ୍ତେଜନାରେ ଏବଂ ସୁଦ୍ଧା କେଷା ଦସ୍ତଗିର ନାମକ ଦୁଇସହସ୍ର ସେନାସହିତ ସେହି ମହମ୍ମଦଖାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ ଏବଂ ଇଂରାଜସେନା ତାହାଙ୍କୁ ଦମନ କରିବା ଅଭିପ୍ରାୟରେ ପ୍ରେରିତ ହେବାରୁ ଏପର୍ଯ୍ୟନ୍ତ ବିଶେଷ କିଛି ଅନିଷ୍ଟ ହୋଇ ନାହିଁ । ଏକଥଡ଼େ ଖିଲାତରଖାନ ଇଚ୍ଛାପୂର୍ବକ ଆପଣାପୁଅଙ୍କୁ ଗଦି ଛାଡ଼ି ଦେବା ଏବଂ ଅନ୍ୟଅଡ଼େ ଗବରଖାନଙ୍କୁ ସେହି ପୁଅଙ୍କ ବିରୁଦ୍ଧରେ ଲଢାଇବା ସମ୍ବାଦମାନ ପ୍ରାପ୍ତ ଏକ ସଙ୍ଗେ ଅଛିବାରୁ ବୋଲିବାକୁ ହେବ ଯେ ସୀମାପ୍ରଦେଶସଂକ୍ରାନ୍ତ ସମ୍ବାଦମାନ ସରକାର ଭଲକରି ଲୁଚାଉଛନ୍ତି ଅଥବା ସେପ୍ରଦେଶୀୟ ଲୋକଙ୍କ ମାୟା ବୁଝିବା ଭାର ।

ଏଥିରୁ ଜଣାଯାଉଛି ସମ୍ବାଦ ଆସିଅଛି ଯେ ଗବର୍ଖାନ ନୂତନ ଅଧିପତି ମହମ୍ମଦଙ୍କ ସଙ୍ଗେ ଯୁଦ୍ଧରେ ପରାସ୍ତ ହୋଇ ପଳାୟନ କରି ଅଛନ୍ତି ଏବଂ ଖିଲାତର ଉପଦ୍ରବ ଶାନ୍ତ ହୋଇଅଛି ।

---

ସମ୍ବଲପୁର ହିତୈଷିଣୀରେ ପାଠକଙ୍କୁ ଜ ଣାଇଅଛି ଯେ ସୋନପୁର ଅନ୍ତର୍ଗତ ଗୁଲୁଣ୍ଡା ଜମିଦାର ଜଗନ୍ନାଥ ମେହେର ନାମକ ଜଣେ ୨୦ ବର୍ଷର ଯୁବା କାହାରିଠାରୁ ଶିକ୍ଷାଲାଭ ନ କରି ଆଶ୍ଚର୍ଯ୍ୟ ଜନକ ନୂତନ ପ୍ରକାର ବୟନ କାର୍ଯ୍ୟ କରି ଲୋକଙ୍କର ପ୍ରୀତିଭାଜନ ହୋଇଅଛନ୍ତି । ସେ ସୂତାର ସାହାଯ୍ୟ ବିନା କେବଳ ଇନ୍ଦ୍ରନୀଳ କୋଟ, ପାଏଜାମା, ଇତ୍ୟାଦି ପ୍ରସ୍ତୁତ କରି ଅଛନ୍ତି ଏବଂ ନାନା ଜୀବ ଜନ୍ତୁର ଛବି ପକାଇ ଲୁଗା ବୁଣୁଅଛନ୍ତି । ଜଣେ ଦେଶୀୟ ଲୋକର ଏପରି ଶିଳ୍ପନୈପୁଣ୍ୟ ଅବଶ୍ୟ ପ୍ରଶଂସାର ବିଷୟ ଅଟଇ ଏବଂ ଏହାଙ୍କୁ ଉତ୍ସାହ ଦେବା ଆବଶ୍ୟକ । ଏ ସମ୍ବନ୍ଧରେ ସୋନପୁରର ଦେବାନ ସାହେବ ଚେଷ୍ଟିତ ହୋଇ ସ୍ୱରାଜ୍ୟର ଗୌରବ ପ୍ରକାଶ କରିବାର ଉଚିତ । ଆମ୍ଭମାନଙ୍କ ବିବେଚନାରେ ଏହି ସବୁ ଲୁଗା କେତେକ ପରିମାଣରେ ପ୍ରସ୍ତୁତ କରାଇ ମୂଲ୍ୟ ସହିତ ସ୍ଥାନୀୟ ସମ୍ବାଦପତ୍ରମାନଙ୍କରେ ବିଜ୍ଞାପନ ପ୍ରକାଶ କଲେ ବିକ୍ରୟର ସୁବିଧା ହୋଇ ପାରେ । ଏପରି ବିଜ୍ଞାପନ ପ୍ରଥମେ ବିନାମୂଲ୍ୟରେ ପ୍ରକାଶ କରିବାକୁ ଆମ୍ଭେମାନେ ପ୍ରସ୍ତୁତ ଅଛୁଁ ଏବଂ ଭରସାକରୁଁ ଅନ୍ୟାନ୍ୟ ସହଯୋଗୀମାନେ ଆନନ୍ଦ ସହିତ ଏପରି ସାହାଯ୍ୟ କରିବେ ।

---

ବଙ୍ଗଲାର ସରକାରୀ କୁଇନାଇନ ତିଆରି କାରଖାନାର ବାର୍ଷିକ ବିବରଣରୁ ଜଣାଯାଏ ଯେ କ୍ରମଶଃ ଏଥିର ଉନ୍ନତି ହୋଇଅଛି । ଏ କାରଖାନାରେ କୁଇନାଇନ ଏବଂ ସିଙ୍କୋନା ଏହି ଦୁଇପ୍ରକାର ଔଷଧ ସରକାରୀବାଗିଚାରେ ଉତ୍ପନ୍ନ ହେବା ସିଙ୍କୋନା ଗଛରୁ ପ୍ରସ୍ତୁତ ହୁଏ । ସନ ୧୮୯୧/୯୨ ସାଲରେ ଟ ୧୦୯୩୬/୮ଙ୍କା ଏବଂ ସନ ୧୮୯୨/୯୩ ସାଲରେ ଟ ୧୧୬୬୬୮ ଙ୍କାର ଔଷଧ ବିକ୍ରୟ ହୋଇଥିଲା । ସମସ୍ତ ଖରଚ ଯାଇ ପ୍ରଥମବର୍ଷ ଟ ୩୧୬୧ ଙ୍କା ଓ ଶେଷବର୍ଷ ଟ ୭୯୬୭ ଙ୍କା ଲାଭ ହୋଇଥିଲା । ସରକାର ଲାଭର ଆଶା ନ ରଖି ସୁଲଭଦରରେ ଜ୍ୱରର ଔଷଧ ଲୋକମାନଙ୍କୁ ଯୋଗାଇବା ଉଦ୍ଦେଶ୍ୟରେ ଏ କାରଖାନା ସ୍ଥାପନ କରିଥିଲେ । ସେ ଉ-

Digitized by srujanika@gmail.com

Split by PDF Splitter



ଉଦ୍ଦେଶ୍ୟ ସାଧନ ହୋଇ ଯେତେବେ ତହୁଁ ଲାଭ ହେଲା ତେବେ ତାହା ଅଧିକ ସୁଖର ବିଷୟ ଅଟଇ ଏବଂ ଏଥିପାଇଁ ମାନ୍ୟବର ଗେଞ୍ଜଲାଟ ବିଶେଷ ଆନନ୍ଦିତ ହୋଇଅଛନ୍ତି । ବର୍ତ୍ତିତବର୍ଷରେ ଡାକଘରଯୋଗେ କୁଇନାଇନ ବିକ୍ରୟ କରିବାର ନିୟମ ବଙ୍ଗଳାରେ ପ୍ରଚଳିତ ହୋଇ ପ୍ରାୟ ୭ ହଜାର ଟଙ୍କାର ଔଷଧ ବିକ୍ରୟ ହୋଇଅଛି ଏକଥାନ ଔଷଧ ଏକପଇସାରେ ବିକ୍ରୟ ହେବାରୁ ଅତ୍ୟନ୍ତ ଗରିବଲୋକଙ୍କର ସୁବିଧା ହୋଇଅଛି । ଚଳିତବର୍ଷରେ ଏଥିର ଫଳ ଭଲରୂପେ ଜଣାଯିବ ।

—•※•—

ସ୍ୱାମୀ ସଚ୍ଚିଦାନନ୍ଦ ଗତ ରବିବାର ଅପରାହ୍ନକାଳରେ ପ୍ରିଣ୍ଟିଂ କମ୍ପାନୀଙ୍କ କୋଠାରେ ହିନ୍ଦୁମହାନୁଭାବଙ୍କୁ ସୃଷ୍ଟିର କ୍ରମୋତ୍ପତ୍ତି ଏବଂ ପୁନର୍ଜନ୍ମବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ଦିବା ଘ ୪ ଘଣ୍ଟା ସମୟରୁ ମନ୍ଦ ବୃଷ୍ଟିହେତୁ ଗତାୟାତର ବାଧା ହୋଇଥିଲେହେଁ ବା ଶତାଧିକ ଶ୍ରୋତା ଉପସ୍ଥିତ ହୋଇ ସ୍ୱାମିଙ୍କ ବାଗ୍ମୀଶୀଳତା ଏବଂ ସଦୁପଦେଶପୂର୍ଣ୍ଣ ବାକ୍ୟ ଶ୍ରବଣରେ ଯଥେଷ୍ଟ ଆନନ୍ଦ ଉପଭୋଗ କରିଥିଲେ । ବକ୍ତୃତାଟି ବିଜ୍ଞାନମୂଳକ ସୁତରାଂ ସମସ୍ତଙ୍କପକ୍ଷରେ ବୁଝିବା ସହଜ ନୁହଇ । ସ୍ୱାମୀ ବେଦବ୍ୟାଖ୍ୟାକାଳ ଏହା ବୁଝାଇଥିଲେ ଏବଂ ଶ୍ରୋତାଙ୍କ ବୁଝିବାର ସୁବିଧାନିମନ୍ତେ ଖଣ୍ଡେ ପଟାରେ ଚିତ୍ରମାନ ଲେଖି ଦେଖାଇଥିଲେ । ଏପରି କଠିନ ବିଷୟକୁ ସଂକ୍ଷେପରେ ପାଠକମାନଙ୍କୁ ଜଣାଇବା ଅସମ୍ଭବ । ଆମ୍ଭେମାନେ ଏଥିପାଇ ତହିଁରୁ ବିରତ ହେଲୁଁ । ଅତି ଅଳ୍ପରେ ଏତିକି କହିପାରୁଁ ଯେ ବକ୍ତା ପ୍ରତିପନ୍ନ କଲେ ଯେ ଈଶ୍ୱରଙ୍କଠାରେ ସତ୍ତ୍ୱ ରଜ ତମ ତିନଗୁଣ ସର୍ବଦା ବର୍ତ୍ତମାନ । ସତ୍ତ୍ୱକୁ ବିଦ୍ୟା ବା ଜ୍ଞାନ ବୋଲାଯାଏ ଏବଂ ଅଭିଭୂତ ଅବିଦ୍ୟା ବା ଅଜ୍ଞାନ । ସୃଷ୍ଟି କରିବାକୁ ଯେତେବେଳେ ସେ ଇଚ୍ଛା କଲେ ରଜ ଓ ତମ ଏହି ଦୁଇ ବଳ ମାୟାରୂପରେ ଉପସ୍ଥିତ ହୋଇ ସମସ୍ତ କାର୍ଯ୍ୟ ସମ୍ପାଦନ କଲେ । ରଜର ପ୍ରସାରଣଶକ୍ତି ଏବଂ ତମର ସଙ୍କୋଚଶକ୍ତି ଏହି ଦୁଇ ଶକ୍ତିର କାର୍ଯ୍ୟଦ୍ୱାରା ଜଗତ ସୃଷ୍ଟହୋଇ ଅଛି । ସରୁ ଜୀବସୃଷ୍ଟିର ପ୍ରଥମରେ କ୍ଷିତି ଦ ତହିଁରୁ କ୍ରମେ କୀଟ ପତଙ୍ଗ ପକ୍ଷୀ ପଶୁ ଓ ମନୁଷ୍ୟ ଯେପରି ସୃଷ୍ଟି ହୋଇଅଛି ତାହା ବ୍ୟାଖ୍ୟାକରି ସେ କହିଲେ କି ସତ୍ତ୍ୱ ରଜ ଓ ତମ ଏହି ତିନଗୁଣର ଉର୍ଦ୍ଧାଧିକ ହେତୁ ଜୀବର ଇତର ବିଶେଷ ହୋଇ ଅଛି । ରଜ ଓ ତମଉପରେ ସତ୍ତ୍ୱର କର୍ତ୍ତୃତ୍ୱ ଅଛି ମାତ୍ର ଯେଉଁଠାରେ ରଜ ଓ ତମର ଆଧିକ୍ୟ ସେଠାରେ ସତ୍ତ୍ୱ କାର୍ଯ୍ୟ କରିପାରେ ନାହିଁ । ରଜ ଓ ତମ ଅବିଦ୍ୟା ସୁତରାଂ ପଶୁଭାବ । ମନୁଷ୍ୟ ଯେତେବେଳେ ସତ୍ତ୍ୱ ବା ବିଦ୍ୟାକୁ ବଢ଼ାଇବାର ଯତ୍ନ କରେ ତେତେବେଳେ ଅବିଦ୍ୟା କ୍ରମଶଃ ହୀନବଳ ହୁଅଇ । ଅତଏବ ଅବିଦ୍ୟାକୁ କମାଇ ଦବାଇ ବିଦ୍ୟାର ବଳ ବଢ଼ାଇବା ମନୁଷ୍ୟର ଏବଂ ମନୁଷ୍ୟ ଯେ ପରିମାଣରେ ଜ୍ଞାନରେ ଉନ୍ନତିଲାଭ କରେ ସେ ପରିମାଣରେ ଈଶ୍ୱରଙ୍କ ସମୀପବର୍ତ୍ତୀ ହୁଅଇ । ଏହାଇ ମନୁଷ୍ୟର ଲକ୍ଷ ଏବଂ ଏହାହିଁ କର୍ତ୍ତବ୍ୟ । ଅବଶ୍ୟ ବିଦ୍ୟାଅର୍ଥରେ ବ୍ରହ୍ମବିଦ୍ୟା ବା ବ୍ରହ୍ମଜ୍ଞାନ ବୁଝିବାକୁ ହେବ ପେଟପାଳିବାର ଇତରବିଦ୍ୟା ନୁହେ । ଏହିକଥା ବୁଝାଇ ବର୍ତ୍ତମାନକାଳରେ ଲୋକେ ଅବିଦ୍ୟାର ଦାସ ହୋଇ ଧର୍ମପ୍ରତି ଅତ୍ୟନ୍ତ ଅନାସ୍ଥା ଦେଖାଉଅଛନ୍ତି ଏଥିପାଇଁ ସେ ବଡ଼ ଦୁଃଖ ପ୍ରକାଶ କରି ଧର୍ମଜ୍ଞାନ ଲାଭ ନିମନ୍ତେ ଗୋଟିଏ ସଭା ସ୍ଥାପନ ଓ ତଦ୍ଦ୍ୱାରା ଧର୍ମଶିକ୍ଷାର ବ୍ୟବସ୍ଥା କରିବା କାରଣ ପୁନଃ ଅନୁରୋଧ କଲେ । ସର୍ବସାଧାରଣଙ୍କୁ ଧର୍ମଶିକ୍ଷା ଦେବାର ନିତାନ୍ତ ପ୍ରୟୋଜନ ହୋଇ ଅଛି ଏବଂ ତହିଁପାଇଁ ପ୍ରତ୍ୟେକ ସ୍ଥାନରେ ଗୋଟିଏ ସଭା ହେବା ବାଞ୍ଛନୀୟ ଏଥିରେ ସନ୍ଦେହ ନାହିଁ । ସ୍ୱାମିଙ୍କର ଏହି ଅନୁରୋଧରକ୍ଷାବିଷୟରେ ସର୍ବସାଧାରଣ ମନୋଯୋଗୀ ହେବେ ଅମ୍ଭମାନଙ୍କର ଏହି ପ୍ରାର୍ଥନା ।

———

## ଖସଡ଼ା-ମାପ ।

ଓଡ଼ିଶାର ଅସଲୀ ବନ୍ଦୋବସ୍ତ-ସଂକ୍ରାନ୍ତ ଜରିବ ମାପ ଆରମ୍ଭ ହେବା ସମୟରେ ଆମ୍ଭେମାନେ ଲେଖିଥିଲୁଁ କି ପ୍ରଚଳିତ ବନ୍ଦୋବସ୍ତ ଯେଉଁ ଦର୍ଖାସ୍ତ-ଆଇନ-ଅନୁସାରେ ହୋଇଅଛି ଏଦେଶୀୟ ସର୍ବସାଧାରଣ ତାହା ବିଲକ୍ଷଣରୂପେ ବୁଝିଅଛନ୍ତି ଓ ସେହି ଦର୍ଖାସ୍ତଅନୁସାରେ ଭୂମିସଂକ୍ରାନ୍ତ ସମସ୍ତ ବିବାଦ ନିଷ୍ପତ୍ତି ହେଉଅଛି । ସରକାର ନୂତନମାପ ଯେପରି କରନ୍ତୁ ନା କାହିଁକି ଦର୍ଖାସ୍ତଅନୁସାରେ ଏକ୍‌ ବ୍ୟକ୍ତିର ଭୂମିର ପରିମାଣ ବୁଝାଇ ନ ଦେଲେ ତାହାର ମନ ମାନିବ ନାହିଁ । ପୁରୀ ଓ କଟକର ଜରିବ ଶେଷ ହୋଇ ଗଲା ଏବଂ ମାଣ, ଗୁଣ ବଦଳରେ ଏକର, ପୋଲ ପ୍ରଭୃତି ନାଁ ହେଲା । ମାତ୍ର ଲୋକଙ୍କ ମନ ମାନିବାର ନିମିତ୍ତ କୌଣସିକାର୍ଯ୍ୟ ହେବାର ଏପର୍ଯ୍ୟନ୍ତ ଦେଖା ଗଲା ନାହିଁ । ସରବେ ଅମିନମାନେ ବଡ଼ ୨ ଲମ୍ବ ସମସ୍ତଙ୍କ ମାପି ନକ୍ସା କଲା ଉତ୍ତାରୁ ଖସଡ଼ା-ଅମିନମାନେ ସେହି ନକ୍ସା ନେଇ ଅଧି ପ୍ରତ୍ୟେକ ବ୍ୟକ୍ତି-ଦଖଲରେ ଥିବା ଜମିର ପରିମାଣ, ସ୍ୱତ୍ୱର ପ୍ରକାର, ଖଜଣା ଇତ୍ୟାଦି ଲେଖି ପରଚା ଦେଉଅଛନ୍ତି ଏବଂ ଯଦ୍ୟପି ସେ ପରଚାରେ ସାବିକ ଦର୍ଖାସ୍ତ ନମ୍ବର ଏବଂ ବର୍ତ୍ତମାନ ଖସଡ଼ା ନମ୍ବର ସକାଶେ ପୃଥକ୍ ଘରମାନ ଅଛି ମାତ୍ର ଅମିନମାନେ ସାବିକ ଦର୍ଖାସ୍ତ-ଘର ଖାଲି ରଖି କେବଳ ହାଲ ଖସଡ଼ା ନମ୍ବର ଲେଖୁଅଛନ୍ତି ଏବଂ ରକବା ଘର ମଧ୍ୟ ଖାଲି ରଖୁଅଛନ୍ତି । ପାରଚାରେ କେବଳ ଜମିର ଚୌହଦ୍ଦି ଅର୍ଥାତ୍ ଚତୁର୍ଦ୍ଦିଗସ୍ଥ ଭୂମିର ଦଖଲକାରଙ୍କ ନାମ ଲେଖାଯାଉଅଛି । ଜମି ଅଟେବୀ ମାପ ହେଉ ନାହିଁ କିମ୍ବା ନକ୍ସାମଧ୍ୟ ଅନୁସାରେ କେତେ ଜମି ହେଲା ତାହା ସୁଦ୍ଧା ଲେଖା ହେଉ ନାହିଁ । ଏପରି ପାରଚା ଦେବାର ଉଦ୍ଦେଶ୍ୟ କଣ ଏବଂ ସେହି ପାରଚା ନେବା ବ୍ୟକ୍ତି ତଦ୍ଦ୍ୱାରା କଣ ବୁଝିବ ତାହା କିଛି ଜଣାଯାଉ ନାହିଁ । ସାବିକ ବନ୍ଦୋବସ୍ତ ଦର୍ଖାସ୍ତଅନୁସାରେ ଯେଉଁ ଲୋକ ଯେତେ ଜମି ଦଖଲ କରିବାର ଅଧିକାର ବର୍ତ୍ତମାନ ତାହା ଦଖଲରେ କେତେକ ଜମି ଅଛି କିମ୍ବା ତହିଁରୁ ଊଣା ଅଧିକ ହୋଇଅଛି ଏବଂ ଊଣା ଅଧିକସ୍ଥଳେ ସେ ଅନ୍ୟ କାହାର କିମ୍ବା ଅନ୍ୟ କେହି ତାହା ଜମି ମାଡ଼ି ନେଉଅଛି ଏହାସବୁ ସ୍ଥିର କରିବା ଜନାଜାତ ଜରିବର ପ୍ରଧାନ କଥା । ଯେତେବେ ତାହା ସ୍ଥିର ନ ହେଲା ଓ ଯେ କୌଣସିରୂପେ ଯେ ଯେଉଁ ଜମିରେ ଅଛି ତହିଁର ଦଖଲକାର ତାହାକୁ ଜ୍ଞାନ କରାଗଲା ତେବେ ଜରିବର ପ୍ରଧାନଉଦ୍ଦେଶ୍ୟ ସାଧିତ ହେଲା ନାହିଁ । ଅବଶ୍ୟ ସରକାରଙ୍କର ଏଥିରେ କ୍ଷତି ନାହିଁ । କାରଣ ମୋଟ ଜମି ସରକାର ମାପି ନେଲେ ତହିଁମଧ୍ୟରୁ ଯାହାଠାରେ ଯେତେ ଅଛି ତହିଁର ଜନାଜାତି ଖସଡ଼ା ଲେଖି ନେଲେ ତଦନୁସାରେ ଖଜଣା ବନ୍ଦୋବସ୍ତ କରି ଯାହାରି ଯେତେ ଦେୟ ହେବ ତାହାଠାରୁ ତାହା ନେବେ ମାତ୍ର ପ୍ରଜାମାନଙ୍କ ବଳ ଭାଙ୍ଗିଲା ନାହିଁ । ଅଧିକାଂଶ ପ୍ରଜା ମୂର୍ଖ ଓ ଗରିବ । ସେମାନଙ୍କର ଜ୍ଞାନ ଓ ସଙ୍ଗତି ନାହିଁ ଯେ ଆପଣା ଦଖଲଭୂମିର ପରିମାଣ ଠିକକରି ନେବାପାଇଁ ଆଇନାନୁସାରେ ଲଢ଼ିବେ । ସେମାନଙ୍କୁ ରକ୍ଷା କରିବା ସରକାରଙ୍କର କର୍ତ୍ତବ୍ୟ । ବଡ଼

Digitized by srujanika@gmail.com

Split by PDF Splitter



ଭାରତବର୍ଷ ଯେ ସରକାରଙ୍କର ଏବିଷୟରେ ଦୃଷ୍ଟି ନାହିଁ । ବର୍ତ୍ତମାନ ଭାରତଅନୁସାରେ ଯେଉଁ ଲମ୍ବା ପ୍ରସ୍ତୁତ ହୋଇଅଛି ଯେବେ ତହିଁରେ ସାତଲ ଇଞ୍ଚିଆ ଅନୁସାରେ ଜମି ଚଷିବା ବ୍ୟବସ୍ଥା ଏବଂ ଦାଲି ଓ ଖାଦ୍ୟ ଜମିରରେ ପ୍ରଭେଦ ହେବା ପ୍ରତ୍ୟେକସ୍ଥଳ ଦେଖାଇ ଦଅଯାନ୍ତା ତାହା ହେଲେ ସମସ୍ତଙ୍କର ମନ ମାନନ୍ତା । ଏପରି କରିବା ଅତିରିକ୍ତ ପରିଶ୍ରମ ସୁତରାଂ ଅଧିକ ଖରଚର ସାପେକ୍ଷ । ସରକାର ଖାତାରେ କାର୍ଯ୍ୟ କରାଇ ନେବାକୁ ଅତ୍ୟନ୍ତ ଉତ୍କଣ୍ଠିତ ହେବାରୁ ସେପରି କରୁ ନାହାନ୍ତି । ଏଥିରେ ସରକାରଙ୍କର ଖରଚ କମ୍ତି ଅଛି ସତ୍ୟ ମାତ୍ର ପ୍ରଜାର ବଡ଼ସେସ କ୍ଷତି ହେଉଅଛି । ପ୍ରଜା ଭୂମି ହୋଇ ବନ୍ଦୋବସ୍ତ କ୍ଷତିଗ୍ରସ୍ତ ଓ ଦଦର କରାଇ ଅପତ୍ତି କରିବାକୁ ଗଲେ ଖର୍ଚ୍ଚାଦ୍ୱାରା କ୍ଷତିଗ୍ରସ୍ତ; ସାତଲ ଓ ଦାଲି ହାରବଅନୁସାରେ ପ୍ରଜାକୁ ଦାଏର କର ଦେଲେ ଏତେ ଗୋଳମାଳ ହୁଅନ୍ତା ନାହିଁ ଏବଂ ଭାରତବନ୍ଦୋବସ୍ତମହଲମାନଙ୍କ ଏତେ ମାମଲା ଅସନ୍ତା ନାହିଁ । ମାମଲା ଅଧିକ ହେବାରୁ ବର୍ତ୍ତମାନଙ୍କ ବେତନବାଦେ ସବୋର୍ଡିନେଟଙ୍କର ଯାହା ଅତିରିକ୍ତ ବ୍ୟୟ ହେଉଅଛି କୋର୍ଟଫିସଦ୍ୱାରା ତାହା ଆଦାୟ ହେଉଅଛି ମାତ୍ର ପ୍ରଜାର କୌଣସିମତେ ସୁବିଧା ନାହିଁ । ପ୍ରଜାବତ୍ସଳ ଇଂରାଜଗବର୍ଣ୍ଣମେଣ୍ଟଙ୍କୁ ଏବିଷୟ ଦୟାଭାବରେ ବିଚାର କରିବାକାରଣ ଅମ୍ଭେମାନେ ଏକାନ୍ତ ଅନୁରୋଧ କରୁଅଛୁଁ ।

---

### ସରକାରଙ୍କ-ଅପୁବ୍ୟବସାୟ ।

ଭାରତବର୍ଷରେ ସରକାର ଅପୁଚାଷ ଏବଂ ବ୍ୟବସାୟ କରିବାରୁ ଭାରତର କି ପରିମାଣ ଅନିଷ୍ଟ ଘଟୁଅଛି ତହିଁର ଅନୁସନ୍ଧାନ ନିମନ୍ତେ କୋମିଟି ସଭା ବସିବାର ପ୍ରସ୍ତାବ କଲଥର ପାର୍ଲିଆମେଣ୍ଟସଭାରେ ଧାର୍ଯ୍ୟ ହୋଇଥିବାର ପାଠକମାନଙ୍କୁ ଜଣାଅଛି । ସେହି କମିଟିର ସଭ୍ୟମାନେ ନିଯୁକ୍ତ ହୋଇ କାର୍ଯ୍ୟାରମ୍ଭ କରିବାର ଲଣ୍ଡନରେ ଅଛନ୍ତି । ସମିତି ପ୍ରଥମେ ଲଣ୍ଡନରେ କେତେ ସାକ୍ଷ୍ୟଗ୍ରହଣ କଲାପରେ ଆଗାମି ନବମ୍ବରମାସରେ ଭାରତବର୍ଷକୁ ଆସିବେ ଏବଂ ଭାରତର ନାନାସ୍ଥାନ ବୁଲି ଅନୁସନ୍ଧାନ କରିବେ । ଏଥିର ସମସ୍ତ ବ୍ୟୟ ଭାରତଭଣ୍ଡାରରୁ ଦିଆଯିବାର କଥା ଥିଲା ମାତ୍ର ଏକ୍ଷଣେ ଅର୍ଦ୍ଧେ ବିଲାତରୁ ଏବଂ ଅର୍ଦ୍ଧେ ଭାରତରୁ ଦିଆଯିବାର ସ୍ଥିର ହୋଇଅଛି । ଏହି ଅନୁସନ୍ଧାନ କମିଶନ୍ତ ଅନାବଶ୍ୟକ ଏବଂ ଏଥିରେ ଯାହା ବ୍ୟୟ ହେବ ତାହା ଭାରତର ଅନର୍ଥକ କ୍ଷତିକର ଅଟେ ବୋଲି ଜଣାଇ ଏହି ବିଷୟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାକାରଣ କଲିକତାର ବ୍ରିଟିଶ ଇଣ୍ଡିଆନ ସଭାର କେତେଜଣ ସମ୍ଭ୍ରାନ୍ତସଭ୍ୟ ଏକ ଅବେଦନ-ପତ୍ରସହିତ ଗତମାସ ତା ୨୩ ରିଖରେ ମାନ୍ୟବର ଲେଫ୍ଟେନେଣ୍ଟଙ୍କ ସମ୍ମୁଖରେ ଉପସ୍ଥିତ ହୋଇଥିଲେ । ମହାରାଜା ସର୍ ଯତୀନ୍ଦ୍ରମୋହନ ଠାକୁର ତାହାଙ୍କ ସଙ୍ଗରେ ଯାଇଥିବା ସଭ୍ୟମାନଙ୍କୁ ଶ୍ରୀ ସମ୍ମୁଖରେ ଭେଟାଇଦେଲେ ଉତ୍ତାରୁ ରାଜ ରାଜକୁମାର ସର୍ବାଧିକାରୀ ବାହାଦୁର ଅବେଦନପତ୍ର ପାଠକଲେ । ତହିଁର ସଂକ୍ଷେପ ମର୍ମ ଏହି କି ପ୍ରାୟ ୩୦୦ ବର୍ଷ ହେଲା ଏ ଦେଶରେ ଅପୁ ପ୍ରଚଳିତ ହୋଇଅଛି ଓ ସହର ଓ ଗ୍ରାମ ସମସ୍ତେ ବ୍ୟବହାର କରନ୍ତି । ଅଧିକ ପରିମାଣ ଅପୁ ଖାଇଲେ ସୁଦ୍ଧା ମଦପରି ଅନିଷ୍ଟ ହୁଏ ନାହିଁ ମାତ୍ର ସହଜ ପରିମାଣରେ ଏହା ହିତକର ଏବଂ ଅନେକ ଗରିବଲୋକଙ୍କ ସକାଶେ ଅତ୍ୟାବଶ୍ୟକ । ପାଲଖିବେହେରା ଚୌକିଦାର କେଉଟ ଏବଂ ଓଡ଼ା ଓ ଜଳଭୂମିର କୃଷୀ ଏମାନେ ଏହା ଛାଡ଼ିପାରିବେ ନାହିଁ । ଅପୁ ଉଠିଗଲେ ମଦର ଚଳନ ବଢ଼ିବ ଏବଂ ଲୋକଙ୍କ ଅପରାଧର ସଂଖ୍ୟା ବୃଦ୍ଧି ହେବ । ଭାରତବର୍ଷ ଯେପରି ଜ୍ୱରପ୍ରଧାନଦେଶ ଏଦେଶରେ ଅପୁର ବ୍ୟବହାର ଅନିବାର୍ଯ୍ୟ ଏବଂ ଏହା ଅନେକ ରୋଗର ଔଷଧ ନିମନ୍ତେ ଲୋଡ଼ା । ଭାରତର ଅପୁ ଅଧିକାଂଶ ଚୀନରେ ବିକ୍ରି ହୁଅଇ ଓ ଅପୁବ୍ୟବସାୟରେ ସରକାରଙ୍କର ବାର୍ଷିକ ଆୟ ୭।୮ କୋଟି ଟଙ୍କା । ଚୀନରେ ଅପୁର ଚାଷ କ୍ରମାଗତ ବଢ଼ୁଅଛି । ଭାରତର ଅପୁ ନ ଗଲେ ସେମାନେ ସ୍ୱରାଜ୍ୟରେ ତାହା ଅଧିକ ପରିମାଣରେ ଉତ୍ପନ୍ନ କରିବେ । ସୁତରାଂ ସେମାନେ ଅପୁ ଛାଡ଼ିବେ ନାହିଁ କେବଳ ଭାରତର ବାର୍ଷିକ ୭।୮ କୋଟି ଟଙ୍କା ଯାହା କ୍ଷତି ହେବ ତହିଁ ଥାଇଁ ସରକାର ଅନ୍ୟ ଟିକସ ନ ବସାଇ ପୂରଣ କରିପାରିବେ ନାହିଁ । ଏଥିର ପରିଣାମ ଏହି ହେବ ଯେ ଅପୁ ଉଠିଗଲେ ଦୁଃଖିଲୋକଙ୍କର ପୀଡ଼ା ବୃଦ୍ଧି ଏବଂ ଗ୍ରାମସ୍ଥଙ୍କ ଭଳି ହେବ ଏବଂ ତହିଁ ଉପରେ ଅତିରିକ୍ତ ଟିକସ ଲଗିବେ ଅସ୍ଥିର ହଲ ହୋଇ ଯିବେ । ଅତଏବ ପ୍ରାର୍ଥନା ଯେ ଭାରତୀୟ ଗବର୍ଣ୍ଣମେଣ୍ଟ ଏ ବିଷୟରେ ପୁନର୍ବିଚାର କରନ୍ତୁ ।

ମାନ୍ୟବର ଲେଫ୍ଟେନେଣ୍ଟ ଏଥିର ଉତ୍ତରରେ ପ୍ରକାଶ କଲେ କି ଆପଣମାନେ ଉଚିତ ସମୟରେ ଏହି ଗୁରୁତର ବିଷୟରେ ଆପଣମାନଙ୍କ ମନ୍ତବ୍ୟ ସରକାରଙ୍କୁ ଜଣାଇ ଭଲ କରିଅଛନ୍ତି । ଅମୃତ ବଜାର ପତ୍ରର ବର୍ତ୍ତମାନ ପ୍ରକାଶ କରି ନ ପାରୁଁ ମାତ୍ର ସୁଯୋଗକଲେ ତାହା କରିବାକୁ ତ୍ରୁଟି କରିବୁଁ ନାହିଁ । ଅପୁ ଉଠାଇଦେବାକୁ ଯେଉଁମାନେ ଆନ୍ଦୋଳନ କରନ୍ତି ସେମାନଙ୍କମଧ୍ୟରୁ ଅନେକଲୋକ ଏ ଦେଶରେ ସ୍ୱାୟତ୍ତ ଶାସନପ୍ରଣାଳୀ ପ୍ରବର୍ତ୍ତାଇବାକୁ ଇଚ୍ଛୁକ । ଅପୁସମ୍ବନ୍ଧରେ ଆପଣମାନଙ୍କର ଯାହା ଇଚ୍ଛା ଓ ଅଭିପ୍ରାୟ ଏବଂ ଯହିଁରେ ଆପଣମାନଙ୍କର ଓ ପ୍ରଜାବର୍ଗ ଏବଂ ଗବର୍ଣ୍ଣମେଣ୍ଟଙ୍କର ସ୍ୱାର୍ଥ ଅଛି ବୋଲିବାକୁ ହେବ ତାହା ଅବଗତ ହୋଇ ଥିବା ଯେବେ ସେମାନେ ଶାନ୍ତ ନ ହେବେ ତେବେ ଅନ୍ତତଃ ଆପଣମାନଙ୍କର ଏହି ଅବେଦନପତ୍ରଦ୍ୱାରା ବିଲାତର ଜନସାଧାରଣଙ୍କର ଯେତିକି ଭ୍ରମ ଥିବ ତାହା ଦୂର ହେବ ।

ଅମ୍ଭେମାନେ ଏହି ଅବେଦନପତ୍ର ସକାଶେ ବ୍ରିଟିଶ ଇଣ୍ଡିଆନ ସଭାକୁ ଏବଂ ତହିଁର ଅନୁକୂଳ ଏବଂ ସହାନୁଭୂତିକର ଉତ୍ତରନିମନ୍ତେ ମାନ୍ୟବର ଲେଫ୍ଟେନେଣ୍ଟଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ । ଓଡ଼ିଶାର ସଜ୍ଜନସଭାକୁ ଏପ୍ରକାର ଅବେଦନପତ୍ର ଦେବା ଉଚିତ । ବାସ୍ତବରେ ଅପୁ ଓ ଗଞ୍ଜା ଏକାବେଳକେ ଉଠିଗଲେ ହିତ ନ ହୋଇ ବରଂ ତହିଁର ବିପରୀତ ଘଟିବ । ଅପୁ ଅଥବା ଗଞ୍ଜେଇର ଅପବ୍ୟବହାର ନିବାରଣ କରିବା ଅବଶ୍ୟ ବାଞ୍ଛନୀୟ ଓ ଅବକାରୀକର୍ମଚାରୀମାନଙ୍କଦ୍ୱାରା ତହିଁର ଉପାୟ ସର୍ବଦା ହେଉଅଛି ଯେବେ କୌଣସି ମାଦକଦ୍ରବ୍ୟ ଉଠାଇଦେବା ଉଚିତ ତେବେ ପ୍ରଥମେ ବିଦେଶୀୟ ମଦର ଆମଦାନୀ ବନ୍ଦ କରିଦେଇ ପଶ୍ଚାତ୍ ଅନ୍ୟ ଦ୍ରବ୍ୟର ଚିନ୍ତା କରାଯିବ ।

---

## ସାପ୍ତାହିକ ସମ୍ବାଦ ।

ଗତ ସପ୍ତାହ ଅପେକ୍ଷାଠାରୁ କଟକର [illegible] ପଣ୍ଡାଇଁକୁ [illegible] ହୋଇଅଛି । [illegible]

[illegible] ବର୍ଷା ହେବାରୁ ମହାନଦୀ ଓ ତହିଁର ଶାଖାମାନ [illegible]

ଗତ ସୋମବାରଠାରୁ ଅଧିକ ବର୍ଷା ନାହିଁ । ଶୀତ ପ୍ରକାଶ ହୋଇ ଅଛି ।

ଅମ୍ଭମାନଙ୍କ କମିଶନର ସାହେବ ଗତ ମଙ୍ଗଳବାରଠାରୁ ଏଠା କଲେକ୍ଟର [illegible] ପରିଦର୍ଶନ କରୁଅଛନ୍ତି । ଅଳ୍ପ ଦିନରେ ଫେରିବେ ।

Digitized by srujanika@gmail.com

## କଲିକତା-ଗେଜେଟ ।

ଓଡ଼ିଶାର ବନ୍ଦୋବସ୍ତକାର୍ଯ୍ୟରେ ନିଯୁକ୍ତ ମିଃ କରଦାଙ୍ଗ ଉଣ ମିତ୍ର ତ୍ରିପୁରାର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ଅଃ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ସି, ଏ, ରଞ୍ଜିତ ମଇନସିଂହ ଛୁଟିରୁ ଫେରିବାମାତ୍ରେ ଅବସ୍ଥାପିତ ହେଲେ ଓ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହେଲେ ।

---

କଲିକତାରେ ଗତ ସପ୍ତାହରେ କମ୍ପାନୀମୋହରର ଦର ୫୬୪ ଏବଂ ଷ୍ଟଲିଙ୍ଗର ଦର ୫୯୫/ ହୋଇଥିଲା ।

ସିଂହଳଦ୍ୱୀପରେ ସେ ୧୦ ଟା ସୁବର୍ଣ ପାତ୍ର ଥିଲା ସେ ଗୁଡ଼ିକ ଭାରତର ଉମେଦବାର ପରୀକ୍ଷା କରିଥିଲେ । ଉମେଦବାରଙ୍କ ପକ୍ଷ ସନ୍ତୋଷ ଜନକ ।

ହୋଷ୍ଟଓଫିସରେ କାର୍ଯ୍ୟ କରିବା ଅଭିପ୍ରାୟରେ କଲିକତାର ଅନେକ ରମଣୀ ପୋଷ୍ଟମାଷ୍ଟର ଜେନେରାଲଙ୍କ ନିକଟରେ ଉପସ୍ଥିତ ହୋଇ ଆବେଦନ କରିଥିଲେ । ଜେନେରାଲମହୋଦୟ ସେମାନଙ୍କ ଆବେଦନ ବିବେଚନା କରିବେ ବୋଲି କହିଅଛନ୍ତି ।

ତାରକେଶ୍ୱରର ମହନ୍ତ ସତୀଶଗିରି କଲିକତାରେ ଥାଇ କାମାରଭଣ ନାମକ ଏକ ବ୍ୟକ୍ତିକୁ ଲକ୍ଷ ଟଙ୍କା ମୂଲ୍ୟର ସୁନା ରୂପା ଇତ୍ୟାଦି ନେଇ ପ୍ରଭୃତି ଅଣିବା କାରଣ ତାହାଙ୍କ ଗୁମାସ୍ତା ନିକଟକୁ ପଠାଇଥିଲେ । ଗୁମାସ୍ତା ପାଞ୍ଚଶ ଟଙ୍କାରେ ତାହାକୁ ପଠାଇ ଦେଇ ସେ ତହିଁମଧ୍ୟରୁ କିଛି ଟଙ୍କା ଚୋରି କରିବା ଅପରାଧରେ କାମାରଭଣ ଗ୍ରେପ୍ତାର ହୋଇଅଛି । ତାରକେଶ୍ୱରଙ୍କ ସମ୍ପତ୍ତି ସାମାନ୍ୟ ନୁହେଁ ।

ଦମଦମ କ୍ୟାମ୍ପ ଜେଲରେ ପିଣ୍ଡାରି ବନ୍ଦୀ ହେବାର ସମ୍ବାଦ ଆସିଅଛି ।

କଲେକ୍ଟର ଅଫିସଠାରେ ଅନୁଗ୍ରହପୂର୍ବକ ପ୍ରଦର୍ଶନୀ ହେବା ନିମିତ୍ତ ଅନେକ ବନ୍ଦୋବସ୍ତ କରାଯାଉଅଛି । ଏହି ସ୍ଥାନରେ ଏକ୍ସବିସନ ପ୍ରଦର୍ଶିତ ହେବ ଏବଂ ଏଥିର ବ୍ୟୟ ରେଲବାଟ ଓ ଜାହାଜ ଉପରେ ଚିଠିପତ୍ର ବନ୍ଦୋବସ୍ତ ହୋଇଅଛି ।

ଭାରତବର୍ଷରେ କଠିନ ପୀଡ଼ାରୁ ଆରୋଗ୍ୟ ହେଲେ ଭାରତର ଅଧିକାଂଶ ଲୋକଙ୍କ ଅର୍ଥ ନଥିବାରୁ ଚିକିତ୍ସା ଅଭାବ । ଅନ୍ୟପକ୍ଷରେ ଜଣେ ଇଂଲଣ୍ଡର ଡାକ୍ତର ଚୀନଦେଶରେ ଜଣେ ରୋଗୀର କଠିନ ରୋଗରୁ ଅବ୍ୟାହତି କରିବାକୁ ସେ ସ୍ଥାନରେ ଇଂରେଜ ଡାକ୍ତର ସଙ୍ଗେ ନେଇ ଜଣାଣ ହସ୍ପିଟାଲ ଓ ବାଳା ବାହାର ଡାକ୍ତରଙ୍କ ଘରଠାରେ ଉପସ୍ଥିତ ହୋଇ ଚିକିତ୍ସା ଗ୍ରହଣ କଲେ, ଅଥ ଏଠାରେ କେତେକ ଅବସ୍ଥା ହେଲେ ଡାକ୍ତରଙ୍କ ଫି ଅଦାୟ ଦେବା ବଡ଼ କଠିନ ।

ଉତ୍ତରପାଡ଼ାଠାରେ ଜଣେ ଲୋକ ମଦୋନ୍ମତ୍ତ ହୋଇ ଗୋଷ୍ଠୀବାସଙ୍କର ଘରକୁ ହାତ କରନ୍ତେ ଲୋକେ ତାହା ଦେଖି ସାପ କାହାକୁ କଣ ହେବ । ସପ କାହାକୁ ମତ୍ତ ପ୍ରାଣୀଙ୍କ ଦଂଶନ କଲା ସେ ତହୁଁ ଚାରିଦିଗରୁ ଅଧିକ । ଯେଉଁ ଲୋକ ସେ ଦିନ ହସ୍ପିଟାଲ ପହଞ୍ଚି ଥିଲେ ସେ ମରିଗଲା ।

ଉତ୍ତ ସପ୍ତାହରେ ପଞ୍ଚାଶତଜଣ ମଧ୍ୟରେ ଏକ ଜଣ ସ୍ତ୍ରୀଲୋକ ଚତୁର୍ଥୀ ଅର୍ଥାତ ଲେଡି ପଦ ପାଇବାରେ ସକ୍ଷମ । ସେ ବଡ଼ କଥା ନୁହେଁ କି ?

ଛକାପାଣି ପକାଇଲେ ସର୍ପ ଦଂଶିପାରନ୍ତି ନାହିଁ । ଛନା-ଶର ଶତ ସର୍ପର ନାକରେ ଭଳି ଧରାଯାଇ ନାହିଁ ।

ଅଫିସକମିସନରେ ଚମ୍ପତିଙ୍କ ସେବକମାନେ ନିଯୁକ୍ତ ହୋଇ ଅଛନ୍ତି ।

ଲର୍ଡ ଗ୍ରାଣ୍ଟ, ମିଃ ଉଇଲିୟମ ଏସ କେନ, ସାର ହଲ୍ସବେରି ଜଜ୍ଞ, ରିଚାର୍ଡ ଅର୍ଥଚ୍ଚେ, ମିଃ ଅଲ, ଜ, ସି, ମାରବୋ, ପ୍ରେସ ଇତ୍ୟାଦି ମେମ୍ବର, ସାର ଜେମ୍ସ ଲ୍ୟାଲ, ମିଃ ଏ, ଜନ୍, ଗ୍ରାହ୍ମ, ବରଦାର ମହାରାଜା ଓ କୁଚବିହାର ଟେବାଜି ମିଃ ଜୟବାସ ବହାଲିଆନ ତେଷ୍ଟର ।

ଶ୍ୟାମର ସୈନ୍ୟକାର୍ଯ୍ୟରେ ଥିବା ଜେନେରଲ କର୍ଣ୍ଣଲମାନଙ୍କ କାର୍ଯ୍ୟକୁ ଅପହୃତ କରିବା ନିମନ୍ତେ ଫରାସୀମାନଙ୍କ ଚାଲିବାର ଜଣାଯାଇ ନାହିଁ ଏଥିରୁ କେହି କହନ୍ତି ଯେ ମେକଙ୍ଗର ଦକ୍ଷିଣକୂଳସ୍ଥ ପ୍ରଦେଶକୁ ଅଧିକାର କରିବାର ଛଳନା ମାତ୍ର ।

ଢାକାର ନୂଆଁଇଗଞ୍ଜଠାରେ ଦଲକଷ୍ଟ ବାଧ୍ୟକାରି କଥା ପ୍ରକାଶ ହୋଇଅଛି । ସ୍ଥଳର ଟଙ୍କାରେ ସାଇସେନ ହୋଇଅଛି । ଦୁର୍ଭିକ୍ଷ କଷ୍ଟ ନିବାରଣ ନିମନ୍ତେ ମେଠା ଡ୍ରାମେସ ବୋର୍ଡ ସଚେଷ୍ଟ ହୋଇ ଅଳ୍ପକାଳନିମନ୍ତେ ଦରିଦ୍ର ଗ୍ରାମବାସିଙ୍କ ଓ ଗ୍ରାମସବୁରେ ଅଳ୍ପମୂଲ୍ୟରେ ଚାଉଳ ବିତରଣ ଓ ସାହାଯ୍ୟ କାର୍ଯ୍ୟନିମନ୍ତେ ୫ ୧୨୫୦୦ ଟଙ୍କା ବ୍ୟୟ କରିବାକୁ ପ୍ରାର୍ଥନା କରିଅଛନ୍ତି ।

ରାଓଲପିଣ୍ଡିଠାରେ ଉତ୍ସବ ଦଲ୍ଟନ ଜ ୨୦୦ ଣ ମୁସଲମାନଙ୍କ ମଧ୍ୟରେ ସମ୍ପ୍ରଦାୟ ଛୁଟିକୁ ନେଇ ଉପସ୍ଥିତ ହୋଇଥିଲା । ଜଣେ ଜମ୍ମାତ୍ର ହିନ୍ଦୁଙ୍କୁ ଅପମାନିତ କରିବାକୁ ଉପଦେଶ୍ଚ କରନ୍ତ ଉପସ୍ଥିତ ହୋଇଥିଲା କିନ୍ତୁ ତାହା ଦେଖି ଲୋକେ ସେଠାରେ ପ୍ରଥମଶ୍ରେଣୀର ମାଜିଷ୍ଟ୍ରେଟ ଉକ୍ତ ବାହାଦରଙ୍କ ଉଭୟଙ୍କୁ ସେଠାରେ ଉପସ୍ଥିତ ହେବାରୁ ଶାନ୍ତି ସ୍ଥାପିତ ହେଲା । ହିନ୍ଦୁ ମୁସଲମାନମଧ୍ୟରେ ଏପରି କଲହ କାହିଁକି ?

ଜଣାଯାଇ ଅଛି ଯେ ରୁଷୀୟମାନେ ନିୟତ ଅଧିକାର କରିବା ଅଭିପ୍ରାୟରେ ପେକିନ, ସାଇଗ ଓ ମୁକଡ଼େନରେ ଦୁର୍ଗ ନିର୍ମାଣ କରୁଅଛନ୍ତି । ଏହା ଅବଶ୍ୟ ଇଂଲଣ୍ଡର ଉପରେ ବଳ କେତେଦୂର ସତ୍ୟ ଜଣାପଡ଼ି ନାହିଁ ।

ଭାରତବର୍ଷ ଓ ଇଂଲଣ୍ଡରେ ଏକସମୟରେ ସିଭିଲସର୍ଭିସ-ପରୀକ୍ଷା ଗ୍ରହଣ କରିବା ପ୍ରସ୍ତାବନିମନ୍ତେ ପାର୍ଲିଆମେଣ୍ଟର ମେମ୍ବର ଶ୍ରୀଯୁକ୍ତ ପାଲ ସାହେବଙ୍କ ଉଦ୍ୟମ ଜାନାଶାର ଲୋକମାନେ ଧନ୍ୟବାଦ ଦେଇଥିବାରୁ ଉତ୍ତରରୂପରେ ମାନ୍ଦ୍ରାଜର ମୁସଲମାନସମିତି ଏକ ଶାଖାସମିତି କରି ତହିଁ ଉପରେ ମତ ପ୍ରକାଶ କରିଅଛନ୍ତି ମାନ୍ଦ୍ରାଜ ମୁସଲମାନସମିତିମଧ୍ୟରେ ଏକାସଙ୍ଗ ଭଲହୋଇ ନାହିଁ । ମୁସଲମାନ ଓ ହିନ୍ଦୁମଧ୍ୟରେ ମେଳ ରହିବା ଆବଶ୍ୟକ । ନଥିଲେ ଅନ୍ଧ ଘୋଡ଼ାକୁ ଘୋଡ଼ା ପାରିବ ନାହିଁ ।

ଅଲିପୁର ମାଜିଷ୍ଟ୍ରେଟ କଚେରିର ତାସ ନାମକ ଏକଜଣ ବଣ୍ଟନରେ ତାହାର ଏକ ସଙ୍ଗୀଙ୍କୁ ଛୁରିଆଘାତ କରିଥିବା ଅପରାଧନିମନ୍ତେ ଓକିଲ ତାହାକୁ ଧରିଥିଲେ, ଡେପୁଟିବାବୁ ଏହା ଏକଦିନ ହେଲା ତାସ ଜେଲ୍ଖାନାରେ ନବଦଲ ଉପସ୍ଥିତ ହୋଇ ସେଠାସାହାଯ୍ୟ ଜଣ ଓ ଉପରେକ୍ତ ସଙ୍ଗୀଙ୍କୁ ଖୋଜିବାକୁ ଆହ୍ୱାନ କରନ୍ତେ ସେ ତାହାସଙ୍ଗରେ ଖେଳିବାକୁ ରାଜି ହେଲା ନାହିଁ କରଯୁକ୍ତ କୁସ ତାହାର କରି ବାଣ୍ଟବେଣରେ ଅଘାତ କଲା । ଏହାର ଜଣକ ଖେଳର ଫଳ ଉପସ୍ଥିତ ଅଟଇ ।

ଇଷ୍ଟଇଣ୍ଡିଆ ରେଲପଥରେ ଡାକଗାଡ଼ିର ଗାଡ଼ ସମ୍ମୁଖରେ ଷ୍ଟେସନର ଆଲୁଅ ଜଳିବାର ବ୍ୟବସ୍ଥା ହୋଇଅଛି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଶ୍ରୀ "ଉତ୍କଳଦୀପିକା" ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଅଜ ଉତ୍କଳ-ସଙ୍ଗୀତ-ଜଗତର ଗୋଟିଏ ଶୁଭଦିନ । ଉତ୍କଳ-ସଙ୍ଗୀତରେ ଆଦର କ୍ରମଶଃ ବୃଦ୍ଧି ହେଉଅଛି । ଦାମୋଦର ବାବୁ ସମସ୍ତଙ୍କୁ ସଙ୍ଗୀତ-ସାଗରର ମଣ୍ଡାଇବାକୁ ଦୃଢ଼ । ତାଙ୍କ ଦରିଦ୍ର ଉତ୍କଳ-ବାସୀ ଏହି ସୁବିଧା ଭୋଗ କରିବାକୁ ଅକ୍ଷମ ହେବେ; ପଛଲାଗୁର ମହାଶୟ ତାହାଙ୍କ ପ୍ରକାଶିତ "ସଙ୍ଗୀତ-ସାଗର" ପୁସ୍ତକ ଅର୍ଦ୍ଧ ମୂଲ୍ୟରେ ବିକ୍ରୟ କରିବାକୁ ବିଜ୍ଞାପନ ଦେଇ ଅଛନ୍ତି । ଯଦି ବାବୁ ମହାଶୟ ଉତ୍କଳମାତାର ଦାରିଦ୍ର୍ୟ ଦୃଷ୍ଟିରେ ଏହା କରିଥାନ୍ତି, ତାହା ହେଲେ ଅବଶ୍ୟ ସେ ଧନ୍ୟବାଦର ପାତ୍ର ଅଟନ୍ତି । କିନ୍ତୁ ବଡ଼ ଦୁଃଖର ସହିତ ଅବଗତ ହେଲୁଁ ଯେ "ସଙ୍ଗୀତ-ସାର" ନାମକ ଅନ୍ୟ ଏକ ପୁସ୍ତକ ପ୍ରକାଶିତ ହେବାରୁ ଦାମୋଦର ବାବୁ ଉକ୍ତ ଭାବରେ ଏପରି କରୁ ଅଛନ୍ତି—କେବଳ ତୁଳନାର କାରଣରେ ଭୃଗାସୁଦର ବ୍ୟକ୍ତିର ଲାଭ । ଶେଷରେ ବକ୍ତବ୍ୟ ଏହି ଯେ ଆମ୍ଭେ ଅଦ୍ୟ ସାହିତ୍ୟରେ ବିଜ୍ଞାପନ ପଢ଼ି "ସଙ୍ଗୀତ-ସାଗର" କିଣିବା ଅଭିପ୍ରାୟରେ ଉକ୍ତପିତ ବିକ୍ରୟସ୍ଥାନରେ ଅନ୍ୱେଷଣ କରିବାରେ ଜାଣି ହେଲୁଁ ଯେ ତୃତୀୟ ଓ ଚତୁର୍ଥ ତରଙ୍ଗ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ ଓ ହେବାର ଅନେକ କାଳ ବିଳମ୍ବ ଅଛି । ଦାମୋଦର ବାବୁ ଯେତେବେଳେ କହନ୍ତି "ପୁସ୍ତକ ସଂଖ୍ୟା ଅଳ୍ପ" ସେଥିରୁ ଜଣା ଯାଉଥିଲା ଯେ ତାହାଙ୍କ ପ୍ରକାଶିତ ଓ ପ୍ରଣୀତ ସମସ୍ତ ପୁସ୍ତକ; ସଙ୍ଗୀତ-ସାଗର ତୃତୀୟ ଓ ଚତୁର୍ଥ ତରଙ୍ଗ ପ୍ରକାଶ ହୋଇ ନାହିଁ ବୋଲି ଯେ ବାଦ ଗଲା ଏହା ବହୁ ଜଣାଯାଉ ନ ଥିଲା । ଦାମୋଦର ବାବୁଙ୍କର ଏହି ଉକ୍ତ ବିଜ୍ଞାପନ ଦ୍ୱାରା ଲୋକମାନେ କେବଳ ପ୍ରତାରଣାରେ ପଡ଼ୁଅଛନ୍ତି । ଆଶା କରୁଁ ବାବୁ ମହାଶୟ ଶୀଘ୍ର ପୁସ୍ତକ ପ୍ରକାଶ ପ୍ରତି ଚେଷ୍ଟା କରିବେ—ଇତି ।

କଟକ } ବଶମ୍ବଦ !
୨୬।୮।୯୦୩ } ଜଣେ ଲୋକ ।

---

Split by PDF Splitter

Digitized by srujanika@gmail.com

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ ଜଗ-ଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କରି ଶ୍ରମ ସଫଳ କରିବା ହେବେ।

ଦୁର୍ବୃତ୍ତମାନଙ୍କର ଅତ୍ୟାଚାର କି ଭୟଙ୍କର ! ଦେଖି ଶୁଣି ଗାତ୍ର ଚକ୍ଷୁ ଅବାକ୍ ଓ ଲୋମହର୍ଷ ହୁଏ। ଏ ଅଞ୍ଚଳରେ ଅନେକ ଗାଈ, ବଳଦ, ଛେଳି, ମେଣ୍ଢା ପଣ୍ଡାଏ ହଜିଲେ ଆଉ ମିଳନ୍ତି ନାହିଁ। କାହାର କାହାର ସୌଭାଗ୍ୟବଶରୁ ବା ପ୍ରାପ୍ତ ହୁଅନ୍ତି। ଅନେକବାର ପଶୁସ୍ୱାମିମାନେ ନ ପାଇ ତତ୍ତ୍ୱାନୁସନ୍ଧାନ କରି ଅବଗତ ହେଲେହେଁ ନାନା ପ୍ରତିବନ୍ଧକତା ପ୍ରଯୁକ୍ତ କୌଣସି ଉପାୟ ଅବଲମ୍ବନ କରି କୃତକାର୍ଯ୍ୟ ହେବାକୁ ଦୁରୂହ ମନେ କରନ୍ତି। ଏବେ ଦିନେ ସେହି ଅନ୍ୟସ୍ୱାପହର୍ତ୍ତା, ହନ୍ତା, ଭେନ୍ତାମାନଙ୍କ ମଧ୍ୟରୁ କେତେକ ଜଣ ଧୃତ ହୋଇଥିବାରେ ଆମ୍ଭେ ଅବଗତ ହେଲୁଁ ଯେ କୁସଙ୍ଗ ପାସନ ମୁସଳ-ମାନବସ୍ତିରେ ଜଣେ ମୁସଲମାନର ଗୋଟିଏ ଦାମୁଡ଼ିବଳଦ ଗଛ ସନ୍ଧିରେ ଗୁହାଳରୁ ଚୋର ଯାଇଥିବାର ଗୃହସ୍ୱାମୀ ଦେଖି, ଉକ୍ତ ଚୋର-ଦ୍ରବ୍ୟ ଅନୁସନ୍ଧାନ କରୁଁ କରୁଁ ପରେ ପାଣ-ସାହିରେ ସେହି ବଳଦର ମାଂସାସ୍ୱାଦ ପାଇ କ୍ରୋଧପୂର୍ବକ ରୋଲ୍ଲାପେଣ୍ଠ ଅନ୍ତଃପ୍ରୋଷ୍ଟରେ ଏଗଲ ଜଳନ୍ତେ ହେଡ଼ କନ୍‌ଷ୍ଟେବଲ ପରଜ-ମିନ ତଦନ୍ତ କରି ପାଣ ପଇତାରମାନଙ୍କୁ ପଚ୍ଚ-ରିବାରେ ସେମାନେ କହିଲେ କି ଗତକାଲି-ଏଣିର୍ ଅର୍ଦ୍ଧ ସମୟରେ ଲୁସଙ୍ଗର କଣୁ ଓ ନୁଉମହମ୍ମଦ ଦୁଇଜଣ ଗୋଟାଏ ଦାମୁଡ଼ିବଳଦ ଆଣି ଏଠାରେ ହଳାଲ କରନ୍ତେ ଆମ୍ଭେମାନେ ଲୁଚି ହୋଇ ନିଷେଧ କଲୁଁ। କିନ୍ତୁ ସେମାନେ, ଏଥିରେ କିଛି ଭୟର କାରଣ ନାହିଁ ଅମ୍ଭେ-ମାନେ ଏହାକୁ ହତ କରି ଆଣିଅଛୁଁ ତୁମ୍ଭମାନଙ୍କୁ ମଧ୍ୟ ମାଂସ ଦେବୁ, କହି କଥା କଲେ ଓ ଆମ୍ଭମାନଙ୍କୁ କେତେକ ମାଂସ ଦେଇ ଅବ-ଶିଷ୍ଟ ମାଂସ ଚର୍ମାଦି ନେଇଗଲେ। ଏମାନଙ୍କ ଜବାନବନ୍ଦୀ ଅନୁସାରେ ଉକ୍ତ ମୁସଲମାନ ଦ୍ୱୟ-ଙ୍କର ଘର ତଲାସ କଲେ ଅନୁସନ୍ଧାନରେ କେତେକ ମାଂସ, ପାଦ, ଲାଞ୍ଜ ପାଇଥିଲେ। ଜମାଦାର ବାବୁ ଉପଯୁକ୍ତ ପ୍ରମାଣ ନେଇ ଆସାମିମାନଙ୍କୁ ଚାଲାନ ଦେଇଥିଲେ। ଫଳରେ ବିଚାର ପାଇଁକ ସଫେନହାଙ୍କ ଖଲାସ ଏବଂ ମୁସଲମାନ ଦ୍ୱୟଙ୍କର ପ୍ରତ୍ୟେକେ ଏକବର୍ଷ ଲେଖାଏଁ କଠିନ ପରିଶ୍ରମ ସହ ଜେଲଖାନାବାସ ହେଲା। ଦୋଷିମାନଙ୍କର ସମୁଚିତ ଦଣ୍ଡ ବିଧାନ ହୋଇଅଛି ଅଳ୍ପ କେହି ମନ ବଳାଇବେ କି? "ଚୋରପରେ ଚୋର ଅଛନ୍ତି ନ ଆଏ କି ପରା ତାହାର ବର୍ଷ ତାରିଖ ନ ଆଏ"। ଅନେକବାର ଏହିପ୍ରକାର ଘଟଣାମାନ ହେଉ-ଥିବାର ଶୁଣା ଗଲେହେଁ ଉପଯୁକ୍ତ ପ୍ରମାଣାଭାବ ଏବଂ ଶାନ୍ତିରକ୍ଷକମାନଙ୍କର ଅବହେଳା ଓ ଅ-ବହେଳା, ଅସ୍ୱେ ସେହି ପ୍ରାଣୀ ପୀଡ଼ା, ବୋଝ-ଉପରେ ଲଙ୍ଗଳାବହା ହେତୁରୁ ନିପାତ ଭିଡ଼ି ପଶୁସ୍ୱାମିମାନେ ଆପଣା ଅଦୃଷ୍ଟ ଚିନ୍ତା କରି କ୍ଷାନ୍ତ ହୁଅନ୍ତି। ଅଦ୍ଭୁତ ମଧ୍ୟ ଶୁଣାଯାଇଥାଏ ଯେ ଏହି ଶ୍ରେଣୀସ୍ଥ ଲୋକମାନେ ମଧ୍ୟେ ମଧ୍ୟେ ବିଷ ପ୍ରୟୋଗ କରି ଗୋମେଷାଦି ବଧ କରି ସ୍ଥାନାନ୍ତରରେ ବିକା କିଣା କରିଥାନ୍ତି, ଏବଂ ମାଂସରେ ସନ୍ତୁଷ୍ଟ ଅନ୍ୟ ଚର୍ମରେ ପ୍ରୀତ ଉଭ-ୟର ଉପକାରକ ଅଟେ। କାହାର ସର୍ବନାଶ କାହାର ମହୋତ୍ସବ। କି ନୃଶଂସକାଣ୍ଡ। ଶୁଣିଲେ ଶରୀର ରୋମାଞ୍ଚିତ ହୁଏ। ଏହା ହିନ୍ଦୁ ବାହିଁକ କେଉଁ ସହୃଦୟ ଏ ଦୃଶ୍ୟ ଚିନ୍ତାରେ ମର୍ମାହତ ନ ହେବେ କି? ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ନିବେଦନ କରେ, ଯେପରି ଆଉ ଏହା ଶୁଣା ନ ଯାଉ ଓ ଶାନ୍ତିରକ୍ଷାକର୍ତ୍ତାଙ୍କଠାରେ ବିନୀତ ପ୍ରାର୍ଥନା ଯେ ଏଥିପ୍ରତି ବିଶେଷ ଦୃଷ୍ଟି ସଞ୍ଚାଳନ ହେଉ। ଇତି।

୩୧।୮।୯୩ } ବଶମ୍ବଦ
ଶ୍ରୀ ଚନ୍ଦ୍ରମଣିଦାସ।

---

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ବାବୁ ଶ୍ୟାମସୁନ୍ଦର ଦାସଗୁପ୍ତ | କଟକ | ଟ ୮୩ |
| „ ଜଗନ୍ନାଥ ସାନ୍ତ୍ରା | „ | ଟ ୨ |
| „ ମଧୁସୂଦନ ମହାପାତ୍ର | „ | ଟ ୧ |
| „ ବାଳକୃଷ୍ଣ ଦାସ | ଖଣ୍ଡାମ | ଟ ୧ |
| „ ଉଦୟନାଥ ପଣ୍ଡା | ଦେବାସ୍ | ଟ ୧ |
| „ ଲୋକନାଥ ମହାନ୍ତି | ଗୁମ୍ଫାପାଇ | ଟ ୧ |
| „ କାଳିରାମ ଦେବ | କଟକ | ଟ ୧୦ |
| „ ମହେନ୍ଦ୍ରନାଥ ସିଂହ | ପିପିଲି | ଟ ୦ |
| „ ଶିବ୍ ସାବତ | କଟକ | ଟ ୧ |

---

# ବିଜ୍ଞାପନ।

## ବାବୁ ବିଶ୍ୱେଶ୍ୱର ଦାସ।

**ଅଧ୍ୟକ୍ଷ ସର୍ଜନ**

କଟକ କଲେଜ ସନ୍ନିକଟରେ ଥାଇ ଚିକିତ୍ସା କରିବା ଏବଂ ସେ ସମ୍ବନ୍ଧରେ ପରାମର୍ଶ ଦେବାକୁ ପ୍ରସ୍ତୁତ ଅଛନ୍ତି।

---

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ।
ମୂଲ୍ୟ ଟ ୦ ।୵ ଚାରିଅଣା ମାତ୍ର।
( ଉଲର ଶତ୍ ଅନେକ, ଏତିହର ଛେଉଆମାନଙ୍କୁ ଜଣାଏ )

"ଯାହା ନ ଦେଖିବ ଦୁଇ ନୟନେ,
ପରତେ ନ ଯିବ ଗୁରୁବଚନେ।"

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି। ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇ-ଅଛି। କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି।

---

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି କି ନିମ୍ନଲିଖିତ ଘାଟମାନ ଅଷ୍ଟ କଟକ ଡିଃ ବୋର୍ଡ ମହକୁମାରେ ଚଳିତ ସିତ-ମ୍ବରମାସ ତା ୨୫ ରିଖ ହେବ ସୋମବାର ପୂର୍ବାହ୍ନ ଘ ୧୨ ଟିକା ସମୟେ ମା ୬ ସ ସକାଶେ ନିଲାମ ହେବ। ଯେଉଁମାନେ ନିମ୍ନଲିଖିତ ଘାଟ-ମାନ ନେବାକୁ ଇଚ୍ଛା କରିବେ ଉପରୋକ୍ତ ତାରିଖରେ ଏହି ମହକୁମାରେ ହାଜର ହୋଇ ନିଲାମ ଡାକି ପାରିବେ।

ଲୁଣାପାଟ ଘୁବଡ଼ଂସ।
ତରୋଷୁଲା କଉଦ୍ରପୁର
ମହାନଦୀ ଗଉପୁର ଓ ଜଗିପୁର

Cuttack Distᵗ. Bd's Office.
2—9—93. } M. S. Das,
*Vice Chairman.*

---

## ଶୀଘ୍ର ନିଅ ! ନିଅ ! ନିଅ !!

ପୁସ୍ତକ ସଂଖ୍ୟା ଅଳ୍ପ ଅଛି।

ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଆମ୍ଭ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ ଅଦ୍ୟଠାରୁ ଅର୍ଦ୍ଧ ମୂଲ୍ୟ-ରେ ବିକ୍ରୟ ହେବ।

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ଟ ୦ ।୵ |
| ଏତନ | ଦ୍ୱିତୀୟ ଏତନ | ଟ ୦ ।୵ |
| ଏତନ | ତୃତୀୟ ଏତନ | ଟ ୦ ।୵ |
| ଏତନ | ଚତୁର୍ଥ ଏତନ | ଟ ୦ ।୵ |
| ଜାନକୀ ରତ୍ନମ୍ | | ଟ ୦ ୵ |

Digitized by srujanika@gmail.com

କୃଷିଲାସ ଶେତ୍ର ଟ ୦ /

ଏହି ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ଛାପାଖାନାରେ, ବୁକ୍ ଏଜେଣ୍ଟ ବାବୁ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ, ଚୌଧୁରୀବଜାରସ୍ଥ ବାବୁ ଲକ୍ଷ୍ମୀନାରାୟଣ ନାୟକଙ୍କ ଡାକ୍ତରଖାନାରେ ଏବଂ ବାଲୁବଜାରସ୍ଥ ପଣ୍ଡିତ ଶ୍ରୀ ଗୋବନ୍ଦରଥଙ୍କ ଦୋକାନରେ ମିଳବ ।

କଟକ ୨।୯।୯୩ } ଶ୍ରୀ ଦାମୋଦର ପଟ୍ଟନାୟକ ।

---

## ଅମୀନ ! ଅମୀନ !

ବାମଣ୍ଡା ସଦରଡଭିଜିଲର ( ଦେଶୀୟ-ସ୍ଥାନରେ ) ଜରିପ ବନ୍ଦୋବସ୍ତ କାର୍ଯ୍ୟ ଆଗାମୀ ଦୁର୍ଗାପୂଜା ପରେ ଆରମ୍ଭ ହେବାର ସ୍ଥିରଭିତ ହୋଇଅଛି, ଏଥିନିମନ୍ତେ ଉପଯୁକ୍ତଅନୁସାରେ ମାସିକ ଟ ୧୦ ଟ ୧୨ ( ବାରଟଙ୍କା ) ବେତନରେ ୬୦ ( ଷାଠିଏ ) ଜଣ ଅମୀନ ଆବଶ୍ୟକ । ସେମାନେ ଆପଣା ବେତନରୁ ଆପଣାର ଖର୍ଚ୍ଚ ଚଳାଇବେ । ଅମୀନ ସଂଗ୍ରହ ଭାର ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ଉପରେ ଅର୍ପଣ ହୋଇ ଯାଇଅଛି । କର୍ମପ୍ରାର୍ଥୀମାନେ ସେମାନଙ୍କ ନିକଟରେ ଆପଣା ଆପଣାର କାର୍ଯ୍ୟଦକ୍ଷତାର ପରିଚୟ ଦେବେ । ସେମାନେ ଯେଉଁମାନଙ୍କୁ ମନୋନୀତ କରିବେ ସେମାନେ ଅସି ଉକ୍ତ କାର୍ଯ୍ୟରେ ନିଯୁକ୍ତ ହୋଇପାରିବେ । ଦଶହରାଦିନ ମନୋନୀତ ଅମୀନମାନଙ୍କୁ ଏଠାରେ ଉପସ୍ଥିତ ହେବାକୁ ହେବ ।

ଅମୀନ ସଂଗ୍ରହକାରୀଙ୍କ ନାମ ଓ ଠିକଣା

୧ । ବାବୁ ଭଗବାନ ପଟ୍ଟନାୟକ
। ଗ । କୁକୁଡ଼ା, ମୟୂର ପୋଃ
କଟକ

୨ । ଲକ୍ଷ୍ମୀଧର ପଟ୍ଟନାୟକ
। ଗ । ଉଦୟପୁର । ପ୍ର । ଅଲତି । ତା । ଗୋପାଳପୁର ଲୁଅଁପାଲ ପୋଃ କଟକ

ଉପରୋକ୍ତ ଉଭୟବ୍ୟକ୍ତିଙ୍କ ମଧ୍ୟରୁ ଏକବ୍ୟକ୍ତିଙ୍କ ପାଖରେ ଆବେଦନ କଲେ ଚଳିପାରିବ । ଇତି ।

ରାଜଧାନୀ ଦେବଗଡ଼ } ରାଜା ଶ୍ରୀ ସୁଚଳଦେବ
୨୯।୮।୯୩ } । ବ । ବାମଣ୍ଡା

---

## ତୃତୀୟପାଠର ବ୍ୟାଖ୍ୟା ।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରଭୃତି ଓ ଦୁର୍ବୋଧ ସ୍ଥାନମାନଙ୍କର ବିଶଦ ବୃତ୍ତି ଏବଂ ଐତିହାସିକ ଓ ଭୌଗଳିକ ବିବରଣ ସନ୍ନିବେଶିତ ହୋଇଅଛି । ଇଣ୍ଟ୍ରାନ୍ସ ସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଛାତ୍ରବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତୀବ ପ୍ରୟୋଜନୀୟ । ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ । ମୂଲ୍ୟ ଚାରିଅଣା । କଟକ ଦରଘାବଜାର ପ୍ରିଣ୍ଟିଙ୍ଗକମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି ।

---

## NOTICE.

Wanted immediately a passed and experienced Sub-Overseer for the Kondmal Sub-Division, Orissa, on a salary of Rs. 30 and fixed allowance of Rs. 10 per month. None need apply who has not had at least 3 years experience in hill roads and building works. Applications will be received by the undersigned up to end of September 1893.

Copies of testimonials should only be sent.

J. C. Lloyd
*Sub-Divisional Officer*
Kondmal Sub-Division
Orissa.

---

## Sita-mai-ki Andira

## ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତି ଚମତ୍କାର ଘଟଣା, ଏପରି ପୁସ୍ତକ ଉତ୍କଳଭାଷାରେ ଅଦ୍ୟାପି ମୁଦ୍ରିତ ହୋଇ ନାହିଁ । ଆବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ .. ଟ ୦।୵୨ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

---

## ନୂତନ ପୁସ୍ତକ ।

ଉତ୍କଳଇତିହାସର ପ୍ରଶ୍ନୋତ୍ତର ମୂଲ୍ୟ ଟ ୦/୦ ଶ୍ରୀ ସୀତାନାଥ ରାୟଙ୍କ ଦ୍ୱାରା ସଙ୍କଳିତ । ଅପର-ପ୍ରାଇମେରୀପରୀକ୍ଷାର୍ଥୀଙ୍କ ସୁବିଧାର୍ଥ ଏହି ପୁସ୍ତକ ସଙ୍କଳିତ ହୋଇ ଅଛି । ଉତ୍କଳଇତିହାସ ପାଠ ନ କରି କେବଳ ଏହି ପ୍ରଶ୍ନୋତ୍ତର ପାଠ କଲେ ବାଳକମାନେ ଇତିହାସପରୀକ୍ଷାରେ, ଅଧିକ ନମ୍ବର ରଖିପାରିବେ ।

ନାନ୍ନଲିଖିତ ପୁସ୍ତକର ପରିବର୍ଦ୍ଧିତ ନୂତନସଂସ୍କରଣ ପ୍ରକାଶିତ ହୋଇ ଅଛି ।

ସରଳଭୂଗୋଳପାଠ ( ୫ମ ସଂସ୍କରଣ ) ଟ୶
ସୁଲଭ ଜ୍ୟାମିତି ( ୨ୟ ସଂସ୍କରଣ ) ଟ୦୵
ଲିପିମାଳା ( ୨ୟ ସଂସ୍କରଣ ) ଟ ୦।

---

## ବିଚ୍‌ମସାହେବଂକ ବଟିକା ।

## ( BEECHAM'S PILLS. )

ଫଳବିବେଚନାରେ ଏକ ୨ ବଟୁଆର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲିଯାଇ ପାରେ

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି ବିଷାକ୍ତ ବା ଅନିଷ୍ଟକାରକ ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ଗାତ୍ରଦାହ, ଦୃଶମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଲକ୍ଷ ପରୀକ୍ଷାର ଓ ବୈଦ୍ୟଗଣଙ୍କ ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ତାନର ସକଳନଗରର ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅନ୍ତି । ମୂଲ୍ୟ ପ୍ରତିବଟୁଆ ଆକାର ଅନୁସାରେ ଟ ୦।୵ ଟ ୦୵ ଓ ଟ ୦ ୶ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

---

## New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary.
Webb's Condensed Dictionary.
Webb's International Do.
Whitehall Drawing Copy Books.

Split by PDF Splitter
Digitized by srujanika@gmail.com

Split by PDF Splitter



R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.
To be had of the Secretary, Printing Company, Durgha Bazar, Cuttack.

ନୂତନ ରିଏଲ ରୀଡର ନଂ ୨ ଯାହାର ଅର୍ଥ-ପୁସ୍ତକ ଦ୍ଵିତୀୟ ସଂସ୍କରଣ ମୁଦ୍ରିତ ହୋଇ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ମୂଲ୍ୟ ଟ ୦ ୵ ମାତ୍ର ।

Key to New Royal Readers No. II. 2nd edition is out and can be had of the Printing Company's Press, Cuttack.

*Price 3 Annas only.*

## ଘଡ଼ିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

କାଳାସୂଚକ ଘଣ୍ଟା ଘଡ଼ି ପ୍ରଭୃତିର ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ଵ କଲେ ସମସ୍ତ ବିଷୟ ଜାଣି ପାରିବେ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଜଗନ୍ନାଥ ଶୋଣା, ଢ଼ାକା, ଶାନ୍ତିପୁର, ରେଶମୀ ଓ ବିଲାତି ଲୁଗା ଓ ଅନ୍ୟାନ୍ୟ ବ୍ୟବହାରୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରଦ ଦର ସେହି ଲୁଗା ଉପରେ ଲେଖା ଅଛି ଯଦ୍ଦ୍ଵାରା ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା ! ସେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନାଫା କଷି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ହେବାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲରୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଗୁରଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଷ୍ଟେସନେରି ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଟ ପେନସିଲ୍ | ଗୋ ୧ ଟ ୦ ।୵ |
| ଲାଲ୍ ଓ ନେଳ ପେନସୀଲ | ଗୋ ୧ ଟ ୦ ୵୯ |
| ଉତ୍ତମ ପେନସୀଲ | ଦ ୧ ଟ ୦ ୵ |
| ନକସା କାଗଜ | ଦ ୧ ଟ ୦ ୵ |
| ଫୁଲସକେପ କାଗଜ ସରୁ | ଦ ୧ ଟ ୦ ୵ |
| ଏଜନ ରୁଲବାଲା | ଦ ୧ ଟ ୦ ୵ |
| ଏଜନ ମୋଟା | ଦ ୧ ଟ ୦ ୵ |
| ଫାନସୀନୋଟପେପର ଓ ଲଫାଫା | ଦ ୧ ଟ ୵। |
| ଡାକକାଗଜ ସରୁ | ଦ ୧ ଟ ୦ ୵ |
| ଏଜନ ମଧ୍ୟମ | ଦ ୧ ଟ ୦ ୵ |
| ଲଫାଫା ସରୁ ସଂ ୧୦୦ ଟ ୦ ୵ | ଗୋ ୨୫ ଟ ୦ ୵ |
| ଏଜନ ମଧ୍ୟମ ସଂ ୧୦୦ ଟ ୦ ୵ | ଗୋ ୨୫ ଟ ୦ ୵ |
| ଚାଇନାଗଜ ୧୬ ପଣି | ଦ ୧ ଟ ୦ ୵ |
| ଶୀଘ୍ରାଳି | ଗୋ ୧ ଟ ୦ ୵ |
| ଏଜନ ଗୁଣ୍ଡି ଏହାକୁ ଅଧ-ବୋତଲ ଜଳରେ ପକାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିଆହି ପ୍ରସ୍ତୁତ ହେବ | ଦ ୧ ଶ୍ରୀଲିଙ୍ଗ ଟ ୦ ୵ |
| ସ୍ଲିଲିଙ୍ଗ ପେନସୀଲ | ଦ ୧ ଟ ୦ ୵ |
| ରବର | ଖ ୧ ଟ ୦ ୵ |
| ଡଂସପକ୍ଷୀ କଲମ | ଗୋ ୨୫ ଟ ୦ ।୵ |
| ଲୁହା କଲମ (ନିବ) ସରୁ | ଡ ୧ ଟ ୦ ୵ |
| ଏଜନ୍ ମୋଟା | ଡ ୧ ଟ ୦ ୵୧ |
| ଏଜନ୍ କଣ୍ଡମାଗନକୋଲମ | ଗୋ ୧ ଟ ୦ ୵ |
| ଡାକଟ୍ରିଗ୍ ଟ୍ରାଭୁଗି ମହୁଜ (ଜଗନ୍ନାଥ) | ଗୋ ୧ ଟ ୦ ୵ |
| ଏଜନ ସାଧାରଣ | ଗୋ ୧ ଟ ୦ ୵ |
| ଢକାଫିଟା ସରୁ | ଗ ୧ ଟ ୦ ୵ |
| ହୋରସ୍ୟାର କେଶ ବୃଷଶବ | ଗୋ ୧ ଟ ୦ ୵ |
| ମନଚେଗ | ଗୋ ୧ ଟ ୦ ୵ |
| ମୁଗୁନୟଥରର ଫଣ୍ଡପିଙ୍କୁଡା ଓ ରୁପେଲନକସାବାକ | ଗୋ ୧ ଟ ୵। |
| ଲେଟରଗ୍ରର | ଗୋ ୧ ଟ ୧୯ |
| ମେକସର ଏଏନ | ଗୋ ୧ ଟ ୦ ୫ |
| ଗାବୁଜ ସରୁ | ଖ ୧ ଟ ୦ ୵୯ |
| ଫଲଦାନ | ଗୋ ୧ ଟ ୧ ୵ |
| ଚେବାଲସିର ୨ଡାକସ୍ଥା | ଗୋ ୨ ଟ ୪। |
| ଏଜନ ଏକଡାଲଅ | ଗୋ ୧ ଟ ୨ |
| ଟେଜ | ଗୋ ୧ ଟ ୨ |
| ଅକ୍ସିନଗଟ | ଗୋ ୧ ଟ ୵ ୨ |
| ଛାସ | ଡ ୧ ଟ ୦ ୵ |
| ସାନଅଗଣ୍ଡୀ | ଗୋ ୧ ଟ ୫ ୧ |
| ବଜାରଲା ସବୁ ବଳ | ଖ ୧ ଟ |

ପିତଳର ଏହାକୁ କୌଣସି ଶୀତରେ ଲଗି ପଥରେ ଚଲାଇ ହୋଇ ଘରର ଫାଟକରେ ଲଗାଇ ଦେଲେ ପାଣି ପଡ଼ିବାକୁ ବନ୍ଦ ହେବ ସେ ୧ ଟ ୦

କଟକ ଚୌଧୁରୀ ବଜାର } ଅରିଜନଣ୍ଟଲ କର କମ୍ପାନି ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵

ଅଧସ୍ତମ୍ଭ ଟ ୨୧

ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଶର୍ତ୍ତା ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ଵିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତା ପ୍ରଥମଥର ଅର୍ଦ୍ଧେକ ଓ ତୃତୀୟାଂଶ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ଵତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ଛିଟ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।


୨୮ ଭାଗ
୩୭ ସଂଖ୍ୟା

ତା ୧୨ ତାରିଖ ମାହେ ସେପ୍ଟମ୍ବର ସନ ୧୮୯୩ ମସିହା । ମୁ । ଅଶ୍ୱିନ ୭ / ଶ ସନ ୧୩୦୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦ୍ଦେୟ ଟ ୬୯


ମାନ୍ୟବର ଗ୍ଲାଡ଼ଷ୍ଟୋନ ସାହେବଙ୍କ ହୋମରୁଲ ଆଇନ ଲର୍ଡ଼ମାନଙ୍କ ସଭାରେ ଅଗ୍ରାହ୍ୟ ହୋଇଅଛି । କେବଳ ଜ ୪୧ ଣ ଏଥିର ସପକ୍ଷରେ ଏବଂ ଜ ୪୧୯ ଜ ବିପକ୍ଷରେ ମତ ଦେଇ ଥିଲେ ।

---

ଅମ୍ଭେମାନେ ଅନନ୍ଦ ସହିତ ଅବଗତ ହେଲୁଁ ଯେ ବାଲେଶ୍ୱରର ବାବୁ ଭଗବାନଚନ୍ଦ୍ରଦାସ ଗତ ହୌସ ବଗ୍ଧରରେ ଉତ୍ତୀର୍ଣ୍ଣ ପାଇଅଛନ୍ତି । ବାବୁ ମଧୁସୂଦନଦାସ ଏହାଙ୍କ ପକ୍ଷରୁ ଓକିଲ ହୋଇ ଯାଇଥିଲେ । ଭଗବାନବାବୁଙ୍କ ନିଯୁକ୍ତି ଏପର୍ଯ୍ୟନ୍ତ ଅମ୍ଭେମାନେ ଅବଗତ ହୋଇ ନାହୁଁ

---

ଅଥୁସମିତିର ଜଣେ ପ୍ରଧାନ ସଭ୍ୟ ଶ୍ରୀଯୁକ୍ତ ଜେନ ସାହେବ ଡାକ୍ତରଙ୍କର ପରାମର୍ଶାନୁସାରେ ଇସ୍ତଫା ଦେଇ ଅଛନ୍ତି । ଅଥୁବାବୁଙ୍କରେ ଜେନ ସାହେବ ଯେପରି ଅନୁରାଗ ଉତ୍ପାଦକ ଥିଲେ ଅନ୍ୟ କୌଣସି ବ୍ୟକ୍ତି ସେପରି ଭାବ ନାହାନ୍ତି । ଏହାଙ୍କ ପଦତ୍ୟାଗରେ ସମିତିର ବିଶେଷ କ୍ଷତି ହେଲା ସନ୍ଦେହ ନାହିଁ ।

---

ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ଆଗାମୀ ମାସ ତା ୨୦ ଖଣ୍ଡରୁ ସିମଲାଠାରୁ ଯାତ୍ରାରେ ବିହାରମାନ ହୋଇ ନବେମ୍ବର ମାସ ପ୍ରଥମ ସପ୍ତାହରେ କଲିକତାରେ ପ୍ରବେଶ ହେବେ ଏବଂ ଜାନୁଏରୀ ମାସ ମଧ୍ୟଭାଗରେ ପଦ ତ୍ୟାଗ କରି ବିଲାତ ଯାତ୍ରା କରିବେ । ନୂତନ ଗବର୍ଣ୍ଣରଜେନେରଲ ଜାନୁଏରୀ ମାସ ପୂର୍ବେ ଭାରତବର୍ଷକୁ ଆସି ପାରିବେ ନାହିଁ ।

---

ଏ ସପ୍ତାହରେ ଏ ନଗରରେ ଭରଷା ବୃଷ୍ଟି ହୋଇ ଅଛି । ଦନେ ସୂର୍ଯ୍ୟ ଦର୍ଶନ ନାହିଁ । ଇହିଁ ମଧ୍ୟରେ ଗତମଙ୍ଗଳବାରଠାରୁ ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ସାମାନ୍ୟ ପବନ ସହିତ ଲଗାତର ବର୍ଷା ହେଉ ଥିଲା । ସ୍ୱଛର ବିଷୟ ଯେ ମହାନଦୀ ବିଶେଷ ବଢ଼ି ନାହିଁ । ମାତ୍ର ବ୍ରାହ୍ମଣୀ ଅତିଶୟ ବୃଦ୍ଧି ହେବାରୁ ଦ ୨ ନ ଦଳିଘାଟ ଡାକ ବନ୍ଦ ହୋଇଥିଲା । ସେ ଅଞ୍ଚଳରେ ବନ୍ୟାଦ୍ୱାରା କ୍ଷତି ହେବାର ଶଙ୍କା ହେଉଅଛି ।

---

ବମ୍ବେଇର ହିନ୍ଦୁ ଓ ମୁସଲମାନମାନଙ୍କ ମିଶାଇ ଦେବାପାଇଁ ସେ ପ୍ରଦେଶର ଗବର୍ଣ୍ଣର ଲର୍ଡ ହାରିସ ବିଶେଷ ଯତ୍ନବାନ୍ । ସେ ଏହି ଉଦ୍ଦେଶରେ ଉକ୍ତ ଦୁଇ ସମ୍ପ୍ରଦାୟର ପ୍ରଧାନବ୍ୟକ୍ତିଙ୍କୁ ଡକାଇ ସଦୁପଦେଶ ଏବଂ ପାଲ ଇତ୍ୟାଦି ମିଷ୍ଟାପ ପ୍ରଦାନଦ୍ୱାରା ସମ୍ମାନ କରିଥିଲେ । ଗତ ଦଙ୍ଗାହଙ୍ଗାମରେ ଯେଉଁମାନେ କ୍ଷତିଗ୍ରସ୍ତ ହୋଇଅଛନ୍ତି ସେମାନଙ୍କ ସାହାଯ୍ୟନିମନ୍ତେ ଉକ୍ତ ଉଭୟସମ୍ପ୍ରଦାୟର ପ୍ରଧାନବ୍ୟକ୍ତିଙ୍କର ଗୋଟିଏ ସଭା ହୋଇଥିଲା ଯେ ଯହିଁରେ ମହାମାନ୍ୟ ମହୋଦୟ ସଭାପତିର ଆସନଗ୍ରହଣ କରିଥିଲେ । ଏହି ଦଙ୍ଗାମାନେ ଯେସବୁ ମନ୍ଦିର ଏବଂ ମସଜିଦ ଭାଙ୍ଗି ଯାଇଅଛି ସେ ସବୁର ସଂସ୍କାର ବିଷୟରେ ଗୋଟିଏ କମିଟି ନିଯୁକ୍ତ ହୋଇଅଛି । ସ୍ଥାନୀୟ ଶାସନକର୍ତ୍ତାଙ୍କର ଏପରି କାର୍ଯ୍ୟ ଅବଶ୍ୟ ପ୍ରଶଂସନୀୟ ଅଟଇ ।

---

ଗତ ଅପ୍ରେଲ ମାସ ଲାଟବନ୍ଦିରେ ଅନୁମାନିକ ଶୃଙ୍ଗଖଣ୍ଡ ମହାଲର ରାଜସ୍ୱ ଦେଇ ହୋଇ ନ ଥିବାରୁ କଲେକ୍ଟରେ ଅସେ ଚଳିତମାସ ତା ୧୨ ରଖରୁ ନିଲାମଦିବସ ଧାର୍ଯ୍ୟ ହୋଇଥିଲା । ଏ ଦିନ ପର୍ଯ୍ୟନ୍ତ ଏଗାର ମହାଲ ବ୍ୟତୀତ ଅଉସବୁ ମହାଲର ବାକି ରାଜସ୍ୱ ଦାଖଲ ହୋଇ ଗଲା ଓ ଯେଉଁ ମହାଲର ରାଜସ୍ୱ ମନିଅର୍ଡ଼ରଦ୍ୱାରା ଅପ୍ରେଲମାସ ତା ୨୮ ରଖରୁ ପଠାଯାଇଥିଲା ତହିଁର ମନିଅର୍ଡ଼ର ରସିଦ ଓ ମିଅଦ ବୋର୍ଡଙ୍କ ବିଧି ଅନୁସାରେ ଦାଖଲ ହେବାରୁ ସେସବୁ ମହାଲ ନିଲାମରୁ ମୁକ୍ତ ହେଲା । ଉକ୍ତ ଏଗାର ମହାଲ ନିଲାମ ହେବାରେ ଦୁଇଗୋଟି ମହାଲ ୧୭ ଟଙ୍କାରେ ଗଲା ଏ ଦୁଇ ମହାଲ ଅତି କ୍ଷୁଦ୍ର ଓ ପ୍ରତ୍ୟେକର ସଦରଜମା ଟ ୨୫ ଲେଖାଏ ଅଟଇ । ଭଲିଗୋଟା ମହାଲ ୧୫ ଟଙ୍କାରେ ଓ ବାକି ୨ ଗୋଟି ମହାଲ ଟ ୭ ଟରୁ ଟ ୧୨ ଟ ମଧ୍ୟରେ ନିଲାମ ହୋଇଗଲା । ନିଲାମସମୟ ଏପରି ଜନତା ହୋଇଥିଲା ଯେ କଲେକ୍ଟରସାହେବଙ୍କର ପ୍ରଶସ୍ତ କାମରା ପୂର୍ଣ୍ଣ ହୋଇ ଯାଇଥିଲା।

Split by PDF Splitter

Digitized by srujanika@gmail.com

ଅନେକ ଲୋକ ଛୁଡ଼ାଦୋଳ ରହିଲେ ମିଶନକୁ ଯିବାର କଷ୍ଟ ହେଲ, ତଥାଚ କେହି ନିଲାମରେ ପୂର୍ବାବତ୍ ମୂଲ୍ୟ ଡାକିଲେ ନାହିଁ । ଏପରି ଅଳ୍ପ ମୂଲ୍ୟରେ ହେବୁ ଅଧୁନାତ ବନ୍ଦୋବସ୍ତ ଭିନ୍ନ ଅନ୍ୟ କିଛି ନୁହେ । କାରଣ ଲୋକଙ୍କର ଦୃଢ଼ ବିଶ୍ୱାସ ହୋଇ ଅଛି ନୂତନ ବନ୍ଦୋବସ୍ତ ଏପରି ଶୀଘ୍ର ହେବ ଯେ ଏହି ଜମିବାଡ଼ିର ଲାଭ ପ୍ରାପ୍ତ ହେବ ନାହିଁ । ଯେତେବେଳେ ଏ ବିଶ୍ୱାସ ଭ୍ରମମୂଳକ ହେବ ଏବଂ ଏହାଦ୍ୱାରା ଅନେକ ଜମିଦାର କ୍ଷତିଗ୍ରସ୍ତ ହେଉଥିବାରୁ ଏହା ଶୀଘ୍ର ଦୂର କରିବା ଗବର୍ଣ୍ଣମେଣ୍ଟଙ୍କର ଉଚିତ ହେଉଅଛି ।

—***—

ହିନ୍ଦୁଜନସାଧାରଣ ହିତୈଷିଣୀଙ୍କ ସ୍ୱଜାତି ରକ୍ଷା ଅଭିପ୍ରାୟରେ ତାହାଙ୍କ ସମ୍ପାଦକ ପଣ୍ଡିତମାନଙ୍କରେ ଏକ ସାପ୍ତାହିକ ପତ୍ରିକା ବାହାର କରିବାକୁ ଉଦ୍ୟତ । ବିଜୁଳୀ ନାମକ ଏକ ଉତ୍ତମ ପତ୍ରିକା ବାହାର ହୋଇଅଛି ଏବଂ ତହିଁର ପ୍ରଥମ ସଂଖ୍ୟା ଆମ୍ଭେମାନେ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । ବିଜୁଳୀର ଜନ୍ମସ୍ଥାନ କାମଣ୍ଡାପ୍ରେସ ଓ ସମ୍ପାଦକ ବାବୁ ବାଞ୍ଛାନିଧି ବଳ । ଉଦ୍ଦେଶ୍ୟ ଗୋଲକଧନ୍ଦାର ଯୁକ୍ତି ଖଣ୍ଡନ ଏବଂ ବୈଦେଶିକମାନଙ୍କର ଦୋଷୋଦ୍ଘାଟନ କରିବା । ଯେତେବେଳେ ଉତ୍ତରର କାହାରିକି ଚେତେଇବାର ଏହା ବାହାରୁଥିବ । ତତ୍ପରରେ ଲେଖାଅଛି ଯେ ଏ ପତ୍ରିକା ବିନାମୂଲ୍ୟରେ ବିତରଣ ହେବ ମାତ୍ର ମାଗିବା ଲୋକଙ୍କୁ ଦିଆଯିବ ନାହିଁ ଅଥଚ ତହିଁ ସଙ୍ଗେ ବୋଲା ହୋଇ ଅଛି ଯେ ଗ୍ରାହକଶ୍ରେଣୀଭୁକ୍ତମାନେ ତାହାର ଲଭ୍ୟାଂଶସ୍ୱରୂପ ଡାକ୍ତର ପ୍ରଭୃତିଙ୍କ ଠାରେ ଚିକିତ୍ସା ପାଇପାରିବେ । ଫଳତଃ ଉଦ୍ଦେଶ୍ୟରେ ଦୋଷ ପ୍ରକଟ କରିବା ଏବଂ ଦେଶ ଶୋଧାଇ ଗୁଣ ଗ୍ରହଣ କରିବା ଲୋକଙ୍କୁ କିନା କରେ। ବିଜୁଳୀର ଉଦ୍ଦେଶ୍ୟ ଓ ପ୍ରଥମ ସଂଖ୍ୟାରେ ମୁଦ୍ରିତ ବିଷୟାଦି ଜାଣିବା ସ୍ୱରେନ୍ଦ୍ରନାଥ ମିତ୍ରଙ୍କଠାରୁ ଚନ୍ଦ୍ରଶେଖର ପର୍ଯ୍ୟନ୍ତ ନିନ୍ଦାର ଲକ୍ଷ୍ୟ ହୋଇ ଅଛନ୍ତି ସେ ସ୍ଥଳେ ମାଗିବା ଲୋକଙ୍କୁ ନ ଦେବାର ବ୍ୟବସ୍ଥା ଉତ୍ତମ ହୋଇଅଛି । ତଥାଚ ନିନ୍ଦା-ପାଠକେ ଯେଉଁମାନଙ୍କର ନିତାନ୍ତ ଅନୁରାଗ ସେମାନଙ୍କୁ ପଢ଼ିବା ଲାଗି ସୁବିଧା କରି ଦିଆଯାଇଅଛି । ବିଜୁଳୀର କ୍ଷଣ ପ୍ରକାଶରେ ଉଦୟ ଓ ଅଦୃଶ୍ୟ ହେବାର ଆଶା ଶୀଘ୍ର ଅଛି । ଜନ୍ମରେ ପୂର୍ଣ୍ଣ ହୋଇ ପାରେ ତେବେ ଏହାର ଉଦ୍ଦେଶ୍ୟ ସାଧୁ ଓ ତହିଁର ବିଷୟ ଏକ୍ଷଣକାର ହେବ କଥା

ସେଥିରୁ ରହି ଯିବ ଅପାରଗ ଏତେ ବୋଲିବା ଯଥେଷ୍ଟ ଯେ ଉକ୍ତ ଶୀର୍ଷକ ପ୍ରବନ୍ଧରେ ଲେଖକଙ୍କ ଚେଷ୍ଟା ସଫଳ ହୋଇ ନାହିଁ ।

———

ଶ୍ରୀ ସ୍ୱାମୀ ସିଦ୍ଧନାଥ ସରି ରବିବାର ଅପରାହ୍ନକାଳରେ ପ୍ରିନ୍ସେସ୍ ଥିଏଟରଙ୍କ କୋଠାରେ ପୁଣି ବକ୍ତୃତା ପ୍ରଦାନ କରିଥିଲେ । ଏଥର ବାବୁ ଯୋଗେଶଚନ୍ଦ୍ର ଗୁପ୍ତ ସଭାପତିର ଆସନଗ୍ରହଣ ପୂର୍ବକ ସଭାର କାର୍ଯ୍ୟ ଚଳାଇଥିଲେ । ଶ୍ରୋତାଙ୍କ ସଂଖ୍ୟା ପ୍ରାୟ ଏକଶହ ଥିଲା ଏବଂ ସେମାନଙ୍କ ମଧ୍ୟରେ କେତେକଣ ମାନ୍ୟଗଣ୍ୟ ଲୋକ ଥିଲେ । ସ୍ୱାମୀ ମହାଶୟ ସୃଷ୍ଟିର କ୍ରମୋନ୍ନତି ବ୍ୟାଖ୍ୟା କରି ପ୍ରତିପନ୍ନ କଲେ ଯେ ଜୀବର ଉନ୍ନତି ମନୁଷ୍ୟର କର୍ତ୍ତବ୍ୟ । ଯେ ପରିମାଣରେ ସେ ଜ୍ଞାନଲାଭ କରିବ ସେ ପରିମାଣରେ ସେ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବ ଏବଂ କ୍ରମେ ଅବିଦ୍ୟା ଛାଡ଼ିଯାଇ କେବଳ ବିଦ୍ୟା ବା ଜ୍ଞାନ ରହିଲେ ଜୀବାତ୍ମା ପରମାତ୍ମାଙ୍କଠାରେ ମିଶିଯିବ ଅର୍ଥାତ୍ ମୁକ୍ତିଲାଭ କରିବ । ଜାତୀୟ ଶିକ୍ଷାସାପେକ୍ଷ ବର୍ତ୍ତମାନ କାଳରେ ଜାତିଭେଦ ଓ ଦେଶୀୟ ପ୍ରଥା ଧର୍ମର ପ୍ରଧାନ ଅନ୍ତରାୟ ହୋଇଅଛି । ଧର୍ମଶିକ୍ଷା ଦେବା ବ୍ରାହ୍ମଣମାନଙ୍କର ପ୍ରଧାନ କାର୍ଯ୍ୟ ଥିଲା । ବ୍ରାହ୍ମଣମାନେ ସ୍ୱୟଂ ଅଶିକ୍ଷିତ ହୋଇ ସର୍ବାପେକ୍ଷା ନୀଚ ଦାସବୃତ୍ତି ଅଥବା ଯାଚକବୃତ୍ତି ଅବଲମ୍ବନ କଲେ ଏବଂ ଯାହାଙ୍କର ଯଜମାନ ବୃତ୍ତି ସେମାନେ କ୍ରିୟାକଳାପର ମର୍ମ ନ ଜାଣି ସାମାନ୍ୟ ଦକ୍ଷିଣାଲୋଭରେ ସଂସାରର ପାପ ଆପଣା ମୁଣ୍ଡରେ ନେଲେ ଓ ଧର୍ମପ୍ରଚାରକଙ୍କର ଅସ୍ଥା ଉଠିଗଲା । ଏହି ଅବସରରେ ଖ୍ରୀଷ୍ଟିୟାନ ପ୍ରଭୃତି ଧର୍ମଉପଦେଷ୍ଟାମାନେ ଲୋକଙ୍କୁ ଆପଣା ଧର୍ମକୁ ଟାଣିନେଲେ । ସୁତରାଂ ହିନ୍ଦୁଧର୍ମର ନିତାନ୍ତ ଦୁରବସ୍ଥା ଘଟିଅଛି ଓ ତହିଁର ସଂସ୍କାର ନିତାନ୍ତ ଆବଶ୍ୟକ । ସଂସ୍କାରର ବ୍ୟବସ୍ଥା କରିବା ନିମନ୍ତେ ସର୍ବାଗ୍ରେ ସଭା ସ୍ଥାପନ ହେବା ଉଚିତ । ସେହି ସଭା ଅଧୀନରେ ଧର୍ମଶିକ୍ଷାର ବିଦ୍ୟାଳୟ ଏବଂ ଧର୍ମପ୍ରଚାରକମାନେ ରହି ଲୋକେ ଧର୍ମ ଶିକ୍ଷାଲାଭ କରିବେ ଓ ଧର୍ମସମ୍ବନ୍ଧରେ ସବୁ ଯେଉଁ ସନ୍ଦେହମାନ ଉଠିବେ ତତକ୍ଷଣାରେ ସମସ୍ତେ ବୁଝିବେ । ଏପରି ହେଲେ ଧର୍ମସଂସ୍କାର ଓ ଉନ୍ନତି ହେବ । ଏହିସବୁ କଥା କହି ଏ ନଗରରେ ଗୋଟିଏ ସଭା ସ୍ଥାପନ ନିମନ୍ତେ ଉପସ୍ଥିତ ସଭ୍ୟମାନଙ୍କୁ ଅନୁରୋଧ କରନ୍ତେ ଅନେକ … କାର୍ଯ୍ୟହେଲ ସେ ସଭା ସ୍ଥାପନ ପ୍ରସଙ୍ଗ ପୂର୍ବରୁ ଜଣା ନ ଥିବାରୁ କେହି ତହିଁର ବିଚାର କରିବାକୁ ପ୍ରସ୍ତୁତ ନାହାନ୍ତି ଅତଏବ ଆଉ ଏକଦିନ ସେଥିର ବିଚାର ହେବ । ସଭାର ଭାବକୁ ଦେଖି ଜଣାଗଲା ଯେ ଧର୍ମସଂସ୍କାରର ଆବଶ୍ୟକତାବିଷୟରେ କାହାର ସନ୍ଦେହ ନାହିଁ । ମାତ୍ର ଉପାୟରେ କାହା କିଛି ହେବ ଏ ସମ୍ବନ୍ଧରେ ମତଭେଦ ଅଛି ପ୍ରକୃତରେ ଏ କଥାରେ ଅବଶ୍ୟ କୌଣସିସଙ୍ଗ ସ୍ଥିର ନ ରହିବାସ୍ତେ ପ୍ରସ୍ତାବିତ ସଭା ସ୍ଥାପିତ ହେଲେ ତାହା ସ୍ଥାୟୀ ହେବାର ଆଶା ନାହିଁ । ସ୍ୱାମି ମହାଶୟ ଆପଣା କର୍ତ୍ତବ୍ୟକାର୍ଯ୍ୟ କରୁଅଛନ୍ତି କିନ୍ତୁ ଏଠା ହିନ୍ଦୁସମାଜ ଯେତେ ଜାଗ୍ରତ ହୋଇଥିଲେ ତେବେ ଏହା ଭଗବଦ୍ଭକ୍ତିପ୍ରଦାୟିନୀ ସଭା ଯେପରି ବର୍ତ୍ତମାନ ଜୀର୍ଣ୍ଣାବସ୍ଥାରେ ଅଛି ସେପରି ହୋଇ ଅଚଳ କାର୍ଯ୍ୟ ରହିଥାନ୍ତା ।

———

କଟକ ଜଙ୍ଗଲମହାଲର ବ୍ୟବସ୍ଥା ।

କଟକ ଜଙ୍ଗଲମହାଲ ଅର୍ଥାତ୍ ଓଡ଼ିଶା ଗଡ଼ଜାତମାନ ଆଇନ ବହିର୍ଭୂତସ୍ଥାନ ବୋଲି ବହୁକାଳରୁ ଗଣ୍ୟ ଥିଲେହେଁ ଏଠାବହିଭାଗ ସେସବୁ ବ୍ରିଟିଶ ସରକାର ଏବଂ ଅଂଶ ସ୍ୱରୂପ ପରିଗଣିତ ହୋଇ ଆସୁଅଛି ଏବଂ ତହିଁ ସମ୍ପର୍କରେ କେତେକ ଆଇନ ଜାରି ଥିଲା । ସମ୍ପ୍ରତି ନିଷ୍ପତ୍ତି ହୋଇଅଛି ଯେ ଗଡ଼ଜାତମାନ ବ୍ରିଟିଶ ଭାରତର ଅନ୍ତର୍ଗତ ନୁହେ ଏବଂ ତହିଁରୁ ଏହି ଫଳ ହେଉଅଛି କି ଯେସବୁ ଆଇନ ସେହି ମହାଲମାନଙ୍କ ସମ୍ବନ୍ଧରେ ବର୍ତ୍ତମାନ ଜାରି ଅଛି ତାହା ସବୁ ରହିତ ହେବ ଅଥଚ ସେହି ସବୁ ଆଇନଅନୁସାରେ ଯେସବୁ କାର୍ଯ୍ୟ ହୋଇଅଛି ତାହା ହୋଇ ପାରେ ତାହାସବୁ ବଜାୟ ରଖିବା ଆବଶ୍ୟକ ଅତଏବ ଏହି ବିଷୟରେ ଗୋଟିଏ ଆଇନର ପ୍ରୟୋଜନ ହେବାରୁ କଟକ ଜଙ୍ଗଲମହାଲ ଆଇନ ନାମରେ ଗୋଟିଏ ଆଇନର ପାଣ୍ଡୁଲିପି ମହାମାନ୍ୟ ଗବର୍ଣ୍ଣର ଜେନେରାଲଙ୍କ ବ୍ୟବସ୍ଥାପକସଭାରେ ଅର୍ପିତ ହୋଇଅଛି । ଏହି ଆଇନର ଅଭିପ୍ରାୟ ଏହି କି ଗଡ଼ଜାତିରାଜାମାନଙ୍କର ସୀମା ନିରୂପଣ ବିଷୟକ ସନ ୧୮୫୦ ସାଲର ୧୦ ଆଇନ ଏବଂ ଗୁରୁତର ଅପରାଧ ବିଷୟକ ଦେୱାନୀ କ୍ଷମତା … ସନ ୧୮୧୬ ସାଲର ୧୧ ଆଇନ ସମୁଦାୟ ଏବଂ ଅନ୍ୟ ଆଇନର କୌଣସି ଅଂଶ ରହିତ ହେବ

Split by PDF Splitter
Digitized by srujanika@gmail.com

ମାତ୍ର ଯେ ସମସ୍ତ ଆଇନାନୁସାରେ କ୍ଷମତାପ୍ରାପ୍ତ କାର୍ଯ୍ୟକାରକମାନେ ଯେଉଁସବୁ କାର୍ଯ୍ୟ କରନ୍ତି ତାହାସବୁ ଆଇନ ବୋଲି ସ୍ଥିର ରହିବ । ଏଥିସଙ୍ଗେ ଆଉ ଗୋଟିଏ ପ୍ରସ୍ତାବ ଏହି ହୋଇଅଛି ଯେ ଗଡ଼ଜାତ ମଧ୍ୟରେ ବମା ଇହିଁ ସମ୍ବନ୍ଧରେ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ କ୍ଷମତା ଅଧୀନରେ କାର୍ଯ୍ୟ କରୁଥିବା କୌଣସି ଅଦାଲତ ଯେଉଁ ଲୋକଙ୍କୁ ଦଣ୍ଡ ଦେବେ ଏବଂ କୌଣସି ଗଡ଼ଜାତର ରାଜ୍ୟ ଅଥବା ତାହାଙ୍କ ଅଧୀନସ୍ଥ କୌଣସି ଅଦାଲତ ସେହି ଗଡ଼ଜାତରେ ବାସ କରୁଥିବା ଶ୍ରୀମତୀ ରାଜରାଜେଶ୍ୱରୀଙ୍କର ଯେଉଁ ଦେଶୀୟ ପ୍ରଜା ଅଥବା ଉକ୍ତ ମହାଲର କେଉଁ ଖାସ ପ୍ରଜାକୁ ମା ୬ ସରୁ ଅଧିକ କାଳ କାରାବାସ ଦଣ୍ଡ ଦେବ ସେହି ବ୍ୟକ୍ତିକୁ ମାନ୍ୟବର ବଙ୍ଗୀୟ ଲେପ୍ଟେନାଣ୍ଟ ଇଚ୍ଛା କଲେ ଆପଣା ଶାସନାଧୀନ ରାଜ୍ୟର କୌଣସି ଜେଲଖାନାରେ କଏଦ ରଖାଯିବାର ଅନୁମତି ଦେଇ ପାରିବେ । ଏଥିର ଅଭିପ୍ରାୟ ଏହି କି ଯେ ସମସ୍ତ କଇଦୀଙ୍କୁ ଇଂରାଜ ଜେଲଖାନାରେ ରଖାଯିବାର ଉଚିତ ବିବେଚନା ହେବ ସେମାନେ ଗଡ଼ଜାତ ରାଜାଙ୍କ ଅଧୀନସ୍ଥ ଜେଲଖାନାରେ ପଡ଼ି ରହିବେ ନାହିଁ । ରାଜାମାନଙ୍କ ଜେଲଖାନା ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ଜେଲଖାନାପରି ସୁଶାସିତ ନୁହଇ ଏବଂ ଇଂରାଜପ୍ରଜା କେହି ଗଡ଼ଜାତରେ ଅପରାଧ କଲେ ତାହାକୁ ଦୀର୍ଘକାଳ ସେଠା ଜେଲଖାନାରେ ରହିବାର ଭଲ ନୁହେ ।

ପ୍ରସ୍ତାବିତ ଆଇନଦ୍ୱାରା କାହାର କଷ୍ଟ ଆପତ୍ତି ହେବାର ସମ୍ଭାବନା ନାହିଁ ଏବଂ ଏଥିର ବିଷୟ ମଧ୍ୟ ସାମାନ୍ୟ ସୁତରାଂ ବିଶେଷ କମିଟୀଙ୍କୁ ଅର୍ପିତ ନ ହୋଇ ଆଗାମୀ ଅଧିବେଶନରେ ଏହା ପାଶ ହେବାର କଥା ଅଛି ।

---

## ସର୍ ହେନେରିନରମାନ୍ ।

ଭାରତବର୍ଷର ବର୍ତ୍ତମାନ ଗବର୍ଣ୍ଣରଜେନରଲ ମହାମାନ୍ୟ ଲର୍ଡ ଲାନସ୍‌ଡାଉନଙ୍କ କାର୍ଯ୍ୟକାଳ ପାଞ୍ଚବର୍ଷ ପୂର୍ଣ୍ଣ ହେବାରୁ ତାହାଙ୍କୁ ଅବସର ଦେବା କାରଣ ଜେନେରଲ ସର୍ ହେନରି ନରମାନ ଜି, ସି, ଏସ୍ ଏମ୍ ନିଯୁକ୍ତ ହେବାର ସରକାରୀ ସମ୍ବାଦ ପ୍ରକାଶିତ ହୋଇଅଛି । ଏହାଙ୍କ ନିଯୋଗ ଅବଶ୍ୟ ଅପ୍ରତ୍ୟାଶିତ ଅଟଇ । ଭାରତରେ ଇଂରାଜ ରାଜତ୍ୱ ଆରମ୍ଭ ହେବାଠାରୁ କେବଳ ସର୍ ଜନ ଲରେନ୍ସଙ୍କ ଛଡ଼ା ଗବର୍ଣ୍ଣରଜେନରଲ ପଦରେ ବିଲାତର ଲର୍ଡବଂଶୀୟ ସମ୍ଭ୍ରାନ୍ତବ୍ୟକ୍ତିମାନେ ଏପଦ ପ୍ରାପ୍ତ ହୋଇ ଆସୁଥିଲେ ଏବଂ ଏଥିପାଇଁ ଲର୍ଡ ହରସଲ ଲର୍ଡ କ୍ରୋମର ପ୍ରଭୃତିଙ୍କ ନାମ ଏଥର ଶୁଣା ଯାଉଥିଲା । ବର୍ତ୍ତମାନ ବିଲାତର ପ୍ରଧାନ ମନ୍ତ୍ରୀ ବିଶେଷ ବିବେଚନା କରି ଲର୍ଡବଂଶୀୟଙ୍କୁ ଉପେକ୍ଷା କରି ଅଛନ୍ତି । ସର୍ ହେନରି ନରମାନ ଜଣେ ପ୍ରାଚୀନ ଲୋକ । ତାହାଙ୍କର ବୟସ ବ ୬୭ ବର୍ଷ ଅଟଇ । ପ୍ରଥମାବସ୍ଥାରୁ ଭାରତବର୍ଷ ତାହାଙ୍କର କାର୍ଯ୍ୟଭୂମି । ସେ ପ୍ରଥମେ କଲିକତାସ୍ଥ ଏକ ସରକାରୀ ମହକୁମାର ଜଣେ ନିମ୍ନ ଶ୍ରେଣୀର କେରାଣୀ ଥିଲେ । ସେଥିରେ ତାହାଙ୍କର ମନ ନ ମାନିବାରୁ ସନ ୧୮୪୪ ସାଲରେ ଏକ ବଙ୍ଗୀୟ ସେନାଦଳରେ ଭରତି ହୋଇ ଆପଣାର ପ୍ରତିଭା ଓ ଯୋଗ୍ୟତାବଳରେ କ୍ରମଶଃ ପଦୋନ୍ନତି ଲଭି ୧୮୫୭ ସାଲର ସିପାହିବିଦ୍ରୋହ କାଳରେ କି ତେତେବେଳେ ତାହାଙ୍କର ବୟସ ବ ୩୦ ବର୍ଷ ହୋଇଥିଲା ଦିଲ୍ଲୀଠାରେ ନିଯୁକ୍ତ ଥିବା ସେନାଦଳର ଏଜଣ୍ଟଜେନରଲ ପଦ ପ୍ରାପ୍ତ ହେଲେ । ଏ କାର୍ଯ୍ୟରେ ସେ ଅପାର ତତ୍ପରତା ଏବଂ ରଣକୌଶଳତା ପ୍ରଦର୍ଶନ ପୂର୍ବକ ଇଂରାଜଙ୍କ ସମ୍ମାନ ରକ୍ଷା କରିବା ହେତୁ ସେ ସମୟର ବଡ଼ଲାଟ ସର୍ ହେନରି ଲରେନ୍ସଙ୍କଠାରୁ ବିଶେଷ ପ୍ରଶଂସା ଲାଭ କରିଥିଲେ । ଏଥି ଉତ୍ତାରୁ ସେ ବିଲାତରେ ଗୋଟିଏ ସୈନିକବିଭାଗର ସେକ୍ରେଟେରୀକାର୍ଯ୍ୟ ସମ୍ପାଦନ କରି ପୁନର୍ବାର ଭାରତବର୍ଷକୁ ସୈନିକବିଭାଗର ସେକ୍ରେଟେରୀ ହୋଇ ଆସିଲେ ଏହି କାର୍ଯ୍ୟରୁ ସେ ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କ ସଭାରେ ସେନାବିଭାଗର ସଦସ୍ୟପଦରେ ନିଯୁକ୍ତ ହୋଇ ବ ୭ ବର୍ଷକାଳ ତାହା ଭୋଗ କରି ପେନସନ୍ ନେଇ ବିଲାତକୁ ଚାଲିଗଲେ । ସେଠାରେ ଇଣ୍ଡିଆ କାଉନ୍‌ସିଲର ଜଣେ ସଭ୍ୟପଦରେ କିଛିକାଳ ରହି ଜେମେକାର ଗବର୍ଣ୍ଣର ହେଲେ ଏବଂ ଶେଷରେ ସନ ୧୮୮୮ ସାଲରେ କୁଇନ୍‌ସଲାଣ୍ଡର ଗବର୍ଣ୍ଣର ନିଯୁକ୍ତ ହୋଇ ଅଦ୍ୟାବଧି ସେହି କାର୍ଯ୍ୟରେ ଥାଇ ଭାରତବର୍ଷର ଗବର୍ଣ୍ଣରଜେନରଲ ନିଯୁକ୍ତ ହୋଇ ଅଛନ୍ତି ।

ଉପରଲିଖିତ ବିବରଣରୁ ପ୍ରକାଶ ଯେ ଭାରତସମ୍ବନ୍ଧରେ ଏହାଙ୍କର ବିଶେଷ ଅଭିଜ୍ଞତା ଏବଂ ବହୁଦର୍ଶିତା ହେତୁ ଏହି ସର୍ବୋଚ୍ଚ ପଦ ଶ୍ରୀମତୀ ଭାରତେଶ୍ୱରୀ ଏହାଙ୍କୁ ପ୍ରଦାନ କରିଅଛନ୍ତି ଏବଂ ଯଦ୍ୟପି କ ଏହାଙ୍କର ବାର୍ଦ୍ଧକ୍ୟ ହେତୁ ଆଶାନୁରୂପ ପରିଶ୍ରମ କରି ପାରିବେ କାହିଁ ବୋଲି ସନ୍ଦେହ ହୁଅଇ ମାତ୍ର ଯେ ସ୍ଥଳେ ବିଲାତର ଅନ୍ୟାନ୍ୟ ଲୋକ ଏହାଙ୍କ ବୟସରେ ଯଥୋଚିତ ଉତ୍ସାହ ଏବଂ ପରିଶ୍ରମ ସହିତ ବୃହତ ଭାରମାନ ନିର୍ବାହ କରିବାର ଦେଖାଯାଏ ସେ ସ୍ଥଳେ ଏ ମହାଶୟ ତାହା କରି ପାରିବେ ସନ୍ଦେହ ନାହିଁ । ପ୍ରକୃତରେ ବଳ ନ ଥିଲେ ସେ ସମ୍ମତ ହୁଅନ୍ତେ ନାହିଁ ଏବଂ କୁଇନ୍‌ସଲାଣ୍ଡରେ ସୁଖ୍ୟାତି ସହିତ କାର୍ଯ୍ୟ କରିବାରୁ ଆଶା ହେଉଅଛି ଯେ ଭାରତରେ ଏହାର ଅନ୍ୟଥା ହେବ ନାହିଁ ଏବଂ ତାହାଙ୍କ ଶାସନକାଳରେ ଆମ୍ଭମାନଙ୍କର ମଙ୍ଗଳ ହେବ ।

---

## ଉଦ୍ଧତ ଅଧ୍ୟାପକର ବିଚାର ।

ଚୌଧୁରୀ ରାଧାଶ୍ୟାମ ନିଗମମହାପାତ୍ର ଉତ୍ତଶର ଅସିଷ୍ଟାଣ୍ଟ ସେଟଲମେଣ୍ଟ ଅଫିସର ପ୍ରିଡ଼ିଚସାହେବଙ୍କ ନାମରେ ବଙ୍ଗେଶ୍ୱରଙ୍କ ନିକଟକୁ ଯେଉଁ ଦରଖାସ୍ତ ପଠାଇଥିଲେ ତହିଁର ବିଶେଷ ନିଷ୍ପତ୍ତି ବଙ୍ଗନିବାସୀରେ ପ୍ରକାଶିତ ହୋଇଅଛି । ଏହି ନିଷ୍ପତ୍ତି ଅତ୍ୟନ୍ତ ଦୀର୍ଘ ଥିବାରୁ ଅମ୍ଭେମାନେ ତହିଁପାଇଁ ସ୍ଥାନ ଯୋଗାଇବାକୁ ଅକ୍ଷମ ହୋଇ ତହିଁର ମର୍ମ ପାଠକମାନଙ୍କୁ ଜଣାଉ ଅଛୁଁ ।

ବଙ୍ଗୀୟ ଲେପ୍ଟେନାଣ୍ଟ ଚୌଧୁରୀ ରାଧାଶ୍ୟାମନିଗମଙ୍କ ଆବେଦନପତ୍ର ତଦନ୍ତ ନିମନ୍ତେ ଓଡ଼ିଶା କମିଶନରଙ୍କ ନିକଟକୁ ପଠାଇଥିଲେ ଏବଂ ପ୍ରିଡ଼ିଚସାହେବଙ୍କୁ କୈଫିୟତ ତଲବ କରିଥିଲେ । ପ୍ରିଡ଼ିଚ ସାହେବ ଯେଉଁ କୈଫିୟତ ଦେଲେ ତହିଁରେ କେତେକ ବିଷୟ ସ୍ୱୀକାର ଓ କେତେକ ବିଷୟ ଅସ୍ୱୀକାର କଲେ । ସେ କୈଫିୟତ ସେଟଲମେଣ୍ଟ ଅଫିସର ମଡ଼ସାହେବ ଆପଣା ଚିଠି ସହିତ ପଠାଇଲେ ମାତ୍ର ସେ ଚିଠିରେ ପ୍ରିଡ଼ିଚ ସାହେବଙ୍କ ଅନ୍ୟାୟ ଆଚରଣ ସମ୍ବନ୍ଧରେ କିଛି ନ କହି କେବଳ ଦରଖାସ୍ତଲିଖିତ ବିଷୟମାନ ଅତି ରଞ୍ଜିତ ଥିବା ଏବଂ ପ୍ରିଡ଼ିଚ ସାହେବଙ୍କର କିଛି ଦୋଷ ନ ଥିବାର ବ୍ୟକ୍ତ କଲେ । କମିଶନର ସାହେବ ମଧ୍ୟ କିଛି ତଦନ୍ତ ନ କରି ପ୍ରିଡ଼ିଚ ସାହେବଙ୍କ କୈଫିୟତ ଅନୁସାରେ ଏପରି ସିଦ୍ଧାନ୍ତ କଲେ ଯେ ବନ୍ଧୁକମାନ ଲୋକଙ୍କୁ ଭୟ ଦେଖାଇବା ଏବଂ ଅବେଦନକାରୀଠାରୁ ଜାମିନ ନ ନେଇ ଦୁଇଦିନ ତାହାକୁ ହାଜତରେ ରଖିବା ନିତାନ୍ତ ଅନ୍ୟାୟ ହୋଇଥିଲେହେଁ ସେ [illegible]

Split by PDF Splitter



ଏହା ସବୁ କରିଥିଲେ ଏବଂ ଆବେଦନକାରୀ ସ୍ୱଚ୍ଛକାର୍ଯ୍ୟରେ ବାଧା ଦେବା ଓ ସାହେବ ଅନ୍ତରଙ୍ଗର କାରଣ ଥିବାରୁ ଏପରି ଘଟିଲା । ମାନ୍ୟବର ଗେଜେଟ ଏଥିପାଇଁ ମଢ଼ି ସାହେବଙ୍କୁ ନିନ୍ଦା କରିଅଛନ୍ତି ଏବଂ କମିଶନର ସାହେବଙ୍କ ପ୍ରତି ବିଶେଷ ତଦନ୍ତ କରିବାର ଆଦେଶ ଥିବାପ୍ରତ୍ୟକ୍ଷେ ସେ କିଛି ନ କରିବାରୁ ବଡ଼ ଅସନ୍ତୋଷ ପ୍ରକାଶ କରି କହିଅଛନ୍ତି ଯେ ସ୍ପଡ଼ିଚ ସାହେବ ଯେ ସବୁ ବିଷୟ ଅସ୍ୱୀକାର କରିଅଛନ୍ତି ତହିଁର ସତ୍ୟତା ଜଣା ପଡ଼ିଲା ନାହିଁ । ସେଟଲମେଣ୍ଟ ଅଫିସର ଅଥବା କଲମାଜିଷ୍ଟ୍ରେଟ ଅଥବା ସ୍ୱୟଂ କମିଶନର ସାହେବ ସରଜମିନ ତଦନ୍ତ କରିଥିଲେ ସ୍ପଡ଼ିଚ ସାହେବ ଯେ ସବୁ କଥା ଅସ୍ୱୀକାର କରିଅଛନ୍ତି ସେ ସବୁ ଠିକ କି ନା ଜଣା ପଡ଼ିଆନ୍ତା । ତାହା ନ ହେବାରୁ ସ୍ପଡ଼ିଚ ସାହେବଙ୍କ କୈଫିୟତ ଓ ଦଣ୍ଡଶାସ୍ତ୍ରଲିଖିତ ବିଷୟ ଉପରେ ନିର୍ଭର କରିବାକୁ ହେଉଅଛି । କମିଶନର ଓ ମଢ଼ିସାହେବ ଦୁହେଁ ସ୍ପଡ଼ିଚ ସାହେବଙ୍କ ଲିଖିତ ବିବରଣକୁ ଗ୍ରହଣ କରିଅଛନ୍ତି । ସେହି ବିବରଣରୁ ପ୍ରକାଶ ଯେ ସ୍ପଡ଼ିଚ ସାହେବ ଟେନାନ୍ସି କାର୍ଯ୍ୟବିଧିର ଧା ୧୫୯ ସ ଅନୁସାରେ ଦଣ୍ଡଶାସ୍ତ୍ରଦାଦର ତାହାଙ୍କ ଜମିଦାରୀ ଅନ୍ତର୍ଗତ ମୌଜାମାନଙ୍କର ଖାନିକା ଜଲଦ କରିଥିଲେ । ତାଲିକା ନ ହେବାରୁ ସେହି କାର୍ଯ୍ୟବିଧିର ଧା ୧୬୪ ସ-ଅନୁସାରେ ଗିରପ୍ତାରୀ ପରୱାନା ଜାରି କଲେ ଅବଶ୍ୟକ ସ୍ଥଳେ କୌଣସି ବ୍ୟକ୍ତି ନାମରେ ହାଜର ହେବାର ନମ୍ବା କାଗଜ ଦାଖଲ କରିବାର ସମନ ଧା ୧୫୯ ସ ଅନୁସାରେ ଜାରି କରିବା ଓ ତାହା ବିଫଳ ହେଲେ ଧା ୧୬୦ ଅନୁସାରେ ଗିରପ୍ତାର କରି ଆଣିବା ଏବଂ ଦୁଇର ଉପଯୁକ୍ତ କାରଣ ନ ଦର୍ଶାଇଲେ ଟ ୫୦ ଙ୍କାପର୍ଯ୍ୟନ୍ତ ଜରିମାନା କରିବାର ଅଧିକାର ସେଟଲମେଣ୍ଟଅଫିସର ଗତ ଅପ୍ରେଲମାସ ତା ୧୧ରିଖର ଘୋଷଣା ଦ୍ୱାରା ସବୁଯାକ ସେଟଲମେଣ୍ଟଅଫିସରମାନଙ୍କୁ ଦେଇଅଛନ୍ତି । ଏହି ଆଦେଶମାନ ଆଇନସିଦ୍ଧ କି ନା ଏ ବିଷୟରେ ବହୁ ସନ୍ଦେହ ଅଛି ଏବଂ ତହିଁର ବିଚାର ସ୍ୱତନ୍ତ୍ରସ୍ଥଳରେ ହେବ । ସେ ବିଚାରର ଫଳ ଯାହା ହେଉ ପଛକେ ଅଧୁନା ବୋଲିବାକୁ ହେବ ଯେ ସ୍ପଡ଼ିଚ ସାହେବ ଉକ୍ତ ଧର୍ମଗୁରୁଙ୍କ ଅପେକ୍ଷାରେ ସମନ ଓ ୱାରେଣ୍ଟ ଜାରି କରିବାରେ **ଅପଣା** କର୍ତ୍ତବ୍ୟକାର୍ଯ୍ୟ କରିଅଛନ୍ତି । ଜନ୍ତୁ ୱାରେଣ୍ଟ ଜାରିଠାରୁ ଶେଷ ଆଦେଶ ଦେବା ପର୍ଯ୍ୟନ୍ତ ତାହାଙ୍କର ସ୍ୱୀକାରମତେ ସମସ୍ତ କାର୍ଯ୍ୟ ନିତାନ୍ତ ଅନ୍ୟାୟ ଓ ଶୋଚନୀୟ ଅବିବେକପୂର୍ଣ୍ଣ ହୋଇଅଛି । ୱାରେଣ୍ଟ ଜାରି କରିବାକୁ ସ୍ୱୟଂ ଯିବା ବେଆଇନ ଅଟେ ବିଶେଷତଃ ସେ ୱାରେଣ୍ଟ ତାହାଙ୍କ ପାଖରେ ନ ଥିଲା । ଯେଉଁ ବ୍ୟକ୍ତି ୱାରେଣ୍ଟ ଜାରି କରିବ ତାହାର ନାମ ସେଥିରେ ଲେଖାଯିବ ତାହା ବିନା ଅନ୍ୟ କେହି ଜାରି କଲେ ବେଆଇନ ହେବ । ଏଥି ଉପରେ ସ୍ପଡ଼ିଚ ସାହେବ ବନ୍ଧୁକ ଓ ଘୋଡ଼ା ଘେନି ଗଲେ ଏବଂ ବନ୍ଧୁକ ଗୁଳି ଆଣି ନ ଥିବାର ଦେଖାଇବାପାଇଁ ଫାଏର କଲେ ଏବଂ ଜାନ୍ଧି ଡେଇଁ ଘରେ ଅନଧିକାର ପ୍ରବେଶ କଲେ । ଆବେଦନକାରୀଙ୍କୁ ଗିରପ୍ତାର କଲାବେଳେ ହ୍ୟାଣ୍ଡକିଫରେ ତାହାର ଗୋଡ଼ ମାତ ପକାଇଲେ ମାତ୍ର ଏହା ଜାଣି ଶୁଣି କରି ନ ଥିବାର କହନ୍ତି । ତହିଁଉତ୍ତାରୁ ଆବେଦନକାରୀଙ୍କୁ ସଇସ ହାତରେ ଧରାଇବା ପାଇଁକରେ ସନ୍ତ୍ରେହୁଇ ନେଇ ବେହେରାମାନଙ୍କୁ ବାନ୍ଧିବାକୁ ପୁଣି ଡକାଇ ନେବା ଆନାରେ ଲୁଣ୍ଠିବା ଓ ସନ୍ଧ୍ୟାସମୟରେ ଅପଣା ଉମ୍ବୁକୁ ଡକାଇ ନେଇ ଏକଘଣ୍ଟା ପର୍ଯ୍ୟନ୍ତ ରଖିବାର ସ୍ପଡ଼ିଚ ସାହେବ ସ୍ୱୀକାର କରିଅଛନ୍ତି । ଏ ସମସ୍ତ କାର୍ଯ୍ୟରେ ସ୍ପଡ଼ିଚ ସାହେବ କେବଳ ଆଇନକୁ ତୁଚ୍ଛ କରି ଅଛନ୍ତି ଏମନ୍ତ ନୁହେ ଆବେଦନକାରୀଙ୍କୁ ଅଯଥୋଚିତ ଅପମାନ କରିଅଛନ୍ତି । ଗିରପ୍ତାର କଲା ଉତ୍ତାରୁ ତାହାଙ୍କର ଜାମିନ ନେବାର ଅଥବା ପୁଲିସକୁ ଜାମିନ ନ ନେବାକାରଣ ଆଦେଶ ଦେବାର ଉଚିତ ଥିଲା । ଜାମିନର ପ୍ରାର୍ଥନା ଅଗ୍ରାହ୍ୟ କରି ଶେଷରେ ଟ ୨୫୦୦୧ ଙ୍କାର ମୁଚଲିକା ନେଲେ । ଓ ତହିଁର ଦୁଇଦିନ ଉତ୍ତାରୁ ଟ୫୦୦୧ ଜରିମାନା କଲେ । ପ୍ରଥମେ ଟ ୫୯୦୧ ଙ୍କା ଜରିମାନା କରିଥିଲେ ମାତ୍ର ଟ ୫୦୦୧ ଙ୍କାରୁ ଅଧିକ ଜରିମାନା କରିବାର ଅଧିକାର ନ ଥିବାର ସ୍ମରଣ ହେବାରୁ ଟ ୯୦୧ ଙ୍କା ଛାଡ଼ି ଦେଲେ । ମାନ୍ୟବର ଗେଜେଟଙ୍କ ବିବେଚନାରେ ସ୍ପଡ଼ିଚ ସାହେବଙ୍କର ଏ ସମସ୍ତ କାର୍ଯ୍ୟ ଦାରୁ ସାଧିବା ଅଭିପ୍ରାୟର ସାକ୍ଷ୍ୟଦେଉଅଛି । ଆବେଦନପତ୍ରର କୌଣସି ଅଂଶ ଅତିରଞ୍ଜିତ ହୋଇଥିବ ଏବଂ ସ୍ପଡ଼ିଚ ସାହେବଙ୍କ ଯତ ବ୍ୟବହାରଦ୍ୱାରା ତାହାଙ୍କର କୌଣସି କାର୍ଯ୍ୟ ହୋଇଥିବ ମାତ୍ର ଉପରେ ଯେ ସମସ୍ତ ଲେଖାଗଲା ତହିଁରୁ ସପେଷ୍ଟରୂପେ ପ୍ରତୀୟମାନ ହେଉଅଛି ଯେ ସ୍ପଡ଼ିଚ ସାହେବ ଅପଣା ଅଧିକାରର ନିତାନ୍ତ ଅପବ୍ୟବହାର କରିଅଛନ୍ତି ଏବଂ ସମୁଚିତ ଶିକ୍ଷା ଓ ଶାସ୍ତି ବିନା ତାହାଙ୍କୁ ଛାଡ଼ ଦିଆଯାଇ ନ ପାରେ । ବଡ଼ ଆଶ୍ଚର୍ଯ୍ୟବିଷୟ ଯେ ଆବେଦନକାରୀ ଏତାଦୃଶ କଷ୍ଟ ପାଇଲେ ଅଥଚ ସ୍ପଡ଼ିଚ ସାହେବ, ମଢ଼ି ସାହେବ କମ୍ବା କମିଶନର ସାହେବ କେହି ପଦେ ହେଲେ ଦୁଃଖ ପ୍ରକାଶ କରି ନାହାନ୍ତି । ଅତଏବ ସ୍ପଡ଼ିଚ ସାହେବ ଯାହା ଏକଟିଂ ଡେପୁଟି ମାଜିଷ୍ଟ୍ରେଟ ହୋଇଥିଲେ ତାହା କଟିଗଲା । ଏକବର୍ଷ ପର୍ଯ୍ୟନ୍ତ ସେ କୌଣସି ପ୍ରକାର ପଦୋନ୍ନତି ପାଇବେ ନାହିଁ ଏବଂ ପ୍ରଥମ ଛମାସ ଦ୍ୱିତୀୟଶ୍ରେଣୀର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ କ୍ଷମତା ବ୍ୟବହାର କରିବେ । ଏହି ଏକବର୍ଷ ସେ କଲା ମାଜିଷ୍ଟ୍ରେଟଙ୍କ ଅଧୀନରେ ସଦର ମୁକାମରେ ରହି ଅପଣା ଦୁର୍ନାମ ଘୁଞ୍ଚାଇବାପ୍ରତି ସହବାନ୍ ହେବେ ।

ଆବେଦନକାରୀ ଉପରେ ଯେଉଁ ଟ ୫୦୦୧ଙ୍କା ଅର୍ଥଦଣ୍ଡ ହୋଇଥିଲା ତାହା ଫେରି ଦିଆଯିବ । ଟେନାନ୍ସି କାର୍ଯ୍ୟବିଧିର ଧା ୧୬୪ ସ ଅନୁସାରେ ଯେଉଁ ଆଦେଶ ହୋଇଅଛି ଗେଜେଟ ତହିଁର ମୀମାଂସା କରି ନାହାନ୍ତି । ଅପିଲ ହେଲେ ଉଚିତ ଅଦାଲତ ତହିଁର ବିଚାର କରିବେ । ସ୍ପଡ଼ିଚ ସାହେବଙ୍କ ନାମରେ ଫଉଜଦାରୀରେ ନାଲିସ କରିବାର ଅନୁମତି ଦିଆଯିବ ନାହିଁ

ଉପରଲିଖିତ ବିବରଣରେ ପାଠକମାନେ ଦେଖିବେ ଯେ ସ୍ଥାନୀୟ ଏବଂ ବଙ୍ଗୀୟ ପ୍ରଧାନକର୍ମଚାରୀମାନେ ଯଥା ମାଜିଷ୍ଟ୍ରେଟ କମିଶନର ଓ ସେଟଲମେଣ୍ଟଅଫିସର ଉପଯୁକ୍ତ ଅନୁସନ୍ଧାନ ବିନା ସ୍ପଡ଼ିଚ ସାହେବଙ୍କ କଥାରେ ବିଶ୍ୱାସ କରି ଏ ମାମଲାକୁ ଉଡ଼ାଇ ଦେବାକୁ ବସିଥିଲେ । ମାନ୍ୟବର ଏକଟିଂ ଗେଜେଟ ମହୋଦୟଙ୍କ ଅନୁଗ୍ରହରେ ଗୃହୀତ ନ ହୋଇ କର୍ମଚାରୀମାନଙ୍କୁ ଯଥାଯୋଗ୍ୟ ତିରସ୍କାର କରିଅଛନ୍ତି ଏବଂ ସ୍ପଡ଼ିଚ ସାହେବଙ୍କ ସ୍ୱୀକାରମତେ ଯେ ଦୋଷ ପ୍ରକାଶ ହୋଇଅଛି ତାହା ବସ୍ତୁଭବ୍ୟାନ ତାହାଙ୍କୁ ଦଣ୍ଡ ଦେଇଅଛନ୍ତି ଏଥିପାଇଁ ସେ ବିଶେଷ ଧନ୍ୟବାଦର ପାତ୍ର ସନ୍ଦେହ ନାହିଁ । ଅକାରଣ ଜଣେକ ନିର୍ଦ୍ଦୋଷୀ ଭଦ୍ରଲୋକ ଏତେ କଷ୍ଟ ଓ ଅପମାନ ସହ୍ୟ କରିବାର ଦେଖି ଗେଜେଟଙ୍କ ମନ ବ୍ୟଥିତ ହେଲା ବୋଲି ସିନା ସେ ତହିଁର ବିସ୍ତାରିତ ଅନୁସନ୍ଧାନ ଓ ବିଚାର କରିବାକୁ ପ୍ରବୃତ୍ତ ହେଲେ ? ବଙ୍ଗୀୟ କର୍ମଚାରୀଙ୍କ ପରି ଦଣ୍ଡଶାସ୍ତ୍ର ଅନୁକୂଳ ପ୍ରକାର କହି କହି ନ ଥିଲେ କଏ ମନା କରନ୍ତା ? ମାନ୍ୟବର

Digitized by srujanika@gmail.com

ମାକଡୋନେଲ ସାହେବ ଜଷ୍ଟିସ୍‌ଙ୍କ ନିମନ୍ତେ ଏ ପ୍ରଦେଶର ଲେଫ୍ଟେନାଣ୍ଟ ହୋଇଥିବା ପ୍ରତ୍ୟକ୍ଷେ ଏ ବିଷୟର ଯଥାର୍ଥ ବର୍ଣ୍ଣନପୂର୍ବକ ଦୋଷିଙ୍କୁ ଦଣ୍ଡ ଦେବାଦ୍ୱାରା ଇଂରାଜଙ୍କ ନ୍ୟାୟଶାସନର ପ୍ରକୃତ ଗୌରବ ରକ୍ଷା କରିଅଛନ୍ତି । ଏପରି ଶାସନକର୍ତ୍ତା କାହାର ଭକ୍ତିଭାଜନ ନ ହେବେ । ଦଣ୍ଡର ପରିମାଣରୁ ତାହାଙ୍କ ଦୟାର୍ଦ୍ରହୃଦୟର ମଧ୍ୟ ପରିଚୟ ମିଳୁଅଛି । ଏକପକ୍ଷରେ ଜଣେ ସିଭିଲିଆନପ୍ରଭୃତି କାର୍ଯ୍ୟବିଭାଗସ୍ଥ ପ୍ରଥମ ଅପରାଧ ନିମନ୍ତେ ଏହି ଦଣ୍ଡ ଯଥେଷ୍ଟ ବୋଲଯାଇ ପାରେ । କେବଳ ଏତକ ବିଷୟ ରହିଲା କି ଯେଉଁସ୍ଥଳେ ପଣ୍ଡିତ ସାହେବଙ୍କ କାର୍ଯ୍ୟରୁ ତାହାଙ୍କର ଈର୍ଷାଭାବର ସ୍ପଷ୍ଟ ଆଭାସ ମିଳୁଅଛି ଏବଂ ଆବେଦନକାରୀ ସ୍ପଷ୍ଟ କହୁଅଛି ଯେ ସେ ଈର୍ଷାବଶତଃ ତାହାକୁ ପୀଡ଼ା ଦେଇଅଛନ୍ତି ସେସ୍ଥଳେ ଉପଯୁକ୍ତ ଅଦାଲତରେ ତାହାର ବିଚାର ହେବା ନିମନ୍ତେ ଅନୁମତି ଦେବାର ଉଚିତ ଥିଲା । ଯେବେ ଏପରସ୍ଥଳେ ଅନୁମତି ପ୍ରାର୍ଥନା ଅଗ୍ରାହ୍ୟ ହେବ ତେବେ ଆଉ କେଉଁସ୍ଥଳେ ତାହା ଗ୍ରାହ୍ୟ ହେବ ଏକଥା ଯେବେ ଅମ୍ଭେମାନେ ସ୍ଥିର କରି ପାରୁ ନାହୁଁ ।

# ସାପ୍ତାହିକ ସମ୍ବାଦ ।

କଣ୍ଟାନଗରର ସ୍କୁଲଇନସ୍ପେକ୍ଟର ସବ ଇନ୍‌ସ୍ପେକ୍‌ଟରମାନଙ୍କ ମଧ୍ୟରୁ ଜଗନ୍ନାଥ ରଥ ବାବୁ କଟକ ଡିଭିଜନ ସଃ ଇଃ ବ୍ରହ୍ମପୁର ରେଞ୍ଜରୁ ଗଞ୍ଜାମ ସଃ ଇଃ ରେଞ୍ଜକୁ ବଦଳି ହୋଇଅଛନ୍ତି ।

## କଲିକତା—ଗେଜେଟ ।

ବର୍ଦ୍ଧମାନ ଡେପୁଟୀ କଲେକ୍ଟର ମିଃ ଜେମ୍ସ ଟେଲର ପ୍ରକାଶ୍ୟ-ବିଜ୍ଞାପନ ଅନୁସାରେ (୧୬) ଆଇନାନୁସାରେ ରାଜସ୍ୱସମ୍ବନ୍ଧୀୟ କାଗଜପତ୍ରର କ୍ଷମତା ପ୍ରାପ୍ତ ହେଲେ ଓ ଉକ୍ତ ଆଇନାନୁସାରେ ପ୍ରଣୀତ ନିୟମାବଳୀର ପଞ୍ଚ ଅଧ୍ୟାୟର ୧ ଧାରା ଅନୁସାରେ ଓଡ଼ିଶାର ସବଡିଭିଜନ ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହେଲେ ।

ଯାଜପୁରରେ ଅବସ୍ଥାପିତ କଟକ ଜିଲ୍ଲାର ଅତିରିକ୍ତ ମୁନ୍‌ସଫ ବାବୁ ଶ୍ୟାମାଚରଣ ଚକ୍ରବର୍ତ୍ତୀ ବାବୁ କୃଷ୍ଣଗୋପାଳ ସରକାରଙ୍କ ଛୁଟୀ ହେତୁ ଅନୁପସ୍ଥିତ କାଳରେ ଏକ ଶହ ଟଙ୍କା ପର୍ଯ୍ୟନ୍ତ, ୫ ୫୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ମୋକଦ୍ଦମା ବିଚାରଣାର୍ଥ ଯାଜପୁର ମୁନସଫୀର ସ୍ଥାନୀୟ ସୀମା ମଧ୍ୟରେ ବିଚାର ନିମନ୍ତେ ସ୍ମଲକଜକୋର୍ଟର କ୍ଷମତା ପ୍ରାପ୍ତ ହେଲେ ।

ମୋଲବି ଅବଦୁଲ ଜବାର କଟକ ଜିଲ୍ଲାର ଅତିରିକ୍ତ ମୁନ୍‌ସଫ ପଦରେ ନିଯୁକ୍ତ ହୋଇ ବର୍ତ୍ତମାନ ବାଲେଶ୍ୱରଠାରେ ଅବସ୍ଥାପିତ ହେଲେ ।

ଯାଜପୁର ମୁନ୍‌ସଫ ବାବୁ କୃଷ୍ଣଗୋପାଳ ସରକାର ଏକ ମାସ ନଅ ଦିନର ଛୁଟୀ ପ୍ରାପ୍ତ ହେଲେ ।

କଟକ ସହର ମଧ୍ୟରେ ଜୁବିଲି ଭିକ୍ଟୋରିଆ ପାର୍କ ନିମନ୍ତେ ଜମି ଗ୍ରହଣ କରିବାର ଯେଉଁ ବିଜ୍ଞାପନ ୧୮୯୧ ସାଲ ମଇମାସ ତା ୨୬ ରିଖର କଲିକତାଗେଜେଟରେ ପ୍ରକାଶିତ ହୋଇଥିଲା ତାହା ରହିତ ହେଲା ।

---

ବୋମ୍ବାଇର ଦଙ୍ଗା–ହଙ୍ଗାମା ମୋକଦ୍ଦମାରେ ୬ ଜଣ ମୁସଲମାନ ସର୍ଦ୍ଦାର ଦୁଇବର୍ଷ ଲେଖାଏଁ କଠିନ ପରିଶ୍ରମ ସହିତ କାରାଦଣ୍ଡର ଆଦେଶ ପାଇଅଛନ୍ତି । ଅନ୍ୟ ୫୦ ଜଣଙ୍କ ମଧ୍ୟରୁ ୧୮ ଜଣ ଦୁଇବର୍ଷ, ୬ ଜଣ ଦେଢ଼ବର୍ଷ ଏବଂ ୧୬ ଜଣ ମାସ ଲେଖାଏଁ କାରାଦଣ୍ଡ ପାଇଅଛନ୍ତି । ଜଣକୁ ଏକଶହ ଟଙ୍କା ଅର୍ଥଦଣ୍ଡ ନ ଦେଲେ ଛମାସ ମିଆଦ ଓ ଗୋଟିଏ ବାଳକକୁ ବେତ୍ର ୧୨ ଟି ଦଣ୍ଡାଜ୍ଞା ହୋଇଅଛି ୫ ଜଣ ଦଙ୍ଗା ହଙ୍ଗାମାରେ ଲିପ୍ତ ଥିବାର ପ୍ରମାଣ ନୋହିବାରୁ ମୁକ୍ତି ପାଇଲେ ଓ ଅନ୍ୟ ୭ ଜଣ ଆସାମୀ ହାଜର ନୋହିବାରୁ ସେମାନଙ୍କ ନାମରେ ଓ୍ୱାରେଣ୍ଟ ବାହାରିଅଛି ।

ମାଡାଗାସ୍କାରଠାରେ ଛାଡ଼ପତ୍ର ଦେବା ପ୍ରଥା ନିତାନ୍ତ ସହଜ ଅଟଇ । ସ୍ୱାମି ଗୋଟିଏ ମୁଦ୍ରା ନେଇ ସ୍ତ୍ରୀ ହସ୍ତରେ ଦେଇ 'ଅମ୍ଭେ ତୁମ୍ଭଙ୍କୁ ଧନ୍ୟବାଦ ଦେଉଅଛୁଁ' କହିଲେ ଛାଡ଼ପତ୍ରକ୍ରିୟା ସମ୍ପନ୍ନ ହେଲା । ଇଉନାଇଟେଡଷ୍ଟେଟର ପ୍ରଚଳିତ ଛାଡ଼ପତ୍ର ପ୍ରଥାଠାରୁ ଏହା ଅଧିକତର ସହଜ ।

ପୃଥିବୀର ସମସ୍ତ ରାଜପରିବାରଠାରୁ ଶ୍ୟାମଦେଶର ରାଜପରିବାର ବୃହତ୍ ଅଟଇ । ଏ ରାଜାଙ୍କର ୭୦୦ ରାଣୀ, ଗୋ ୭୨ ଟି ସନ୍ତାନ, ଗୋ ୫୦ ଟି ଭ୍ରାତା ଓ ଭଗିନୀ ଏବଂ ଖୁଡ଼ତା ଓ ପିଉସ ହୋଇ ଗୋ ୨୨୭ ଟି ଅଛନ୍ତି । ରାଜାଙ୍କର ବୟସ ବ ୧୫ ବର୍ଷ ହେବା ସମୟରେ ସେ ଗୋ ୬ ଟି ସନ୍ତାନର ପିତା ହୋଇଥିଲେ ।

ଚୀନ ଦେଶରେ ସତୀପ୍ରଥାର ଅଦ୍ୟାପି ଆଦର ଥିବାର ସମ୍ବାଦ ମିଳଇ । ଅଲ୍ପଦିନ ଗତେ ଗୋଟିଏ ରମଣୀ ଆପଣା ସ୍ୱାମିର ମୃତ୍ୟୁର ଅବ୍ୟବହିତ ପରେ ଆତ୍ମହତ୍ୟା କରିଥିବାରୁ ତତ୍‌ବିଷୟ ସ୍ମରଣାର୍ଥେ ସେ ଦେଶରେ ରାଜା ଏକ ଫଟକ ନିର୍ମାଣ କରଇ ଅଛନ୍ତି । ଏହି ରମଣୀଟି ଆପଣା ଦେହରୁ ମାଂସ ଖଣ୍ଡିଏ କାଟି ଔଷଧରେ ମିଶ୍ରିତ କରି ପୀଡ଼ିତ ସ୍ୱାମିଙ୍କ ଖାଇବାକୁ ଦେଇଥିଲେ ମାତ୍ର ତହିଁରେ ସୁଦ୍ଧା ସ୍ୱାମୀ ଆରୋଗ୍ୟ ଲାଭ ନ କରି ମୃତ୍ୟୁମୁଖରେ ପତିତ ହେବାରୁ ସ୍ୱର୍ଣ୍ଣ ଓ ସୀସାର ଗୁଣ୍ଡ ସେବନ କରି ଆପଣାର ପ୍ରାଣ ତ୍ୟାଗ କରିଅଛି ।

ଜର୍ମ୍ମାନିରାଜ୍ୟରେ ଅପରାଧର ସଂଖ୍ୟା ଭୟାନକରୂପରେ ବର୍ଦ୍ଧିତ ହୋଇଥିବାର ସମ୍ବାଦ ମିଳଇ । ସନ ୧୮୯୦ ମସିହାରେ ଏଥିର ସଂଖ୍ୟା ୩୮୧୪୫୦ ଥିଲା ମାତ୍ର ସନ ୧୮୯୧ ମସିହାରେ ୩୯୧୦୭୪ ହୋଇଥିଲା । ସନ ୧୮୯୦ ମସିହାରେ ୪୧୦୦୨ ଜଣ ଅପ୍ରାପ୍ତବୟସ୍କ ଲୋକ ଦଣ୍ଡିତ ହୋଇଥିଲେ ମାତ୍ର ସନ ୧୮୯୧ ମସିହାରେ ଏହାଙ୍କ ସଂଖ୍ୟା ୪୨୩୯୨ ଜଣ ହୋଇଥିଲା ।

ଗତ ଅଗଷ୍ଟମାସ ତା ୨୮ ରିଖରେ ଅନେକସ୍ଥାନରେ ଭୟାନକ ତୋଫାନ ହୋଇ ଉତ୍ତର ଓ ଦକ୍ଷିଣ କେରୋଲିନା, ଜର୍ଜିଆ ଏବଂ ଫ୍ଲୋରିଡାର ଉପକୂଳ ସମୁଦ୍ର ଜଳରେ ଭାସି ଯାଇଥିବାର ସମ୍ବାଦ ମିଳଇ । ଏଥିରେ ୧୦୦୦ ଜଣ ଲୋକ ନଷ୍ଟ ହୋଇଥିବାର କଥିତହୁଏ ।

ସାର ମର୍ଟିମର ଡୁରାଣ୍ଡ ଭାରତଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଯେଉଁ ଭେଟିମାନ ଆମୀରଙ୍କ ସକାଶେ ନେଇ ଯାଇଅଛନ୍ତି ତହିଁ ମଧ୍ୟରେ ଆମୀରଙ୍କ ପୁତ୍ରମାନଙ୍କ ନିମିତ୍ତ ଗୋ ୬ ଟି ଅଲଗା ଛାଟ ଅଛି ।

ବୋମ୍ବାଇର ବିଗତ ଦଙ୍ଗା–ହଙ୍ଗାମାରେ ୫ ୭୦୦୦ ଟଙ୍କା ମୂଲ୍ୟର ସମ୍ପତ୍ତି ଲୁଣ୍ଠିତ ହୋଇଥିବାର ସମ୍ବାଦ ମିଳଇ ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

## ବିବାଦଭଞ୍ଜନ !

ମାନ୍ୟବର ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

କେତେକ ଦିବସହେଲା କବିମାନଙ୍କର ଆନ୍ଦୋଳନ ଶୁଣି ୨ ନିମ୍ନଲିଖିତ କବିତାପଦ୍ୟ ଯନ୍ତ୍ରିତ କରିବାର ମାନସ କଲିବାରୁ ଉକ୍ତେଷ କଲ୍ପି ଅନୁଗ୍ରହପୂର୍ବକ ଆପଣଙ୍କ ବହୁଳ୍ୟାତପତ୍ରିକାରେ ସ୍ଥାନଦାନକରି ବାଧିତ କରିବା ହେବ ।

ପୂର୍ବକାଳରେ ମଧ୍ୟ ଉପେନ୍ଦ୍ରଙ୍କର ଉକ୍ତି ଦେଖାଯିବାରୁ ସ୍ୱୟଂ କବିକୁଳଚନ୍ଦ୍ର ବିଷୟରେ କିବା କହିଥିଲେ । ଯଥା ।

ଦିନକୃଷ୍ଣ ଜୟଦେବ ପଦୟରେ ଶରଣ ।
ଅନ୍ୟକବିଙ୍କ ଶିରରେ ଅମ୍ଭର ଚରଣ ।

ଶ୍ଳୋକ ।

ବରମେକୋ ଗୁଣୀ ପୁତ୍ରଃ ନ ଚ ମୂର୍ଖଶତୈରପି ।
ଏକଶ୍ଚନ୍ଦ୍ରସ୍ତମୋ ହନ୍ତି, ନ ଚ ତାରାଗଣୈରପି ॥

ଅର୍ଥଦ୍ୱାରା ଆନନ୍ଦ ହୋଇ ଅନର୍ଥକ ବାକ୍‌ବିତଣ୍ଡାରୁ ଶାନ୍ତ ହେବା ପାଇଁ ସମସ୍ତ ଗୁଣଜ୍ଞମାନଙ୍କୁ ପ୍ରାର୍ଥନା ।

| | |
|---|---|
| । ମୁ । ବାଲେଶ୍ୱର ୭।୯।୯୩ | ଶ୍ରୀ ରଘୁନାଥ ମହାନ୍ତି । ସା । ଚୋଥପୁର । ପ୍ରା ପାଏକା । ଜି । କଟକ |

---

ଶ୍ରୀଳ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ସବିନୟ ନିବେଦନ ମିଦଂ ।

ମହାଶୟ !

ଅମ୍ଭର ଏହି ନିମ୍ନଲିଖିତ ପ୍ରବନ୍ଧ ଗୋଟିକୁ

Split by PDF Splitter

Digitized by srujanika@gmail.com

Split by PDF Splitter



ସଂଶୋଧନ କରି ଆପଣଙ୍କ ବିଖ୍ୟାତ ପତ୍ରିକାରେ ପ୍ରକାଶ କରି ବାଧିତ କରିବେ ।

ଗତ ଶ୍ରାବଣ ପୌର୍ଣ୍ଣମୀଦିନ ଖୁମ୍ବରର ସ୍ୱର୍ଗୀୟ ରାଜା ଶ୍ରୀ ଶ୍ରୀ ଶ୍ରୀ ବ୍ରଜରାଜ ଭଞ୍ଜଙ୍କର ସଦା ଧର୍ମ-ପ୍ରିୟା ପଟ୍ଟମହଷୀ ମହୋଦୟା ଉସୁଲକୁଣ୍ଡାର ଜଣେ ମହାଜନ କଲେମସେଟି ଜଗନ୍ନାଥଭୁଲୁଙ୍କୁ ନେଷ ଖଜଣାକର ଦେଅଣ ନେଅଣ ମହାଜନୀ ବ୍ୟବସାୟରେ ବିଶ୍ୱାସରୂପେ ଚଳାଇବାରୁ ମହା-ଜନଙ୍କୁ ପୁରସ୍କାର ସ୍ୱରୂପ ଟ ୩୦ ଙ୍କାର ଗୋଟିଏ ପାଟ ଯଥା ଅର୍ଥାତ୍ ଟ ୫୦ ଙ୍କାର ଗୋଟିଏ ସ୍ୱର୍ଣ୍ଣ-କଙ୍କଣ ଦେଇ ନାନାପ୍ରକାର ବାଜା ଓ ସମାରୋହ ସହିତ " କଲେମସେଟି ଜଗନ୍ନାଥଭୁଲୁଙ୍କୁ " କଲେମସେଟି ଜଗନ୍ନାଥଭୁଲୁ "ସ୍ୱକୁର୍ଷି" ପଦ ପ୍ରଦାନ କରିଅଛନ୍ତି । ଏହି ଉତ୍ସବ ଦିନରେ ଏଠାରେ ଖୁମ୍ବରର ସମସ୍ତ ଭଦ୍ର ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ । ଇତି ।

ଖୁମ୍ବର ୧୫।୯।୯୩ } ଆପଣଙ୍କ ବଶମ୍ବଦ
ଉସୁଲକୁଣ୍ଡା } ଶ୍ରୀ ହରିହରତ୍ରିପାଠୀ ଶର୍ମ୍ମା

## ମୂଲ୍ୟପ୍ରାପ୍ତି ।

| | |
|---|---|
| ରଜା ବଲ୍ଲେ ନନ୍ଦୀଗଡ଼ | ଟ ୩୧ |
| ବାବୁ ବୃନ୍ଦାବନ ମହାପାତ୍ର ଗୋର୍ଣ୍ଣ | ଟ ୨୧ |
| " କପିଳେଶ୍ୱର ଦଣ୍ଡପାଟ ବଣିପଡ଼ା | ଟ ୩୧ |
| " ଯୋଗେନ୍ଦ୍ରମିଶ୍ର ଶର୍ମ୍ମା ଖାଉଜଉଣ୍ଡିହପୁର | ଟ ୨୧ |
| " କୃଷ୍ଣଚନ୍ଦ୍ର ମହାନ୍ତି ଦାରୋଗା ବଡ଼ବା | ଟ ୩୧ |
| " ସୁଦର୍ଶନ ଦାସ କଟକ | ଟ ୧୧ |
| " ଚାରୁସୁର୍ଦ୍ଦାଇ ସିଂହ ଗାଗଡେଉ | ଟ ୩୧ |
| " ସୋମନାଥ ମହାନ୍ତି " | ଟ ୩୧ |
| " ଦ୍ୱାରିକାନାଥ ଚକ୍ରବର୍ତ୍ତୀ କଟକ | ଟ ୧୧ |
| " ସାଧାନାଥ ଘୋଷ " | ଟ ୧୧ |
| H. McPherson Esqr. Khorda | Rs. 3, |
| ବାବୁ ମାଧବାନନ୍ଦ ମହାନ୍ତି ନୂଆଗାଁ | ଟ ୩୧ |
| ରଜା ବଲ୍ଲେ ଶୁକବା | ଟ ୩୧ |

# ବିଜ୍ଞାପନ ।

ପୁରୀଧାମର ଶ୍ରୀ ଶ୍ରୀ ଜଗନ୍ନାଥ ଠାକୁରଙ୍କର ମନ୍ଦିରର ସଂସ୍କରଣ ବିଷୟକ ସୂଚୀ ।

| | | |
|---|---|---|
| ପୂର୍ବ ପ୍ରକାଶ ସମଷ୍ଟି | ଟ | ୧୦୧୧୧୧ ୧ ୧୧ |
| ବାବୁ ମହେନ୍ଦ୍ରନାଥ ସ୍ୱର୍ଣ୍ଣକାର ଚଉଦ୍ୱାର | ଟ | ୨ |
| " ତ୍ରିଦିବଗଙ୍ଗ ବାର ଏଜର | ଟ | ୧ |
| ଜଗସିଂହ ମହାଜନମାନେ ଜଗଦ୍ଧାତ୍ରୀ | ଟ | ୧୦୮ |
| ବାବୁ କଟକ ସରକାର ଅବୈତନିକ | | |
| ବଙ୍ଗର ସରକାର ଅବୈତନିକ | | |
| ସେକ୍ରେଟେରି ଦ୍ରାଷ୍ଟ ଦର ଭାର୍ଜିହଙ୍କ | ଟ | ୩୦୬ |
| " ହର ପ୍ରସାଦ ଦାସକାର୍ଯ୍ୟ | ଟ | ୨ |
| " ଦୀନନାଥ ମିଶ୍ର ପୁର | ଟ | ୪ |
| " କୃଷ୍ଣଚନ୍ଦ୍ର ସିଂହ ପଣ୍ଡିତ | ଟ | ୨୦ |
| ଶ୍ରୀମତୀ ଆନନ୍ଦମୟୀ ଦାସୀ ଗୋହୋର | ଟ | ୫ |
| ପ୍ରସନ୍ନମୟୀ ଦାସୀ ଏଜର | ଟ | ୨ |
| ଶ୍ରୀମନ୍ତରଙ୍ଗବାହୁବଳେ ଦେବୀ ସହିତ | ଟ | ୧୫।୨।୮ |
| ବାବୁ ବସ୍ତିରଣ ଦାସ ଭଞ୍ଜଙ୍କ | ଟ | ୧୫ |
| " ଧ୍ରୁବ ମଙ୍ଗଳ ଏଜର | ଟ | ୮ |
| ଭାକ୍ତର କୃଷ୍ଣଙ୍କର ଅବୈତନିକ | | |
| ସେକ୍ରେଟେରି ଦ୍ରାଷ୍ଟପଣ୍ଡ ମଲିକପୁର | ଟ | ୧୯୩ |
| ମିଷ୍ଟର ରାଧା ଜଳ ଭାଣ୍ଡୋର | ଟ | ୧୦ |
| ବାବୁ ଗିରିଶଚନ୍ଦ୍ର ଦାସ ଘୋଷ | | |
| କୁମୁଦେଖା | ଟ | ୧ |
| " ସରୋଜଚନ୍ଦ୍ର ବସୁ ଉଦୟପୁର | | |
| ସେଉଥି | ଟ | ୩ |
| " ଜାଗତ୍ପୁରର ଗୋଚ ଖାରଣ | ଟ | ୨ |
| କୁମାର ହରେନ୍ଦ୍ରଲାଲ ଖାଁ | | |
| ମେଦିନୀପୁର | ଟ | ୧୦୦ |
| ବାବୁ ଗୁରୁଦେବ ମୁଖର୍ଜ୍ଜି | | |
| ଅଲାହାବାଦ | ଟ | ୪ |
| " ଉଗବାନ ଦାସ, ଶିବଶଙ୍କର ଲାଲ | | |
| ଉତତ୍ ହଜାରିବାଗ | ଟ | ୫ |
| " କ୍ଷେତ୍ରମୋହନ ପଣ୍ଡା ଏବ | | |
| ମଯୂରଭଞ୍ଜ ରଜାଙ୍କର ଅମଲମାନେ | ଟ | ୫୦ |
| ଶ୍ରୀମତୀ କୃଷ୍ଣପ୍ରିୟା ଦାସୀ ଗୋଠାଲ | ଟ | ୧୦୦ |
| " ଚନ୍ଦ୍ରମଣି ଦାସୀ ଭୁଣ୍ଡି | ଟ | ୨ |
| " ଚନ୍ଦ୍ରାବତୀ ଦାସୀ ଏଜର | ଟ | ୧ |
| ତ୍ରିକାଏତ ରାଧାମୋହନ ସିଂହ ଏଜର | ଟ | ୨୫ |
| ମହନ୍ତ କାଳୀପ୍ରସାଦ, ଉତ୍ତରଦ- | | |
| ମୁଆଇଥର | ଟ | ୫୦ |
| ବାବୁ ଉଗବାନ ଦାସ ଉତ୍ତର | | |
| ହଜାରିବାଗ | ଟ | ୫ |
| " ଗୌରହରି ବସ୍ତ୍ର, | | |
| ଅବକାଶ ଗୋବଦାନ ଖାଲେଶ୍ୱର | ଟ | ୧୦ |
| ମୋଟ | ଟ | ୧୦୧୭୫୨।୫।୧୧ |

ଶ୍ରୀ ହରବଲ୍ଲଭ ଘୋଷ
ଅବୈତନିକ ସେକ୍ରେଟେରି
ତା ୧ ଅଣ ସେପ୍ଟେମ୍ବର ସନ ୧୮୯୩ ମସିହା ।

## ବାବୁ ବିଶ୍ୱେଶ୍ୱର ଦାସ ।

**ଅସିଷ୍ଟାଣ୍ଟ ସର୍ଜନ**

କଟକ କଲେଜ ପଡ଼ାରେ ଥାଇ ଚିକିତ୍ସା କରିବା ଏବ ସେ ସମ୍ବନ୍ଧରେ ପରାମର୍ଶ ଦେବାକୁ ପ୍ରସ୍ତୁତ ଅଛନ୍ତି ।

## ପୂଜା ଉପହାର ! ପୂଜା ଉପହାର !! ପୂଜା ଉପହାର !!!

"ପ୍ରେମଲତା ପୁସ୍ତକ ବିନା ମୂଲ୍ୟରେ ଉପ-ହାର" ଅସନ୍ତା ପୂଜା ମଧ୍ୟରେ ଯେଉଁମାନେ "ସ୍ତ-ପେଣ୍ଟର ବା କଟକ ସଙ୍ଗୀତ" ପୁସ୍ତକ (ମୂଲ୍ୟ ଟ ୦ ।/ ଦୁଇଅଣା ମାତ୍ର ) କ୍ରୟ କରିବେ ସେମାନଙ୍କୁ "ପ୍ରେମଲତା" ବିନା ମୂଲ୍ୟରେ ପ୍ରଦତ୍ତ ହେବ । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।

ମୁନସଫି ଅଦାଲତ, କଟକ

ମକଦମା ନ ୨୫୭୩ ମୁର ସନ ୧୮୯୩

ଜଗନ୍ନାଥ ସାଓ, ଟେନେଟୋସି ଓଡ଼ିଶା କର୍ପୋରେସନ । ବାଦୀ—

ବନାମ

ଗୁରୁପ୍ରସାଦ ଦାସ ପ୍ରତିବାଦୀ

ଏତଦ୍ୱାରା ଓଡ଼ିଶା କର୍ପୋରେସନ ଉଲ୍ଲେଖିତ ପ୍ରେସର ସମସ୍ତ ଅଂଶିଦାରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଜଗନ୍ନାଥ ସାଓ ବାଦୀ ସମସ୍ତ ଅଂଶିଦାରମାନଙ୍କ ସପକ୍ଷରୁ ଉପ-ରୋକ୍ତ ମକଦମା ଚଳାଇବା କାରଣ ଏହି ଅଦାଲତରୁ ଅନୁମତି ଗ୍ରହଣ କରି ଉକ୍ତ ମକ-ଦମା ଦାୟର କରିଅଛନ୍ତି ଓ ଉକ୍ତ ମକଦମା ବିଚାର ନିମନ୍ତେ ଚଳିତ ମାସ ତା ୨୨ ରିଖ ଧାର୍ଯ୍ୟ ହୋଇଅଛି ।

କଟକ ମୁନସଫି } J. N. Mukerji
୧୨।୯।୯୩ } *Munsief.*
ମୁନସଫ

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।/ ଦୁଇଅଣା ମାତ୍ର ।

( ଉପର ସହ ଅନେକ, ଏଣୁବର ଛୋଟମାନଙ୍କୁ ଜଣାଣ )

"ଯାହା ନ ଦେଖିବ ଦୁଇ ନୟନେ, ପରଛେ ନ ପିବ ଗୁରୁବଚନେ ।"

ଓଡ଼ିଆ ସଙ୍ଗୀତମାନଙ୍କର ଭେଦଭେଦ ସାର ସଂଗ୍ରହ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଚରିଣୀ ଓ ନୂଆ ସଙ୍ଗୀତ ସନ୍ନିବେଶିତ ହୋଇ-ଅଛି । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ-ଯାଉଅଛି ଯେ ନିମ୍ନଲିଖିତ ପାଠମାନ ଏହି

Digitized by srujanika@gmail.com

ଜିଲ୍ଲା ଭିଃ ବୋର୍ଡ ମହକୁମାରେ ନେଇ ଦିଅ-
ମ୍ବରମାସ ତା ୨୫ ରେଖ ସ୍ୱେକ ସୋମବାର
ପୂର୍ବାହ୍ନ ଘ ୧୨ ଟିକା ସମୟେ ମାଂ୬ ସ ସକାଶେ
ଉକ୍ତମ ହେବ। ଯେଉଁମାନେ ନିମ୍ନଲିଖିତ ସାଟି-
ଫିକେଟ ନେବାକୁ ଇଚ୍ଛା କରନ୍ତି ଉପରୋକ୍ତ
ତାରିଖରେ ଏ ମହକୁମାରେ ହାଜର ହୋଇ
ନିଲାମ ଡାକ ପାଇବେ।

ଲୁଣାଘାଟ ଟୁ ପୁଦହଂସ।
ଇନ୍ଦ୍ରାପୁଳା ଭଉଦ୍ରପୁର
ନଦ୍ଦାନଦୀ ଘଉପୁର ଓ ଲଦ୍ଧୁପୁର

Cuttack Dist'. Bd's Office. 2—9—93. } M. S. Das, Vice Chairman.

## ଶୀଘ୍ର ନିଅ ! ନିଅ ! ନିଅ !!

ପୁସ୍ତକ ସଂଖ୍ୟା ଅଳ୍ପ ଅଛି।

ଗ୍ରାହକମାନଙ୍କ ସୁବିଧା କାମନାରେ ଅମ୍ଭ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ ଅଦ୍ୟଠାରୁ ଅର୍ଦ୍ଧମୂଲ୍ୟରେ ବିକ୍ରୟ କରିଲୁ।

| | | |
|---|---|---|
| ସଙ୍ଗୀତ ସାଗର | ପ୍ରଥମ ତରଙ୍ଗ | ଟ ୦ ୬/ |
| ଏତକ | ଦ୍ୱିତୀୟ ଏତକ | ଟ ୦ ୬/ |
| ଏତକ | ତୃତୀୟ ଏତକ | ଟ ୦ ୬/ |
| ଏତକ | ଚତୁର୍ଥ ଏତକ | ଟ ୦ ୬/ |
| ଗୀତଚମ୍ପୂ | | ଟ ୦ / |
| ଅଭିଳାଷ କ୍ଷେତ୍ର | | ଟ ୦ / |

ଏହି ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ, ବୁକ୍ ଏଜେଣ୍ଟ ବାବୁ ଶ୍ରୀ ରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଦୋକାନରେ, ଚୌଧୁରୀବଜାରସ୍ଥ ବାବୁ ଲକ୍ଷ୍ମୀନାରାୟଣ ସାହୁଙ୍କ ଡାକ୍ତରଖାନାରେ ଏବଂ ବାଲୁବଜାରସ୍ଥ ପଣ୍ଡିତ ଶ୍ରୀ ଗୋବିନ୍ଦରଥଙ୍କ ଦୋକାନରେ ମିଳିବ।

କଟକ ୨।୯।୯୩ } ଶ୍ରୀ ଦାମୋଦର ପଟ୍ଟନାୟକ।

## ଅମୀନ ! ଅମୀନ !

ବାମଣ୍ଡା ସ୍ୱଦରଭଦସିଲର (ଦେଶୀୟ-ଷ୍ଟେଟରେ) ଜରିପ ବନ୍ଦୋବସ୍ତ କାର୍ଯ୍ୟ ଆଗାମୀ ଦୁର୍ଗାପୂଜା ପରେ ଆରମ୍ଭ ହେବାର ସ୍ଥିର ହୋଇଅଛି, ଏଥିନିମନ୍ତେ ଉପଯୁକ୍ତଅନୁସାରେ ମାସିକ ଟ ୧୦ ଟ ୧୨ (ବାରଟଙ୍କା) ବେତନରେ ୬୦ (ଷାଠିଏ) ଜଣ ଅମୀନ ଆବଶ୍ୟକ। ସେମାନେ ଆପଣା ବେତନରୁ ଆପଣାର ଖର୍ଚ୍ଚ ଚଳାଇବେ। ଅମୀନ ସଂଗ୍ରହ ଭାର ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ଉପରେ ଅର୍ପଣ କରା-
ଯାଇଅଛି। କର୍ମପ୍ରାର୍ଥୀମାନେ ସେମାନଙ୍କ ନିକଟରେ ଆପଣାପର କାର୍ଯ୍ୟଦକ୍ଷତାର ପରିଚୟ ଦେବେ। ସେମାନେ ଯେଉଁମାନଙ୍କୁ ମନୋନୀତ କରିବେ ସେମାନେ ଅସ୍ଥି ଜିଲ୍ଲା କାର୍ଯ୍ୟରେ ନିଯୁକ୍ତ ହୋଇପାରିବେ। ଦଶହଜାରରୁ ଅଧିକର ଅମୀନମାନଙ୍କୁ ଏଠାରେ ଉପସ୍ଥିତ ହେବାକୁ ହେବ।

ଅମୀନ ସଂଗ୍ରହକାରଙ୍କ ନାମ ଓ ଠିକଣା

୧। ବାବୁ ଜୀବନ୍ଗ୍ରାହୀ ପଟ୍ଟନାୟକ
। ଭି। କୁଠିଆ, ସପୁର ପୋଃ
କଟକ

୨। ଲକ୍ଷ୍ମୀଧର ପଟ୍ଟନାୟକ
। ଭି। ଇଲପୁର। ପ୍ର। ଅଳଗ। ତା। ଗୋ-
ପାଳପୁର କୁଆଁ ପାଇ ପୋଃ କଟକ

ଉପରୋକ୍ତ ଉଭୟବ୍ୟକ୍ତିଙ୍କ ମଧ୍ୟରୁ ଏକବ୍ୟକ୍ତିଙ୍କ ପାଖରେ ଆବେଦନ କଲେ ଚଳିପାରିବ। ଇତି।

ସ୍ୱହସ୍ତାଖ୍ୟା କେବଗଡ଼ ୨୨।୮।୯୩ } ସ୍ୱା ଶ୍ରୀ ସୁଢ଼ଳଦେବ । ଭ। ବାମଣ୍ଡା

## ତୃତୀୟପାଠର ବ୍ୟାଖ୍ୟା।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରଭୃତି ଓ ଦୁର୍ବୋଧ ସ୍ଥଳମାନଙ୍କର ବିଶଦ ବିବୃତି ଏବଂ ଐତିହାସିକ ଓ ଭୌଗଳିକ ବିବରଣ ସନ୍ନିବେଶିତ ହୋଇଅଛି। ଇଣ୍ଟ୍ରାନ୍ସ ସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଛାତ୍ରବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଶିକ୍ଷକମାନଙ୍କ ପକ୍ଷରେ ଏ ପୁସ୍ତକ ଅତୀବ ପ୍ରୟୋଜନୀୟ। ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ। ମୂଲ୍ୟ ୮ ଅଣା। କଟକ ବରବାଟିକାର ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି।

## Sita-mai-ki Andira

## ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତି ଚମତ୍କାର ଘଟଣା, ଏପରି ପୁସ୍ତକ ଉତ୍କଳଭାଷାରେ ଅଦ୍ୟାପି ମୁଦ୍ରିତ ହୋଇ ନାହିଁ। ଆବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ।

ମୂଲ୍ୟ .. ଟ ୦/୬ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କପୁସ୍ତକାଳୟରେ ପ୍ରାପ୍ତବ୍ୟ

## ନୂତନପୁସ୍ତକ।

ଉତ୍କଳଇତିହାସର ପ୍ରଶ୍ନୋତ୍ତର ମୂଲ୍ୟ ଟ ୦/୬ ଶ୍ରୀ ସୀତାନାଥ ସ୍ୱାଇଁଙ୍କ ଦ୍ୱାରା ସଙ୍କଳିତ। ଅପର-ପ୍ରାଇମେରୀପରୀକ୍ଷାର୍ଥୀଙ୍କ ସୁବିଧାର୍ଥେ ଏହି ପୁସ୍ତକ ସଙ୍କଳିତ ହୋଇ ଅଛି। ଉତ୍କଳଇତିହାସ ପାଠ ନ କରି କେବଳ ଏହି ପ୍ରଶ୍ନୋତ୍ତର ପାଠ କଲେ ବାଳକମାନେ ଇତିହାସପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ।

ନିମ୍ନଲିଖିତ ପୁସ୍ତକର ପରିବର୍ତ୍ତିତ ନୂତନ-ସଂସ୍କରଣ ପ୍ରକାଶିତ ହୋଇ ଅଛି।

ସରଳଭୂଗୋଳପାଠ (୫ମ ସଂସ୍କରଣ) ଟ ୦/
ସ୍କୁଲର ଜ୍ୟାମିତି (୩ୟ ସଂସ୍କରଣ) ଟ ୦୫
ଲିପିମାଳା (୨ୟ ସଂସ୍କରଣ) ଟ ୦।

## ବିଚ୍ଚମସାହେବଙ୍କ ବଟିକା।

## (BEECHAM'S PILLS.)

ଫଳଦେବତାରେ ଏକ ୨ ଫରୁଥିର ମୂଲ୍ୟ ଏକ ୨ ମୋହରରୁ ଶସ୍ତା ହୋଇଯାଇ ପାରେ। ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି। ଏଥିରେ ପାରଦ ତଥା ଇତ୍ୟାଦି ଖଣିଜ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ। ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ। ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ କରିବାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ଜାଡ୍ୟୋଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର [illegible] ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ। ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟିସାଧନରେ ଅତ୍ୟନ୍ତ ଉପକାରୀ।

ଇଉରୋପୀୟର ସକଳଦେଶର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ। ମୂଲ୍ୟ ପ୍ରତିକୌଟାର ଆକାର ଅନୁସାରେ ଟ ୦।୫ ଟ ୦ ୧୦ ଓ ଟ ୦ ୫/ ଅଟଇ। ଡାକଖର୍ଚ୍ଚା ପୃଥକ୍ ଦେବାକୁ ହେବ।

## New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Split by PDF Splitter
Digitized by srujanika@gmail.com

Split by PDF Splitter




Webb's Keys to English Entrance Course for 1892 and 1893.
S. P. Ghosh's Key to English Entrance Course for 1894.
Chambers' Etymol. Dictionary.
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.



## ଘଣ୍ଟିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

କାଟାକବାର ପ୍ରେସ ବଜା ଦୋକାନରେ ଛିନ୍ନକୁଷେ ମରାମତି ହେବା ଓ ଯନ୍ତ୍ର ସମସ୍ତରେ ପାଉଥିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅନେକ ଘଡ଼ୀ ମରାମତର କାର୍ଯ୍ୟାରମ୍ଭ କରାଯାଇଅଛି । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ତତ୍ତ୍ୱ ଜାଣି ପାରିବେ ।



## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ଘରତଳେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବ-ଙ୍ଗଳ, ରେଶମୀ ଓ ଗରଦ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରଦ ଦର ସେହି ଲୁଗା-ଉପରେ ଲେଖା ଅଛି ଇହା ଗ୍ରାହକମାନଙ୍କ ପ-କ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେହି ବାଳ ଦେଖି ତହିଁ ଉପରେ ମୁନାଫା କଷି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ



ଗ୍ରାହକଙ୍କ ଘରରେ ଏକଦର ଜାବ ରଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକ-ମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ନଗଦ ମୂଲ୍ୟରେ ମୋଫସଲକୁ ଡାକ-ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରିମ ପଠାଇଲେ ଭେଲ୍ୟୁ-ପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଷ୍ଟେସନେରି ।

ଜିନିଷର ନାମ — ମୂଲ୍ୟ
ଅଷ୍ଟମେଟ ପେନସିଲ — ଗୋ ୧ ଟ ୦ ।/
ଲାଲ ଓ ନେଳ ପେନସିଲ ଗୋ ୧ ଟ ୦ ⁄।
ଓଡ଼ିଆ ପେନସିଲ — ଦ ୧ ଟ ୦ ।/
ନକସା କାଗଜ — ଦ ୧ ଟ ୦ ।/
ଫୁଲସ୍କେପ୍ କାଗଜ ସରୁଆ ଦ ୧ ଟ ୦ ⁄
ଏକାଳ ବ୍ଲୁବାଲ — ଦ ୧ ଟ ୦ ⁄
ଏକାକ ଖରସା — ଦ ୧ ଟ ୦ ⁄
ଫାଉଣ୍ଟେନୋଟପେପର ଓ
ନୋଟପେପର — ଦ ୧ ଟ ୨ ।
ଡାକବାଣିଜ୍ୟ ଖରସା — ଦ ୧ ଟ ୦ ⁄
ଏକାଳ ମଧ୍ୟମ — ଦ ୧ ଟ ୦ /
ଲଫାଫା ଖରସା ଶ୍ୱ୧୦୦ଟ୦।⁄ ଗୋ ୨୫ ଟ ୦⁄
ଏକାଳ ମଧ୍ୟମ ଶ୍ୱ୧୦୦ ଟ ୦ ।/ ଗୋ ୨୫ ଟ ୦ ୯
ବାଲିକାଗଜ ୧୨ ଫର୍ଦ — ଦ ୧ ଟ ୦ ⁄
ଶୀଶାଲ — ଗୋ ୧ ଟ ୦ ⁄
ଏକାଳ ସ୍ତ୍ରୀ ଏଣ୍ଡାଲୁ ଅଧ-ବୋତଲ ଉଡ଼ରେ ଅଙ୍କାଳ ତୁଳସୀ ପତ୍ରେ ଛାପ ଚେଲେ ଛବିମ ସିଆହି
ପ୍ରିଣ୍ଟ ଏକାଳ — ଦ ୧ ଗ୍ରୀନ ଟ ୦ ⁄
ସ୍ଲେଟ ପେନସିଲ — ବ ୧ ଟ ୦ ।/
ରବର — ଖ ୧ ଟ ୦ ।/
ହଂସପକ୍ଷୀ କଲମ — ଗୋ ୨୫ ଟ ୦ ।/
ଲୁହା କଲମ (ନିବ) ସରୁଆ ଡ଼ ୧ ଟ ୦ ⁄
ଏଡ଼ିନ୍ ଖରସା — ଡ଼ ୧ ଟ ୦ ୯
ଏକାଳ ବଡ଼ ଲାଲକଲମ — ଗୋ ୧ ଟ ୦ ୯
ଜାତବ୍ୟୁଅଲ ଡ୍ରାଇଙ୍ଗ ସହିତ
(ନଗପାଲା) — ଗୋ ୧ ଟ ୦ ।

ଏକାଳ ସାଧାରଣ — ଗୋ ୧ ଟ ୦⁄
ହଳାପିତ୍ତ ସରୁଆ — ଖ ୧ ଟ ⁄
କୋରସ୍ପାର ଦେଶ
ବ୍ଳକସହିତ — ଗୋ ୧ ଟ ୦⁄
ମନିବ୍ୟାଗ — ଗୋ ୧ ଟ ୦ ⁄
ମୂଲ୍ୟବାନଥରର ଫସ୍ତକିତୁହା ଓ
ରୁମେଲଜଙ୍ଗାଲ — ଗୋ ୧ ଟ ୨ ।
ଲେଟେବଣ୍ଡର — ଗୋ ୧ ଟ ୧୯
ମେଜସର ଅଏଲ — ଗୋ ୧ ଟ ୦ ୫
ଷ୍ଟାବୁଲ ସରୁଆ — ଖ ୧ ଟ ୦ /୯
ଫଲଦାନୀ — ଗୋ ୧ ଟ ⁄
ଦେବାଲଗିର ଲଣ୍ଡାଇଯା — ଗୋ ୨ ଟ ୮ ।
ଏକାଳ ଏକଡାଳଥ — ଗୋ ୧ ଟ ୨
ଟେଜ — ଗୋ ୧ ଟ ୨
ଅଗଷ୍ଟେଟ — ଗୋ ୧ ଟ ⁄ ୬
ଚାୟ — ବ ୧ ଟ ୦ /
ସାନ୍ଦ୍ରଧୂପକାଠି — ଗୋ ୧ ଟ ୧
ଚନ୍ଦାଲଣ୍ଠୀ ସପ୍ତ ଜସ୍ତ — ଖ ୧ ଟ
ପଚାର ଏଣ୍ଡାରୁ କୋଁଏପ
ପାତ୍ରରେ ରଖି ନମ୍ବରେ
ଦିଲାକୁ ଚୋପା ଛଡ଼ାଇ
ଘାଟରେ ଲଗାଇ ଦେଲେ
ପାଣି ପଡ଼ିବାର ବନ୍ଦ ହେବ ଟେସ ୧ ଟ ୦

କଟକ } ଅଲବଟଶ୍ୱର ଲୁର
ଚୌଧୁରୀ ବଜାର } କମ୍ପାନୀ ।


ଉତ୍କଳଦୀପିକାର ବାର୍ଷିକ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଆଡ଼ାଇଧାଡ଼ି | ଟ ୮ ⁄ |
| ଅଧସ୍ତମ୍ଭ | ଟ ୨୯ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚ ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ-ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ଅଲଗା ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ମ୍ୟାନେଜରଙ୍କୁ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଖବର କାଗଜ କଟକପ୍ରିଣ୍ଟିଙ୍ଗ କମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୮ ସ | ତା ୨୯ ଶେ ମାହେ ସେପ୍ଟେମ୍ବର ସନ ୧୮୯୩ ମସିହା । ମୁ । ଅଶ୍ୱିନ ର ୧ ନ ଦିନ ୧୩୦୧ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ସଂ ୩୮ ସଂଖ୍ୟା | | ପଶ୍ଚାଦ୍ଦେୟ ଟ ୩୷

ଗତସପ୍ତାହର ବୃଷ୍ଟି ସମୟରେ ଗୋପାଳପୁରଠାରୁ ସାଗର ପର୍ଯ୍ୟନ୍ତ ବଙ୍ଗସାଗରର ଉତ୍ତରଭାଗରେ ତୋଫାନ ହୋଇଥିଲା । ସୁଖର ବିଷୟ ଯେ ଏହା ବଡ଼ ପ୍ରବଳ ନ ଥିବାରୁ ସାଧାରଣ ବୃଷ୍ଟି ଛଡ଼ା ତାହାଦ୍ୱାରା ବିଶେଷ କିଛି କ୍ଷତି ହୋଇ ନାହିଁ ।

---

ଗୋବଧଂସେଇ ଭାରତବର୍ଷର ନାନା ସ୍ଥାନରେ ଦଙ୍ଗା ହଙ୍ଗାମା ଘଟିବା କଥା ଇଂଲଣ୍ଡର ପାରଲିମେଣ୍ଟସଭାରେ ପଡ଼ିଥିଲା । ଜଣେ ସଭ୍ୟ ଏ ବିଷୟର ଅନୁସନ୍ଧାନ ନିମନ୍ତେ ଗୋଟିଏ କମିଶନ ବସାଇବାର ପ୍ରସ୍ତାବ କରିଥିଲେ ମାତ୍ର ଅବଧି କରି ମୀମାଂସା ହେବାର ଜଣା ଯାଇ ନାହିଁ ।

---

ଗଭର୍ଣ୍ଣରଜେନେରାଲ ଉତ୍ତରପଶ୍ଚିମ ଓ ମଧ୍ୟପ୍ରଦେଶ ଭ୍ରମଣପୂର୍ବକ ଚଳିତମାସ ତା ୧୭ ରିଖଠାରୁ ତା ୧୮ ରିଖ ପର୍ଯ୍ୟନ୍ତ ପୁନାରେ ଅବସ୍ଥିତ କରି ରହି ଉକ୍ତରୁ ବଙ୍ଗାଲୋର ଓ ମାନ୍ଦ୍ରାଜକୁ ଯାଇଥିବେ । ଏଥର ସେମାନେ କେବଳ ସର୍କାରୀ କର୍ମଚାରିମାନଙ୍କଠାରୁ ସମ୍ବାଦ ସଂଗ୍ରହ କରୁଅଛନ୍ତି । ମାନ୍ଦ୍ରାଜଠାରେ ପ୍ରକାଶ୍ୟଭାବରେ ସାକ୍ଷ୍ୟଗ୍ରହଣ ଆରମ୍ଭ ହେବ ଓ ସେଠାରେ କଟକୀ ବମ୍ବେଇ ପ୍ରଭୃତି ସ୍ଥାନମାନଙ୍କରେ ସାକ୍ଷ୍ୟ ଗ୍ରହଣ କରିବେ । ଶେଷ ବୈଠକ କଲିକତାରେ ହେବ ।

---

ଭାରତବର୍ଷର ମହାନ୍ତାଇ ସମ୍ପର୍କରେ କଲିକତା ହାଇକୋର୍ଟରେ ମୋକଦ୍ଦମା ଚାଲୁଅଛି । ସଙ୍ଗଗିର ଦେବୋତ୍ତର ଚଳନ୍ତି ସମ୍ପତ୍ତି ନଷ୍ଟ କରୁଅଛି ଏବଂ ଟଙ୍କା କଉଡ଼ି ସୁ କାନ୍ତରକୁ ପେଳି ଯାଉଅଛି ସ୍ୟାମଗିର ଏହି କଥା ଅଦାଲତକୁ ଜଣାଇ ନିଷେଧ ଆଜ୍ଞାର ପ୍ରାର୍ଥନା କରିବାରେ ତାହା ମଞ୍ଜୁର ହୋଇଅଛି । ସଙ୍ଗଗିର କିମ୍ବା ଅନ୍ୟ କେହି ଦେବୋତ୍ତର ସମ୍ପତ୍ତି ଏଣିକି ଇଚ୍ଛାମତେ ବ୍ୟବହାର କରି ପାରିବେ ନାହିଁ । ମନ୍ଦିରପକ୍ଷରେ ଏ ଆଦେଶ ଉତ୍ତମ ହୋଇଅଛି ।

---

କଟକ ମିଉନିସିପାଲଟୀର ପୁନର୍ଗଠନ ହେବାର ବିଜ୍ଞାପନ କଲିକତା ଗେଜେଟରେ ପ୍ରକାଶିତ ହେବା ବିଷୟ ପୂର୍ବରୁ ସାଧାରଣଙ୍କୁ ଜଣାଇ ଅଛୁ । ଗତକାଲି ଆମ୍ଭମାନଙ୍କ ମାଜିଷ୍ଟ୍ରେଟ ପ୍ରତ୍ୟେକ ୱାର୍ଡରେ ବିଜ୍ଞାପନ ପ୍ରକାଶ କରିଅଛନ୍ତି । ସେହିଦିନଠାରୁ ଦୁଇସପ୍ତାହ ମଧ୍ୟରେ କରଦାତାମାନେ କମିଶନର ମନୋନୟନର ଦରଖାସ୍ତ ମାଜିଷ୍ଟ୍ରେଟଙ୍କ ନିକଟକୁ ପ୍ରେରଣ କରିବେ । ତାହା ନ କଲେ ନିର୍ବାଚନର ଅଧିକାର ହରାଇବେ । ବରଷା କରି ଅଧିକାରପ୍ରାପ୍ତ କରଦାତାମାନେ ଏତଦ୍ଵିଷୟରେ ତତ୍ପର ହେବେ ।

---

ଯାଜପୁରରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ସେଠା ସଂସ୍କୃତସ୍କୁଲର ପ୍ରଧାନ ପଣ୍ଡିତ ଶ୍ରୀ ବୃନ୍ଦାବନଚନ୍ଦ୍ର କାବ୍ୟତୀର୍ଥ ଭଟ୍ଟାଚାର୍ଯ୍ୟ ଉର୍ଦ୍ଧ୍ୱକାଳ ସେଠାରେ ସୁଖ୍ୟାତି ସହିତ କାର୍ଯ୍ୟ କରି ଗତମାସ ତା ୧୬ ରିଖରେ ଇସ୍ତଫା ଦେଇଅଛନ୍ତି । ସ୍ୱେଚ୍ଛାପୂର୍ବକ ପଦତ୍ୟାଗ କରିବାର କାରଣ ଜଣା ନାହିଁ ମାତ୍ର ପତ୍ରପ୍ରେରକ ବେଦନା କରନ୍ତି କି ପଣ୍ଡିତ ମହାଶୟ ସ୍ୱାଧୀନଭାବରେ ସୁଖ ପାନ୍ତୁ ଏବଂ ସ୍ୱଜାତି ଓ ହିନ୍ଦୁସମାଜର ମଙ୍ଗଳସାଧନରେ ବ୍ରତୀ ହେବାକୁ ଇଚ୍ଛା କରୁଅଛନ୍ତି । ଏକଥା ସତ୍ୟ ହେଲେ ପଣ୍ଡିତ ମହାଶୟ ଆପଣା କର୍ତ୍ତବ୍ୟ ଓ ଦାୟିତ୍ୱର ଯଥାର୍ଥ ମର୍ମ ବୁଝିଅଛନ୍ତି ସନ୍ଦେହ ନାହିଁ ଏବଂ ଏଥିପାଇଁ ସେ ବିଶେଷ ପ୍ରଶଂସା ଓ ଧନ୍ୟବାଦର ପାତ୍ର ଅଟନ୍ତି ।

---

କାବୁଲକୁ ଇଂରେଜ ଦୂତ ପଠାଯିବାର ବନ୍ଦୋବସ୍ତ ଅନେକ ଦିନରୁ ଲାଗିଥିଲା । ସମ୍ପ୍ରତି ଆମିରଙ୍କ ଶେଷ ସମ୍ମତିପତ୍ର ଥିବାରୁ ସର ମର୍ଟିମାର ଡୁରାଣ୍ଡ ସାହେବ ଚଳିତ ମାସ ତା ୧୯ ରିଖରେ ସିମଲାଠାରୁ କାବୁଲକୁ ଯାତ୍ରା କରିଅଛନ୍ତି । ସାହେବ ମହୋଦୟ କାବୁଲର ଆମିର ଏବଂ ତାହାଙ୍କ ପୁତ୍ରମାନଙ୍କ ନିକଟକୁ ଅନେକ ଭେଟି ସାମଗ୍ରୀ ନେଇ ଯାଉଅଛନ୍ତି । ଦୂତଙ୍କ ଶରୀରରକ୍ଷାର ସମସ୍ତ ଭାର ଆମିର ଗ୍ରହଣ କରିବାରୁ ଅଳ୍ପ ସଂଖ୍ୟକ ସେନା ଦୂତଙ୍କ ସଙ୍ଗେ ଯାଇଅଛନ୍ତି । ଅନୁମାନ ଏହାନ୍ତ ଆଶା କରୁଁ କି ସେ କାର୍ଯ୍ୟସିଦ୍ଧି କରି ଶୀଘ୍ର ଫେରି ଆସିବେ । କେବଳ ବିଶେଷ କାର୍ଯ୍ୟରେ

Split by PDF Splitter
Digitized by srujanika@gmail.com

Split by PDF Splitter



ସେ ଯାଉଅଛନ୍ତି ତାହା ବର୍ତ୍ତମାନ ଜଣା ପଡ଼ି ନାହିଁ । ଫେରି ଆସିଲରୁ ସମସ୍ତ ପ୍ରକାଶ ହେବ ।

---

ବହାର ପ୍ରଦେଶ ଉପରେ ସକ୍ତଦଣ୍ଡ ଓ ଦୈବଦଣ୍ଡ ଏକାବେଳକେ ପଡ଼ିଅଛି । କୋଠା ଜମାର ଅକମ୍ପ ହେବା ଓ ତହିଁର ଖରଚ ପ୍ରତିବାଦ ଓ ପ୍ରଜାଙ୍କ ଦେଶ ପଡ଼ିବା ହେତୁ ସେଠାରୁ କଲିକତା ପର୍ଯ୍ୟନ୍ତ ଯେଉଁ ଘୋର ଆନ୍ଦୋଳନ ଲାଗିଅଛି ତହିଁରେ ଲୋକେ ଅତ୍ୟନ୍ତ ବ୍ୟସ୍ତ ଓ ଚିନ୍ତିତ । ଏଣେ ଅସାଧାରଣ ବୃଷ୍ଟି ଓ ଜଳବୃଦ୍ଧି ଘଟି ବର୍ତ୍ତମାନର ଭୂମି ଧୋଇ ନେଇ ଅଛି । ଭାରତବର୍ଷ କଲିକତାକୁ ତାରଯୋଗେ ସମ୍ବାଦ ପଠାଇଅଛନ୍ତି କି ମୋତିପୁର ଓ ଦ୍ୱାରଭଙ୍ଗା ନଗରମାନଙ୍କର ଅର୍ଦ୍ଧେ ଏବଂ ଅନେକ ଗ୍ରାମ ସମ୍ପୂର୍ଣ୍ଣରୂପେ ବୁଡ଼ି ଯାଇ ଅଛି । ଭଦୋଇ ଫସଲ ସମୂଳେ ନଷ୍ଟ ହୋଇଅଛି ଏବଂ ରେଲୱେ ସ୍ଥାନେ ସ୍ଥାନେ ଭାଙ୍ଗିଯାଇ ଅଛି । ମନୁଷ୍ୟ ଓ ଗାଈ ଗୋରୁ ବହୁତ ପୀଡ଼ିତ ଅଛନ୍ତି ।

---

ସ୍କୁଲ ସବ୍‌ଇନ୍‌ସ୍ପେକ୍ଟରର ନିଯୁକ୍ତି ସମ୍ବନ୍ଧରେ ଗେଜେଟରେ ଏକ ବିଜ୍ଞାପନ ଶିକ୍ଷାବିଭାଗଙ୍କଠାରେ ପ୍ରକାଶିତ ହୋଇଅଛି । ଯେ ବ୍ୟକ୍ତି ବି, ଏ, ପାଶ କରିଥିବେ, ଅଥବା ଏଫ, ଏ, ପାଶ କରି ତିନିବର୍ଷ କୌଣସି ହାଇସ୍କୁଲର ସହକାରୀ ଶିକ୍ଷକତା ଅଥବା ମଧ୍ୟମ ଇଂରାଜୀ ସ୍କୁଲର ପ୍ରଧାନ ଶିକ୍ଷକତା ସୁଖ୍ୟାତି ପୂର୍ବକ ନିର୍ବାହ କରିଥିବେ କିମ୍ବା ଛୋଟନାଗପୁର ଅଥବା ଓଡ଼ିଶା ନିବାସୀ ପ୍ରବେଶିକା ପରୀକ୍ଷା ଦେଇ ଉକ୍ତ ପ୍ରକାର ଶିକ୍ଷକତା କାର୍ଯ୍ୟ ବର୍ଷ ନିର୍ବାହ କରିଥିବେ ସେ ସବ୍‌ଇନ୍‌ସ୍ପେକ୍ଟର ପଦର ପ୍ରାର୍ଥୀ ହୋଇ ପାରିବେ । ଏପରି ପ୍ରାର୍ଥୀମାନଙ୍କୁ ପ୍ରାର୍ଥନା ସମୟରେ ବୟସ ତ୍ରିଶ ବର୍ଷରୁ ଊର୍ଦ୍ଧ୍ୱ ନ ଥିବାର ଏବଂ ସଚ୍ଚରିତ୍ର ଓ ସ୍ୱାସ୍ଥ୍ୟର ସାର୍ଟିଫିକେଟମାନ ଦର୍ଶାଇବାକୁ ହେବ । ଯାହାର ପ୍ରାର୍ଥନା ଗ୍ରାହ୍ୟ ହେବ ସେ ଅନ୍ତତଃ ଛଅମାସ ପରୀକ୍ଷାଧୀନରେ ରହିଲା ଉତ୍ତାରୁ ବାହାଲ ହେବ ।

— * —

ଗତ ରବିବାର ଅପରାହ୍ନରେ ଏଠା କଲେକ୍ଟରୀ ସଂଲଗ୍ନ ଗଡ଼ନବାଗରେ ବାସ କରୁଥିବା ଲୋକଙ୍କ ଉଦ୍ୟମରେ ସ୍ୱାମୀ ବିବେକାନନ୍ଦ ପ୍ରିୟ ଶିଷ୍ୟଙ୍କ କୋଠାରେ ପୂଜା କରିଥିଲେ ପ୍ରଦାନ କରିଥିଲେ । ଏପରି ଏକ ଲୋକ ଆସିଥିଲେ ଯେ ଗୃହଟି ପୂର୍ଣ୍ଣ ହୋଇ ଯାଇଥିଲା । ସ୍ୱାମୀ ଜୀଉ ଧର୍ମସଂସ୍ଥାର ନିମନ୍ତେ ଗୋଟିଏ ସଭା ସ୍ଥାପନର ଆବଶ୍ୟକତା ସମ୍ବନ୍ଧରେ ପୂର୍ବେ ଯେ ସମସ୍ତ କହିଥିଲେ ତହିଁର ପୁନରୁକ୍ତି କରି ସଭା ସ୍ଥାପନ ନିମନ୍ତେ ଅନୁରୋଧ କରିବାରୁ ଅନେକକ୍ଷଣ ତର୍କ ବିତର୍କ ହୋଇ ଶେଷରେ ଦେଖାଗଲା ଯେ ନୂତନ ଗୋଟିଏ ସଭା ସ୍ଥାପନ ନିମନ୍ତେ ପ୍ରାୟ କେହି ଅଗ୍ରସର ନୁହନ୍ତି । କେହି କହିଲେ ଆଉ ଗୋଟିଏ ନୂଆ ସଭାର ଆବଶ୍ୟକ ନାହିଁ, କେହି କହିଲେ ସଭା ହେଲେ ଅଳ୍ପଦିନେ ଲୋପ ହେବ । ପରିଶେଷରେ ସିଦ୍ଧାନ୍ତ ହେଲା ଯେ ଏ ବିଷୟର କମିଟିର ଆଉ ଏକ ସପ୍ତାହ ପ୍ରସ୍ତାବ ପ୍ରକାଶ ରହିବ, ଏଥିମଧ୍ୟରେ ଲୋକେ ଭଲ କରି ଏ ବିଷୟ ଚିନ୍ତାକରି ଯାହା କର୍ତ୍ତବ୍ୟ ତାହା ସ୍ଥିର କରିବେ ।

---

କଟକ ନର୍ମାଲ ସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ବାବୁ ଦ୍ୱାରକାନାଥ ଚକ୍ରବର୍ତ୍ତୀ ଆଗାମୀ ଅକ୍ଟୋବରମାସ ଶେଷଠାରୁ ଅବସର ଗ୍ରହଣକରିବାର ଆଦେଶ ହୋଇ ଅଛି । ବାବୁ ମହୋଦୟ ଜଣେ ସୁଯୋଗ୍ୟ ଚକ୍ଷୁଦର୍ଶୀ କର୍ମଚାରୀ ଅଟନ୍ତି ଏବଂ ଓଡ଼ିଶାରେ ଦୀର୍ଘକାଳ ସୁଖ୍ୟାତି ସହିତ କାର୍ଯ୍ୟ କରି ଅଛନ୍ତି । ସେ ପେନସନ ନେବାଦ୍ୱାରା ଓଡ଼ିଶା ସ୍କୁଲର ଅପୂରଣୀୟ କ୍ଷତି ହେବା ସମ୍ଭବ । ଆଶା କରୁଁ ଅମ୍ଭମାନଙ୍କର ଇନ୍‌ସ୍ପେକ୍ଟର ଜଣେ ସୁଯୋଗ୍ୟ ପ୍ରବାସୀ ଲୋକଙ୍କୁ ଉକ୍ତ ପଦରେ ମନୋନୀତ କରି ସେ କ୍ଷତିରୁ ସ୍କୁଲକୁ ରକ୍ଷା କରିବେ । ଓଡ଼ିଶାରେ ଏପରି ଯୋଗ୍ୟ ଲୋକର ଅଭାବ ନାହିଁ ଏବଂ ଉକ୍ତ ଦେଶୀୟ ଲୋକ କର୍ମକ୍ଷମ ହୋଇ ପାରିବାର ଉପଯୁକ୍ତ ଅଟନ୍ତି । ଅମ୍ଭେମାନେ ଏଥିକ ଅନୁରୋଧ କରୁଅଛୁଁ କି କେହି ଓଡ଼ିଶାବାସୀର ଭାଗ୍ୟରେ ଏ କାର୍ଯ୍ୟ ଘଟିବ ଏବଂ ଏଥିରେ ଯେଉଁଠି ପରିବର୍ତ୍ତନ ହେବ ତହିଁରେ ଯେମନ୍ତ ସବଇନସ୍ପେକ୍ଟର ବାବୁ ରଘୁନାଥ ଘୋଷଙ୍କର ଦାବି ରକ୍ଷିତ ହେବ । ତାହାଙ୍କ ଦାବି ଅନେକଥର ଉପେକ୍ଷିତ ହୋଇଅଛି ।

---

ଶ୍ରୀଯୁକ୍ତ ଫିଲିପସ ସାହେବ ମୟୂରଭଞ୍ଜର ମାଜିଷ୍ଟ୍ରେଟ ଥିବା ସମୟରେ ରାଜା ସୂର୍ଯ୍ୟକାନ୍ତ ଅଗ୍ରଜଙ୍କ ନାମରେ ଫଉଜଦାରୀ ନାଲିଶର ଯେପରି ଲଣ୍ଡବଣ୍ଡ କରିଥିଲେ ତାହା ପାଠକମାନେ ବିସ୍ମୃତ ହୋଇ ନ ଥିବେ । ରାଜା ସୂର୍ଯ୍ୟକାନ୍ତ ଏହି ଅପମାନ ଓ ଅନ୍ୟାୟ ନାଲିଶର ପ୍ରତିକାର ନିମନ୍ତେ ଫିଲିପସ ସାହେବଙ୍କ ନାମରେ ୨୦ ହଜାର ଟଙ୍କା କ୍ଷତିପୂରଣର ନାଲିଶ ଦେବାକୁ ଅଦାଲତରେ କରିବାରୁ ସାହେବ ମହୋଦୟଙ୍କର ଚୈତନ୍ୟ ଉଦୟ ହୋଇଅଛି ଏବଂ ସେ ଆପଣା ଦୋଷ ସ୍ୱୀକାର ପୂର୍ବକ କ୍ଷମା ପ୍ରାର୍ଥନା କରିବାରୁ ରାଜା ତାହା ଗ୍ରହଣ କରି ମୋକଦମା ଉଠାଇ ନେଇ ଅଛନ୍ତି । କ୍ଷମାପ୍ରାର୍ଥନା ପତ୍ର ଓ ତହିଁର ଉତ୍ତରର ପ୍ରତିଲିପିମାନ ରାଜା ଆପଣା ଦସ୍ତଖତର ଦରଖାସ୍ତ ସଙ୍ଗେ ଅଦାଲତରେ ଦାଖଲ କରିଅଛନ୍ତି । ମୋକଦମାର ଏପ୍ରକାର ନିଷ୍ପତ୍ତିରେ ସମସ୍ତଙ୍କର ଆନନ୍ଦ । ଭରସା କରୁଅଛୁ ଏଥିରେ ଫିଲିପସ ସାହେବ ଯେଉଁ ଶିକ୍ଷା ଲାଭ କଲେ ତାହା ପାଶୋରିବେ ନାହିଁ ଏବଂ ତାହାଙ୍କ ସ୍ୱଜାତିର ଅନ୍ୟାନ୍ୟ ହାକିମମାନେ ସାବଧାନ ହେବେ ।

---

ଦୁଃଖର ସହିତ ପ୍ରକାଶ କରୁଅଛୁଁ କି ଆଠଗଡ଼ର ରାଜା ଶ୍ରୀ କରଣ ଭଗୀରଥୀ ବେବର୍ତ୍ତୀପଟ୍ଟନାୟକ ଗତ ଗୁରୁବାର ସକାଳ ସ ୮ ଘ ସମୟରେ ଏହି ନଗରରେ ସଂସାରଲୀଳା ସମାପ୍ତ କଲେ । ଆଠଗଡ଼ର ସୀମା ପ୍ରାୟ ଏ ନଗରକୁ ଲାଗିଅଛି । ରାଜା ଅନେକ ସମୟ ଏଠାରେ ବାସ କରୁଥିଲେ । ତାହାଙ୍କ ବୟସ ବତିଶ ବର୍ଷରୁ ଊର୍ଦ୍ଧ୍ୱ ହେବ ନାହିଁ ଏବଂ ହୃଷ୍ଟପୁଷ୍ଟ ଜଣାଯାଉଥିଲେ । ମୃତ୍ୟୁ ପୂର୍ବରୁ ତାହାଙ୍କର କଷ୍ଟ ପୀଡ଼ାର କଥା ଶୁଣାଯାଇ ନ ଥିଲା । ବର୍ତ୍ତମାନ ପାର୍ଶ୍ୱଲୋକଙ୍କ କହିବାରୁ ଜଣାଯାଏ ଯେ ସେ ଜ୍ୱରରେ ପଡ଼ିଲେ ଖାଦ୍ୟ ଗ୍ରହଣ ନ କରିବାର ବହୁ ଦିନ ଧରି କୁଞ୍ଚିତ ପାଳନ କରୁଥିଲେ ଅଥଚ ଚିକିତ୍ସାର ଉପକାର ଅନୁଭବ କରି ନ ଥିଲେ । ମୃତ୍ୟୁଦିନ ସୂର୍ଯ୍ୟୋଦୟ ପୂର୍ବରୁ ତାହାଙ୍କ ନିକଟରେ ଥିବା ଲୋକ ଶ୍ୱାସରୁଦ୍ଧ ଦେଖି ଡାକିବାରେ ସେ ଉତ୍ତର ନ ଦେଲେ । ସେତେବେଳକୁ ତାହାଙ୍କର ଜ୍ଞାନ ବୁଡ଼ି ଯାଇଥିଲା । ତତ୍‌କ୍ଷଣାତ୍ ଡାକ୍ତର ଡାକର ହେଲା ଏବଂ କ୍ରମେ ସିଭିଲସର୍ଜନ ହୋପ୍ସ ସାହେବ ମଧ୍ୟ ପହୁଞ୍ଚି ଆବଶ୍ୟକୀୟ ଉପାୟମାନ କଲେ ମାତ୍ର ସେତେବେଳକୁ କଥା ସରିଯାଇଥିଲା । ନଗର ମଧ୍ୟରେ ଏବେ ଡାକ୍ତର ଆର୍ଡ଼ିଂ ଏଣ୍ଡ୍ରେକେଣ୍ଡରଙ୍କର ରାଜା ଚିକିତ୍ସାରେ ମୃତ୍ୟୁ ହେବା ଅଧିକ ଦୁଃଖର କଥା ଅଟଇ । ଏହା କେବଳ ମୂର୍ଖତାର ଫଳ

Digitized by srujanika@gmail.com

Split by PDF Splitter



ତଳା ଅଭ୍ର ବହୁ ନୂତନ । ପ୍ରାୟ ଦଶ ବର୍ଷପୂର୍ବର ସମୟରେ ତାହାଙ୍କର ଖତ ଗଡ଼ରୁ ଯେଉଁ ଗଲେ । ସମ୍ଭବତଃ ସେହି ଭଡ଼ରେ ବିଧିମତେ ଖତ ଫସ୍ଥାର ଏବଂ ନୂତନ ସର୍ବାଙ୍ଗ ଅଭିଷେକ ହୋଇଥିବ । କିଏ ଗଲା ହେଲେ ଜଣାଯାଇ ନାହିଁ । ତାହାଙ୍କସଙ୍ଗରେ ଗୋଟିଏ ପିଲ ସର୍ବଦା ଥିବାର ଦେଖିଅଛୁଁ ଯାହାକୁ ସେ ଆଜନ୍ମଶିଷ୍ୟ ବୋଲି କହୁଥିଲେ । ତାହାଙ୍କର ଭାଇମାନେ ଏଣ୍ଣ ବର୍ତ୍ତମାନ ଅଛନ୍ତି । ମୃତଙ୍କଙ୍କ ସ୍ମୃତିରେ ଅଗ୍ନି ବଢ଼ାଇବା ଏବଂ ଅତ୍ୟନ୍ତ ମିତବ୍ୟୟିତାହାର ସ୍ଥିତି କର ଯାଇଅଛନ୍ତି । ଏହି ସଞ୍ଚିତ ଅର୍ଥ ଶାଦ୍ଧବିହିତ କବାଦରେ ଛଡ଼ି ନ ଯାଉ ଏହାଇ ଆମ୍ଭମାନଙ୍କର କାମନା ।

---

ମୁକ୍ତି ଫୌଜର ଦୁଇଜଣ ରମଣୀ ମେନଲ୍ଟେନଡ଼େଲ ଏବଂ ଲୁମାସ୍ ମିଲେନ ଏ ନଗରକୁ ଆସି ଗତ ଶନିବାର ସନ୍ଧ୍ୟାସମୟରେ ଟ୍ରିଣ୍ଟିଂକମ୍ପାନୀଙ୍କ କୋଠିରେ ସେମାନଙ୍କ କାର୍ଯ୍ୟର ପରିଚୟ ଦେବା ନିମନ୍ତେ ଏକ ସଭା କରିଥିଲେ। ଦୁଃଖର ବିଷୟ ଯେ ୬୦।୭୦ ଜଣରୁ ଅଧିକ ଲୋକ ସଭାକୁ ଆସି ନ ଥିଲେ । ସ୍ତବପାଠ ଓ ଭଜନ ଉତ୍ତାରୁ ପ୍ରଥମେ ଲୁମାସ୍ମିଲେନ କହିଲେ କି ସେ କଲିକତା ପତିତାଶ୍ରମର ଭାର ପାଇ ଦେଢ଼ବର୍ଷ କାଳ କଟକ ରହୁଅଛନ୍ତି । ପତିତା ସ୍ତ୍ରୀମାନଙ୍କୁ ସୁପଥରେ ଆଣିବା ଏହି ଆଶ୍ରମର ଅଭିପ୍ରାୟ । ଏଥିରେ ଅନେକ ସ୍ତ୍ରୀ ଅଛନ୍ତି ଯେଉଁମାନେ କୁଶିକ୍ଷାଦ୍ୱାରା କୁକର୍ମାସକ୍ତା ହୋଇ ଅଗତ୍ୟା ଅଧିକ ପାପରେ ବୁଡ଼ିଥିଲେ । ମୁକ୍ତିଫୌଜର ଲୋକ ସେମାନଙ୍କୁ ଆଶ୍ରମକୁ ଆଣି ଧର୍ମ ଓ ନୀତି ଏବଂ ଜୀବିକା ନିର୍ବାହର ଗୋଟିଏ ସଦୁପାୟ ଶିକ୍ଷାଦାନଦ୍ୱାରା ରକ୍ଷା କରିଅଛନ୍ତି । ତହିଁ ଉତ୍ତାରୁ ମେନଲ୍ଟେନଡ଼େଲ ମୁକ୍ତିଫୌଜର ଇତିହାସ ଆମୂଳରୁ ବର୍ଣ୍ଣନ କରି କହିଲେ କି ଏହି ଫୌଜର ଚେଷ୍ଟା ଓ ଯତ୍ନରେ ଅନେକ ମଦୁଆ ଚୋର ଓ ଦୁଷ୍ଟଲୋକ ମନ୍ଦକାର୍ଯ୍ୟ ଛାଡ଼ି ଧର୍ମପଥର ଆଶ୍ରୟ ନେଇଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କେହି୨ ଏହି ଫୌଜର ଭକ୍ତ ହୋଇଅଛନ୍ତି । ମୁକ୍ତିଫୌଜର ଲୋକମାନେ ଯେଉଁଦେଶରେ ଅବସ୍ଥିତି କରନ୍ତି ସେଦେଶର ଭାଷା ଶିଖନ୍ତି ଓ ଭିକ୍ଷାହାର ଜୀବିକା ନିର୍ବାହ କରନ୍ତି । ପରକୁ ପାପରୁ ରକ୍ଷାକରିବା ଏମାନଙ୍କର ଏକମାତ୍ର କାର୍ଯ୍ୟ ଏବଂ ତହିଁରେ ଏମାନଙ୍କର ମୁଖ୍ୟ । ଏହି-ପରିକଥା ସେଷକର ଆଉଗୋଟିଏ ଭଜନ ଗାଇଲେ ଏବଂ ଭିକ୍ଷାଥଳି ବୁଲାଇ ଦେ ଯାହା ହେଲା ତାହା ନେଇ ଆନନ୍ଦରେ ଫେରିଗଲେ । ଶ୍ରୋତାଙ୍କ ଫଣ୍ଡକା ଊଣା ହେବରୁ ସାହାଯ୍ୟର ପ୍ରାର୍ଥନା ନାମମାତ୍ର ସଫଳ ହେଲା ମାତ୍ର ବକ୍ତାମାନଙ୍କର କୋମଳ ମଧୁରକଣ୍ଠନିଃସୃତ ଧର୍ମଭାବପୂର୍ଣ୍ଣ ସୁନ୍ଦର ବକ୍ତୃତାରେ ଶ୍ରୋତାମାନେ ମୋହିତ ହୋଇଥିଲେ ସନ୍ଦେହ ନାହିଁ । ମୁକ୍ତି ଫୌଜର ଜଗ ନାମ ଅସ୍ମଦ୍ଦେଶୀୟ ବାବାଜୀ ଓ ମାତାଙ୍କ ପରି ଅଟନ୍ତି ମାତ୍ର ଏ ଦୁଇଶ୍ରେଣୀର ଲୋକଙ୍କ ଶିକ୍ଷା ଧର୍ମଭାବ ଚରିତ୍ର ଏବଂ ବ୍ୟବହାରରେ କେତେ ଅନ୍ତର !

---

## ମୋଫସଲର ସ୍ୱାସ୍ଥ୍ୟବିଧାନ ।

ସଦର ବା ନଗରମାନଙ୍କର ସ୍ୱାସ୍ଥ୍ୟରକ୍ଷା-ନିମନ୍ତେ ମିଉନିସିପାଲିଟୀର ସୃଷ୍ଟି ହୋଇଅଛି । ମୋଫସଲର ସ୍ୱାସ୍ଥ୍ୟରକ୍ଷାର ଭାର ଯଦ୍ୟପି କି ବର୍ତ୍ତମାନ ଜିଲ୍ଲା ଓ ସ୍ଥାନୀୟ ବୋର୍ଡ଼ଙ୍କୁ ଅର୍ପିତ ହୋଇଅଛି ମାତ୍ର ସ୍ୱାସ୍ଥ୍ୟ କମିଶନରସାହେବଙ୍କ ମତରେ ଗ୍ରାମମାନଙ୍କର ସ୍ୱାସ୍ଥ୍ୟରକ୍ଷା ବା ଉନ୍ନତି କରିବାକୁ ବୋର୍ଡ଼ମାନେ ଅକ୍ଷମ କାରଣ ଏମାନଙ୍କର ଯେମନ୍ତ ଅର୍ଥବଳ ନାହିଁ ଯେ ତହିଁର ବହୁତ ବନ୍ଦୋବସ୍ତ କରିବେ । ବଙ୍ଗୀୟ ଗଭର୍ଣ୍ଣମେଣ୍ଟ ମଧ୍ୟ ଏହି ମତରେ ଐକ୍ୟ ହୋଇ ଗ୍ରାମମାନଙ୍କର ଜଳ ବାୟୁର ଉନ୍ନତି ସମ୍ବନ୍ଧରେ ବିଶେଷ ବନ୍ଦୋବସ୍ତ କରିବାକୁ ଚେଷ୍ଟା କରିଅଛନ୍ତି ଏବଂ ଅନେକଙ୍କର ଅନୁମାନ ଯେ ଏଥିପାଇଁ କର ବସାଇବାର କଳ୍ପନା ହେଉଅଛି । କୌଣସି କାର୍ଯ୍ୟ କରିବାକୁ ହେଲେ ତହିଁ ପାଇଁ ନୂତନ କରର ଆବଶ୍ୟକ ଆଜିକାଲି ଏହା ଗୋଟିଏ ସାଧାରଣ ନିୟମ ବୋଲି ଜାଣିବାକୁ ହେବ । ମାତ୍ର ମୋଫସଲବାସୀଙ୍କର ଅବସ୍ଥାପ୍ରତି ଦୃଷ୍ଟି କଲେ ସ୍ପଷ୍ଟ ଦେଖାଯିବ ଯେ କରଭାର ବଳାଇଅଛି । ତହିଁଉପରେ ଆଉ ସହିବ ନାହିଁ । ଗ୍ରାମରେ ଅଧିକାଂଶ ଲୋକ ପେଟପୂରି ଖାଇବାକୁ ନ ପାଇ କଙ୍କାଳ ଦୁର୍ବଳ ଓ ରୁଗ୍ଣ ହେଉଥିବାସ୍ଥଳେ ଆଉ କର କେଉଁଠାରୁ ଆଣି ଦେବେ ? କର ବୃଦ୍ଧିଦ୍ୱାରା ମୋଫସଲର ସ୍ୱାସ୍ଥ୍ୟୋନ୍ନତିର ଚେଷ୍ଟା କଲେ ଫଳ ଏହି ହେବ ଯେ କର ଏବଂ ତହିଁସଙ୍ଗରେ ଆଇନ ଭଙ୍ଗ ଅପରାଧ ପାଇଁ ଅର୍ଥଦଣ୍ଡ ଦେଇ ଲୋକେ ଅନାହାରରେ ମରିଗଲେ ସେହିକାଳେ ଉନ୍ନତି ହେବ ।

ଆମ୍ଭମାନଙ୍କର ଧାରଣା ଯେ ଜିଲ୍ଲାବୋର୍ଡ଼ଙ୍କ ହାତରେ ବର୍ତ୍ତମାନ ଯେ ପ୍ରମାଣ ଅର୍ଥ ଓ କ୍ଷମତା ଅଛି ତଦ୍ଦ୍ୱାରା ମୋଫସଲର ସ୍ୱାସ୍ଥ୍ୟବିଧାନ ଅନେକଦୂର ଅଗ୍ରସର ହୋଇପାରେ । ଆଜ ଗୋଟିଏ ସାମାନ୍ୟ ଉଦାହରଣ ଆମ୍ଭେମାନେ ଦେଖାଉଁ । ପ୍ରତ୍ୟେକ ଗ୍ରାମଭିତରେ କେତେଗୁଡ଼ିଏ ସାଧାରଣ ପଥ ଅଛି । ତହିଁର ଜମି ସରକାରଙ୍କ ସ୍ୱତ୍ୱରୁ ନିଆ ହୋଇଅଛନ୍ତି ଏବଂ ସେହି ବାଟମାନ ଜିଲ୍ଲାବୋର୍ଡ଼ଙ୍କ ଅଧୀନରେ ଅଛିଅଛି । ଏ ସବୁ ବାଟ ଅବରୋଧ କରିବା କିମ୍ବା ତହିଁର କୌଣସି ଅଂଶ ଆପଣା ବ୍ୟବହାରରେ ଆଣିବା କାହାର ଅଧିକାର ନାହିଁ । ସେପରି କେହି କଲେ ଦଣ୍ଡନୀୟ ହେବ । କିନ୍ତୁ ମୋଫସଲର ଯେ କୌଣସି ଗ୍ରାମକୁ ଯାଅ ଦେଖିବ ଯେ କୌଣସି ବାଟ ପରିଷ୍କାର ବା ସରଳ ନୁହେଁ । ଗ୍ରାମବାସୀମାନେ ଇଚ୍ଛାମତେ ବାଡ଼ିର ଏବଂ ଅଙ୍ଗ ଆପଣା୨ ଅଗଣା ବା ଦାଣ୍ଡମଧ୍ୟରେ ବଢ଼ାଇକରି ନିଜ ସମ୍ପତ୍ତିପରି ଭୋଗ ଦଖଲ କରୁଅଛନ୍ତି ଅଥବା ଖତ ଆବର୍ଜ୍ଜନା ଇତ୍ୟାଦି ପକାଇ ସାଧାରଣ ବ୍ୟବହାର ଓ ସାଧାରଣ ସ୍ୱାସ୍ଥ୍ୟର ଅନିଷ୍ଟ କରୁଅଛନ୍ତି । ସଳଖ ଏବଂ ପରିଷ୍କାରବାଟ ସ୍ୱାସ୍ଥ୍ୟରକ୍ଷାର ଗୋଟିଏ ପ୍ରଧାନ ଉପାୟ । ଲୋକେ ଆପଣା୨ର ଅନଧିକାର ସୁବିଧା ନିମନ୍ତେ ତହିଁରେ ବାଧା ଦେଉଅଛନ୍ତି ଅଥଚ ଜିଲ୍ଲାବୋର୍ଡ଼ର ଏଥିରେ କେବେ ଦୃଷ୍ଟି ନାହିଁ । ବୋର୍ଡ଼ର କର୍ମଚାରୀମାନେ ଅନେକ ମୋଫସଲରେ ବୁଲି ସଡ଼କମାନ ଦେଖୁଅଛନ୍ତି ମାତ୍ର ଗ୍ରାମର ଦାଣ୍ଡବାଟ ଦେଖିବାକୁ କେହି ନାହିଁ । ଆମ୍ଭମାନଙ୍କର ଶଙ୍କା ହେଉଅଛି ଯେ ବର୍ତ୍ତମାନ ସେହି ବନ୍ଦୋବସ୍ତକାର୍ଯ୍ୟ ଲାଗିଅଛି ତହିଁରେ ସାଧାରଣ ପଥ ସଙ୍ଗରେ ଅନେକ ଜମି ବ୍ୟକ୍ତିବିଶେଷର ଜମିସଙ୍ଗେ ଜରିବ ହୋଇ ଯାଇଅଛି । ଶେଷରେ ତାହାର ସତ୍ୱ ହୋଇଯିବ ଓ ବୋର୍ଡ଼ ତହିଁରୁ ବେଦଖଲ ହେବେ । କାରଣ ବୋର୍ଡ଼ପକ୍ଷରୁ ଆପତ୍ତି କରିବାକୁ କେହି ନାହିଁ ଓ ଜରିବବନ୍ଦୋବସ୍ତର ହାକିମମାନେ ପୂର୍ବାପରକୁ ଦେଖୁନାହାନ୍ତି । ଗ୍ରାମବାସୀମାନେ ପରସ୍ପରର ସ୍ୱାର୍ଥ ରକ୍ଷାକରିବା ଅଥବା ବାଟ ବାଧକରିବା ହେତୁ ସାଧାରଣ ସ୍ୱତ୍ୱ ନିମନ୍ତେ ଆପତ୍ତି କରିବାକୁ କୁଣ୍ଠିତ ଏବଂ ଅନେକସ୍ଥଳେ କେଉଁ ପଥର କେତେ ହେଲେ ଜମି ଛାଡ଼ିଅଛି, ତାହା ଜାଣିବା କିମ୍ବା ମାପ କରିବାକୁ ସେମାନେ ଅକ୍ଷମ । ସୁତରାଂ ତହିଁର ସମ୍ବାଦ ଦେଇ ନ ପାରନ୍ତି । ଦାଣ୍ଡପାଟମାନ

Digitized by srujanika@gmail.com

Split by PDF Splitter



ଲୋର୍ଡ଼ଙ୍କ ସମ୍ମତି ହୋଇଥିବାରୁ ତାହା ରକ୍ଷା କରିବାର ଦାୟିତ୍ୱ ସେମାନଙ୍କ ଉପରେ ଅଛି ଏବଂ ତହିଁର ଉଚିତ ବନ୍ଦୋବସ୍ତ କରିବା ନିତାନ୍ତ ଆବଶ୍ୟକ ।

---

### ସମବେଦନା ।

ଜାଜପୁରନିବାସୀ ଜଣେ ମୁସଲମାନଧର୍ମପ୍ରଚାରକ ମୌଲବୀ ଅବଦୁଲମଜିଦ ପ୍ରାୟ ଦୁଇ ସପ୍ତାହ ହେଲା ଏ ନଗରକୁ ଆସିଅଛନ୍ତି । ସ୍ଥାନୀୟ କଲିଜିଏଟ ସ୍କୁଲର ଛାତ୍ରମାନଙ୍କ ଉଦ୍ୟମରେ ଗତ ରବିବାର ସନ୍ଧ୍ୟା ସମୟରେ ଖାନ ସୁଲତାନ ମହମ୍ମଦ ଜାଗିରଦାରଙ୍କ ବୈଠକଖାନାରେ ଏଠା ମୁସଲମାନ ସଭାର ଅଧିବେଶନରେ ମୌଲବୀ ସାହେବ ସମବେଦନା ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ । ସଭାଗୃହଟି ମନୋହରରୂପେ ସୁସଜ୍ଜିତ ଏବଂ ସଭ୍ୟମଣ୍ଡଳୀରେ ପରିପୂର୍ଣ୍ଣ ହୋଇଥିଲା । ଅବଶ୍ୟ ସଭ୍ୟମାନେ ସମସ୍ତେ ମୁସଲମାନ ମାତ୍ର କେତେକ ଜଣ ହିନ୍ଦୁ ମଧ୍ୟ ଆମନ୍ତ୍ରିତ ହୋଇ ଆସିଥିଲେ ଏବଂ ଅଧିକ ଅଭ୍ୟର୍ଥନାରେ କେହି ମାତ୍ର ତ୍ରୁଟି ହୋଇ ନ ଥିଲା । ନିୟମରେ ସଭାର କାର୍ଯ୍ୟାରମ୍ଭ ହୋଇ ବକ୍ତୃତା ପ୍ରଦାନ ନିମନ୍ତେ ଅନୁରୋଧ ହେବାରୁ ମୌଲବୀ ସାହେବ ଅତି ପ୍ରାଞ୍ଜଳ ଏବଂ ପରିଶୁଦ୍ଧ ଅଥଚ ସରଳ ଉର୍ଦ୍ଦୁଭାଷାରେ ଏମନ୍ତ ସରସ ଓ ଭାବପୂର୍ଣ୍ଣ ବକ୍ତୃତା ପ୍ରଦାନ କଲେ ଯେ ଏକଘଣ୍ଟାରୁ ଊର୍ଦ୍ଧ୍ୱକାଳ ଗତ ହେଲେ ସୁଦ୍ଧା ଶ୍ରୋତାମାନଙ୍କର ମନ ତୃପ୍ତ ନ ହୋଇ ଉତ୍ତରୋତ୍ତର ଶୁଣିବାର ଆଶା ବଢ଼ିଲା । ଏକ କଥାରେ ସମସ୍ତେ ମୋହିତ ହୋଇଗଲେ । ଅନନ୍ତର ମୌଲବୀ ସାହେବଙ୍କ ବକ୍ତୃତା ଶୁଣି ଆମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ ଏବଂ ଏଥିପାଇଁ ତାହାଙ୍କୁ ଓ ଏ ସଭାର ଉଦ୍ୟମକାରୀମାନଙ୍କୁ ଧନ୍ୟବାଦ ଦେଉଅଛୁଁ ।

ମୌଲବୀ ସାହେବଙ୍କ ମଧୁର ଓ ଧର୍ମନୀତି ଉପଦେଶପୂର୍ଣ୍ଣ ବକ୍ତୃତାର ପରିଚୟ ପାଠକମାନଙ୍କୁ ଦେବାକୁ ଉପଯୁକ୍ତ ଭାଷା ଓ ସ୍ଥାନର ଅଭାବ ବୋଧ କରୁଅଛୁଁ । ତହିଁର ସଂକ୍ଷେପ ମର୍ମ ଏହି ଯେ ଏକା ମନୁଷ୍ୟ କାହିଁକି ପଶୁ ପକ୍ଷୀ କୀଟ ପତଙ୍ଗାଦି ଈଶ୍ୱରଙ୍କ ସୃଷ୍ଟ ସମସ୍ତ ଜୀବପ୍ରତି ମନୁଷ୍ୟର ସହାନୁଭୂତି ବା ସମବେଦନା ଦେଖାଇବା ଉଚିତ । ଈଶ୍ୱରପ୍ରେମ ସମବେଦନାର ମୂଳ ଅଟଇ । ଈଶ୍ୱରଙ୍କଠାରେ ପ୍ରୀତି ହେଲେ ତାହାଙ୍କ ସୃଷ୍ଟ ସମସ୍ତ ଜୀବପ୍ରତି ପ୍ରୀତି ହେବ ଓ ତାହାର ଦୁଃଖ ଦେଖିଲେ ସ୍ୱଭାବତଃ ସମବେଦନା ଉପସ୍ଥିତ ହୁଏ । ଏହି ବିଷୟର ବିସ୍ତାରିତ ବ୍ୟାଖ୍ୟା କଲେ ସେ କୋରାନ ଓ ନାନା ଗ୍ରନ୍ଥରୁ ବଚନମାନ ଉଦ୍ଧାର କରି ଆପଣା ବାକ୍ୟର ପୋଷକତା କରିଥିଲେ ଏବଂ ନାନା ପୈଗମ୍ବର ଅର୍ଥାତ୍ ମୁସଲମାନ ମହାତ୍ମାମାନଙ୍କ ଜୀବନଚରିତରୁ ଅପୂର୍ବ ଉଦାହରଣମାନ ଦେଇଥିଲେ । ଗୋଟିଏ ଉଦାହରଣର ଉଲ୍ଲେଖ ଆମ୍ଭେମାନେ ଏଠାରେ କରୁଅଛୁଁ । ମୂସାଙ୍କର ଜଣେ ପ୍ରତିବାସୀ ପୀଡ଼ିତ ଥିଲା । ମୂସା ତାହାଙ୍କୁ ଦେଖିବାକୁ ନ ଯିବାରୁ ପରେ ଈଶ୍ୱର ତାହାଙ୍କୁ କହିଲେ ଯେ "ଆମ୍ଭେ ପୀଡ଼ିତ ଥିଲୁଁ ତୁମ୍ଭେ ଦେଖିବାକୁ ନ ଆସିଲ ଏ କିପରି କଥା ?" କିନ୍ତୁ ମୂସା କହିଲେ "ଅପାର ଅଗମର ପ୍ରଭୁ ଆପଣଙ୍କର ପୁଣି ପୀଡ଼ା କିସ ?" ଈଶ୍ୱର କହିଲେ "ହଁ ଆମ୍ଭେ ପୀଡ଼ିତ ଥିଲୁଁ" । ତହୁଁ ମୂସା ଜାଣି କହିଲେ "ପ୍ରଭୁ ମୁଁ ତୁମ୍ଭ ଗତି ବୁଝିବାକୁ ଅକ୍ଷମ ମୋତେ ବୁଝାଇଦିଅ ।" ପ୍ରଭୁ କହିଲେ "ତୁମ୍ଭର ପ୍ରତିବାସୀ ପୀଡ଼ିତ ଥିବା କଥା କି ତୁମ୍ଭେ ନ ଜାଣ ? ସେ ମୋର ସୃଷ୍ଟ ଜୀବ ତାହା ପୀଡ଼ାରେ ମୁଁ ମଧ୍ୟ ପୀଡ଼ିତ ଥିଲି ।" ପରିଶେଷରେ ବକ୍ତା କହିଲେ କି ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ମନୁଷ୍ୟମାନେ ପରସ୍ପରପ୍ରତି ସମବେଦନା ଦେଖାଇବାର ଦୂରେ ଥାଉ ବିବାଦ ବିଚ୍ଛେଦରେ ପ୍ରବୃତ୍ତ ହେଉଅଛନ୍ତି । ମୁସଲମାନମାନଙ୍କର ଏହା ମୁସଲମାନ କାହିଁକି ହିନ୍ଦୁ କି ଖ୍ରୀଷ୍ଟିଆନ ସମସ୍ତଙ୍କପ୍ରତି ସମବେଦନା ପ୍ରକାଶ କରିବା ଯଥାର୍ଥ ନୀତି ହେଉଅଛି ଓ ସମସ୍ତଙ୍କର ଏହା ଅଭ୍ୟାସ କରିବା ଉଚିତ, ଯେହେତୁ ସମସ୍ତେ ଈଶ୍ୱରଙ୍କ ସନ୍ତାନ ସୁତରାଂ ଭାଇ ଅଟନ୍ତି । ମୁସଲମାନ ଜାତିର ଦରୁଦରେ ତରବାର ଧାରଣ କରିବା କଥାରୁ ସେ ନିନ୍ଦା କରି ଓ ସମସ୍ତ ପ୍ରାଣୀପ୍ରତି ଦୟା ଓ ସହାନୁଭୂତି ଦେଖାଇବାକୁ ଉପଦେଶ ଦେଇ ମୌଲବୀ ସାହେବ ପ୍ରକୃତ ଉଦାରତା ଏବଂ ପ୍ରଶସ୍ତ ହୃଦୟତାର ପରିଚୟ ଦେଇଥିଲେ ଏବଂ ବର୍ତ୍ତମାନ କାଳରେ ନାନା ସ୍ଥାନରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଦଙ୍ଗା ହଙ୍ଗାମା ଘଟିବାହେତୁ ଉଭୟପକ୍ଷକୁ ଶାନ୍ତ କରିବାର [illegible] ଲାଗିଥିବା ସ୍ଥଳେ ମୌଲବୀ ସାହେବଙ୍କର ଉପଦେଶ ଅଧିକ ଉପଯୋଗୀ ହୋଇଅଛି । ଏହି ଉପଦେଶ ସ୍ମରଣ ରଖିଲେ କେହି କାହାସଙ୍ଗେ ବିବାଦ କରିବା କିମ୍ବା ପରସ୍ପରର ମନରେ ପୀଡ଼ା ଦେବାକୁ କଦାଚ ପ୍ରବୃତ୍ତ ହେବ ନାହିଁ । ଆମ୍ଭେମାନେ ଏକାନ୍ତ ଆଶାକରୁଁ କି ଶ୍ରୋତାମାନେ ଯେମନ୍ତ ଶ୍ରଦ୍ଧା ସହିତ ଏହି ସଦୁପଦେଶପୂର୍ଣ୍ଣ ବକ୍ତୃତା ଶ୍ରବଣ କରିଅଛନ୍ତି ତେମନ୍ତ ଶ୍ରଦ୍ଧା ସହିତ ସ୍ମରଣ ରଖିବା ଏବଂ କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରିବେ ।

---

### ପୁସ୍ତକପ୍ରାପ୍ତି ।

ଆମ୍ଭେମାନେ ନିମ୍ନଲିଖିତ ପୁସ୍ତକମାନ ଉପହାର ପାଇବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ।

ବନ୍ୟପୁଷ୍ପାଞ୍ଜଳି ।— ବାଲେଶ୍ୱରର ଜଣେ ନିବାସୀ ଶ୍ରୀ ସଜ୍ଜନାରାୟଣ ଦାସ ଜମିଦାରଙ୍କଦ୍ୱାରା ରଚିତ ଏବଂ ଏତଗର ଭିକ୍ଟୋରିଆପ୍ରେସରେ ମୁଦ୍ରିତ । ଏ ଖଣ୍ଡିଏ କ୍ଷୁଦ୍ର ପଦ୍ୟପୁସ୍ତକ । ଏହା ବାବୁ ମଧୁସୂଦନ ରାଓଙ୍କ ନାମରେ ଉତ୍ସର୍ଗିତ ଏବଂ ବିତରଣାର୍ଥେ ପ୍ରକାଶିତ ହୋଇଅଛି । ଏଥିରେ 'ଜନନୀ' 'ସଂସାର' ପ୍ରଭୃତି କେତେକ ପ୍ରବନ୍ଧ ଏବଂ ଗୋଟିଏ ଭଜନ ସନ୍ନିବେଶିତ ହୋଇଅଛି । ସେ ସବୁର ଭାଷା ଅତି ସରଳ ଏବଂ ଭକ୍ତିଭାବରେ ପରିପୂର୍ଣ୍ଣ । ଏ ପ୍ରକାର ପୁସ୍ତକ ଖଣ୍ଡିକ ପଢ଼ିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ । ଏହା ସ୍କୁଲପାଠ୍ୟପୁସ୍ତକର ମଧ୍ୟ ଯୋଗ୍ୟ ଅଟଇ । [illegible] ଗ୍ରନ୍ଥକାର ଯଥେଷ୍ଟ ନମ୍ରତାର ପରିଚୟ ଦେଇଅଛନ୍ତି ଏବଂ ସେହି ହେତୁରେ ଏହାର ନାମ ବନ୍ୟପୁଷ୍ପାଞ୍ଜଳି ଦେଇଅଛନ୍ତି । ମାତ୍ର ବନରେ ଫୁଟିଲେ ମଧ୍ୟ ଗ୍ରାହକ ନିକଟରେ ଫୁଲର ଆଦର କମ ହୋଇ ନାହିଁ । ଏପର୍ଯ୍ୟନ୍ତ ସାଧାରଣ ଲୋକେ କବିତା ରଚନା କରୁଥିଲେ । ସୁଜନଙ୍କ ପଦ୍ଧେ ଜମିଦାରବର୍ଗଙ୍କୁ ଦେଖି ଆମ୍ଭେମାନେ ବଡ଼ ଆନନ୍ଦିତ ହେଲୁଁ ।

ସଙ୍ଗୀତସାଗର ତୃତୀୟ ଓ ଚତୁର୍ଥତରଙ୍ଗ— ଶ୍ରୀ ଦାମୋଦର ପଟ୍ଟନାୟକଙ୍କଦ୍ୱାରା ସଙ୍ଗୃହୀତ ଏବଂ ଯଥାକ୍ରମେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପ୍ରେସ ଏବଂ ସାୟ ପ୍ରେସରେ ମୁଦ୍ରିତ, ମୂଲ୍ୟ ପ୍ରତିଖଣ୍ଡ ୫ ୦୵ ଲେଖାଏ । ଏ ପୁସ୍ତକର ପ୍ରଥମତରଙ୍ଗ ବାହାରିବାବେଳେ ଆମ୍ଭେମାନେ ଯେଉଁ ଅନୁକୂଳ ମତ ପ୍ରକାଶ କରିଥିଲୁଁ ତହିଁ ଉପରେ ଅଧିକ କିଛି କହିବାର ନାହିଁ ଓ ଗ୍ରନ୍ଥର ଆଦର ଦେଖି ଗ୍ରନ୍ଥକାର ଅନ୍ୟାନ୍ୟ ତରଙ୍ଗମାନ ବାହାର କରିବାକୁ ପ୍ରବୃତ୍ତ ହେବା ଏବଂ ମୂଲ୍ୟ ଉଣା କରିବା ହେତୁ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ ।

ସଙ୍ଗୀତସାର ପ୍ରଥମଭାଗ ।— ଶ୍ରୀ ବାବୁ ସର୍ବ

Digitized by srujanika@gmail.com

Split by PDF Splitter



ଭକ୍ତାସି ସ୍ୱାମୀଙ୍କ ଦ୍ୱାରା ସଂଗୃହୀତ ଓ ପ୍ରକାଶିତ ଏବଂ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପ୍ରେସରେ ମୁଦ୍ରିତ । ମୂଲ୍ୟ ଟ ୨ ୷ । ଭୂମିକାରୁ ପ୍ରକାଶ ଯେ ଉକ୍ତ ପୁସ୍ତକର ପ୍ରସିଦ୍ଧ ଦକ୍ଷିଣୀ କୀର୍ତ୍ତନଦଳର ଗୁରୁ କାର୍ତ୍ତିକ ସାହୁଙ୍କ ବିଶେଷ ସାହାଯ୍ୟରେ ଏ ପୁସ୍ତକ ସଙ୍କଳିତ ହୋଇଅଛି ଏବଂ ସଙ୍ଗୀତ ସାଗରର ଭୂମିକାରୁ ମଧ୍ୟ ଉକ୍ତ କାମନ୍ତେ ସେହି କାର୍ତ୍ତିକ ସାହୁଙ୍କର ସାହାଯ୍ୟ ନିଆ ଯାଇ ଥିବାର ଜଣାଯାଏ । ଫଳତଃ ଉଭୟ ପୁସ୍ତକରେ ତାହାଙ୍କର କଣ୍ଠସ୍ଥ ଗୀତମାନ ଅଛି ଏବଂ ସେ ସବୁର ବିଶେଷ ଅଦ୍ଧର ଅନୁମାନ ଦେଖାଯାଏ । ଅତଏବ ଯେଉଁମାନଙ୍କର ଏସଙ୍ଗୀତ ସାଗର କ୍ରୟ କରି ଏକ ପରେ ଏକ ତରଙ୍ଗମାନ ଲଙ୍ଘିବାର ବଳ ବା ଅବକାଶ ନାହିଁ ସେମାନେ ସଙ୍ଗୀତସାରରେ ତୃପ୍ତି ଲଭିବେ ଏହି ଆଶାରେ ବୋଧହୁଅଇ ଏ ପୁସ୍ତକ ବାହାରିଅଛି ଏବଂ ଆମ୍ଭମାନଙ୍କ ବିବେଚନାରେ ଆଶା ଅସଙ୍ଗତ ନୁହଇ । ମାତ୍ର ଏହି ସଙ୍ଗୀତସାର ସଙ୍ଗେ ପ୍ରଥମଭାଗ ଯୋଗ ହେବାର ଦେଖି ଭୟ ହେଉଅଛି କାଳେ ଏହାର ଅନ୍ୟାନ୍ୟ ଭାଗମାନ ବାହାର ସାର ଅସାରକୁ ଲେଉଟି ନ ପଡ଼େ ।

---

# ସାପ୍ତାହିକ ସମ୍ବାଦ ।

ଏସପ୍ତାହରେ ୨ ୪ ୨ ଇଞ୍ଚବୃଷ୍ଟି ଗତ ଗୁରୁବାର ସନ୍ଧ୍ୟାସମୟରେ ଭୂମିକମ୍ପ ହୋଇଥିଲା । ସେହି ସମୟରେ ତିଥି ବୃଷ୍ଟି ସହିତ ଘନଘନ ହେବାରୁ ଗତବାର ତୋଫାନର ଭୟ ହୋଇ ଥିଲା ଏବଂ ପୂର୍ବର ଦୁର୍ଦ୍ଦଶା ତୋଫାନ କଥା ସ୍ମରଣ କରାଇ ଦେଇଥିଲା ।

ଆମ୍ଭମାନଙ୍କ ଜଜ ସାହେବ ବାଲେଶ୍ୱର ଫୌଜଦାରୀ ଶେଷ କରି ଗତ ମଙ୍ଗଳବାର ଏଠାକୁ ଫେରି ଆସିଅଛନ୍ତି ।

ଗତପୂର୍ବ ଶୁକ୍ରବାର ଏ ନଗରରେ ଗଣେଶ ପୂଜା ହୋଇଥିଲା । ଅନେକ ପ୍ରତିମା ହୋଇଥିଲା । ମାତ୍ର ପୂର୍ବ ପ୍ରାୟ ଧୂମଧାମ ନାହିଁ ।

ସମ୍ବାଦଦାତାହିଁ ଲେଖିଅଛନ୍ତି ଯେ ମଦନର ପ୍ରସାଦରୁ ବାଲେଶ୍ୱର ସହରମଧ୍ୟରେ ଅନେକଙ୍କ ବାଡ଼ିରୁ କଦଳୀ କଷାରୁ ଚୋରୀ ହେଉ ଯାଉଅଛି । ଆମ୍ଭେମାନେ ଅନୁମାନ କରୁଁ ଏହା ମଦର ଏଥିନିମନ୍ତେ ଦାୟୀଛନ୍ତି ନୁହେ ଅବକାଶର ମଧ୍ୟ ଲଗ ଅଛି ।

ବାଲେଶ୍ୱରରେ ଗତ ସପ୍ତାହରେ ଭଲ ବୃଷ୍ଟି ହୋଇଥିଲା ଏବଂ ତହିଁ ନଦୀ ଅଦେଖି ବଢ଼ିଥିଲା । ମୁଖରେ ଜଳ ଯେ ନଦୀ ଶୀଘ୍ର ଘଟିବାରୁ ନଦୀକୂଳସ୍ଥ ଫସଲର କ୍ଷତି ହୋଇ ନାହିଁ । ଜଳସ୍ଥାନ ବହୁତ ସମାନ ହୋଇଅଛି ।

ବିଶେଷ ବୃଷ୍ଟିହେତୁ ବାଲେଶ୍ୱରରେ ଜ୍ୱର ବାତ ପ୍ରଭୃତି ରୋଗ ଅଧିକ ହୋଇଅଛି ।

ବାବୁ ଭଗବାନଚନ୍ଦ୍ର ଦାସଙ୍କ ସହିତ ତାହାଙ୍କ ସରକରକାର ଗମସ୍ତେ ଏବଂ ପିଆଦା ଜଣେ ହୋଇ ଶୌଚସ୍ପର୍ଶ ହୋଇଥିଲେ । ଜଜ ସାହେବଙ୍କ କଚେରୀରେ ଭଗବାନ ବାବୁ ଖଲାସ ପାଇଲେ ମାତ୍ର ଅନ୍ୟ ଦୁଇଜଣ ଅସାମୀ ମା ୬ ସ ଲେଖାଏ କଏଦ ଏବଂ ଯଥାକ୍ରମେ ଦୁଇଶତ ଏବଂ ଏକଶତ ଟଙ୍କା ଜରିମାନା ଦଣ୍ଡ ଲଭିଲେ । ବାବୁଙ୍କ ସବୁଦିନ ଜାମିନ ହେବାବେଳେ ଦର୍ଶକମାନେ ସ୍ୱଷ୍ଟ ବଡ଼ବୋଲ ଥିଲେ କରେଗ କହିଆଇ ଦେଇଥିଲେ ।

## କଲିକତା-ଗଜେଟ୍ ।

ପୁରୀର ଅଫିସିଏଟିଂ ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଅର୍ଦ୍ଧଚାରଣ ସେନ ଅନ୍ୟାନ୍ୟ ପର୍ଯ୍ୟନ୍ତ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ।

ଅବକାଶ ଡେପୁଟୀ କଲେକ୍ଟର ବାବୁ କାନ୍ତିଭୂଷଣ ସେନ ବାବୁ ଗଙ୍ଗାଧର ନାୟକଙ୍କ ସ୍ଥାନରେ କଟକ ଉତ୍ତର ଇନ୍‌କମ୍ ଟାକ୍ସ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହୋଇ ଇନ୍‌କମ୍ ଟାକ୍ସ ଆଇନାନୁଯାୟୀ କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

କଟକର ଜଏଣ୍ଟ ମାଜିଷ୍ଟ୍ରେଟ ଓ ଜଏଣ୍ଟ କଲେକ୍ଟର ବାବୁ ନରେନ୍ଦ୍ରନାଥ ଗୁପ୍ତ ଫୌଜଦାରୀ କାର୍ଯ୍ୟବିଧି ଆଇନର ଧା ୧୯୦ ଅନୁଯାୟୀ କ୍ଷମତା ପ୍ରାପ୍ତ ହେଲେ ।

ବାଲେଶ୍ୱର ଜଲ କୋର୍ଟଙ୍କ ଅଧୀନ ସ୍କୁଲସମୂହର ସବ୍-ଇନ୍‌ସ୍ପେକ୍ଟର ବାବୁ ଦ୍ୱାରକାନାଥ ଘୋଷ ପୂର୍ବ ଦୁଇବର୍ଷର କୃଷିର ଅନୁଷ୍ଠାନରେ ପୁଣି ଏକବର୍ଷ ନିମନ୍ତେ ଛୁଟି ପ୍ରାପ୍ତ ହେଲେ ।

କଟକ ରେଭେନ୍ସା କଲେଜର ଅଧ୍ୟାପକ ବାବୁ ମୋହିନୀମୋହନ ଚୌଧୁରୀ ଏମ, ଏ, ଅଧିକା ୨ ୧୮ ଦିନ ଛୁଟି ପାଇଲେ ।

---

ଗତ ସପ୍ତାହରେ କଲିକତାରେ କମ୍ପାନୀ କାଗଜର ଦର ଟ ୨୪ ଣ ଏବଂ ରୂପାର ଦର ଟ ୧୨୷ ହୋଇଥିଲା ।

ବମ୍ବେରେ ଦଙ୍ଗାମାନଙ୍କରେ ୬ ୪୭୨ ଣ ଲୋକ ଏବଂ ୨ ୪୮ ଣ ମୁସଲମାନ ଦଣ୍ଡ ପାଇଅଛନ୍ତି ।

ଅପ୍ରକମିଶନ ବର୍ତ୍ତମାନ ଜଗତରେ ସାକ୍ଷ୍ୟଗ୍ରହଣ କରୁଅଛନ୍ତି । ତା ୧୬ ଏ ନବେମ୍ବରରେ କଲିକତାରେ କାର୍ଯ୍ୟ ଆରମ୍ଭ ହେବ ।

ପଞ୍ଜାବ ଗବର୍ଣ୍ଣମେଣ୍ଟର କାମ୍ବକରେ ଏକଜଣ ସିପାହୀ ପାଗଳ ହୋଇ ସାତଜଣ ସିପାହୀଙ୍କ ହତ କରିଅଛି । ସିପାହୀ କାମ୍ପ ହେଲେ ସିପାହୀକାର୍ଯ୍ୟ ଛାଡ଼ ଯାଇ କି କରନ୍ତା ?

ରେଭେନ୍ୟୁ ବୋର୍ଡ ଆଦେଶ ଦେଇଅଛନ୍ତି ଯେ ବେଙ୍ଗସେବ୍ୟୁ ନିମନ୍ତେ ଯେ ସମସ୍ତ କଣ୍ଟ୍ରାକ୍ଟକାଗଜ ଛାପା ହୋଇଅଛି ତହିଁର ପୃଷ୍ଠଦେଶରେ ରେବେନ୍ୟୁ ଷ୍ଟାମ୍ପ ଲଗାଇବାର ନାହିଁ ।

ନବାଉଣଚନ୍ଦ୍ର ବସୁନାମକ ଏକବ୍ୟକ୍ତି ଆପଣାର ଚତୁର୍ଦ୍ଦଶବର୍ଷୀୟା ସ୍ତ୍ରୀକୁ ଏମ୍ପରେ ବାନ୍ଧି ବେତ ମାରୁଥିଲା । ଅଲୀପୁର ଫୌଜଦାରୀରେ ଏହାର ମାମଲା ଉପସ୍ଥିତ ହେବାରୁ ପଣ୍ଡିତାତ୍ ସ୍ୱାମୀ ୧୫ ଦିନ କାରାବାସଦଣ୍ଡ ପାଇଅଛି । ଯେଉଁ ସ୍ୱାମୀ ସ୍ତ୍ରୀକୁ ଦାସୀ ମନେ କରି ଦଣ୍ଡ ଦେଲେ ତାହାର ଏଥିରୁ ଶିକ୍ଷାଲାଭ କରିବ ।

ସମସ୍ତ ବଙ୍ଗଳାରେ ୩ କୋଟି ୬୮ ଲକ୍ଷ ଲୋକ ବଙ୍ଗଭାଷା, ୧୩ ଲକ୍ଷ ୭୦ ହଜାର ଲୋକ ସାଓଁତାଳଭାଷା ଏବଂ ୫୪ ଲକ୍ଷ ଲୋକ ଓଡ଼ିଆଭାଷାରେ କଥାବାର୍ତ୍ତା କରନ୍ତି ।

ବଙ୍ଗଳାରେ ସର୍ବମୋଟ ୨ ଲକ୍ଷ ୮୨ ହଜାର କୌଲିକବ ୧ ଲକ୍ଷ ୬୮ ହଜାର ପାଲିବ ବେଦେଶ ଏବଂ ୧ ଲକ୍ଷ ୬ ହଜାର ୫ ଶତ ସଦଗୋପଲୋକ ଅଛନ୍ତି ।

ଭୁବନ୍ତ ପୁଲଡାଳ ଗାଡ଼ଗାଡ଼ିର ଘର ବନ୍ଦେଶୀ । ସେ କୌଣସି ମତେ ଆପଣା ଘଟରେ ଦାର ବନ୍ଦ କରିବେ ନାହିଁ । ତାହାଙ୍କର ଧାରଣା ଯେ ତାହାଙ୍କର ପ୍ରଜାମାନେ କୃମିକଣା କରିବାରେ ବଡ଼ ପଟୁ ଓ ଚାଲାକ ହେଲେ ସେମାନଙ୍କର ମନ ଅଭିପ୍ରାୟ ସାଧିବାର ବିଶେଷ ସୁବିଧା ହେବ ।

ଚଳିତମାସ ତା ୨୩ ରିଖ ଅର୍ଥାତ୍ ଅଦ୍ୟଠାରୁ ଆଗାମି ନବେମ୍ବର ମାସ ତା ୨ ରିଖ ପର୍ଯ୍ୟନ୍ତ ଦଶହରା ପାଇଁ ସ୍କୁଲମାନ ବନ୍ଦ ହେବ ।

## ପୁରୀ-ସମ୍ବାଦ ।

ଗତ ପୂର୍ବ ଶନିବାର ଜିଲ୍ଲାସ୍କୁଲର ବାର୍ଷିକପୁରସ୍କାର ବିତରଣ ଜିଲ୍ଲାସ୍କୁଲରେ ହୋଇଥିଲା । ଦୁଃଖର ବିଷୟ ଯେ ବର୍ଷାର ଅଧିକ ହେତୁ ଆଶାନୁରୂପ ଲୋକସମାଗମ ଉପସ୍ଥିତ ହୋଇ ପାରି ନ ଥିଲେ ।

ଅନୁକୂଳ ବୃଷ୍ଟି ଦେଖି ଭଲ ଫସଲର ଆଶା ଉତ୍ତମ ହେବାର ଆଶା ହେଉଅଛି । ସମ୍ପ୍ରତି ପ୍ରାୟ ପ୍ରଚଳିତ ବର୍ଷା ଅଛି ନାହିଁ ।

ଶ୍ରୀ ଗୋପୀନାଥ ଦେବ ଏଠାର କୋର୍ଟ ଏ ପ୍ରସିଦ୍ଧଦେବତା । ପ୍ରତ୍ୟହ ଏଠାରୁ ଅନେକଲୋକେ ଉକ୍ତସ୍ଥାନକୁ ଦର୍ଶନାର୍ଥୀ ହୋଇ ଯାଆନ୍ତି ଏବଂ ଏହି ରାସ୍ତା ଦେଇ ଦାକ୍ଷିଣାତ୍ୟ ପ୍ରଦେଶୀୟ ଯାତ୍ରିମାନେ ଗମନାଗମନ କରନ୍ତି । ଉକ୍ତ ରାସ୍ତାମଧ୍ୟରେ କେତେକସ୍ଥାନ ଏପରି ଜଳମୟ ହେଉଅଛି ଯେ ଦର୍ଶନାର୍ଥୀ ଏବଂ ଯାତ୍ରିମାନଙ୍କର ଯିବାଆସିବା ବଡ଼ କ୍ଲେଶକର ହେଉଅଛି । ମିଉନିସିପାଲଟୀକୁ ପ୍ରାର୍ଥନା ଯେ ଉକ୍ତରାସ୍ତା ମଧ୍ୟରେ ଯେଉଁ ୨ ସ୍ଥାନ ଅଛି ତାହା ପୋତିଦେଲେ ଆଉ ଗମନାଗମନର ଅସୁବିଧା ହେବ ନାହିଁ ।

ଏଠାର ଭୂତପୂର୍ବ ଡାକ୍ତର ଶ୍ରୀ ଚନ୍ଦ୍ରମୋହନ ସ୍ୱାମୀଙ୍କ ଭ୍ରାତା ଶ୍ୟାମମୋହନ ଦାସ ସୁବାହିଷ୍ଟାରେ ପରଲୋକପ୍ରାପ୍ତ ହୋଇଅଛନ୍ତି ଏବଂ ପାଠଶାଳାର ଶିକ୍ଷକ କଲେଜର ଅଧ୍ୟୟନ କରୁଥିବାର ପ୍ରାଣଧାନ କରିଥିବାର ଶୁଣି ଦୁଃଖିତ ହେଲୁଁ । ଏ ମହାଶୟ ପାଠଶାଳାରେ ପ୍ରଥମ ଶିକ୍ଷକତା କର୍ମ ପ୍ରଶଂସାର ସହିତ କରି ଅଲ୍ପଦିନ ହେଲା ରାମକଟକରେ କାର୍ଯ୍ୟ କରୁଥିଲେ ।

ଏଠାରେ ଗତ ବଳାଦ୍ଧିକ ଚତୁର୍ଥୀ ପୂଜା କେତେକଲୋକେ ଲୁଚିକରି ଏବଂ କେତେକ ଗୁପ୍ତଭାବରେ କରିଥିଲେ । ଏହି ସ୍ଥାନରେ ଏପରି ଲୋଟିଏ ମହାସଭା ହିତାର୍ଥ ହେବା ବଡ଼ ପରିତାପର ବିଷୟ ।

ଶ୍ରୀମଦ୍‌ଭଗବଦ୍‌ଗୀତା ଲୋକମଣ୍ଡପ ମନ୍ଦିରର ପ୍ରାୟ ଅର୍ଦ୍ଧେକ ଦୁର ଭାଙ୍ଗିଗଲାଣି । ଜଗନ୍ନାଥଙ୍କରେ କାର୍ଯ୍ୟ ଲାଗିଅଛି ଅନ୍ୟାନ୍ୟସ୍ଥାନରେ ମଧ୍ୟ କାର୍ଯ୍ୟ ହେଉଅଛି ।

—※—

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ଧରମଠେଙ୍ଗା—ଉପେନ୍ଦ୍ରଭଞ୍ଜଙ୍କ ବିଷୟରେ ଆଉ ପ୍ରେରିତପତ୍ର ପ୍ରକାଶ କରିବାକୁ ଆମ୍ଭମାନଙ୍କର ଇଚ୍ଛା ନାହିଁ । ଆପଣଙ୍କର ଇଚ୍ଛା ହେଲେ ଇନ୍ଦ୍ରଧନୁବିଭୁକ୍ତଙ୍କୁ ପଠାଇ ପାରନ୍ତି ।

—ମୋକଦ୍ଦମା ନିଷ୍ପତ୍ତି ପୂର୍ବେ ସେ ସମ୍ବନ୍ଧରେ କୌଣସି ମତାମତ ପ୍ରକାଶ ହୋଇ ନ ପାରେ ।

ଶ୍ରୀ ଅଭିରାମଚନ୍ଦ୍ରଜ୍ୟୋତି—ପ୍ରବଳା କୌଡ଼ବାଙ୍ଗେର ଚାଲୁକ ମୟୂରର ପ୍ରଜାମାନେ

Digitized by srujanika@gmail.com

ବାଲେଶ୍ୱରକଲେକ୍ଟରଙ୍କ ନିକଟରେ ଦରଖାସ୍ତ କଲେ ଆଇନାନୁସାରେ ପ୍ରତୀକାର ପାଇବାର ସମ୍ଭାବନା। ତାହା ନ କରି କେବଳ ସମ୍ବାଦପତ୍ର-ଯୋଗେ ଆନ୍ଦୋଳନ କଲେ କିଛି ଫଳ ହେବ ନାହିଁ।

[illegible]ପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା
ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଆମ୍ଭର ନିମ୍ନଲିଖିତ କେତେକ ପଂକ୍ତି ଆପଣଙ୍କ ଉଦ୍‌ଦୀପିକା ପତ୍ରିକାରେ ସ୍ଥାନଦାନ ଦେଇ ବାଧିତ କରିବା ହେଉନ୍ତୁ ।

ଅଳ୍ପ ଦିନହେଲା ଜିଲ୍ଲା ଅନ୍ତର୍ଗତ କେତେକ ମୁସ୍ତାଜର ଓ ଯେଉଁମାନେ ଆପଣା ତହସିଲ ଇଲାକାର ଗତ ଡିସେମ୍ବର କିସ୍ତି ଖଜଣା ବାକି ରଖିଥିଲେ। ଏପରିକି ସେମାନଙ୍କ ଶ୍ରୀଯୁକ୍ତ ରାଜା ବାହାଦୁର ଦରୋଣ୍ଡ ଖଜଣା ତାରିଖ ମାର ଭିତର ଦେବାକୁ ସେମାନେ ତାହା ଉଦାୟ ନ ଦେଇ ଆପଣା ତହସିଲ ଇଲାକା ରଯ୍ୟତମାନଙ୍କୁ ଉପଦ୍ରମର୍ଦ୍ଦ ଦେଇ ମାଜିଷ୍ଟର ଶ୍ରୀଯୁକ୍ତ ସାହେବ ସବ୍ ଡି, ଅଫିସର ମହୋଦୟଙ୍କ ନିକଟ ଏହି ମର୍ମରେ ଦରଖାସ୍ତ ଦେଇଥିଲେ ଯେ "ରାଜା ଓ ରାଜକର୍ମଚାରୀମାନେ ନାନାଦି ଉପଦ୍ରବ କରୁଅଛନ୍ତି ଏବଂ ଆମ୍ଭମାନଙ୍କ ପ୍ରତି ଅନ୍ୟାୟ କରୁଅଛନ୍ତି" ଏଣୁ ଉକ୍ତ ଶ୍ରୀଯୁତ ଅଫିସର ମହୋଦୟ ସାକ୍ଷ୍ୟ ପ୍ରଃ ଦଃ ସ୍ତ୍ର ପୋଲିସ ଦଃ ମହାଶୟଙ୍କୁ ଉକ୍ତ ବିଷୟ ତଦନ୍ତ କରି ରିପୋର୍ଟ ପ୍ରେରଣ କରିବାର ଆଦେଶ ଦେଇଥିଲେ ମାତ୍ର ବାବୁ ମହାଶୟ ଦରଖାସ୍ତ ଲିଖିତ ବିଷୟମାନ ହୋଇଥିବାରେ କୌଣସି ପ୍ରମାଣ ନ ପାଇ ରିପୋର୍ଟ ଦେବାରୁ ପ୍ରଜାମାନଙ୍କ ଦରଖାସ୍ତ ନାମଞ୍ଜୁର ହୋଇଅଛି। କିନ୍ତୁ ପ୍ରଜାମାନେ ଆଶାନୁରୂପ ଫଳ ନ ପାଇ ପୁଣି ପୂର୍ବୋକ୍ତ ବାକି ଖଜଣା ଆଦାୟ ଦେଇ ନାହାନ୍ତି ପରନ୍ତୁ ଶ୍ରୀଯୁକ୍ତ ରାଜା ବାହାଦୁରଙ୍କ ତରଫରୁ ଉକ୍ତ ବାକି ଖଜଣା ସଂକ୍ରାନ୍ତ ୧୦ ଅଦାଲତରେ ନାଲିସ ହୋଇଥିବାରୁ ତାହାରି ହୋଇଅଛି। ଏଥିପାଇଁ ଯେ ସମ୍ବାଦଦାତା ଏ ବିଷୟ ଜାଣିଥିବା କରୁଛନ୍ତି ସେ ପ୍ରକୃତ ପରିକାରର ଉଲ୍ଲେଖ କରୁଅଛନ୍ତି ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ। କାରଣ ଯେଉଁ ଜମିଦାରମାନେ ମହାମାନ୍ୟ ଗବର୍ଣ୍ଣମେଣ୍ଟଙ୍କ ନିର୍ଦ୍ଦିଷ୍ଟ ତାରିଖରେ ଆପଣା ସ୍ୱତ୍ୱ ଦାଖଲ ନ କରନ୍ତି ସେମାନଙ୍କ ମହାଲ କି ନିଲାମରୁ ମୁକ୍ତ ହେବ ? ଅତଏବ ସମ୍ବାଦଦାତା ଏକପକ୍ଷର ବିଷୟ ଗୋପନଭୂତ ହୋଇ ଏକ ମହାଁ ଖୋଲକୁ ନ ଦେଇ କରିବା ଅନୁଚିତ, ନଦେବନ । –ଇ ।

ତା ୫।୯।୯୩ }
ସୁଜଡ଼ା }

ଓଷମ୍‌ଦ
ଜଣେ ଅନୁସନ୍ଧାନୀ

---

*A CAUTION TO THE PUBLIC.*

To the Editor of the Utkal Lipika,

Sir,

I learn that one so-called Rai Dharitri Nath Singh Deb Bahadoor, representing himself as an Agent and a relation of His Highness The Maharaja of Morbhunj, has been deceiving many. Lately he so deceived one Babu Bhola Nath Lahiri of No. 14, Brindaban Bose's Lane, Calcutta. I know he deceived and tried to deceive several other respectable gentlemen also, such as The Takur Shaheb of Kera, in the district of Singhbhoom and even His Highness The Maharaja of Benares and several other notable firms and merchants of Calcutta, Midnapur and other places, in the same way. It seems that this awfully clever fellow so successfully manages to induce people that they, as if by spell-bound, can't help believing him. Very strange indeed, that he has been practising such roguery from some years past and yet escaping the hands of law.

I hereby caution the public that the above-named person is in no way connected with the state and that he unauthoritatively assumes His Highness's name to cheat people. In fact, so far as I know of him, I think I can safely assert, he is a houseless vagabond and a professional cheat.

It is hoped that this caution will serve, as a warning to the credulous public, so that this perfect swindler may not take any more advantage of their simplicity and goodness.

Yours &c.
J. C. R.

ମୂଲ୍ୟପ୍ରାପ୍ତି ।

| | |
|---|---|
| ପଣ୍ଡିତ ଶ୍ରୀ ଗୋପୀନାଥ ଆଚାର୍ଯ୍ୟ | ଟ ୧ ୯ |
| ବାବୁ ଗୋବର୍ଦ୍ଧନ ଦାସ ମୋକ୍ତାର କଟକ | ଟ ୩ ୯ |
| ,, ବାବୁଦେବେନ୍ଦ୍ରନାଥ ନିଗମଚୌଧୁରୀ ମୋକ୍ତାର ଜୀତ | ଟ ୨ ୯ |
| ,, ଜଗନ୍ନାଥ ବଳୀୟ ଭଦ୍ରକ | ଟ ୩ ୯ |
| ,, ଧନେଶ୍ୱର ପଣ୍ଡା ମାଷ୍ଟ୍ରେଲେ | ଟ ୩ ୯ |

---

# ବିଜ୍ଞାପନ ।

---

## ବାବୁ ବିଶ୍ୱେଶ୍ୱର ଦାସ ।

ଅଫିସ୍ଥାପନ ସର୍ଜନ

କଟକ କଲେଜ ରାସ୍ତାରେ ଥାଇ ଚିକିତ୍ସା କରିବା ଏବଂ ସେ ସମ୍ବନ୍ଧରେ ପରାମର୍ଶ ଦେବାକୁ ପ୍ରସ୍ତୁତ ଅଛନ୍ତି ।

---

ପୂଜା ଉପହାର ! ପୂଜା ଉପହାର !!

ପୂଜା ଉପହାର !!!

"ପ୍ରେମତରଙ୍ଗ ପୁସ୍ତକ ଅର୍ଦ୍ଧ ମୂଲ୍ୟରେ ବିକ୍ରୟ" ଆସନ୍ତା ପୂଜା ମଧ୍ୟରେ ଯେଉଁମାନେ "ଷ୍ଟେଟ୍‍ରର ବା ନାଟକ ସଙ୍ଗୀତ" ପୁସ୍ତକ (ମୂଲ୍ୟ ଟ ୦ ୧/ ଦୁଇଅଣା ମାତ୍ର) କ୍ରୟ କରିବେ ସେମାନଙ୍କୁ "ପ୍ରେମତରଙ୍ଗ" ଅର୍ଦ୍ଧ ମୂଲ୍ୟରେ ପ୍ରଦତ୍ତ ହେବ। କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ।

---

ସୁଲଭମୂଲ୍ୟ !

ରାମବନବାସ ଅର୍ଥାତ୍ ରାମାୟଣ ସାତକାଣ୍ଡର ସମସ୍ତ ବୃତ୍ତାନ୍ତ ଉତ୍କଳଭାଷା ଗଦ୍ୟରେ ଲିଖିତ, ଯାହାକି ପୂର୍ବେ କେତେକବର୍ଷ ଇଣ୍ଟ୍ରାନ୍ସ୍ ସ୍କୁଲର ଉତ୍କଳସାହିତ୍ୟ ହୋଇଁ ପଢ଼ୁଥିଲେ, ତହିଁର ମୂଲ୍ୟ ଗତ୍ରକୁ ଟ ୦ ୫/ ଅଣା ଥିଲା ବର୍ତ୍ତମାନ ପୂଜାଉପଲକ୍ଷରେ ଚାରିଅଣା ମୂଲ୍ୟରେ ବିକ୍ରୟ କରିବାକୁ ପ୍ରସ୍ତୁତ ଅଛୁଁ ଯେଉଁବ୍ୟକ୍ତି ଖ ୨୦ ଖଣ୍ଡରୁ ଅଧିକ ନେବେ ତାଙ୍କୁ ଟ ୦ ୮ ଦୁଇଅଣା ମୂଲ୍ୟରେ ଦିଆଯିବ। ଅତଏବ ହେ ଗ୍ରାହକବର୍ଗ ! ପଇସା ଚାରିଅଣା ଦେଇଁ ସମ୍ପୂର୍ଣ୍ଣ ରାମାୟଣ ପାଇବ ଏଠାରୁ ବଳି ସୁଯୋଗ ମିଳିପାରିବ ନାହିଁ ଏବଂ ଅତେବଳାକର ଏହି ପୁସ୍ତକ ନେବା ବିଷୟରେ ଯତ୍ନଶୀଳ ହେବେ। କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ଏପୁସ୍ତକ ମିଳିଯାଇବ।

। ଇ । ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ।

Split by PDF Splitter

Digitized by srujanika@gmail.com

# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ପଚାଶିକ ।
ମୂଲ୍ୟ ୫ ୦ ୵ ତିନିଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ ବେଛେଇ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସୁରର ଦକ୍ଷିଣୀ ଓ ନୂତନ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶୀଘ୍ର ନିଅ ! ନିଅ ! ନିଅ ! !

ପୁସ୍ତକ ସଂଖ୍ୟା ଅଳ୍ପ ଅଛି ।

ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଆମ୍ଭ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ ଆଜିଠାରୁ ଅର୍ଦ୍ଧମୂଲ୍ୟରେ ବିକ୍ରୟ ହେଲା ।

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ୫ ୦ ୵ |
| ଐ | ଦ୍ୱିତୀୟ ଐ | ୫ ୦ ୵ |
| ଐ | ତୃତୀୟ ଐ | ୫ ୦ ୵ |
| ଐ | ଚତୁର୍ଥ ଐ | ୫ ୦ ୵ |
| ଜୀବନରତ୍ନ | | ୫ ୦ ୵ |
| କପିଳାସ କ୍ଷେତ୍ର | | ୫ ୦ ୵ |

ଏହି ପୁସ୍ତକମାନ କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀଙ୍କ ଛାପାଖାନାରେ, ବୁକ୍ ଏଜେଣ୍ଟ ବାବୁ ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ, ଚୌଧୁରୀବଜାରସ୍ଥ ବାବୁ ଲକ୍ଷ୍ମୀନାରାୟଣ ଦାସଙ୍କ ଡାକ୍ତରଖାନାରେ, ଏବଂ ବାଲୁବଜାରସ୍ଥ ପଣ୍ଡିତ ଶ୍ରୀ ଗୋବର୍ଦ୍ଧନଙ୍କ ଦୋକାନରେ ମିଳିବ ।

କଟକ } ଶ୍ରୀ ଦାମୋଦର ପଟ୍ଟନାୟକ ।
୨୨।୯।୯୩

### ଅମିନ ! ଅମିନ !

ବାମଣ୍ଡା ସବରେଜିଷ୍ଟରି ( ଦେଶୀୟ ଷ୍ଟେଟରେ ) ଜରିପ ବନ୍ଦୋବସ୍ତ କାର୍ଯ୍ୟ ଆଗାମୀ ଦୁର୍ଗାପୂଜା ପରେ ଆରମ୍ଭ ହେବାର ସ୍ଥିରଥିର ହୋଇଅଛି, ଏଥିନିମନ୍ତେ ଉପଯୁକ୍ତ ଅନୁସାରେ ମାସିକ ୫ ୧୦ ରୁ ୫ ୧୨ ( ବାରଟଙ୍କା ) ବେତନରେ ୬୦ ( ଷାଠିଏ ) ଜଣ ଅମିନ ଆବଶ୍ୟକ । ସେମାନେ ଆପଣା ବେତନରୁ ଆପଣାର ଖର୍ଚ୍ଚ ଚଳାଇବେ । ଅମିନ ସଂଗ୍ରହ ଭାର ନିମ୍ନୋକ୍ତ ବ୍ୟକ୍ତିମାନଙ୍କ ଉପରେ ଅର୍ପଣ କରି ଯାଇଅଛି । କର୍ମପ୍ରାର୍ଥୀମାନେ ସେମାନଙ୍କ ନିକଟରେ ଆପଣାମାନର କାର୍ଯ୍ୟଦକ୍ଷତାର ପରିଚୟ ଦେବେ । ସେମାନେ ଯେଉଁମାନଙ୍କୁ ମନୋନୀତ କରିବେ ସେମାନେ ଆସି ଉକ୍ତ କାର୍ଯ୍ୟରେ ନିଯୁକ୍ତ ହୋଇପାରିବେ । ଦଶହରାଦିନ ନିର୍ବାଚିତ ଅମିନମାନଙ୍କୁ ଏଠାରେ ଉପସ୍ଥିତ ହେବାକୁ ହେବ ।

ଅମିନ ସଂଗ୍ରହକାରଙ୍କ ନାମ ଓ ଠିକଣା

୧ । ବାବୁ ଜଗନ୍ନାଥ ପଟ୍ଟନାୟକ
। ଜ । କୁଠିଆ, ସଂପୁର ପୋଃ
କଟକ

୨ । ଲକ୍ଷ୍ମୀଧର ପଟ୍ଟନାୟକ
। ଜ । ରଘୁନାଥପୁର । ପ୍ର । ଅଲତି । ତା । ଗୋପାଳପୁର କୁଅଁପାଳ ପୋଃ କଟକ

ଉପରୋକ୍ତ ଉଭୟବ୍ୟକ୍ତିଙ୍କ ମଧ୍ୟରୁ ଏକ ବ୍ୟକ୍ତିଙ୍କ ପାଖରେ ଆବେଦନ କଲେ ଚଳିପାରିବ । ଇତି ।

ରାଜଧାନୀ ଦେବଗଡ଼ } ରାଜା ଶ୍ରୀ ସଚ୍ଚିଦାନନ୍ଦ ତ୍ରିଭୁବନଦେବ
୨୨।୮।୯୩ } । ବ । ବାମଣ୍ଡା

## ତୃତୀୟପାଠର ବ୍ୟାଖ୍ୟା ।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରକୃତି ଓ ଦୁର୍ବୋଧ ସ୍ଥଳମାନଙ୍କର ବିଶଦ ବୃତ୍ତି ଏବଂ ଐତିହାସିକ ଓ ଭୌଗଳିକ ବିବରଣ ସନ୍ନିବେଶିତ ହୋଇଅଛି । ହାଇସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଛାତ୍ରବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତୀବ ପ୍ରୟୋଜନୀୟ । ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ । ମୂଲ୍ୟ ଚାରିଅଣା । କଟକ ବରଦାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି ।

## Sita-mai-ki Andira

## ସୀତା ମାଈ କି ଅନ୍ଧିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତି ଚମତ୍କାର ଘଟଣା, ଏପରି ପୁସ୍ତକ ଉତ୍କଳଭାଷାରେ ଅଦ୍ୟାବଧି ମୁଦ୍ରିତ ହୋଇ ନାହିଁ । ଆବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ .. ୫ ୦।୨ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

# ନୂତନପୁସ୍ତକ ।

ଉତ୍କଳଇତିହାସର ପ୍ରଶ୍ନୋତ୍ତର ମୂଲ୍ୟ ୫ ୦ ୵ ଶ୍ରୀ ସୀତାନାଥ ରାୟଙ୍କ ଦ୍ୱାରା ସଙ୍କଳିତ । ଅପରପ୍ରାଇମେରୀପରୀକ୍ଷାର୍ଥୀଙ୍କ ସୁବିଧାର୍ଥେ ଏହି ପୁସ୍ତକ ସଙ୍କଳିତ ହୋଇ ଅଛି । ଉତ୍କଳଇତିହାସ ପାଠ ନ କରି କେବଳ ଏହି ପ୍ରଶ୍ନୋତ୍ତର ପାଠ କଲେ ବାଳକମାନେ ଇତିହାସପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ।

ନିମ୍ନଲିଖିତ ପୁସ୍ତକର ପରିବର୍ଦ୍ଧିତ ନୂତନସଂସ୍କରଣ ପ୍ରକାଶିତ ହୋଇ ଅଛି ।

| | | |
|---|---|---|
| ସରଳଭୂଗୋଳପାଠ | ( ୬ମ ସଂସ୍କରଣ ) | ୫ ୵ |
| ସୁଲଭ ଜ୍ୟାମିତି | ( ୩ୟ ସଂସ୍କରଣ ) | ୫ ୦।। |
| ଲିପିମାଳା | ( ୨ୟ ସଂସ୍କରଣ ) | ୫ ୦ |

## ବିଚ୍‌ମସାହେବଙ୍କ ବଟିକା ।

## ( BEECHAM'S PILLS. )

ସଂଲଗ୍ନ ବିଲାତରେ ଏକ ୨ ସରୁଅର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲଯାଏ ଯାହେଉ ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି କଷାକ୍ତ ବା ଧର୍ମହାନିକର ଦ୍ରବ୍ୟ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ପରେ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ ଗାତ୍ରୋଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବିବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଉକ୍ତ ପରିବାର ଓ ଦେହସ୍ୱାସ୍ଥ୍ୟପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତିସରୁଅ ଆକାର ଅନୁସାରେ ୫ ୦।। ୫ ୦ ।। ଓ ୫ ୦ ।।୵ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

## New School Books.

### JUST TO HAND.

Webb's Two hundred questions on Grammar and Idiom with Answers.

Split by PDF Splitter

Digitized by srujanika@gmail.com

Webb's Keys to English Entrance Course for 1892 and 1893.
S. P. Ghosh's Key to English-Entrance Course for 1894.
Chambers' Etymol. Dictionary
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଘଡିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଜାଣାଉଛାର ଯେଉଁ ବହୁ କୂଳ୍ୟବଶ୍ଯ ଉତ୍ତମରୂପେ ମରାମତ ହେବା ଓ ଯଥା ସମ୍ଭୃଭେ ପାଯୁଟିକାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ୀ ମରାମତିର କାର୍ଯ୍ୟାରମ୍ଭ କରୁଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ଵ କଲେ ସମସ୍ତ ବିଷୟ ଜାଣି ପାରିବେ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରଶଙ୍କର ରାୟଙ୍କ ବସା ଘରଗୃହରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକାଇ, ରେଶମୀ ଓ ଗେଲ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏକ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗାକୁ ଉପରେ ଲେଖା ଅଛି ଇହା ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମନାଫା ଦେଇ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ

ଗ୍ରାହକଙ୍କ ପକ୍ଷରେ ଏକଦର ହେବ ଏଠାରୁ ଅଧିକ ବା ଊଣା କମ୍ଭା ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଉକ୍ତ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଷ୍ଟେସନେରୀ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟେମେଣ୍ଟ ପେନସୀଲ | ଗୋ ୧ ଟ ୦ ।/ |
| ଲାଲ ଓ ନୀଳ ପେନସୀଲ | ଗୋ ୧ ଟ ୦ ୵୫ |
| ଓଡ଼ିଆ ପେନସୀଲ | ଡ ୧ ଟ ୦ ୵ |
| ନକସା କାଗଜ | ଡ ୧ ଟ ୦ ୵ |
| ଫୁଲସକେପ୍ କାଗଜ ସରୁଆ | ଡ ୧ ଟ ୦ ୵ |
| ଏକଳ କୁଇଲ | ଡ ୧ ଟ ୦ ୵ |
| ଏକଳ ନିରସା | ଡ ୧ ଟ ୦ ୵ |
| ଫୋଲସିନୋଟପେପର ଓ ଲଫାଫା | ଡ ୧ ଟ ୨ । |
| ଡାକକାଗଜ ସରୁଆ | ଡ ୧ ଟ ୦ ୵ |
| ଏକଳ ମଧ୍ୟମ | ଡ ୧ ଟ ୦ ୵ |
| ଲଫାଫା ସରୁଆ ସ୧୦୦ଟ୦୵ | ଗୋ ୨୫ ଟ ୦ ୵ |
| ଏକଳ ମଧ୍ୟମ ସ୧୦୦ ଟ ୦ ୵ | ଗୋ ୨୫ ଟ ୦ ୯ |
| ବାଲିକାଗଜ ୧୬ ପଣି | ଡ ୧ ଟ ୦ ୵ |
| ସିହାଇ | ବୋ ୧ ଟ ୦ ୵ |

ଏକଳ ଗୁଣ୍ଡି ଏହାକୁ ଅଧ ବୋତଲ ଜଳରେ ପକାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ

| | |
|---|---|
| ପ୍ରସ୍ତୁତ ହେବ | ବ ୧ ଗ୍ରୀଲ ଟ ୦ ୵ |
| ସୀଲଷ୍ଟ ପେନସୀଲ | ବ ୧ ଟ ୦ ୵ |
| ରବର | ଖ ୧ ଟ ୦ ୵ |
| ବଂଶପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ଲିଡ଼ା କଲମ (ନିବ) ସରୁଆ ଡ଼ ୧ | ଟ ୦ ୵ |
| ଏକଳ ଝିରସା | ଡ଼ ୧ ଟ ୦ ୯ |
| ଏକଳ୍ ବଡ଼ମାଗନରେଟ୍ଳମ | ଗୋ ୧ ଟ ୦ ୯ |
| ନାଟହୁଅର ଠାକୁଣି ସହିତ (କଳଷାଦାନ) | ଗୋ ୧ ଟ ୦ । |

| | |
|---|---|
| ଏକଳ ସାଧାରଣ | ଗୋ ୧ ଟ ୦୵ |
| କଲାଫିତା ସରୁଆ | ଗ ୧ ଟ ୦ ୵ |
| ହୋଲଡ୍ୟାର ବେଗ ସୁବିସ୍ତୃତ | ଗୋ ୧ ଟ ୦ ୵ |
| ମନିବେଗ | ଗୋ ୧ ଟ ୦ ୵ |
| ମୃଗନଖଅରର ଫଗ୍ରହିତୁକା ଓ ରୁପେଲିନକଷା ଚାଲି | ଗୋ ୧ ଟ ୨ । |
| ଲେବେଣ୍ଡର | ଗୋ ୧ ଟ ୧୧ |
| ମେଳଷର ଅଏଲ | ଗୋ ୧ ଟ ୦ ୫ |
| ସାବୁନ ସରୁଆ | ଖ ୧ ଟ ୦ /୯ |
| ଫଲଦାନୀ | ଗୋ ୧ ଟ ୧ ୵ |
| ବେବାଲଗୀର ଟଗ୍ଭାଲଦ୍ୟା | ଗୋ ୨ ଟ ୪ । |
| ଏକଳ ଏବଡ଼ାଲଅ | ଗୋ ୧ ଟ ୨ |
| ସେଣ୍ଟ | ଗୋ ୧ ଟ ୨ |
| ଅଷ୍ଟ୍ରେଟ | ଗୋ ୧ ଟ ୵ ୨ |
| ଛାସ | ଡ ୧ ଟ ୦ / |
| ସାଳପଗଡ଼ୀ | ଗୋ ୧ ଟ ୧ |
| ବନାରସୀ ସଗ୍ଧ ଢମ୍ବ | ଖ ୧ ଟ |

ପେଡ଼ାର ଏହାକୁ ହୋଏଷ ପାନରେ ଭଜି ଦାନ୍ତରେ ଭିରଳାଇ ହୋଠା ଖଇର ଘାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ ୧ ଟ ୦

କଟକ } ଅଚ୍ୟୁତକୃଷ୍ଣ ଦାସ
ଚୌଧୁରୀ ବଜାର } କମ୍ପାନୀ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ୀପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚା ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମଥର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ,

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଓଁ ଏହି ଉତ୍କଳଦୀପିକା ସହର କଟକ ଦୁର୍ଗାବଜାର କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୫ ସ | ସଂ ୩୯ ସଂଖ୍ୟା | ତା ୩୦ ଦଶ ମାହେ ସେପ୍ଟମ୍ବର ସନ ୧୮୯୩ ମସିହା । ମୂ। ଅଶ୍ୱିନ ଶୁ ୧୬ ଦ ସନ ୧୩୦୧ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦ୍ଦେୟ ଟ ୬୯

ଓଡ଼ିଶା ସବଡ଼ିଭିଜନ ମାହାଲିମାନଙ୍କ ସମ୍ବନ୍ଧରେ ସେଉଁ ଅଇନର ପାଣ୍ଡୁଲିପି ଭାରତୀୟ ବ୍ୟବସ୍ଥାପକ ସଭାରେ ଆଗତ ହୋଇଥିଲା ଏବଂ ଯହିଁର ବୃତ୍ତାନ୍ତ ଆମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ ତାହା ଗତମାସ ତା ୨୧ ରିଖରେ ପାସ ହୋଇଅଛି ।

---

ଅଠଗଡ଼ର ମୃତରାଜା ବିଶ୍ୱନାଥ ବେବର୍ତ୍ତା ପଟ୍ଟନାୟକଙ୍କ ସାନଭାଇ ଶ୍ରୀଯୁକ୍ତ ଶ୍ରୀକରଣ ରଘୁନାଥ ବେବର୍ତ୍ତା ପଟ୍ଟନାୟକ ଉକ୍ତ କିଲ୍ଲାର ସିଂହାସନାରୂଢ଼ ହୋଇଅଛନ୍ତି । ଏହାଙ୍କର ବୟସ ପ୍ରାୟ ୨୦ ବର୍ଷ ମାତ୍ର ବୋଧ ହୋଇଅଛନ୍ତି । ଭରସା କରୁଁ ଏହାଙ୍କ ରାଜ୍ୟଶାସନରେ ପ୍ରଜା ଏବଂ ଗବର୍ଣ୍ଣମେଣ୍ଟ ଉଭୟେ ସନ୍ତୋଷ ଲାଭ କରିବେ । ମୃତ ରାଜାଙ୍କ ଠାରେ ଗବର୍ଣ୍ଣମେଣ୍ଟ ଯେପରି ବିରକ୍ତ ଥିଲେ ସେପରି ଘଟିବ ନାହିଁ ।

---

କାବୁଲକୁ ଯେଉଁ ଇଂରାଜଦୂତ ଯାଉଥିଲେ ସେ ନିରାପଦରେ କାବୁଲରାଜ୍ୟର ସୀମାମଧ୍ୟରେ ପ୍ରବେଶ ହୋଇଅଛନ୍ତି ଏବଂ ଅମିରଙ୍କର ଜଣେ ଜେନରଲ ଗୋଲମହମ୍ମଦ ଦୂତଙ୍କୁ ଅଭ୍ୟର୍ଥନା କରି ସଙ୍ଗେ ନେଇ ଯାଉଅଛନ୍ତି ଏବଂ ଯଥୋଚିତ ଖାତିର କରୁଅଛନ୍ତି । କାବୁଲ ନଗରବାସୀଙ୍କର ଦୂତଙ୍କ ଅଭ୍ୟର୍ଥନାର ଆୟୋଜନ ଅତି ସମାରୋହରେ ହେଉଅଛି । ଦୂତଙ୍କ ଶରୀରରକ୍ଷା ଏବଂ ସ୍ୱଚ୍ଛନ୍ଦତାର୍ଥେ ସମସ୍ତଭାର ଅମୀର ଗ୍ରହଣ କରି ଯେପରି ମନୋଯୋଗସହିତ ନିର୍ବାହ କରିବାର ଦେଖାଯାଉ ଅଛି ତହିଁରୁ ଅନାୟାସରେ ଅନୁମାନ ହେଉଅଛି ଯେ ଇଂରାଜଦୂତ କାର୍ଯ୍ୟସାଧନ କରି ସୁଖରେ ଫେରି ଆସିବେ ।

---

ଅଲ୍ପଦିନ ତଳେ ପୁନାରେ ଗୋଟିଏ ସାଧାରଣ ସଭା ହୋଇଥିଲା । ଶ୍ରୀବଲବନ୍ତ ରାମଚନ୍ଦ୍ର ନାଟୁ ସିରଦାର ଏବଂ ଅନରେରି ମାଜିଷ୍ଟ୍ରେଟ ସଭାପତିର ଆସନ ଗ୍ରହଣ କରିଥିଲେ । ସଭାରେ ଧାର୍ଯ୍ୟ ହେଲା ଯେ ଦେଶୀୟଲୋକଙ୍କ ଧର୍ମ ଓ ସମାଜ ସମ୍ବନ୍ଧୀୟ ସ୍ୱତ୍ୱାଧିକାର ବିଷୟରେ ସରକାରୀ କାର୍ଯ୍ୟକାରକମାନେ କ ନିୟମାନୁଯାୟୀ କାର୍ଯ୍ୟ କରିବେ ତାହା ନିର୍ଦ୍ଦିଷ୍ଟରୂପେ ସରକାରକରୁ ନିର୍ଦ୍ଧାରିତ ହୋଇ ନ ଥିବା ଏବଂ ସ୍ଥାନବିଶେଷରେ ପ୍ରଚଳିତ ଧର୍ମସମ୍ବନ୍ଧୀୟ କାର୍ଯ୍ୟର ସରକାରୀ ତାଲିକା କିଛି ନ ଥିବାରୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଦଙ୍ଗାହଙ୍ଗାମା ଲାଗୁଅଛି ଏବଂ ଏକଜାତିକୁ ଅନ୍ୟଜାତିସଙ୍ଗେ ଲଢ଼ାଇ ଦେବାର ଭ୍ରମାତ୍ମକ ନୀତିରୁ ମଧ୍ୟ ଏହା ଜାତ ହେଉଅଛି । ସଭା ଏହି ବିଷୟ ସରକାରଙ୍କୁ ଜଣାଇ ସ୍ୱାଧୀନଭାବରେ ଏଥିର ଅନୁସନ୍ଧାନ ହେବାର ପ୍ରାର୍ଥନା କରୁଅଛନ୍ତି । ସଭାର ପ୍ରସ୍ତାବଟି ଯୁକ୍ତିସଙ୍ଗତ ଏ ବିଷୟରେ ସନ୍ଦେହ ନାହିଁ ।

—※※—

ଓଡ଼ିଶା ଓ ନବସମ୍ବାଦଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି କି ଗତମାସ ତା ୭ ରିଖଠାରୁ ଆରମ୍ଭ ହୋଇ ବ ୩୮ ନଦୀ ବୃଷ୍ଟି ଓ ତହିଁ ସଙ୍ଗେ ବୈତରଣୀ ଓ ବ୍ରାହ୍ମଣୀମାନଙ୍କ ଅତିଶୟ ବଢ଼ିବାରୁ ସୁକୃନ୍ଦାପୁର ଓ ଚଉରାପୁର ପରଗଣା ୮୦ ଗ୍ରାମ ଭୟଙ୍କରରୂପେ ଧୋଇ ଯାଇଅଛି । ଲୋକଙ୍କର ଧାନ ଚାଉଳ ଲୁଗାପଟା ଇତ୍ୟାଦି ଘରର ସମସ୍ତ ସାମଗ୍ରି ନଦୀଗର୍ଭସ୍ଥ ହୋଇଅଛି । ଏଥିପାଇଁ ପ୍ରାୟ ଦଶହଜାର ପ୍ରଜା ମହାକଷ୍ଟରେ ଅଛନ୍ତି । ବନ୍ୟାସମୟରେ ଥାନାର କର୍ମଚାରୀମାନେ ଏବ ବାଉକମାସ୍ତର ସାହେବ ନୌକାରେ ଯାଇ ଲୋକଙ୍କ ଦୁରବସ୍ଥା ଦେଖିଅଛନ୍ତି ମଧ୍ୟ ସାହେବ ମହୋଦୟ ତାହା ସହି ନ ପାରି ସ୍ୱ ହସ୍ତରେ ଚାଉଳ ଓ ପଇସା ବିତରଣ କରିବାଦ୍ୱାରା ଅନେକଙ୍କର ଆଶୀର୍ବାଦର ପାତ୍ର ହୋଇଅଛନ୍ତି । ଆଶ୍ଚର୍ଯ୍ୟର ବିଷୟ ଯେ ଏ ବିଷୟର ସରକାରୀ ସମ୍ବାଦ କିଛି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । ସାହାଯ୍ୟଦାନ କରିବା କଥା କେଉଁ ପକ୍ଷରେ ?

---

ବିଲାତରୁ ତାରଯୋଗେ ସମ୍ବାଦ ଆସିଅଛି କି ସର୍ ହେନେରି ନରମାନ୍ ଭାରତବର୍ଷର ଗବର୍ଣ୍ଣର ଜେନେରଲ ପଦ ଗ୍ରହଣ କରିବାକୁ ଅସ୍ୱୀକାର କରିଅଛନ୍ତି । ସେ ପ୍ରଥମେ ଏ କାର୍ଯ୍ୟ କରିବାକୁ ସମ୍ମତ ହୋଇଥିଲେ ମାତ୍ର ପଶ୍ଚାତ୍ ବିବେଚନା କଲେ ଯେ ତାହାଙ୍କର ବର୍ତ୍ତମାନ ବୃଦ୍ଧବୟସରେ ଏହି କାର୍ଯ୍ୟର ଉପଯୋଗୀ ଶାରୀରିକ ପରିଶ୍ରମ କରି ପାରିବେ ନାହିଁ । ସୁତରାଂ ଆପଣା ସମ୍ମତି ଫେରାଇ ନେଲେ ।

Digitized by srujanika@gmail.com

ଏହାଙ୍କ ନିୟୋଗରେ ଅମ୍ଭେମାନେ ଏକପ୍ରକାର ନିଶ୍ଚିନ୍ତ ହୋଇଥିଲୁଁ ଏବଂ ଏହାଙ୍କ ଶାସନକାଳରେ ବଡ଼ ଶାନ୍ତିର ଆଶା ଥିଲା । ସେ ଯେ ଏ କାର୍ଯ୍ୟର ଗୁରୁତ୍ୱ ବିବେଚନା କରି ଏହିଁରୁ ଅନ୍ତର ହେଲେ ଏହାଇ ତାହାଙ୍କ ଯୋଗ୍ୟତାର ପ୍ରମାଣ । ବାସ୍ତବରେ ଗବର୍ଣ୍ଣର ଜେନେରଲଙ୍କ କାର୍ଯ୍ୟ ପୂର୍ବାପେକ୍ଷା ବହୁ କଠିନ ହୋଇଅଛି ଏବଂ ବର୍ତ୍ତମାନ ସମୟରେ ଅସ୍ୟୁଲୁ ଦ୍ୟସ୍ତ ବଳ ପଡ଼ିବାରୁ ନୂତନ ଶାସନକର୍ତ୍ତାଙ୍କୁ ଅଧିକ କଷ୍ଟ ପଡ଼ିବ । ବିଲାତ ଗବର୍ଣ୍ଣମେଣ୍ଟ ପୁଣି କାହାକୁ ମନୋନୀତ କରିବେ ଏହି ଭାବନା ଉପସ୍ଥିତ ହୋଇଅଛି ।

---

କଟକ ମିଉନିସିପାଲିଟୀର ନିର୍ବାଚନ ସମ୍ବନ୍ଧରେ ଦସ୍ତଖତ ବାହାରିଥିବା ଯାହା ପ୍ରକାଶ କରିଥିଲୁଁ ତାହା ଅମ୍ଭମାନଙ୍କର ଭୁଲ ଅଟେ । କେବଳ ଭୋଟରଙ୍କ ଲିଷ୍ଟ ପ୍ରତ୍ୟେକ ୱାର୍ଡର ପ୍ରକାଶ୍ୟ ସ୍ଥାନମାନଙ୍କରେ ଟଙ୍ଗା ହୋଇଥିଲା । ଗତ କାଲିରେ କମିଶନର ମନୋନୟନ ସମ୍ବନ୍ଧର ଦସ୍ତଖତ ପ୍ରତ୍ୟେକ ୱାର୍ଡର ପ୍ରକାଶ୍ୟ ସ୍ଥାନମାନରେ ଲଟକାଇ ଦିଆଯାଇଅଛି । ଗତ କାଲି ତାରିଖରୁ ତିନିହପ୍ତା ମଧ୍ୟରେ ଭୋଟରମାନଙ୍କୁ ସେମାନଙ୍କ ୱାର୍ଡ ନିମନ୍ତେ କମିଶନର ମନୋନୟନ ଦରଖାସ୍ତ ମାଜିଷ୍ଟ୍ରେଟ ସାହେବଙ୍କ ନିକଟକୁ ପ୍ରେରଣ କରିବାକୁ ହେବ । ଯେଉଁମାନେ ଦସ୍ତଖତ ପୂର୍ବରେ ଏପ୍ରକାର ଦରଖାସ୍ତ ଦେଇଅଛନ୍ତି ସେମାନଙ୍କୁ ଦୋହରା ଦେବାକୁ ପଡ଼ିବ ନଚେତ୍ ଉକ୍ତ ଦରଖାସ୍ତମାନ ନାମଞ୍ଜୁର ହୋଇପାରେ ଅତଏବ ଅମ୍ଭେମାନେ ଆଶାକରୁଁ ଭୋଟରମାନେ ସ୍ୱ ସ୍ୱ ୱାର୍ଡର ଦସ୍ତଖତ ଦେଖି ମନୋନୟନ ଦରଖାସ୍ତ ପ୍ରେରଣ କରିବାରେ ହେଳା ନ କରନ୍ତୁ । ଅନ୍ୟ ଗୋଟିଏ କଥା ଯେଉଁମାନେ ଭୋଟର ହେବା ଉପଯୁକ୍ତ ଅଥଚ ସେମାନଙ୍କ ନାମ ଭୋଟର ଲିଷ୍ଟ ମଧ୍ୟରେ ନାହିଁ ସେମାନେ ଗତକାଲି ତାରିଖରୁ ଗୃଉଂ ଦିନ ମଧ୍ୟରେ ଆପଣାର ନାମ ଲେଖାଇବା ନିମନ୍ତେ ପ୍ରାର୍ଥନା ନ କଲେ କମିଶନର ନିର୍ବାଚନ ସମୟରେ ଭୋଟ ବା ମତ ଦେବାକୁ ବଞ୍ଚିତ ହେବେ ।

---

ଗତ ପୂର୍ବ ଶୁକ୍ରବାର ସୁନ୍ଦରବନ ଗୋଟିଏ ଭୟଙ୍କର ତୋଫାନ ଏ ନଗରରେ ବହିଥିଲା । ତୋଫାନର ବଳ ରାତ୍ରି ଘ ୧୧ ଘଣ୍ଟାରୁ ଅରଦନ ବେଳ ଘ ୯ ଘଣ୍ଟା ପର୍ଯ୍ୟନ୍ତ ବିଶେଷ ଥିଲା । ସରକାରୀ ସମ୍ବାଦରୁ ପ୍ରକାଶ ଯେ ଏ ତୋଫାନ ବଙ୍ଗୋପସାଗର ଦକ୍ଷିଣପୂର୍ବରୁ ବାହାରି ପୁରୀଠାରେ ଭୂମିକୁ ସ୍ପର୍ଶକରି କଟକ ଅଡ଼କୁ ଅଗ୍ରସର ହୋଇ ମଧ୍ୟ ପ୍ରଦେଶକୁ ବାହାରି ଗଲା । ଗୋପାଳପୁରଠାରୁ କଟକ ପର୍ଯ୍ୟନ୍ତ ଉପକୂଳରେ ଏଥିର ବଳ ବିଶେଷ ଜଣା ଯାଇଥିଲା ଅନ୍ୟତ୍ର କେବଳ ତୋଫାନଜ ବୃଷ୍ଟି ହୋଇଥିଲା ଏଦିନ ପୁରୀରେ ୬.୧୩ ଓ କଟକରେ ୧.୪୬ ଇଞ୍ଚ ଏବଂ ବାଲେଶ୍ୱରରେ ୧.୯ ଇଞ୍ଚ ବୃଷ୍ଟି ହୋଇଥିଲା । ଏ ନଗରରେ କେତେକ କଦଳୀ ଓ ଝଙ୍କାଳିଆ ଗଛ ଭାଙ୍ଗିଯିବା ଓ କାହାରି ପାରଳୁଣୀ ଉଡ଼ିଯିବାଛଡ଼ା ଅନ୍ୟ କିଛି କ୍ଷତି ହୋଇ ନାହିଁ । ତୋଫାନ ପରେ ନଦୀ ବୃଦ୍ଧି ମଧ୍ୟ ସାମାନ୍ୟ ହୋଇଥିଲା ଚଳିତ ଦେଶରେ ଏଥିରୁ ଅଧିକ କ୍ଷତି ହେବା ଏବଂ ହରିହରପୁର ଉପକୂଳରେ ହୁମାଣ୍ଡି ନାମକ ଜାହାଜ ତଡ଼ାରେ ପଡ଼ି ଭାସି ଯିବାର ସମ୍ବାଦ ପାଇ ଅଛୁଁ । ଏ ଜାହାଜ ମସଳନଗରରୁ ପ୍ରାୟ ୫୦ ହଜାର ଟଙ୍କାର ଲୁଣ ଓ ଖଜୁରି ପେନ କଲିକତାକୁ ଯାଉଥିଲା । ଦୁଃଖର ବିଷୟ ଯେ ଏ ଜାହାଜରେ ଥିବା ୭୨ ଜଣ ଲୋକ ମଧ୍ୟରୁ ଅଧେ ବୁଡ଼ିମଲେ । ବାକୀ ୩୬ ଜଣ ଉଲଗ୍ନାବସ୍ଥାରେ କୂଳରେ ଲାଗିବାରୁ ସେଠା ପୁଲିସ ଏମାନଙ୍କୁ ଅନ୍ନ ବସ୍ତ୍ର ଯୋଗାଇ ହୁଗାଳିକରେ ପଠାଇ ଦେଇ ଅଛନ୍ତି ।

---

ସ୍ମିତ ସାହେବ ଯେଉଁ ଆଇନ ବା ଉପବିଧିବଳରେ ଚୌଧୁରୀ ସ୍ୱାଧୀନମାନଙ୍କ ନାମରେ ସମନଜାରି କରିଥିଲେ ଏବଂ ତାହା ଅମାନ୍ୟ କରିବାରେ ତାହାଙ୍କୁ ଗିରଫ୍ତାର କରିଥିଲେ ତାହା ଠିକ ଆଇନସଙ୍ଗତ କି ନା ଏ ବିଷୟ ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଅଛି । ଏଥିନିମିତ୍ତରେ ବର୍ତ୍ତମାନର ଜଣେ ଉତ୍କଳ ସମ୍ବାଦପତ୍ରଯୋଗେ ଜଣାଇ ଅଛନ୍ତି କି ସ୍ମିତ ସାହେବଙ୍କର କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ ଅଟଇ ଅର୍ଥାତ୍ ସେପରି କାର୍ଯ୍ୟ କରିବାର ତାହାଙ୍କର ଆଇନସଙ୍ଗତ ଅଧିକାର ନ ଥିଲା । ଏବା ସ୍ମିତ ସାହେବ କାହିଁକି ଅନ୍ୟାନ୍ୟ ସବଜାଷ୍ଟ ବନ୍ଦୋବସ୍ତ କର୍ମଚାରୀମାନେ ଅନେକଙ୍କ ଉପରେ ଏହିପରି ଜରିମାନା କରିଅଛନ୍ତି । ଯେବେ ସେସବୁ ବେଆଇନ ହୋଇଅଛି ତେବେ ଏହିଁର କିଛି ପ୍ରତିକାର ନାହିଁ ? ଅବଶ୍ୟ ଅନେକସ୍ଥଳେ ଅପିଲର ମିଆଦ ଗତ ହୋଇଥିବ ମାତ୍ର ନୂଆ ଆଇନ ଅର୍ଥଦଣ୍ଡର ଅନ୍ତତଃ କ୍ଷତିପୂରଣ ସହିତ ସରକାରଙ୍କ ନାମରେ ଦେୱାନୀ ଅଦାଲତରେ ନାଲିସ ଚଳିପାରେ । କେହି କ୍ଷତିଗ୍ରସ୍ତ ବ୍ୟକ୍ତି ଏ ବାଟକୁ ଅନୁସରିଲେ ସାଧାରଣ ହିତ ହେବ ସନ୍ଦେହ ନାହିଁ । ନୋହିଲେ ଯେଉଁମାନେ ଅର୍ଥଦଣ୍ଡ ଦେଇଅଛନ୍ତି ସେମାନେ ପୃଥକ୍ ଆବେଦନ ଗବର୍ଣ୍ଣମେଣ୍ଟରେ କଲେ ପ୍ରତିକାର ହୋଇ ପାରେ । କିଛି ଉପାୟ ନ କରି ଚୁପ ହୋଇ ରହିବା ଭଲ ନୁହଇ । କାରଣ ଶିଶୁ ରୋଦନ ନ କଲେ ମାତାସୁଦ୍ଧା ଖାଇବାକୁ ଦିଅନ୍ତି ନାହିଁ ।

---

ଗ୍ରିଡଡ ସାହେବଙ୍କ ଅଭିଯୋଗର ସମ୍ବନ୍ଧରେ ଏଠା କମିଶନର ଏବଂ ସେଟଲମେଣ୍ଟ ଅଫିସରମାନେ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ ପଠାଇଥିଲେ ଗତ ବଙ୍ଗଳାଗେଜେଟରେ ତାହା ଛପା ହୋଇଅଛି । ତହିଁରୁ ପ୍ରକାଶ ଯେ ଗବର୍ଣ୍ଣମେଣ୍ଟଙ୍କୁ କୈଫିୟତ ତଲବ ଆସିବା ପୂର୍ବେ ସେମାନେ ସ୍ମିତ ସାହେବଙ୍କ କାର୍ଯ୍ୟ ଅନ୍ୟାୟ ହୋଇଥିବାର ବୁଝିଥିଲେ ମଧ୍ୟ ତାହା ଗୁରୁତର ଦୋଷ ବୋଲି ଆଦୌ ହୃଦୟଙ୍ଗମ କରିପାରି ନ ଥିଲେ । ପୁଣି କୈଫିୟତ ତଲବ ହେବାରୁ ସ୍ମିତ ସାହେବ ଯାହା ଲେଖି ପଠାଇଲେ ତାହା ଉତ୍ତମରୂପେ ସେ ସମସ୍ତ ସତ୍ୟ ବୋଲି ଗ୍ରହଣ କଲେ ବରଂ ଚୌଧୁରୀ ସେମାନଙ୍କ ନିକଟରେ ଗୁହାରି ନ କରି ଫୌଜଦାରୀ ଅଦାଲତର ଆଶ୍ରୟ ନେବାରୁ ସେ ପ୍ରତିକାର ପାଇବାର ଅଯୋଗ୍ୟ ଥିବାର ବିବେଚନା କଲେ ଓ ସାହେବଙ୍କୁ ଦଣ୍ଡାରୁପାଠ କ୍ଷିନବର୍ ତାହାଙ୍କ ସପକ୍ଷରେ କଥିର କରିବାକୁ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କଲେ । ସ୍ଥାନୀୟ ଉଚ୍ଚକର୍ମଚାରୀମାନେ ଯେବେ ଅଧୀନସ୍ଥ ହାକିମଙ୍କର ଗୁରୁତର ଅନ୍ୟାୟ କାର୍ଯ୍ୟମାନ ଏପରିଭାବରେ ଉପେକ୍ଷା କରିବେ ତେବେ ପ୍ରଜାଙ୍କ ରକ୍ଷାର ଉପାୟ ଅଛି କାହିଁ ? ବାସ୍ତବରେ ଏକଟିଂ କମିଶନର ଲୁକ ସାହେବଙ୍କର ଏପ୍ରକାର ବିଚାର ଦେଖି ଅମ୍ଭେମାନେ ଦୁଃଖିତ ହୋଇଅଛୁଁ । ଭରସାକରୁଁ ଗବର୍ଣ୍ଣମେଣ୍ଟଙ୍କୁ ଏଥିପାଇଁ ଯେଉଁ ତିରସ୍କାର ପାଇଅଛନ୍ତି ଭବିଷ୍ୟତରେ ତହିଁର ସୁଫଳ ଫଳିବ ।

---

ଏଠା ମିଉନିସିପାଲିଟିର ନୂତନ ନିର୍ବାଚନର ସମୟ ଉପସ୍ଥିତ ହୋଇଅଛି । ନଗରବାସିଙ୍କର ଏ ସମୟରେ ଜାଗ୍ରତ ହେବାର ଉଚିତ । ଯେଉଁମାନେ କରଦାତାଙ୍କର ହିତା-

ଗୁଣ ବିବେଚନା କରିବାକୁ ସମର୍ଥ ଏବଂ ଯାହା ଙ୍କର ଯୋଗ୍ୟତା ନାହିଁ ସେମାନଙ୍କ ଏବଂ ଉପଯୁକ୍ତଙ୍କର ଦରଖାସ୍ତ ଦୃଢ଼ବିଶ୍ୱାସ ସେମାନଙ୍କ ନାମ ଇନ୍ସପେକ୍ଟର ସାହେବଙ୍କ ମାଜିଷ୍ଟ୍ରେଟଙ୍କ ନିକଟକୁ ଲେଖିପଠାଇବା ଏବଂ ଯଥାସମ୍ଭବ ସେମାନଙ୍କ ପକ୍ଷରେ ଯତ୍ନ କରିବା କର୍ତ୍ତବ୍ୟ ଅଟଇ । ଏ ବିଷୟରେ ହେଲା କଲେ ପୁଣି ଅନେକ ପ୍ରକାର ଅନର୍ଥ ଘଟିବାକୁ ହେବ । ପ୍ରାର୍ଥୀ-ବିଶେଷର ଅନୁରୋଧ ବା ଉପରୋଧରେ ନ ପଡ଼ି କର୍ତ୍ତବ୍ୟ ନିର୍ଦ୍ଧାରଣ କରିବା ଆବଶ୍ୟକ । ଏହି ସୂତ୍ରରେ ଉପରୋକ୍ତ ମନ୍ତବ୍ୟ ପ୍ରକାଶ କଲୁ ଏହା ଆମ୍ଭମାନଙ୍କର ଯତ୍ନପୂର୍ବ ଏବଂ ଏଥିପାଇଁ ପ୍ରତ୍ୟେକ ବାର୍ଡ଼ର କରଦାତାମାନଙ୍କ ଏକତ୍ର ମିଳି କରି କମିଶନର ନିର୍ବାଚନ କଲେ ଅଧିକ ଭଲ ହେବ । କେତେ ଜଣ କଲେ ଅଧିକ ଭଲ ହେବ । କେତେ ଲୋକ କେବଳ ଟିକସ ଗଣା କରିବାର ଅଧିକ ଦେଖାଇ କରଦାତାଙ୍କ ମନ ସନ୍ତୁଷ୍ଟ କରନ୍ତି । ସେ କଥାରେ ଭୁଲିବା ଅଧିକ କାରଣ ଟିକସ କମିବାର ଭାର କମିଶନରଙ୍କ ଉପରେ ନ ଥାଏ । ଅଥଚ ଟିକସ ବନ୍ଦୋବସ୍ତ କାର୍ଯ୍ୟ ତାହାଙ୍କ ଅଧୀନ ମ୍ୟୁନିସିପାଲ ଏହା ଆମ୍ଭେମାନେ ଅସ୍ୱୀକାର କରୁ ନାହୁଁ ଏବଂ ଏଥିପାଇଁ ଅନେକେ ଦୁଃଖିତ ଓ ପ୍ରପୀଡ଼ିତ । ଗତ ଚାରିବର୍ଷରୁ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ ହେତୁ ଲୋକଙ୍କ ଦୁରବସ୍ଥାର ସୀମା ନାହିଁ, ପକ୍ଷାନ୍ତରେ ସରକାରଙ୍କ ହୁକୁମ ଟିକସ ବୃଦ୍ଧି କର । କମିଶନରମାନେ ଜାଣନ୍ତି ଯେ ଟଙ୍କା ନ ହେଲେ କାର୍ଯ୍ୟ ଚଳିବା ଭାର । ଅତଏବ ନବୀଣମାନଙ୍କେ ଟିକସ ବଢ଼ାଇବାକୁ ହେବ । ଲୋକଙ୍କର ଅସନ୍ତୋଷ ବଢ଼ୁଛି । ଗତ ବନ୍ଦୋବସ୍ତର ସମସ୍ତ ଅପିଲ ଏପର୍ଯ୍ୟନ୍ତ ଫଇସଲା ହୋଇ ନାହିଁ । ଅତଏବ ଯେଉଁମାନେ ଉଭୟପକ୍ଷ ରକ୍ଷାକରିବାକୁ ଯୋଗ୍ୟ ସେମାନଙ୍କ ସେହିମାନେ କମିଶନର ହେବେ ଏଥିର ଚେଷ୍ଟା କରିବା ସମସ୍ତଙ୍କର କର୍ତ୍ତବ୍ୟ ଅଟଇ ।

---

## ଦିଆସଲାଇ କାରଖାନା ।

କଲିକତାରେ ଗୋଟିଏ ଦିଆସଲାଇ ବା ନିଅଁକାଠି ପ୍ରସ୍ତୁତ କରିବାର କାରଖାନା ସ୍ଥାପନ କରିବାର ଉଦ୍ୟମ ଲଗିବା ଓ ତହିଁ ନିମନ୍ତେ ଗୋଟିଏ କମ୍ପାନୀ ଗଠିତ ହେବାର ପାଠକମାନଙ୍କୁ ଜଣା ଅଛି । ଏବେ ଆନନ୍ଦସହିତ ଅବଗତ ହେଲୁଁ ଯେ ଏହି କାରଖାନାଘର ନିର୍ମାଣ ଶେଷ ହୋଇ ଓ ତହିଁରେ କଳମାନ ବସିଲାଣି ନିଅଁକାଠି ତିଆର ଆରମ୍ଭ ହୋଇଅଛି । ଗତ ସପ୍ତାହରେ ଏହି କାରଖାନା ପ୍ରତିଷ୍ଠା ହେଲା ଏବଂ ତଦୁପଲକ୍ଷରେ ସେହି କାର୍ଯ୍ୟାଳୟରେ ଗୋଟିଏ ସଭା ହୋଇଥିଲା । କଲିକତାର ଅନେକ ମାନ୍ୟ ଗଣ୍ୟ ଦେଶୀୟ ଏବଂ ଇଉରୋପୀୟ ଭଦ୍ରଲୋକ ଉପସ୍ଥିତ ଥିଲେ । ମହାରାଜା ଦୁର୍ଗାଚରଣ ଲାହା ସଭାପତି ମନୋନୀତ ହୋଇ କାର୍ଯ୍ୟାରମ୍ଭପୂର୍ବକ କମ୍ପାନୀର ଡାଇରେକ୍ଟରଙ୍କ ସଭାପତି ବାବୁ ସୁରେନ୍ଦ୍ର ମଲ୍ଲିକଙ୍କୁ କମ୍ପାନୀର ସଂକ୍ଷେପ ବିବରଣ ପାଠ କରିବାକୁ ଅନୁରୋଧ କଲେ । ମଲ୍ଲିକ ମହାଶୟ ଜଣାଇଲେ ଯେ ସନ ୧୮୯୨ ସାଲ ମଇମାସ ତା ୧୮ ଋଖରେ ଏ କମ୍ପାନୀ ସ୍ଥାପିତ ହେଲା ଓ ଏଥିର ମୂଳଧନ ୨୦ ହଜାର ଟଙ୍କା, ଅଂଶପ୍ରତି ଟ ୧୦ ଲେଖାଏ ଧାର୍ଯ୍ୟ ହୋଇ ୨ ହଜାର ଅଂଶ ବିକ୍ରୟର ବିଜ୍ଞାପନ ଦିଆଯିବାରୁ ଏକବର୍ଷ ମଧ୍ୟରେ ୧୨୦୦ ଅଂଶ ବିକ୍ରୟ ହୋଇଗଲା । ଅଂଶିଦାରମାନେ ଏହା ବଙ୍ଗବାସୀ ଜନ୍ମନ୍ତି ମାତ୍ର ପଞ୍ଜାବ ବମ୍ବେଇ ମାନ୍ଦ୍ରାଜ ଏବଂ ବିହାର ଲୋକ ମଧ୍ୟ ଅଛନ୍ତି । ଅଂଶ ବିକ୍ରୟ ସଙ୍ଗେ ଗୃହ ନିର୍ମାଣ ଓ ଯନ୍ତ୍ରାଦି ଆଣାଇବାର ଉଦ୍ୟମ ହେଲା । ଗୃହ ନିର୍ମାଣରେ ୮ ହଜାର ଟଙ୍କା ବ୍ୟୟ ହେବାର ଅନୁମାନ ହୋଇଥିଲା ମାତ୍ର ଦଶହଜାରରୁ ଅଧିକ ପଡ଼ିବ ନାହିଁ ଏବଂ କଳ ଯନ୍ତ୍ରାଦିର ମୂଲ୍ୟ ୧୨ ହଜାର ଟଙ୍କା ସ୍ଥଳେ ସାଢ଼େ ପନ୍ଦରହଜାର ପଡ଼ିଅଛି । ପ୍ରଥମେ ଜଣେ ଇଉରୋପୀୟ କର୍ମଚାରୀ ନିଯୁକ୍ତ କରିବାର କଥା ଥିଲା, ତାହା ପ୍ରୟୋଜନ ନ ହେବାରୁ ପ୍ରାୟ ୮ ହଜାର ଟଙ୍କା ବଞ୍ଚିଗଲା । ଦେଶୀୟ ଲୋକଙ୍କଦ୍ୱାରା କାରଖାନାର ସମସ୍ତ କାର୍ଯ୍ୟ ଚାଲୁଅଛି । ପ୍ରତିଦିନ ୬୦ ହଜାର ବାକସ ନିଅଁକାଠି ପ୍ରସ୍ତୁତ କରିବାର କଳ୍ପନା ଥିଲା । ଅଧୁନାତନ ତହିଁର ଅର୍ଦ୍ଧେ ପ୍ରସ୍ତୁତ ହେଉଅଛି । କର୍ମଚାରୀମାନେ କାର୍ଯ୍ୟ ଶିଖିଗଲେ ଏବଂ ସର୍ବସାଧାରଣଙ୍କ ସାହାଯ୍ୟ ପାଇଲେ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟ ହେବ । ପ୍ରତିବର୍ଷ ଭାରତବର୍ଷକୁ ଅନେକ ନିଅଁକାଠି ଆମଦାନୀ ହେଉଅଛି । ସନ ୧୮୮୭।୮୮ ସାଲଠାରୁ ସନ ୧୮୯୦।୯୧ ସାଲ ପର୍ଯ୍ୟନ୍ତ ପ୍ରତିବର୍ଷ ପ୍ରାୟ ୨୫ ଲକ୍ଷ ଟଙ୍କା ଏବଂ ସନ ୧୮୯୧।୯୨ ସାଲରେ ୩୩ ଲକ୍ଷ ଟଙ୍କା ମୂଲ୍ୟର ନିଅଁକାଠି ଆସିଥିଲା । ଏଥିରୁ ଦେଖାଯାଏ ଯେ ଭାରତବର୍ଷରେ ନିଅଁକାଠିର ଖରଚ ଅଳ୍ପ ନୁହଇ । ଏହି କାରଖାନାରେ ବର୍ଷରେ କେବଳ ୫୦ ହଜାର ଟଙ୍କାର ଦ୍ରବ୍ୟ ପ୍ରସ୍ତୁତ ହେବ ଏବଂ ତଦ୍ଦ୍ୱାରା ଅଂଶିଦାରମାନେ ଶତକଡ଼ା ଦଶଟଙ୍କାରୁ ବହୁ ଅଧିକ ଲାଭ ପାଇ ପାରିବେ । ସୁତରାଂ ଆଶା ହେଉଅଛି ଯେ ଏ ବ୍ୟବସାୟ ସହଜସାଧ୍ୟ ଏବଂ ଲାଭଜନକ ଦେଖି ଏପରି ଅନେକ କାରଖାନା ଫିଟାଇବାକୁ ଲୋକେ ପ୍ରବୃତ୍ତ ହେବେ ଏବଂ ତାହା ହେଲେ ଏ କମ୍ପାନୀଦ୍ୱାରା ଏ ଦେଶର ସାମାନ୍ୟ ମଙ୍ଗଳ ହେବ ନାହିଁ ।

ଉପରଲିଖିତ ବିବରଣ ଶୁଣି ଲର୍ଡ ବିସପ୍ ସଭାପତି ମହାଶୟ କାରଖାନା ଫିଟିବାର ଘୋଷଣା କଲେ ଏବଂ ତହିଁର ମଙ୍ଗଳକାମନା କରି କହିଲେ ଯେ ଏହା ଦେଶୀୟ ଲୋକଙ୍କ ଧନ ଏବଂ ପରିଶ୍ରମରେ ଏପରି ଗୋଟିଏ କାରଖାନା ସ୍ଥାପିତ ହେବା ଏ ଦେଶରେ ନୂତନ ବୋଲି ବଳିବ ହେବ ଏବଂ ଯଦ୍ୟପି ଏ ଏହି କାରଖାନାଟି ସାମାନ୍ୟ ଭାବରେ ଆରମ୍ଭ ହୋଇ ଅଛି ମାତ୍ର ଏଥି ମଧ୍ୟରେ ଏହା ଯେପର୍ଯ୍ୟନ୍ତ ସଫଳ ହୋଇଅଛି ଅନୁଷ୍ଠାତାମାନେ ତହିଁପାଇଁ ପ୍ରଶଂସାଭାଜନ ହୋଇଅଛନ୍ତି ସନ୍ଦେହ ନାହିଁ ଏବଂ ସମ୍ପୂର୍ଣ୍ଣ ଆଶା ହେଉଅଛି ଯେ ସେମାନଙ୍କ ସୁଦକ୍ଷ କାର୍ଯ୍ୟ ନିର୍ବାହଦ୍ୱାରା ଉତ୍ତରୋତ୍ତର ଏହାର ଉନ୍ନତି ହେବ ।

ଯଥାଶେଷରେ ଉପସ୍ଥିତ ଭଦ୍ରଲୋକମାନେ ଏହି କାରଖାନାରେ ପ୍ରସ୍ତୁତ ହୋଇଥିବା ନିଅଁ-କାଠିମାନ ଦେଖି ପସନ୍ଦ କଲେ ଯେ ସେ ସବୁ ଅନ୍ୟାନ୍ୟ ଦେଶରୁ ଆସୁଥିବା ଦ୍ରବ୍ୟଠାରୁ କୌଣସି ଅଂଶରେ ନିକୃଷ୍ଟ ନୁହଇ । ଏଥିଉତ୍ତାରୁ ପ୍ରତିଷ୍ଠା କାର୍ଯ୍ୟ ଶେଷ କରି ସଭ୍ୟମାନେ ବିଦାୟ ହୋଇ ଗଲେ ।

ଆମ୍ଭେମାନେ ଏ କମ୍ପାନୀର ମଙ୍ଗଳ କାମନା କରୁଅଛୁଁ । ଭରସା କରୁଁ ଏ ସମ୍ବାଦ ଶ୍ରବଣରେ ଅସ୍ମଦ୍ଦେଶୀୟମାନେ ଆନନ୍ଦିତ ହେବେ ଏବଂ ଏହିପରି କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଉତ୍ସାହିତ ହୋଇ ସ୍ୱଦେଶୀୟଙ୍କ ଦରିଦ୍ରତା ନାଶର ନିମନ୍ତେ ଯତ୍ନବାନ୍ ହେବେ ।

---

## ବଙ୍ଗଳାର-ପୁଲିସ ।

ବଙ୍ଗପ୍ରଦେଶର ପୁଲିସ ବିଭାଗର ସନ ୧୮-୯୨ ସାଲର ବାର୍ଷିକ ବିବରଣରୁ ପ୍ରକାଶ ଯେ ସାଧାରଣପୁଲିସରେ ଢ ୬୪ ଜଣ ଉଚ୍ଚ କର୍ମଚାରୀ ଏବଂ ଢ ୨୨୭୧୩ ଜଣ ନିମ୍ନ କର୍ମଚାରୀ ଓ କନଷ୍ଟବଲ ଥିଲେ ଅର୍ଥାତ୍ କନଷ୍ଟବଲଙ୍କ ସଂଖ୍ୟା ପୂର୍ବବର୍ଷ ଅପେକ୍ଷା ଢ ୧୦୨ ଜଣ ଊଣା ଥିଲା । ଏହିପରି ରେଲଓବେ ପୁଲିସରେ ପୂର୍ବବର୍ଷ ଢ ୭୨୦ ଜଣ ଥିବା ପ୍ରତ୍ୟେକ ଏକବର୍ଷ କମ୍ପାନୀ

Split by PDF Splitter

Digitized by srujanika@gmail.com

Split by PDF Splitter



ଥିଲେ । ସୁତରାଂ ପୁଲିସ ସଂଖ୍ୟା ଦୁଇଗୁଣ ହୋଇଥିଲେ ମଧ୍ୟ ଇନ୍‌ସପେକ୍ଟରମାନଙ୍କ ବେତନ ବୃଦ୍ଧି ଏବଂ ପୋଷାକ ହେତୁ ପୂର୍ବବର୍ଷର ବ୍ୟୟ ଟ ୪୨,୨୬,୧୯୩୮ ଙ୍କା ସ୍ଥଳେ ଏବର୍ଷର ବ୍ୟୟ ଟ ୪୪,୦୩୨,୫୮ ଙ୍କା ହୋଇଥିଲା ।

ପୁଲିସର ଗୁଣସମ୍ବନ୍ଧରେ ଲେଖାଅଛି ଯେ ୩୨ ମୁର ଯାଞ୍ଚ ହେବାର ଅଭିଯୋଗ ମଧ୍ୟରୁ ଅଠେଇଶଟି ସତ୍ୟ ଥିବାର ଜଣାଗଲା ମାତ୍ର ବିଚାରରେ କେବଳ ୨ ମୁରରେ ଦଣ୍ଡ ହୋଇ ଅବଶିଷ୍ଟ ୬ ନମ୍ବରରେ ଅସାମିମାନେ ଖଲାସ ପାଇଲେ । ଏପରି ବଳପ୍ରୟୋଗ ପୂର୍ବକ ଅର୍ଥ ନେବା ଅଥବା ଏକପ୍ରକାର ଜବରଦସ୍ତିର ୯୬ ଅଭିଯୋଗ ହୋଇଥିଲା ଯେ ଯହିଁ ମଧ୍ୟରୁ କେବଳ ୨୨ ଟି ସତ୍ୟ ଥିବାର ଅନୁସନ୍ଧାନରେ ଜଣାଗଲା । ପୂର୍ବବର୍ଷ ଏପରି ଅଭିଯୋଗର ସଂଖ୍ୟା କେବଳ ୪୭ ଥିଲା । ଇନ୍‌ସପେକ୍ଟର ଜେନେରଲଙ୍କ ମତରେ ପୁଲିସକୁ ଦୋଷୀ କରିବା ପାଇଁ ଅନେକ ମିଥ୍ୟା ଅଭିଯୋଗ ଉପସ୍ଥିତ ହେବା ହେତୁ ଏପରି ବୃଦ୍ଧି ହୋଇଅଛି । ଏଥିରୁ ଲେଫ୍‌ଟେନାଣ୍ଟ ଯଥାର୍ଥ କହି ଅଛନ୍ତି ସତ୍ୟ ହେଉ କି ମିଥ୍ୟା ହେଉ ଏପ୍ରକାର ଅଭିଯୋଗମାନଙ୍କର ବିଶେଷ ଅନୁସନ୍ଧାନ ହେବା ଉଚିତ । ପୁଲିସ ମୋଫସଲ ଯମଦୂତ । ତାହାନ୍ତି ଅସହ୍ୟ ନ ହେଲେ ପୁଲିସନାମରେ ନାଲିଶ କରିବାକୁ କେହି ସାହାସୀ ହୁଏ ନାହିଁ । ଇଥାତ ଯେ ଏତେ ମୋକଦ୍ଦମା ହୋଇଥିଲା ଏଥିରୁ ପୁଲିସ ଅତ୍ୟାଚାର ବଢ଼ିବାରକଥା ଅନ୍ୟକରି ବିବାଦ ହୋଇ ନ ପାରେ । ଯାହା ହେଉ ପୁଲିସ ସଂଶୋଧନସମ୍ବନ୍ଧୀୟ କମିଟିର ପ୍ରସ୍ତାବମାନ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି ଏବଂ ସବ୍ ଇନ୍‌ସପେକ୍ଟରମାନଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ମୋକଦ୍ଦମା ଚଲାଇବାର ଭାର ଦିଆଯାଇଅଛି । ଏଥିରୁ ସୁଫଳ ଫଳିବାର ପୁଲିସକାର୍ଯ୍ୟ ଭବିଷ୍ୟତରୁ ଭଲ ହେବାର ଅଛି ।

ବର୍ତ୍ତମାନ ବର୍ଷରେ ପୁଲିସଦ୍ୱାରା ଏବଂ ଅନ୍ୟପ୍ରକାର ଅର୍ଥାତ୍ ସ୍ୱଲ୍ପସମ୍ମତି ଏ ପ୍ରକାର ଏହି ଉଭୟ ଶ୍ରେଣୀର ମୋକଦ୍ଦମା ବୃଦ୍ଧି ହୋଇଅଛି । ବୃଦ୍ଧିର ପରିମାଣ ପ୍ରଥମରେ ପ୍ରାୟ ୧୮ ହଜାର ଏବଂ ଦ୍ୱିତୀୟଶ୍ରେଣୀରେ ପ୍ରାୟ ୨ ହଜାର ଅଟଇ । ସମସ୍ତ ଜିଲାରେ ଏହି ବୃଦ୍ଧି ଦେଖାଯାଏ ମାତ୍ର ପାଟନାରେ ଅଧିକ । ଅନ୍ନକଷ୍ଟ ଅଥବା ଖାଦ୍ୟଦ୍ରବ୍ୟର ଉଚ୍ଚଦର ଏହାର କାରଣ ବୋଲି ଲେଖା ଅଛି ମାତ୍ର ଇନ୍‌ସପେକ୍ଟର ଜେନେରଲ ଏହା ସ୍ୱୀକାର କରି ଅଛନ୍ତି ଯେ ଅନେକ ଅନେକ ଘଟଣା ପୁଲିସର ଅଜ୍ଞାତ ରହି ଯାଉଥିଲା । ଏଣିକି ଚୌକିଦାରମାନେ ନିୟମିତସମୟରେ ଥାନାରେ ଏକତ୍ରିତ ହୋଇ ଅପରାଧଘଟନାର ସମ୍ବାଦ ଅଧିକ ପରିମାଣରେ ସେମାନଙ୍କଠାରୁ ପ୍ରାପ୍ତ ହେଉଅଛି । ଅବଶ୍ୟ କର୍ତ୍ତା ଯାହା କହିବେ ତାହା ସତ୍ୟ ମାତ୍ର ଲୋକେ ଜାଣନ୍ତି ଯେ ଗ୍ରାମର ଚୌକିଦାର ଦରକାର ହେବା ଦୂରରେ ଅନେକ ଅପରାଧର ସମ୍ବାଦ ପୁଲିସକୁ ଦିଅନ୍ତି ନାହିଁ । ସୁତରାଂ ଚୌକିଦାରଙ୍କ ସମ୍ବାଦଦ୍ୱାରା ଅପରାଧ ବୃଦ୍ଧି ନ ହୋଇ ପ୍ରକୃତରେ ଅନ୍ନକଷ୍ଟ ହେତୁ ତାହା ଘଟିଅଛି ଏବଂ ଯେତେ ଘଟିଅଛି ତହିଁରୁ ଊଣା ସରକାରଙ୍କ ଗୋଚର ହୋଇଅଛି ।

ପରନ୍ତୁ ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ମୋକଦ୍ଦମା ତଦାରଖ ନ କରିବା ବିଷୟରେ ଗତ ଦୁଇବର୍ଷ ତଳେ ଗବର୍ଣ୍ଣମେଣ୍ଟ ଯେଉଁ ଆଦେଶ ଦେଇଥିଲେ ତାହା ମଧ୍ୟ ଲୋକେ ପୁଲିସକୁ ଉଚିତ ଦୋଷ ଦେବାକୁ କରନ୍ତି ବୋଲି ଅଛନ୍ତି । ସନ ୧୮୯୧ ସାଲରେ ୭ ହଜାର ଏବଂ ସନ ୧୮୯୬ ସାଲରେ ୧୮୬୩୨ ମାମଲାରେ ପୁଲିସ ଅନୁସନ୍ଧାନ କରିବାକୁ ଯାଇ ନଥିଲେ । ଏଥିମଧ୍ୟରେ ଘରଚୋରି ପ୍ରାୟ ୯୦ ଶତକଡ଼ା ସିନ୍ଧ ଥିଲା । ଏତେ ମାମଲା ପୁଲିସ ଅଗ୍ରାହ୍ୟ କଲେ ଲୋକେ କେଉଁ ଆଶାରେ କଷ୍ଟ ପାଇ ଥାନାକୁ ଖବର ଦେବାକୁ ଦୌଡ଼ିବେ । ଅଥଚ ମୋଫସଲରେ ସାମାନ୍ୟ ଚୋରିଅପରାଧ ଅଧିକ । ପୁଲିସ ଅଗ୍ରାହ୍ୟ କରିବା ୧୮ ହଜାର ମାମଲା ମଧ୍ୟରୁ ମାଜିଷ୍ଟ୍ରେଟ କେବଳ ୪୬୪ ମାମଲାରେ ପୁଲିସଦ୍ୱାରା ଅନୁସନ୍ଧାନର ଆଦେଶ ଦେଇଥିବାରୁ ଅନୁମାନ ହୋଇ ପାରେ ଯେ ପୁଲିସ ବୁଝି ସୁଝି ଅଗ୍ରାହ୍ୟ କରିଥିଲେ । ମାତ୍ର ଏକଟିଂ ଲେଫ୍‌ଟେନାଣ୍ଟ ଯଥାର୍ଥ କହିଅଛନ୍ତି ଯେ ଅନେକ ସ୍ଥଳେ ପୁଲିସ ଆପଣା ଅଧିକାର ଅପବ୍ୟବହାର କରୁଥିବାର ଜଣାଯାଉଅଛି କାରଣ ଏକ ୨ ଜିଲାରେ ଶତକଡ଼ା କେବଳ ୨୦, ୨୫ ବା ୩୦ ରୁ ଅଧିକ ମାମଲାରେ ପୁଲିସ ଅନୁସନ୍ଧାନ କରି ନାହାନ୍ତି । ପୁଲିସକ୍ଷମତାର ଏପରି ଅଯଥା ବ୍ୟବହାର ନିବାରଣ ଉଦ୍ଦେଶ୍ୟରେ ମାନ୍ୟବର ଲେଫ୍‌ଟେନାଣ୍ଟ ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ବିଶେଷ ସାବଧାନ କରି ଦେଇ ଅଛନ୍ତି । ବିଶେଷମନୋଯୋଗପୂର୍ବକ ପୁଲିସ ସୁପରିଣ୍ଟେଣ୍ଡେଣ୍ଟମାନେ ତଦାରଖ କଲେ ଅଧସ୍ତନ କର୍ମଚାରୀମାନେ ଆପଣା କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି କରିବେ ନାହିଁ । ଅମ୍ଭମାନଙ୍କ ବିବେଚନାରେ ଚୋରି ଅପରାଧର ଅନୁସନ୍ଧାନ କରିବା ଏବଂ ଚୋରି ନିବାରଣ କରିବା ପୁଲିସର ପ୍ରଧାନ କାର୍ଯ୍ୟ । ଏ ଶ୍ରେଣୀର ଘଟଣାସମ୍ବନ୍ଧରେ ପୁଲିସକୁ ଅନୁସନ୍ଧାନ ଅଗ୍ରାହ୍ୟ କରିବାର କ୍ଷମତା ଦେବା ଉଚିତ ନୁହଇ । ଏବେ ପୁଲିସ ଚୋରିସମ୍ବାଦ ଗ୍ରହଣ କରିବାକୁ ଅତ୍ୟନ୍ତ ନାରାଜ ତହିଁରେ ଅନୁସନ୍ଧାନ ଅଗ୍ରାହ୍ୟ କରିବାର ଉପଦେଶ ଗବର୍ଣ୍ଣମେଣ୍ଟଙ୍କୁ ଦେଇଲେ । ଏଥିରେ ପ୍ରଜାଙ୍କର ରକ୍ଷା କେଉଁଠାରେ ? ବାସ୍ତବରେ ଏହି କାରଣରୁ ଚୋରି ବଢ଼ୁଅଛି । ଭରସା କରୁଁ ଏଥିର ଏକଟିଂ ଲେଫ୍‌ଟେନାଣ୍ଟ ମହୋଦୟ ଯେଉଁ ଆଦେଶ ଦେଇ ଅଛନ୍ତି ତହିଁରୁ ସୁଫଳ ଫଳିବ ।

---

## ସାପ୍ତାହିକ ସମ୍ବାଦ ।

ଅସ୍ଥାୟୀକର [illegible] ସାହେବ [illegible] ପରିଦର୍ଶନାର୍ଥେ ଗମନ କରିବେ ।

ଓଡ଼ିଶାର ପୋଲିସ ଅଫିସ ସବୁ ପରିଦର୍ଶନାର୍ଥେ ପୋଲିସର ଡେପୁଟି ଇନସ୍‌ପେକ୍ଟର ଜେନେରଲ ସାହେବ ଓଡ଼ିଶାକୁ ଆଗମନ କରିଅଛନ୍ତି । କଟକର ଅଫିସସବୁ ଦେଖିଅଛନ୍ତି ବର୍ତ୍ତମାନ [illegible] ଅଫିସମାନ ପରିଦର୍ଶନ କରୁଅଛନ୍ତି ।

ଅନ୍ନକଷ୍ଟ [illegible] ବାହାଦୁର [illegible] ଆବେଦନ କରୁଅଛନ୍ତି ।

ବାଲେଶ୍ୱରର ସମ୍ବାଦଦାତାମାନଙ୍କଠାରୁ ଜଣାଯାଏ ଯେ [illegible] ନଷ୍ଟ ହେଉଅଛି । [illegible] ଧାନଗଛଗୁଡ଼ିକ [illegible] ଅଧିକ [illegible] ହୋଇଅଛି । ସରକାର ଏ ବିଷୟର ପ୍ରତିକାର କରିବେ ।

ଓଡ଼ିଆ ଓ [illegible] ଅବଗତ ହେବେ ଯେ [illegible] ବାହାଦୁର [illegible] ପୀଡ଼ିତ ହେଲେ । ବର୍ତ୍ତମାନ ଭଲ ହୋଇଅଛନ୍ତି । [illegible]

ପୁରୀର [illegible] ଶ୍ରୀମନ୍ଦିରରେ [illegible] ହୋଇଅଛି ।

### କଲିକତା—ଗେଜେଟ ।

ଓଡ଼ିଶା ଡିଭିଜନର [illegible] ଅଫିସର [illegible] ବାହାଲ ହେଲେ ଓ ବଙ୍ଗ-

Digitized by srujanika@gmail.com

Split by PDF Splitter



ଭଡ ଅବକାଶ ନେଇ ମାଜିଷ୍ଟ୍ରେଟ ଓ ନେଃ କଲେକ୍ଟର ଙ ରୁ ଖାନ୍ଦୁଷ୍ଟଣ ଷେନ ଅଷ୍ଟ୍ରେଲୀୟ ଭଲରେ ଯିବେ ।

ଲେଃ ର୍ଣ୍ଣ ଦେଶଙ୍କ ମୌଲବ ଚାଦରକର ଦେୱାନ ଛଟିଣ୍ଡାଣର କୁର୍ମାଗ୍ରାମ ହୋଇଅଛନ୍ତି ।

ଜଶଡ ନ୍ଦ୍ରନ ଆସ୍ଫଟେ ବର୍ତ୍ତମାନ ରମନ୍ତେ କେମନେସ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ଓ ଅସ୍ଥ-ଯୋଗା ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହେଲେ ।

୧୮୯୮ ଓ ୯୭ ସାଲର ପ୍ରବେଶିକା ପରୀକ୍ଷାର ପ୍ରଶ୍ନପତ୍ର ଓ ୧୮୯୭ ସାଲର ଏଲ, ଏ, ବି, ଏ ଓ ଏମ, ଏ, ପରୀକ୍ଷାମାନଙ୍କର ପୁସ୍ତକ ତାଲିକା ପ୍ରକାଶିତ ହୋଇଅଛି ।

---

କୃଷନଗର ଅଶ୍ୱାରୋହୀ ଜାତୀୟଦଳମାନଙ୍କୁ କେତେଗୁଡ଼ିଏ ଘୋଡ଼ା ଚଢ଼ାଇବାର ଭଲ ଏବଂ ଅଣଂଶୀୟ ଲୋକ ତୁଲନାର ଫରମାସ ଦେଇଅଛନ୍ତି ।

ପଞ୍ଜାବର ଜେଣ୍ଟ ଉକଳ ବଂଶର ପୌତ୍ର ସଦାନନ୍ଦ ଲୋପର୍ଥ ଦଶ ପୁତ୍ର ରାଜକୁମାର ଫେରାଇବ ହୁକୁମ ଚମ୍ପତ ଇଂଲଣ୍ଡ ଏବଂ ସେନ୍ୟବଳର ବିଭାଗ ଲେଫ୍ଟେଣ୍ଟ ନିଯୁକ୍ତ ହୋଇଅଛନ୍ତି ।

ଶ୍ରେଣ ଦେଶର ଜୌଣସି ବ୍ୟକ୍ତି ନାମରେ ଗୋଟିଏ ମୋକଦମା ହୋଇଥିଲା । ବ୍ୟକ୍ତିଙ୍କ ତାହାର ସ୍ତ୍ରୀଙ୍କ ଅପରାଧ ଇମିତ୍ତ ୧୪ ଥର ବେତ୍ରାଘାତ ମିଳିଲେ । ସ୍ତ୍ରୀଙ୍କ ତାହାର ମୋଟରେ ୪ ୩୮ ଥର ମିଯାଦ ହୋଇଛି । ବିଚାରକଙ୍କ ବୁଦ୍ଧିର ପ୍ରଶଂସା କରିବାକୁ ହେବ ।

ଇଂଲଣ୍ଡର ତୋପଖାନାରେ ମୂଲ୍ୟବାନ୍ ରତ୍ନମଣିନିର୍ମିତ ଗୋଟିଏ ମୁକୁଟ ଅଛି । ଏହାର ମୂଲ୍ୟ ୫ ୬୨୫୦୦୦ ଟଙ୍କା ପଞ୍ଚଲକ୍ଷ ବାଷଠି ହଜାର ଟଙ୍କା । ଏହି ମୁକୁଟଟି ମହାରାଣୀଙ୍କ ରତ୍ନ ବଢ଼ାଇ ଯାଇଅଛି । ଭାରତର ବହୁମୂଲ୍ୟ ମୁକୁଟ ଙ୍ଗ ତାହାର ରତ୍ନ ମଣିରତ୍ନ ଅଳଙ୍କାର ଭାରତରେ ନାହିଁ ।

ମହାରାଣୀ ଭିକ୍ଟୋରିଆ ଯେତେବେଳେ ସିଂହାସନାରୂଢ଼ ହୋଇଥିଲେ, ସେତେବେଳେ ବ୍ରିଟିଶ ୨୫ ଅଧିକ କୋଟି ଟଙ୍କାର ମହିଳା ଭୂଷିତ ହୋଇଥିଲେ । ଏହା ସମୟରେ ସେ ପ୍ରାପ୍ତ ଅଳଙ୍କାର ପରିଧାନ କରନ୍ତି ନାହିଁ ।

ବମ୍ବେଠାରୁ ଲେଖନ୍ତି ଯେ ଅଳିଙ୍ଗମାସ ପ୍ରଥମ ସପ୍ତାହରେ ଭୂମିକମ୍ପ ହୋଇଥିବାର ସମ୍ବାଦ ମିଳିଲା । ଏହାର କମ୍ପ ପୂର୍ବ ୨୯ ଠାରୁ ୩୦ ପର୍ଯ୍ୟନ୍ତ ଭୂମିକମ୍ପ ଏହିପରି ଅନୁଭୂତ ହୋଇଥିଲା ।

ଅନେକ ଦିନରୁ ଜର୍ମାଣୀ ଓ କାଇମାନେ ଦେଶରେ ଅଡ଼ାଆଡ଼ି ହୋଇଅଛନ୍ତି ଯେ ସେମାନଙ୍କର କାର୍ଯ୍ୟକାରିତାର ସୀମା ବୃଦ୍ଧି କରିବାର ବର୍ତ୍ତମାନ ରାଜ୍ୟର ବିଭାଗୀ ନଗରଠାରେ ଜର୍ମାଣୀ ଓ ବଣିକମାନଙ୍କର ଏକ ସମିତି କରିଥିବାର ସମ୍ବାଦ ମିଳିଲା । ଇଙ୍ଗ୍ଲାଣ୍ଡ ଓ ଆମେରିକା ବର୍ତ୍ତମାନ ଦ୍ୱୀପରେ ୧୧୫ ଣ ଜର୍ମାଣୀ ଔପନିବେଶିକ ଅଛନ୍ତି ଏବଂ ତାହା ଦ୍ୱୀପରେ ୫ ୮ ଣ ଜର୍ମାଣୀ ଔପନିବେଶିକ ବାସ କରୁଅଛନ୍ତି—ଅନେକଙ୍କର ସବୁ ଅଧିକାର !

କେତେବର୍ଷ ତଳେ କାଶ୍ମୀର ରାଜ୍ୟରେ କଥା ଉଠିଥିଲା ଯେ ବଡ଼ଲାଟ କହିଲେ ଅନ୍ୟ ବାବତ କେତେ ଅଧିକ ବ୍ୟୟ ଏଥିକୁ ଲାଗିବ ଚାଲିବା ଉଚିତ କହିଅଛନ୍ତି ଯେ ବର୍ତ୍ତମାନ ଅଣ ଅନ୍ୟବାବଦରେ ବ୍ୟୟ କରିବାରେ ସେହି ଦଶା ସେହି ନାହିଁ ଏବଂ କାରଣ ସୀମା ବାହାରେ ଅଧିକ ଲାଭ ହେବ ତହିଁର ଅନୁସନ୍ଧାନ ଚାଲିଅଛି ।

ଉଦୟପୁର ଜେଲଖାନାରେ ଓଡ଼ିଆଲୋକ ଅଧିକ କେତେକ ଲୋକଙ୍କୁ ଆଲୋକଗଲରେ ଲୋକେ ଦେଖୁଥିବାର ସମ୍ବାଦ ମିଳିଲା ।

ଅଷ୍ଟ୍ରେଲିଆ ଦେଶର ଦୂରଠାରେ ଦଶ ବାହାରକାମ ହୋଇଥିବାର ସମ୍ବାଦ ମିଳିଲା । ଏଥିରେ ବୁଦ୍ଧ ଲୋକ ମିରାଟ ଅଞ୍ଚଳରୁ ଶିକାର କରିବାକୁ ଯାଇଥିଲେ । ଙଣେ ଶିକାରୀର ବନ୍ଧୁକର ଗୁଳି ଙଣେ ଗ୍ରାମବାସୀର ଶରୀରରେ ପ୍ରବିଷ୍ଟ ହୋଇ ତାକୁ ଯନ୍ତ୍ରଣାରେ ଗ୍ରାମବାସୀ କେତେକଙ୍କଣ ବାଡ଼ିରେ ଶିକାରୀମାନଙ୍କୁ ଉତ୍ତମରୂପେ ପ୍ରହାରକରି ସେମାନଙ୍କର ବନ୍ଧୁକ କାଢ଼ି ତାହାଙ୍କ ନିକଟରେ ଯାହା ଥିଲା ଛଡ଼ାଇନେଇ ତାଙ୍କୁ ସାହେବଙ୍କ ନିକଟରେ ପଠାଇ ଦେଲେ । ଏହା ଶୁଣି ଗୋରା ସୈନ୍ୟଙ୍କ ଏ ଘଟଣାର ବୃତ୍ତାନ୍ତ ଶୁଣି ସେଠାକୁ ଯାଇ ସିପାହୀମାନଙ୍କୁ ଧରିଲାରୁ ସେହି ଗ୍ରାମର ଗ୍ରାମବାସୀ ଅଧିକ ଧରଣ ହେଲେ । ବର୍ତ୍ତମାନରେ ମୋକଦ୍ଦମା ଚଳିବାରେ ଅଟେକ ହୋଇଅଛି । ଏହି ଶୁଣି ଅଣ୍ଡରସ୍ତମାନ ବର୍ତ୍ତମାନ ଫେରାର ଅଛନ୍ତି ।

ନଦୀଆଜିଲ୍ଲାର ଅନ୍ତର୍ଗତ ପାଲଙ୍କଥାନା ଗ୍ରାମରେ ସମ୍ଭ୍ରାନ୍ତ ଓଡ଼ିଆଠାରୁ ଲଗାଇ ସମ୍ବାଦ ମିଳିଲା । ୨ ୨୫ ଜଣ ଅଧିକ ଏ ରୋଗରେ କାଳକବଳରେ ପଡ଼ିଅଛନ୍ତି ଏବଂ ପ୍ରାୟ ପ୍ରତିଦିନ ୧୫ ଣ ଆକ୍ରମିତ ହେଉଅଛନ୍ତି ।—ବେଳେ ଓଡ଼ିଆଠାରେ ଜଳବାୟୁ ଅସ୍ୱାସ୍ଥ୍ୟ ହୋଇଅଛି ।

ନୂଆକ୍ଷେତ୍ର ଅଞ୍ଚଳରେ ଗ୍ରାମୀ ଅଧିବାସୀ ପୌଳିଆମାନ ଆଦାଲତରେ ଙଣେ ନାୟକମାନଙ୍କ ଉପରେ ମୋକଦମା ଅଣିଅଛି ହୋଇଥିବାର ସମ୍ବାଦ ମିଳିଲା । ସ୍ଥାନୀୟ ବ୍ୟକ୍ତିଙ୍କ ୧୪ ଥର ଏବଂ ତାହାର ଡାକ୍ତର ପରୀକ୍ଷା ହୋଇ ଯାଇଅଛି ।—ବଙ୍ଗବାସୀ ।

ଲଣ୍ଡନଠାରୁ ଅଷ୍ଟ୍ରେଲିଆ ସମ୍ବାଦରୁ ଜଣାଯାଏ ଯେ ସେଠାର ମାନ ନାମକ ଏକ ଦୁଷ୍ଟ ଲୋକ ତାହାଙ୍କ ଅନ୍ୟ ଏକ ଧୂର୍ତ୍ତ ଲୋକ ତାହାଙ୍କ ସଙ୍ଗେ ଗୁପ୍ତରେ ବୁଡ଼ି ଯାଇଅଛି । ଏହି ୫ ଣ ଜଣଙ୍କ ଛଡ଼ା ଅନ୍ୟ ସମସ୍ତେ ରକ୍ଷା ପାଇଅଛନ୍ତି ।

ବ୍ରାଜିଲଠାରେ ଭୟଙ୍କର ଜାତ ଗୋଳମାଳ ସମ୍ବାଦ ମିଳେ । ଚଡ଼େଇମାନେ ଗୁରୁଣାଦାର ବନ୍ଧୁକଧାରୀ ଜଣଙ୍କ ବିରୁଦ୍ଧରେ ଯୋଗ ଦେଉଥିଲେ । ଅନେକସ୍ଥଳେ ସମ୍ପତ୍ତି ନଷ୍ଟ ହୋଇ ଯାଇଅଛି ମାତ୍ର ମଧ୍ୟ ଅନେକ ଅଛି । ଅଧିକାଂଶ ଲୋକ ବନ୍ଦୋବସ୍ତରେ ଯୋଗ ଦେଉଅଛନ୍ତି । ସ୍ଥାନୀୟ ଲୋକଙ୍କର ସେବକଙ୍କୁ ସେନା ସାହାଯ୍ୟ ପଠାଇବାକୁ ନିଶ୍ଚୟ କରିଅଛନ୍ତି ।

ରୁଷୀୟମାନେ ପାମୀର ରାଜ୍ୟରେ ସ୍ଥିରହୋଇ ବସି ନାହାନ୍ତି । ସେଠାରେ ସମ୍ବାଦଦାତାମାନେ ଜଣାଇ ଦେଇଛନ୍ତି ଯେ ଏହାକୁ ଅଧିକାର କରିବା କାରଣ ଚିତ୍ରାଲଠାରେ ପହଞ୍ଚିଅଛନ୍ତି । ସେମାନଙ୍କଠାରୁ ଜଣାଯାଏ ଯେ ଇଂଲଣ୍ଡ ଓ ରୁଷ ଉଭୟ ପକ୍ଷ ପାମୀର ସୀମା ନିର୍ଦ୍ଧାରଣ କରିବାକୁ ଆଗ୍ରହୀ ଅଟନ୍ତି । ସେମାନେ ଦୁର୍ଗ ନିର୍ମାଣ କରୁଅଛନ୍ତି । ରୁଷୀୟମାନେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଖାଦ୍ୟ ସଂଗ୍ରହ କରୁଅଛନ୍ତି ।—ବଙ୍ଗବାସୀ ।

ଏହି ପତ୍ର, ଧନ, ଶକ୍ତି, ରଥର ଅନାଦି ବାଣିଜ୍ୟ ଧନ ଏବଂ ଶାସ୍ତ୍ରଜ୍ଞମାନଙ୍କ ସାହାଯ୍ୟ, ଇମରେ ରାଜ୍ୟରେ ଗୋଟିଏ ସଭା ଓ ପାଠାଗାର ସ୍ଥାପିତ ହୋଇଅଛି । ଅପାଶ୍ଚାତ୍ୟ ପ୍ରଥମ ଏବଂ ଏବଂ ପ୍ରତ ସନାତନ ପାଞ୍ଚଶତ ପଣ୍ଡିତମାନଙ୍କ ଅଧିବେଶନ ଦେଖାଇ ଉଦ୍‌ବୋଧନ ହୋଇଅଛି ।

ମହାମାନ୍ୟ ବର୍ଣ୍ଣିତ ଜେନରଲ ବାହାଦୁର ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ଶିମଲାଠାରୁ ଯାତ୍ରା କରି କୁଚବିହାର ଏବଂ ମାନ୍ଦ୍ରାଜ ଦର୍ଶନ କରି ଅକ୍ଟୋବରରେ ଦରବାରରେ ଉପସ୍ଥିତ ହେବେ ।

ଏଥର ସିଭିଲ ସର୍ଭିସ ପରୀକ୍ଷାରେ ୬୬ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏମାନଙ୍କ ମଧ୍ୟରେ ଦୁଇଜଣ ବଙ୍ଗାଳୀ ଅଛନ୍ତି ଯଥା ଶ୍ରୀଯୁକ୍ତ ସତ୍ୟେନ୍ଦ୍ରନାଥ ପାଲିତ ଓ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥ ସେନ । ପ୍ରଥମଙ୍କ ଚତୁର୍ଥ ଓ ୨ୟ ଙ୍କ ଏକୋନବିଂଶ ସ୍ଥାନ ଅଧିକାର କରିଅଛନ୍ତି ।

ମିଷ୍ଟର ଇ, ସେ, ଦୁଇଟି ନାମକ ଏକ ଦୀର୍ଘ ବାଳ ୮ ଫିଟ ୨୨ ଇଞ୍ଚ ଅର୍ଥାତ୍ ପ୍ରାୟ ୫ ହାତ ଲମ୍ବା । ସେ ତାଙ୍କ ଛିଡ଼ା ହୋଇ ମଞ୍ଚ ପିଟିଥାଇଲେ ବାଳ ତଳେ ଲୋଟିଥାଏ ।

ଏଥର କଲିକତା ମେଡ଼ିକାଲରେ ୨ ୧୪ ଣ ଏକ ଙ୍ଗତାର ଦେଶୀୟ ଡାକ୍ତରରେ ୨ ୧୫ ଣ ଡାକ୍ତର ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଉଭୟ ମେଡ଼ିକାଲରେ ଡାକ୍ତରଙ୍କ ମଧ୍ୟରେ ଜଣେ ଫିରିଙ୍ଗୀ ସର୍ବୋଚ୍ଚସ୍ଥାନ ଅଧିକାର କରିଅଛନ୍ତି ଏବଂ ଏଜଣ ଖାସ୍ ଭାରତବାସୀ ନାମ ବ, ନାଥ ଚତୁର୍ଦ୍ଦଶ ସ୍ଥାନ ପାଇଅଛନ୍ତି । ନାଥ ସାହେବ ବଙ୍ଗାଳୀ ହେବେ ପରା !

---

## ପତ୍ରପ୍ରେରକଙ୍କପ୍ରତି ।

ମେମ୍ବାର—ନାସଥାମାଦ ପତ୍ରଟି ଦେଇ ନ ଥିବାରୁ ଆପଣଙ୍କ ପତ୍ର ଉପେକ୍ଷିତ ହେଲା ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ମାନ୍ୟବରେଷୁ ।

ମହାଶୟ !

ଔଷଧଦ୍ୱାରା ଅବଶ୍ୟ ରୋଗିଙ୍କର ଉପକାର ହୁଏ କିନ୍ତୁ କେବେ ୨ ଈଶ୍ୱରଙ୍କ ଅନୁଗ୍ରହରୁ କେହି ବିଶେଷ ଅମୃତହସ୍ତା ହୋଇଥାନ୍ତି ଓ ସେମାନଙ୍କଦ୍ୱାରା ରୋଗିଙ୍କର ବିଶେଷ ଉପକାର ହୁଏ । ଅମ୍ଭେ ଆନନ୍ଦ ସହିତ ପ୍ରକାଶ କରୁଅଛୁଁ କି ଗତବର୍ଷ ଏଠା ମେଡ଼ିକଲ୍ ସ୍କୁଲର ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରେ ବକସୀବଜାରନିବାସୀ ଏହି ଦେଶୀୟ ମୁନ୍‌ସି ଇନ୍ଧୁଋଦ୍ଦିନ୍ ଖାଁ ଅମୃତହସ୍ତା ଥିବାର ବିଶେଷ ପ୍ରମାଣ ମିଳେ । ମୁନ୍‌ସି ଇନ୍ଧୁରଦ୍ଦିନ୍ ଖାଁ ଅନେକ ସ୍ଥଳରେ ଚିକିତ୍ସା କାର୍ଯ୍ୟରେ କୃତକାର୍ଯ୍ୟ ହେବା ବ୍ୟତୀତ କେତେଗୋଟି ଦୁଃସାଧ୍ୟରୋଗ ଭଲ କରି ବିଶେଷ ପ୍ରଶଂସାଭାଜନ ହୋଇଅଛନ୍ତି । ଏହି ନଗରନିବାସୀ ଜଣେ ବୃଦ୍ଧାର ହାତ ଭଙ୍ଗିଯିବାରୁ କେତେକ ଡାକ୍ତର ତାହାର ହାତ କାଟି ନ ପକାଇଲେ ରୋଗ ଭଲ ହେବ ନାହିଁ ବୋଲି ମତ ପ୍ରକାଶ କରିଥିଲେ କିନ୍ତୁ ବଡ଼ ସୁଖର ବିଷୟ ଯେ ଡାକ୍ତର ଇନ୍ଧୁରଦ୍ଦିନ୍ ଖାଁ କେବଳ ଚିକିତ୍ସାଦ୍ୱାରା ତାକୁ ଭଲ କରିଦେଲେ । ଅହମଦ୍ କାଜିମଙ୍କ ପୁତ୍ର ଅସ୍ଥିର ଅର୍ଥାତ୍ ପଥୁରି

Digitized by srujanika@gmail.com

ରୋଗରେ ପୀଡ଼ିତ ଥିବାରୁ ପୂର୍ବେ ଡାକ୍ତରମାନେ ଅସ୍ତ୍ରଚିକିତ୍ସା (Litholomic operation ) ଦ୍ୱାରା ତାଙ୍କର ମୂତ୍ରାଧାରରୁ ପଥର ବାହାର କରି ତାଙ୍କୁ ଆରୋଗ୍ୟ କରିଥିଲେ । ପୁନର୍ବାର ସେ ଉକ୍ତ ରୋଗରେ ଆକ୍ରାନ୍ତ ହେବାରୁ ପୁଣି ଅସ୍ତ୍ର ପ୍ରୟୋଗ କରିବାର ସ୍ଥିର ହୋଇଥିଲା ମାତ୍ର ଡକ୍ଟର ଦେବିନ୍ କେବଳ ଔଷଧ ସେବନ କରାଇ ତାଙ୍କୁ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଥିଲେ ।

ଅଫଗାନସ୍ଥାନ ଗଜନିସହରର ନିବାସୀ ଅବ୍‌ଦୁଲ ଖାଁ ନାମକ ଏକ ସଉଦାଗରର ଗୋଡ଼ କଠିନ ବାତରୋଗରେ ପୀଡ଼ିତ ହେବାରୁ ସେ ନାନାସ୍ଥାନ ପ୍ରଦେଶର ଅନେକ ସ୍ଥାନରେ ସିଭିଲସର୍ଜନ ଠାରୁ ହକିମ୍ ଓ କବିରାଜ ପର୍ଯ୍ୟନ୍ତ ଚିକିତ୍ସାରେ ପ୍ରାୟ ପାଞ୍ଚହଜାର ଟଙ୍କା ବ୍ୟୟ କରି ହତାଶ ହୋଇ ପ୍ରାୟ ଗୃହବର୍ଷ ହେବ ସେହି ରୋଗ ଭୋଗ କରୁଥିଲେ । ତାଙ୍କର ଅବସ୍ଥରେ ଚାଲିବା ଶକ୍ତି ରହିତ ହୋଇଯାଇଥିଲା । ବଡ଼ ସୁଖର ବିଷୟ ଏହି ଯେ ଡାକ୍ତର ଡକ୍ଟର ଦେବିନ୍ ତାଙ୍କୁ ବିଶେଷ ଯତ୍ନ ସହକାରେ ଚିକିତ୍ସା କରି ଅଳ୍ପଦିନ ମଧ୍ୟରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ କରିଦେଲେ । କେହି ଏହାକୁ କାକତାଳୀୟ ( chance ) ସଂଘଟନାର ଫଳ କହିଥାନ୍ତି । କିନ୍ତୁ ସେହି ଚିକିତ୍ସକ ବାରମ୍ବାର ଉକ୍ତ କଠିନ ରୋଗିଙ୍କୁ ସହଜରେ ଆରୋଗ୍ୟ କରନ୍ତି ତାଙ୍କୁ ଅଦ୍ଭୁତହସ୍ତ ନ ବୋଲି କଣ ବୋଲିବ ? ସମ୍ପାଦକ ମହାଶୟ ! କେବଳ ମୁଁ ଡାକ୍ତର ଡକ୍ଟର ଦେବିନ୍‌ଙ୍କ କୃତକାର୍ଯ୍ୟରେ ମୁଗ୍ଧ ହୋଇ ଯେ ଏ ବିଷୟ ଆପଣଙ୍କୁ ଜଣାଇଲି ତାହା ନୁହେ ବରଂ ଆଶାକରେଁ ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାର ପାଠକମାନେ ଏ ବିଷୟରୁ ଅବଗତ ହୋଇ ରୋଗିମାନଙ୍କୁ ତାହାଙ୍କ ଅଦ୍ଭୁତହସ୍ତରୁ ଫଳ ପ୍ରାପ୍ତ ହେବା ନିମନ୍ତେ ଅନୁରୋଧ କରିବେ । ଆମ୍ଭେ ମଧ୍ୟ ସୁଖର ସହିତ ଅବଗତ ହେଲୁଁ କି ସେ ଅଳ୍ପଦିନରେ ଏ ସହରରେ ଏକ ଡାକ୍ତରୀ ଦୋକାନ ଖୋଲି ଚିକିତ୍ସାକାର୍ଯ୍ୟ ବିଶେଷରୂପେ ଆରମ୍ଭ କରିବେ ।

ଇତି ।

୨୦।୯।୯୩ ଆପଣଙ୍କର ବଶମ୍ବଦ
ମହମ୍ମଦ ଖଦର୍ ।

---

ମହାଶୟ !

ଇଂରେଜଙ୍କ ରାଜତ୍ୱକାଳରେ ପ୍ରଜାବର୍ଗଙ୍କର ସୁଖ ସ୍ୱଚ୍ଛନ୍ଦତା ନିମିତ୍ତ ଯେ ସମସ୍ତ ସଡ଼କ, ପୋଲ, ରେଲ୍ୱେ ନିର୍ମିତ ହେଉଥିବା ପ୍ରତ୍ୟକ୍ଷ ଅଦୂରଦର୍ଶୀ ବିଭାଗୀୟ କର୍ମଚାରୀମାନଙ୍କ ହେତୁ ଅନେକ ସମୟରେ ସେହି ମହତ୍‌ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ । ଜଗନ୍ନାଥସଡ଼କ ପାର୍ଶ୍ୱବର୍ତ୍ତୀ ଫୁଲନଖର ଡାକଘରଠାରୁ ଯାଇଥିବା ଗୋପସ୍ତମ୍ଭ ନିକଟବର୍ତ୍ତୀ ଭୂବନ ଶାସନଠାରୁ ଇଙ୍ଗାରପୁର ପର୍ଯ୍ୟନ୍ତ ଯେଉଁ କଞ୍ଚାରାସ୍ତା କଣ୍ଟ୍ରାକରୁ ନିର୍ମିତ ହୋଇଅଛି ତନ୍ମଧ୍ୟବର୍ତ୍ତୀ ପ୍ରାଚୀନଦୀ ଓ ଦକ୍ଷିଣାଂଶର ଦୁରବସ୍ଥା ଅତୀବ ଶୋଚନୀୟ । ଅନେକକାଳରୁ ଉକ୍ତ ରାସ୍ତା ମରାମତି ନ ହେଉଥିବାରୁ ଗାଡ଼ି ଯାତାୟାତ ଦୂରେ ଥାଉ ମନୁଷ୍ୟାଦି ପକ୍ଷରେ ଅତୀବ କଷ୍ଟକର । ଯେ ଏକଥର ଏହି ସମୟରେ ଉକ୍ତ ରାସ୍ତାରେ ଯାଇଥିବ ସେ ଉତ୍ତମରୂପେ ଅନୁଭବ ଥିବ ! ପୁଣି ତହିଁରୁ ଅବଗୁଣରେ ବନ୍ୟାପ୍ରବାହ ଓ ବର୍ଷାକାଳରେ ପାଠାର୍ଥୀମାନଙ୍କର ଦୁର୍ଦ୍ଦଶା ଏହାକି ଉକ୍ତ ବିଭାଗର ଉଚ୍ଚ କର୍ମଚାରୀମାନଙ୍କର ଦୃଷ୍ଟି ବହିର୍ଭୂତ ? ଏହି ଗ୍ରାମୀୟ ଲୋକମାନଙ୍କ ପ୍ରମୁଖାତ୍ ଜଣାଗଲା ଯେ ଉକ୍ତ ସଡ଼କଟି ଇଙ୍ଗାରପୁରସ୍ଥ ପ୍ରଧାନ ଜମିଦାରଙ୍କର ବ୍ୟୟ ଓ ଯତ୍ନରେ ନିର୍ମିତ ଓ ସ୍ଥାପିତ ହୋଇଥିଲା ଆଗ୍ରହ ମଧ୍ୟ ଜନସାଧାରଣ ଉପକାରାର୍ଥ ତାଙ୍କ ଆଦେଶକ୍ରମେ ଗ୍ରହ ଯୋଗ ବହୁଳତା ସହାଯ୍ୟ ପର୍ଯ୍ୟନ୍ତ ଯାଉଥିଲେ ମାତ୍ର ଏ ସଡ଼କଟି ବାଲକମିଶନରଙ୍କ ହେବାଦିନରୁ ଜମିଦାର ମହୋଦୟ ଉକ୍ତ ସେବା ରହିତ କରିଛନ୍ତି । ଇଙ୍ଗାରପୁର ଗୋଟିଏ ବଡ଼ ଜନପଦ ଓ ପ୍ରଧାନ ଜମିଦାରଙ୍କର ଆବାସସ୍ଥାନ । ପୁଣି, ଭୁବନେଶ୍ୱର ଯିବା ଯାତ୍ରୀମାନଙ୍କର ଗମ୍ୟପଥ । ଉକ୍ତ ଗ୍ରାମରେ ଥିବା ଗୋଟିଏ ମଧ୍ୟଇଂରାଜୀ ସ୍କୁଲ ଓ ଦେଶୀୟ ପାଠଶାଳାମାନଙ୍କ ପକ୍ଷରେ ନିତାନ୍ତ ଅସୁବିଧା । ଅନେକବାର ବନ୍ୟାସମୟରେ ସନ୍ତରଣ କରି ପାର ହେଉଥିବା ମନୁଷ୍ୟ ଓ ଗୋମେଷାଦି ଜଳମଗ୍ନ ଓ ଭୂମିଶାୟୀ ହେବାର କଥିତ ହୁଏ । ଗତବର୍ଷ ଘର ବଡ଼ ବନ୍ୟାସମୟରେ ଆମ୍ଭେ ଦେଖିଅଛୁଁ ଯେ ଗୋଟିଏ ଯୁବକ ସନ୍ତରଣଦ୍ୱାରା ପାର ହେଉଥିବା ସମୟରେ ଗତାସୁ ପ୍ରାୟ ହୋଇଥିଲା ମାତ୍ର କପାଳ ଜୋରରୁ ରକ୍ଷା ହେଲା । ଉକ୍ତ ସମୟରେ ପ୍ରାୟ ୫୦୦ ପର୍ଯ୍ୟନ୍ତ ଲୋକ ନଦୀ ପାରହୋଇ ନ ପାରି ଇଙ୍ଗାରପୁରଠାରେ ନିରାହାର ଅବସ୍ଥାରେ ରହିଥିଲେ । ଏବେ ଅସୁବିଧାଗୁଡ଼ିକ ଉକ୍ତ ରାସ୍ତାରେ ଯୋଗ ହେଉଥିବା ଓ ରାସ୍ତା ମରାମତି କରାନ୍ତି ନାହିଁ ଏହା କର୍ତ୍ତୃପକ୍ଷମାନଙ୍କର ମନ ଆକୃଷ୍ଟ ନ ହେବା ବଡ଼ ଆକ୍ଷେପର ବିଷୟ । ଗବର୍ଣ୍ଣମେଣ୍ଟର ନାନା ସ୍ଥାନରେ ଅପରିମିତ ବ୍ୟୟ ହେଉଥିବାସ୍ଥଳେ ଏହି ମହତ ଅଭାବ ଦୂର କରିବା ଓ ଜନସାଧାରଣଙ୍କର ବିଷୟ ଏହା କଦାପି ଅସମ୍ଭବ ହୋଇ ନ ପାରେ । କର୍ତ୍ତୃପକ୍ଷମାନଙ୍କ ନିକଟରେ ଆମ୍ଭର ବିନୀତ ପ୍ରାର୍ଥନା ଯେ ଉକ୍ତ ସ୍ଥାନରେ ପରିଦର୍ଶନ କରି ଏହି କାର୍ଯ୍ୟ କେଉଁ ଦୂର ଦାୟୀ ହେବ ତାହା ବିଚାର କରିବା ହେବ ।

୧୦।୯।୯୩ } ବଶମ୍ବଦ
ଶ୍ରୀ ଚିନ୍ତାମଣି ଦାସ

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଭବାନୀ ପଣ୍ଡା ଅପରବର୍ତ୍ତୀ | ୨ ॥ |
| ,, ବ, ସଂଭିମେସ ପାଟଗଡ଼ | ୫ ୦ |

---

# ବିଜ୍ଞାପନ ।

## ବାବୁ ବିଶ୍ୱେଶ୍ୱର ଦାସ ।

ଏସିଷ୍ଟାଣ୍ଟ ସର୍ଜନ

କଟକ ଟଉନ ହଲରେ ଥାଇ ଚିକିତ୍ସା କରିବା ଏବଂ ସେ ସମ୍ବନ୍ଧରେ ପରାମର୍ଶ ଦେବାକୁ ପ୍ରସ୍ତୁତ ଅଛନ୍ତି ।

---

## ରାଏ ଏଣ୍ଡ କୋମ୍ପାନୀଙ୍କ

ସୁବିଖ୍ୟାତ ଓ ସର୍ବଜନ ପ୍ରଶଂସିତ 'ବସନ୍ତମାଳତୀ' ଓ 'ଲାବଣ୍ୟଲତା' ନାମକ ଉତ୍କୃଷ୍ଟ ଓ ଶିରରୋଗନାଶକ ମହୌଷଧକାରୀ ସୁବାସିତ ତୈଳର ମୂଲ୍ୟ ଟ ୦।, ।୵, ୲ ଅଲ୍ଟୁବୁଷ୍ଟି ଟ ୦ ୳, ୴, ଓ ଟ ୧ କା କେଶବର୍ଦ୍ଧନୀ ତୈଳ (Hair oil) ଟ ୦ । ଯାଦୁର ଔଷଧ ( ପରୀକ୍ଷିତ ) ଟ ୦ ୵ ଏବଂ ନାନାପ୍ରକାର ସୁବାସଦ୍ରବ୍ୟ ( Exquisite Fragrance) ଟ ୦ । ଠାରୁ ଟ ୵୧ ପର୍ଯ୍ୟନ୍ତ; ଚଉଧୁରୀବଜାରସ୍ଥ ଏ, ବ, ଦତ୍ତ କମ୍ପାନୀଙ୍କ ଦୋକାନରେ ଓ ସିଦ୍ଧିକନଙ୍କ ଦୋକାନରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ । ଏତଦ୍‌ବ୍ୟତୀତ ମୋଫସଲବାସିଙ୍କ ମଧ୍ୟରୁ ଯାହାଙ୍କର ଯେଉଁ ଦ୍ରବ୍ୟ ( ପୋଷାକ, ପଡ଼ଦା, ଷ୍ଟେସନରୀ ଓ ମନୋହାରୀ ଦ୍ରବ୍ୟାଦି ) ପ୍ରୟୋଜନ ହେବ ଅଗ୍ରିମ ମୂଲ୍ୟ ସହିତ ଆଦେଶ କଲେ ବିଶେଷ ସୁବିଧାରେ ଭି: ପି: ଡାକଦ୍ୱାରା ପାଇ ପାରିବେ ।

ଚୌଧୁରୀବଜାର } ସ୍ୱତ୍ୱାଧିକାରୀ
କଟକ } ମ୍ୟାନେଜର

## NOTICE.

**IRRIGATION DEPARTMENT, BENGAL.**

It is hereby notified for general information that the Kendrapara Canal and its branches will probably be closed from the 15th March 1894 to the 5th May 1894. The Taldunda Canal and its branches will be kept open during the time and closed from about 10th May 1894 to the 15th June 1894.

The 22nd August, 1893 } G. C. MACONCHY, *Under-Secretary.*

ବଙ୍ଗୀୟ ଜଳସେଚନ ବିଭାଗ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି କି ସମ୍ଭବତଃ ସନ ୧୮୯୪ ମସିହା ମାର୍ଚ୍ଚମାସ ତା ୧୫ ରିଖଠାରୁ ମଇମାସ ତା ୫ ରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା କାନାଲ ଏବଂ ତହିଁର ଶାଖାମାନ ବନ୍ଦ ହେବ । ଏହି ସମୟରେ ତାଳଦଣ୍ଡା କାନାଲ ଏବଂ ତହିଁର ଶାଖାମାନ ମୁକୁଳା ରହିବ ଏବଂ ସନ ୧୮୯୪ ମଇମାସ ତା ୧୦ ରିଖଠାରୁ ଜୁନମାସ ତା ୧୫ ରିଖ ପର୍ଯ୍ୟନ୍ତ ବନ୍ଦ ହେବ ।

୨୨।୮।୯୩ } ଜି, ସି, ମେକୋଞ୍ଚି ଅଣ୍ଡର ସେକ୍ରେଟେରୀ

---

ପୂଜା ଉପହାର ! ପୂଜା ଉପହାର !!
ପୂଜା ଉପହାର !!!

"ପ୍ରେମତତ୍ତ୍ୱ ପୁସ୍ତକ ଅଧା ମୂଲ୍ୟରେ ବିକ୍ରି ହେବ" ଅସନ୍ତା ପୂଜା ମଧ୍ୟରେ ଯେଉଁମାନେ "ଥିଏଟର ବା ନାଟକ ସଙ୍ଗୀତ" ପୁସ୍ତକ (ମୂଲ୍ୟ ଟ ୦ ୵ ଦୁଇଅଣା ମାତ୍ର) କ୍ରୟ କରିବେ ସେମାନଙ୍କୁ "ପ୍ରେମତତ୍ତ୍ୱ" ଅଧା ମୂଲ୍ୟରେ ପ୍ରଦତ୍ତ ହେବ । କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ମିଳିବ ।

---

## ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ୵ ଦୁଇଅଣା ମାତ୍ର ।

ଓଡ଼ିଆ ସଙ୍ଗୀତକାରମାନଙ୍କଠାରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସୁରର ଦକ୍ଷିଣୀ ଓ ଶୁଦ୍ଧ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଶୀଘ୍ର ନିଅ ! ନିଅ ! ନିଅ !!

ପୁସ୍ତକ ସଂଖ୍ୟା ଅଳ୍ପ ଅଛି ।

ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଆମ୍ଭ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ ଆଜଠାରୁ ଅର୍ଦ୍ଧମୂଲ୍ୟରେ ବିକ୍ରୟ ହେଲା ।

| | | |
|---|---|---|
| ସଙ୍ଗୀତ ସାଗର ପ୍ରଥମ ତରଙ୍ଗ | | ଟ ୦ ୵ |
| ଏଜନ | ଦ୍ୱିତୀୟ ଏଜନ | ଟ ୦ ୵ |
| ଏଜନ | ତୃତୀୟ ଏଜନ | ଟ ୦ ୵ |
| ଏଜନ | ଚତୁର୍ଥ ଏଜନ | ଟ ୦ ୵ |
| ଜୀବନଚମ୍ପୂ | | ଟ ୦ / |
| ଛବିଳାସ କ୍ଷେତ୍ର | | ଟ ୦ / |

ଏହି ପୁସ୍ତକମାନ କଟକ ପ୍ରିଂଟିଂକମ୍ପାନୀଙ୍କ ଛାପାଖାନାରେ, ବୁକ୍ ଏଜେଣ୍ଟ ବାବୁ ଶ୍ରୀ ଜ୍ଞାନପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ, ଚୌଧୁରୀବଜାରସ୍ଥ ବାବୁ ଲକ୍ଷ୍ମୀନାରାୟଣ ଦାସଙ୍କ ଡାକ୍ତରଖାନାରେ ଏବଂ ବାଲୁବଜାରସ୍ଥ ପଣ୍ଡିତ ଶ୍ରୀ ଗୋବିନ୍ଦରଥଙ୍କ ଦୋକାନରେ ମିଳିବ ।

କଟକ ୨।୯।୯୩ } ଶ୍ରୀ ଦାମୋଦର ପଟ୍ଟନାୟକ ।

---

## ତୃତୀୟପାଠର ବ୍ୟାଖ୍ୟା ।

ଏଥିରେ ପୁସ୍ତକାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରଭୃତି ଓ ଦୁର୍ବୋଧ ସ୍ଥଳମାନଙ୍କର ବିଶଦ ବିବୃତି ଏବଂ ଐତିହାସିକ ଓ ଭୌଗୋଳିକ ବିବରଣ ସନ୍ନିବେଶିତ ହୋଇଅଛି । ଏଣ୍ଟ୍ରାନ୍ସ ସ୍କୁଲର ପ୍ରଥମଶ୍ରେଣୀର ଛାତ୍ରମାନଙ୍କ ଓ ଶିକ୍ଷକବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତୀବ ପ୍ରୟୋଜନୀୟ । ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ । ମୂଲ୍ୟ ଚାରିଅଣା । କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ଛାପାଖାନାରେ ବିକ୍ରୟ ହେଉଅଛି ।

---

## Sita-mai-ki Andira

## ସୀତା ମାଈ କି ଅଣ୍ଡିରା

ଅଦ୍ଭୁତ ରହସ୍ୟ, ଅଦ୍ଭୁତ କାଣ୍ଡ, ଅତି ଚମତ୍କାର ଘଟଣା, ଏପରି ପୁସ୍ତକ ଉତ୍କଳଭାଷାରେ ଅଦ୍ୟାପି ମୁଦ୍ରିତ ହୋଇ ନାହିଁ । ଆବାଳବୃଦ୍ଧବନିତାଙ୍କର ସୁଖପାଠ୍ୟ ଅଟେ ।

ମୂଲ୍ୟ .. ଟ ୦୵୨ ମାତ୍ର

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

## ନୂତନପୁସ୍ତକ ।

ଉତ୍କଳଇତିହାସର ପ୍ରଶ୍ନୋତ୍ତର ମୂଲ୍ୟ ଟ ୦୵ ଶ୍ରୀ ଗୋପୀନାଥ ନନ୍ଦଙ୍କ ଦ୍ୱାରା ସଙ୍କଳିତ । ଅପରପ୍ରାଇମେରୀପରୀକ୍ଷାର୍ଥୀଙ୍କ ସୁବିଧାର୍ଥେ ଏହି ପୁସ୍ତକ ସଙ୍କଳିତ ହୋଇ ଅଛି । ଉତ୍କଳଇତିହାସ ପାଠ ନ କରି କେବଳ ଏହି ପ୍ରଶ୍ନୋତ୍ତର ପାଠ କଲେ ବାଳକମାନେ ଇତିହାସପରୀକ୍ଷାରେ ଅଧିକ ନମ୍ବର ରଖିପାରିବେ ।

ନିମ୍ନଲିଖିତ ପୁସ୍ତକର ପରିବର୍ଦ୍ଧିତ ନୂତନ ସଂସ୍କରଣ ପ୍ରକାଶିତ ହୋଇ ଅଛି ।

ସରଳଭୂଗୋଳପାଠ ( ୫ମ ସଂସ୍କରଣ ) ଟ ୦୵
ସ୍କୁଲର ଜ୍ୟାମିତି ( ୩ୟ ସଂସ୍କରଣ ) ଟ ୦ ୵
ଲିପିମାଳା ( ୨ୟ ସଂସ୍କରଣ ) ଟ ୦ ।

---

## ବିଚ୍‌ମସାହେବଙ୍କ ବଟିକା ।

## ( BEECHAM'S PILLS. )

ପଲବବେତନାରେ ଏକ ୨ ଫରୁଆର ମୂଲ୍ୟ ଏକ ୨ ମୋହରରୁ ଅଧିକ ହୋଇପାରେ ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରଦ ଚର୍ବି ଇତ୍ୟାଦି ବଶାକ୍ତ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ଜାତିରେ ପ୍ରସ୍ତୁତ ହୋଇ ନାହିଁ ଜଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀରେ ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ଶାଦସ୍ଥଳୀରେ ବ୍ୟଥା, ମୁଣ୍ଡବ୍ୟଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ତନ୍ଦ୍ରାଳୁତା, ଶୈତ୍ୟ, ଉଦ୍ଗାରୋଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ଚର୍ମରୋଗ ଇତ୍ୟାଦି ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ସ୍ତ୍ରୀ ଓ ଦେବସ୍ଥଳପକ୍ଷରେ ଅତ୍ୟନ୍ତ ହିତକାରୀ ।

ହୋମିଓପ୍ୟାଥିକ ସବୁଡାକ୍ତରଙ୍କ ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତ୍ୟେକରୁ ଆକାର ଅନୁସାରେ ଟ ୦।୫ ଟ ୦ ।୬ ଓ ଟ ୦ ।୬ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

---

## New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Split by PDF Splitter

Digitized by srujanika@gmail.com

Split by PDF Splitter



Webb's Keys to English Entrance Course for 1892 and 1893.
S. P. Ghosh's Key to English Entrance Course for 1894.
Chambers' Etymol. Dictionary
Webb's Condensed Dictionary.
Webb's International Do.
Whitehall Drawing Copy Books.
R. C. Dutt's History of India.
Catechism of History of India.
Buckley's History of England.
K. P. Basu's Algebra.
Royal Readers No. I to IV.
Manual of Geography.
Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଘଣ୍ଟିମରାମତି ।

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

ଜାକାପ୍ରବାଲ ଛୋଟ ବଡ଼ ଘଣ୍ଟାଙ୍କୁ ଉତ୍ତମ ରୂପେ ମରାମତି କେବା ଓ ଯଥା ସମସ୍ତରେ ପାଇପାରିବାର ଜଳ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ୀ ମରାମତିର କାର୍ଯ୍ୟାରମ୍ଭ କରାଇଅଛୁଁ । ଗ୍ରାହକର ଦରକାର ହେଲେ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ବିଷୟ ଜାଣି ପାରିବେ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରାଙ୍ଗଙ୍କର ସମ୍ମୁଖ ଦଶା ଘରରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକା, ରେଶମୀ ଓ ଶେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା-ଜୋଡ଼ରେ ଲେଖା ଅଛି ତଦ୍ଦ୍ବାରା ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ି ସୁବିଧା । ସେଠାରେ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା ଦେଇ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ

ଗ୍ରାହକଙ୍କ ପକ୍ଷରେ ଏକ ଦର କାହାରିଠାରୁ ଅଧିକ ବା ଊଣା କରାଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଳାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଷ୍ଟେସନରି ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଣ୍ଟ ପେନସୀଲ | ଗୋ ୧ ଟ ୦ ।/ |
| ଲାଲ ଓ ନୀଳ ପେନସୀଲ | ଗୋ ୧ ଟ ୦ ୵୫ |
| ଓଡ଼ିଆ ପେନସୀଲ | ଡ ୧ ଟ ୦ ।୵ |
| ନକସା କାଗଜ | ଦ ୧ ଟ ୦ ୫୵ |
| ଫୁଲସକେପ୍ କାଗଜ ଯରସା | ଦ ୧ ଟ ୦ ୵୩ |
| ଏକାଜ ବୁଲବାଲ | ଦ ୧ ଟ ୦ ୵୨ |
| ଏକାଜ ଛାପଷ୍ଟ | ଦ ୧ ଟ ୦ ୵୩ |
| ଫାଲସିଟନୋଟପେପର ଓ ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସଡ଼ସା | ଦ ୧ ଟ ୦ ୵ |
| ଏକାଜ ମଧ୍ୟମ | ଦ ୧ ଟ ୦ । |
| ଲଫାଫା ବଡ଼ସା ସ୧୦୦ ଟ୦୵ | ଗୋ ୨୫ ଟ ୦୵୩ |
| ଏଭଳ ମଧ୍ୟମ ସ୍ତ୧୦୦ ଟ ୦ ।୵ | ଗୋ ୨୫ ଟ ୦ ୯ |
| କାଲିକାଗଜ ୧୬ ଘଣ୍ଟେ | ଦ ୧ ଟ ୦ ୵୩ |
| ଷୀବାଲ | ଡୋ ୧ ଟ ୦ ୵୵ |
| ଏହିପରି ଗୁଣ୍ଡି ଏହାକୁ ଅଧ-ବୋତଲ ଜଳରେ ଘଷାଇ ଦୁଇଦିନ ପରେ ଛାଙ୍କି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଶ୍ରୀଲ ଟ ୦ ୵୨ |
| ସୀଲଟ ପେନସୀଲ | ବ ୧ ଟ ୦ ।୵ |
| ରବର | ଖ ୧ ଟ ୦ ।୵ |
| ଦଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ଲୁହା କଲମ (ନିବ) ସରସା | ଡ଼ ୧ ଟ ୦ ୵ |
| ଏଭଳ ଜିରସୀ | ଡ଼ି ୧ ଟ ୦ ୧୯ |
| ଏଭଳ କଡ୍ରମାଗଳବୋଜନ | ଗୋ୧ ଟ ୦ ୧୬ |
| କାଚଦୁଆତ ଡାଙ୍କୁଣି ସହିତ (କଲଣାବାଲ) | ଗୋ ୧ଟି ଟ ୦ । |
| ଏଭଳ ସାଧାରଣ | ଗୋ ୧ ଟ ୦୵୫ |
| କଲାଫିତା ସଡ଼ସା | ଗ ୧ ଟ ୦୵ |
| ବୋଇଯାର ଦେଶ ସ୍ଵଦେଶୀ | ଗୋ ୧ ଟ ୦୵୵ |
| ମନଦେଶ | ଗୋ ୧ ଟ ୦ ୵ |
| ମୁଗୁନିପଥରର ଫସ୍ଲିଟ୍ରକା ଓ ରୁପେଲିନବଷାନାଲ | ଗୋ ୧ ଟ ୨ । |
| ଟ୍ରେଭେଣ୍ଡର | ଗୋ ୧ ଟ ୧୯ |
| ମେକସର ଅଏଲ | ଗୋ ୧ ଟ ୦ ୪ |
| ସାବୁନ ସରସା | ଖ ୧ ଟ ୦ /୯ |
| ଫଲଦାନୀ | ଗୋ ୧ ଟ ୧୵ |
| ବେଳାଲଗିର ମ୍ଭାଲିସ୍ଥା | ଗୋ ୨ ଟ ୵। |
| ଏଭଳ ଏକତାଳିଆ | ଗୋ ୧ ଟ ୨ |
| ଟେଲି | ଗୋ ୧ ଟ ୨ |
| ଅଙ୍ଗରେଟ | ଗୋ ୧ ଟ ୵୨ |
| ଛାତ | ବ ୧ ଟ ୦ /୫ |
| ସାନପଇଡ଼ୀ | ଗୋ ୧ ଟ ୫୧ |
| କଳାଇସୀ ସତ୍ ଜସ | ଖ ୧ ଟ |
| ଯିତଳାର ଏହାକୁ କୌଣସି ପାତ୍ରରେ ଭରି କର୍ଣ୍ଣରେ ଜରଜାର ହୋଦା ଖବର ପାତ୍ରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୦ |

କଟକ ଚୌଧୁରୀ ବଜାର } ଅଭୟଚରଣ ଦାସ କମ୍ପାନୀ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ତେହା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନମାନଙ୍କେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହରବାଜାର ଚଉଧୁରୀବଜାର ବାବୁ ଶ୍ରୀ... ଛାପାଖାନାରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter
ASIATIC SOC NO. 1


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭ ୪୮ ଭା । ସଂ ୪୦ ସଂ — ତା ୭ ଅକ୍ଟୋବର ଅଶ୍ୱିନ ବଦି [illegible] ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ଦୁର୍ଗୋତ୍ସବ ଉପଲକ୍ଷରେ ଅତ୍ର କଟକସ୍ଥ ଇସ୍ତକ ୧୦ ତାରିଖ ଅଦାଲତମାନ ବନ୍ଦ ହେବ ଏବଂ ଅସ୍ଥାୟୀ ଜଜମାନ ମାସ ତା ୧୧ ରଖ । ମୁନ୍ସିଫ ତା ୨୮ ରଖ ଶନିବାର ପର୍ଯ୍ୟନ୍ତ । କ୍ରିଷ୍ଟୀୟ ଦାଲ ଷଷ୍ଠୀ ତା ୩୪ ତା । ଲେଖକ କଟେଷ୍ଟ ପୁଲିସ ଅଫିସ ଶନିବାର କଟେଷ୍ଟ ଇସ୍ତକ ବନ୍ଦ ହେବ ।

---

ଏହିବାରି ସୁନ୍ଦରକୁମାର ସ୍କୁଲରେ ବାଳକଙ୍କ ଶିକ୍ଷାଦାନ ବ୍ୟବସ୍ଥା କରୁଅଛନ୍ତି । ସେଣ୍ଟପୋଲସ୍କୁଲରେ ବାଳକ ବାଳକାମାନଙ୍କୁ ପ୍ରାଥମିକ ରିତ ଏଥରଭାବରେ ବସ୍ତ୍ରାଦିଵ ଓ ପୁସ୍ତକ ସେମାନଙ୍କ ମନଶିକ୍ଷା ହେବ ଏବଂ ସମାଜର ଯୋଗ୍ୟ ହୋଇପାରିବେ । ବାଳକମାନଙ୍କ ଶିକ୍ଷା ଦାନ ବାଳକମାନଙ୍କ ଅପରେ ୫ ୭ ବର୍ଷଠାରୁ ୨ ୧୨ ବର୍ଷ ପର୍ଯ୍ୟନ୍ତ ଓ ବାଳକାମାନଙ୍କ ପକ୍ଷରେ ୫ ୭ ବର୍ଷଠାରୁ ଦଶବର୍ଷ ପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇ ଅଛି ।

---

ପ୍ରଥମଶ୍ରେଣୀ ବନ୍ଦୁକସମ୍ବନ୍ଧୀୟ ଅସ୍ମାକଙ୍କର ନାହିଁ ସମ୍ବନ୍ଧରେ ଲିଖିଥିଲେ ମନ୍ତବ୍ୟ ଅଛି ନାହିଁ । ଏ ଅଧିକର କଥା, ହେତେବେ କଣେ ବଙ୍ଗ ନୈତିକ ଦେଖୁଅଛନ୍ତି ସେ କେବଳ ମାଧବେ ଆପଣା ବୁଦ୍ଧିର ମଣ୍ଡଳ ଏବଂ ଶ୍ରେଣୀ ବୁଦ୍ଧିକୁ ନେଇ ମଣ୍ଡଳ ଦେଇଛନ୍ତି । ମାତ୍ର ସଦ୍ୟୋଗୀ ଦେଖ ନେତ୍ରପାତମାନଙ୍କ ପ୍ରତି ବନ୍ଧୁକଙ୍କର ଅର୍ପଣ କରିଅଛନ୍ତି ଏଥିରେ ଅସ୍ମେମାନେ ସନ୍ତୁଷ୍ଟ ହେଲୁଁ । ଅଣାକରଂ ବଙ୍ଗ ସହ୍ୟୋଗୀ ବ୍ୟକ୍ତିମାନଙ୍କ ମତ ଯାହାଙ୍କର ଏକହାତଖ ନୁହଇ ।

---

କଲିକତା ଜଙ୍କଟରେ ଦେଶୀୟ ଲୋକଙ୍କ ଦ୍ୱାରାମାନରେ ଯେଉଁ କାଗଜ କାରଖାନା ସ୍ଥାପିତ ହୋଇଅଛି ଉହାର ଅବସ୍ଥା ଏପର୍ଯ୍ୟନ୍ତ ଭଲ ହୋଇ ନାହିଁ । ଗତ ଷାଣ୍ମାସିକ ହିସାବରୁ ପ୍ରକାଶ ଯେ କେବଳ ଟ ୪୬୨୦ ଙ୍କା ଅସ୍ତ ମାତ୍ର ଟ ୨୩୭୪୧ ଙ୍କା ବ୍ୟୟ ହୋଇଥିଲା ଏବଂ ଟଙ୍କା ଲାଭ ହେବାକୁ ଭାରଖାନା ବନ୍ଦ ପଡ଼ିଅଛି । କୌଣସି ନୂତନ କାରବାରର ପ୍ରଥମାବସ୍ଥାରେ ଲାଭ ପଡ଼ିବା ଅସମ୍ଭବ ନୁହଇ । ଯେବେ କାରଖାନା ପରିଶେଷରେ ଲାଭ କରି ନ ପାରିବେ ତେବେ ବଡ଼ ଦୁଃଖର ବିଷୟ ହେବ ।

---

ହିନ୍ଦୁ ମୁସଲମାନମାନଙ୍କର ଦଙ୍ଗା ଉଦ୍ଭବ ହାର ମୂଳକାରଣ ଗୋରକ୍ଷଣୀ ସଭା ଏକଥା ଏକା ଦିଗରୁ ଅଦ୍ୟାବଧି ବର୍ତ୍ତମାନ ଶାସନକର୍ତ୍ତା ବିଶ୍ୱାସ କରନ୍ତି ବୋଲି ଅସ୍ମେମାନେ ଅନୁମାନ କରୁଥିଲୁଁ ମାତ୍ର କାର୍ଯ୍ୟଗତିରୁ ଜଣା ଯାଉଅଛି ଯେ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ଏହି ଧାରଣା ହୋଇଅଛି କାରଣ କେତେକ ପ୍ରଦେଶରେ ପ୍ରଜା ଗୋରକ୍ଷଣୀ ସଭାମାନଙ୍କରେ ଗୁପ୍ତ ଅନୁସନ୍ଧାନ ହେଉଅଛି । ଉବାହାର ମୂଳ କାରଣ ଅନୁସନ୍ଧାନ କର ଘୋଡ଼େ ମତ ଗଢ଼ିଲେବା ବଡ଼ ହାସ୍ୟଜନକ ।

—※—

କଲିକତାର ସରକାରୀ ଡାକ୍ତରଖାନାରେ ଅନେକ ଖ୍ରୀଷ୍ଟିୟାନରମଣୀ ଅତର ଯୋଗିବା ଓ ଉଠା କାଟିବା କାର୍ଯ୍ୟ କରୁଅଛନ୍ତି । ଏମାନେ ପୁରୁଷଙ୍କ ସମାନ ପଥବା ତହୁଁ ଅଧିକ କାର୍ଯ୍ୟ କରୁଅଛନ୍ତି ତ ଜାହିଁ ଜଣା ନାହିଁ । ଏଥିମଧ୍ୟରେ ଡାକଘରର ତରଫୀ ଏବଂ ପୋଷ୍ଟମାଷ୍ଟର କାର୍ଯ୍ୟ ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କଦ୍ୱାରା ନିର୍ବାହ କରାଇବାକୁ ଉଦ୍ୟମ ଲଗିଅଛି । ଉଭକାର କେତେକ ବଜାର ଦୋକାନରେ ଖାଉଣୀ ନିଯୁକ୍ତ ଅଛନ୍ତି ମାତ୍ର ଅନେକଙ୍କର ବିଶ୍ୱାସ ଯେ ଏମାନଙ୍କଦ୍ୱାରା ଦୋକାନର ଶୋଭା ହେଉଛି ବୁଝିଲେ କାର୍ଯ୍ୟ କେବେ ନୁହେ ।

---

ଅଠଗଡ଼ର ହିତାଦାନରେ ଶ୍ରୀ କୃଷ୍ଣ ରଥୁନାଥ ବେବର୍ତ୍ତା ପଟ୍ଟନାୟକ କବିବାର ପାଠକମାନଙ୍କୁ ଜଣାଇଅଛୁଁ । ସ୍ଥାନୀୟ ସ୍ୱଜାତିର ପ୍ରତିମକାଦେଇ ଏହାଙ୍କୁ ବନ୍ଧମଧ୍ୟେ ସହିତ ଦେଇ ଅଛନ୍ତି । ବର୍ତ୍ତମାନ ଶୁଣାଯାଏ ଯେ ସେଉଁ ନାଭୋଲର ପ୍ରଜାଙ୍କର କଥା ଏଥିପୂର୍ବେ ଅସ୍ମେମାନେ ଲେଖିଥିଲୁଁ ତାହାଙ୍କ ପକ୍ଷରୁ ବଙ୍ଗ ଅଭିଯୋଗ ହୋଇଅଛି ଏବଂ ସମ୍ପତ୍ତି ତାହା ବାହାରି ପର୍ଯ୍ୟନ୍ତ ସ୍ୱତନ୍ତ୍ରାବର ଦ୍ରବ୍ୟମାନ ବଜାର ବାହୋଇସ୍ତ ଦେବାକାରଣ ଅଭିଯୁକ୍ତ ସ୍ୱୟଂ [illegible]

Digitized by srujanika@gmail.com

Split by PDF Splitter



ବାବୁ ସୁଦାମଚନ୍ଦ୍ର ନାୟକ ହଲ୍ଦି ବଲଲୁ ଯାଇ ଅଛନ୍ତି ।

---

ବଙ୍ଗପ୍ରଦେଶର ସ୍ଥାୟୀ ଲେଫ୍ଟେନାଣ୍ଟ ଗବର୍ଣ୍ଣର ଇଲିଅଟ ବାହାଦୁର ଆଗାମୀ ଡିସେମ୍ବର ମାସରେ ଛୁଟୀରୁ ଫେରିଆସିଲେ ଏକ୍ଟିଂ ଲେଫ୍ଟେନାଣ୍ଟ ଗବର୍ଣ୍ଣର ମାକଡୋନେଲ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସଭାର ମେମ୍ବର ହୋଇ ବର୍ତ୍ତମାନ ସା-ଦ୍ଦଲଙ୍କ ପଦରେ ନିଯୁକ୍ତ ହେବେ । ହଚିନସ୍ ସାହେବ ପେନସନ ନେଇଁ ବିଲାତକୁ ଯାଉଅଛନ୍ତି । ସର ମାକଡୋନେଲ ବଙ୍ଗଦେଶ ଶିଧାପ୍ରବିଷ୍ଟର ଏବଂ ଦୟାପୂର୍ଣ୍ଣ ଦୃଢ଼ ଶାସନକାର୍ଯ୍ୟରେ ଯେପରି ସୁଖସୌଭାଗ୍ୟ ହୋଇଅଛନ୍ତି ତାହାଙ୍କର ଯେତେ ପ୍ରଶଂସା ହେବ ସର୍ବସାଧାରଣ ଯେତେ ଆନନ୍ଦିତ ହେବେ ସନ୍ଦେହ ନାହିଁ ।

---

ଅମୃତବଜାର ପତ୍ରିକାର ଜଣେ ସମ୍ବାଦଦାତା ଲେଖିଅଛନ୍ତି ଯେ ବଲାଇସରେ ଯେ କେହି ଉଙ୍ଗାହଙ୍ଗାମାର କଥା କହିବ ସେ ଗିରଫଦାର ହେବ । ପୁଲିସ ପ୍ରତି ଏପରି ଆଦେଶ ହୋଇଅଛି ଯେ ଯେବେ ମାଜିଷ୍ଟ୍ରେଟଙ୍କ ଅଧିକ ଲୋକ ମିଶି ରାସ୍ତାରେ ଗୋଷ୍ଠୀବଦ୍ଧ ହେଲେ ସେ ସବୁ ଗିରଫ ହେବେ । ଉତ୍ତରପଶ୍ଚିମ ଗବର୍ଣ୍ଣମେଣ୍ଟ ବାସ୍ତବରେ ଏପରି ଆଦେଶ ଦେଇଥିଲେ ଏହାଦ୍ୱାରା ଅନେକ ଅତ୍ୟାଚାର ଘଟିବାର ସମ୍ଭବ ଦେଖାଯାଉଅଛି । କଥାରେ କହନ୍ତି କ ଏକହାତରେ ତାଳି ବାଜେ ନାହିଁ । ସରକାର ମୁସଲମାନଙ୍କୁ ଛାଡ଼ି ଏହି ହିନ୍ଦୁମାନଙ୍କ ଉପରେ ଦୃଷ୍ଟି ଦେଉଅଛନ୍ତି ବଡ଼ ଅବିବେଚନାର କାର୍ଯ୍ୟ ଅଟଇ ।

---

ସଞ୍ଜୀବନୀରେ ପାଠକଲୁଁ କି ଫିଲିପସ ସାହେବ ଉକ୍ତ ପୂର୍ଣ୍ଣବାବୁଙ୍କ ବାସ୍ତବ ହେବାରୁ ମୋକଦ୍ଦମା ଚଳାଇବାର ଖରଚ ସରକାରରୁ ପାଇବା ଆଶାରେ କଲିକତାକୁ ଆସିଥିଲେ ମାତ୍ର ବଙ୍ଗଳାର ବର୍ତ୍ତମାନ ଲେଫ୍ଟେନାଣ୍ଟ ସର୍ ମାକଡୋନାଲ ସାହେବ ତାହାଙ୍କୁ ଅସନ୍ତୁଷ୍ଟ ହୋଇ ଉପାଦରକାର ପରାମର୍ଶ ଦେବାରେ ଅବଶେଷରେ ଫିଲିପସ ସାହେବ କ୍ଷମା ପ୍ରାର୍ଥନା କଲେ ଏହା ସଙ୍ଗେ ହିଁ ମାକଡୋନାଲ ବାହାଦୁରଙ୍କର ଗୌରବ ଦୀପ୍ତି ଅଟଇ । ବଡ଼ ଦୁଃଖର କଥା ଯେ ଏପରି ଦୟାଳୁବାନ୍ ଓ ଉପଦେଷ୍ଟା ଶାସନ-

କର୍ତ୍ତାଙ୍କୁ ସର୍ବଦାଳ ଅସ୍ମେମାନେ ଭୋଗ କରିପାରିଲୁଁ ନାହିଁ ।

---

ଅଫଗାନିସ୍ଥାନରୁ ସମ୍ବାଦ ଆସିଅଛି ଯେ ହିନ୍ଦୁକୁଶର ଅନ୍ତଃପାତି ଶ ଆଁ ଶ୍ରୀ ଗ୍ରାମରେ ବାସ କରୁଥିବା ଅଠର ହଜାର ଘର ଶିଆ ସମ୍ପ୍ରଦାୟର ମୁସଲମାନ ଆପଣା କୁଟୁମ୍ବ ଲୋକ ସାର୍ଥ ସାହା ସଙ୍ଗରେ ପାରସ୍ୟ ଦେଶକୁ ଉଠି ଯାଇଅଛନ୍ତି । ଅମିରଙ୍କ କର୍ମଚାରୀଙ୍କ ଅତ୍ୟାଚାର ଏଥିର କାରଣ ବୋଲି କଥିତ ହୁଅଇ । ପାରସ୍ୟରାଜା ଏମାନଙ୍କୁ ମେସର ପ୍ରଦେଶରେ ଘର ଓ ଭୂମି ଦେବାକୁ କହିଅଛନ୍ତି କିନ୍ତୁ ଏଥି ମଧ୍ୟରେ ଶୁଣିଅଛି ଶୁନ୍ନାମାନେ ଏହି ଶିଆମାନଙ୍କୁ ସିଂଘର ଅଧୀନ ସରଣାସ ଏବଂ ମଉଦରେ ବସତି କରିବାର ଲୋଭ ଦେଖାଇ କହୁ ଅଛନ୍ତି ଯେ ସେମାନଙ୍କୁ ଘର ଓ ଭୂମି ଛଡ଼ା ଖୁବ କରିବାନିମନ୍ତେ ଟଙ୍କା ଦାଦନ ଦିଆଯିବ ।

— ※ —

ଯାଜପୁରର ଡାକ୍ତର ସୁଭଅତନ୍ଦ୍ର ସ୍ୱସ୍ତି ଶୀଘ୍ର ହିନ୍ଦୁ ଛୁଟୀ ନେବା ଏବଂ ଅଭ ଓଡ଼ିଶାକୁ ନ ଆସିବାର ଜାଣି ଯାଜପୁରବାସିମାନେ ସେଠାରୁ ବଦଳ ହୋଇ ଯାଇଥିବା ଡାକ୍ତର ଶିବରାମ ମିଶ୍ରଙ୍କୁ ଫେରପାଇବା ପ୍ରାର୍ଥନାରେ ଏକ ଆବେଦନ ପତ୍ର ସିଭିଲ ସରଜନଙ୍କ ନିକଟକୁ ପଠାଇ ଥିଲେ । ଦରଖାସ୍ତର ସ୍ୱାକ୍ଷରମାନ ପ୍ରକୃତ ଥିବାର ସବଡିଭିଜନ ଅଫିସରଙ୍କଦ୍ୱାରା ତଦନ୍ତ ହୋଇ ନିଷ୍ପତ୍ତିରେ ଅଛି । ଶିବରାମ ବାବୁ ପାଞ୍ଚବର୍ଷ ଯାଜପୁରରେ ଉକ୍ତ ପଦରେ ଏବଂ ସଦ୍ବ୍ୟବହାରଦ୍ୱାରା ସେଠା ଲୋକଙ୍କର ବଡ଼ ଭକ୍ତିଭାଜନ ହୋଇଥିଲେ । ତାହାଙ୍କର ଅକ୍ଳାନ୍ତ ଯତ୍ନଦ୍ୱାରା ଅନେକ ଲୋକଙ୍କର ପ୍ରାଣରକ୍ଷା ହୋଇଥିଲା । ଭରସା କରୁଁ କର୍ତ୍ତୃପକ୍ଷମାନେ ଏହି ଆବେଦନ ପତ୍ର ଗ୍ରହଣ କରିବେ ।

---

ଗତସୁକ୍ରଥ ଘଡ଼ି ଉପରୁ ଅଳ୍ପ ୨୧୪ନ ହେଲା ଏ ନଗରରେ ଅଦ୍ୟ ବୃଷ୍ଟି ହୋଇ ନାହିଁ । ଆକାଶ ଦକା ବଡ଼ ପରିଷ୍କାର ଏବଂ ତଳରେ ଝାଞ୍ଜିଖରା ଏବଂ ଶୀତ କଣାଯାଉଅଛି ଦିଗେ ପ୍ରାତଃକାଳରେ ଶୀତଳ ଅଧିକ ଜଣା ଯାଉଅଛି । ଅଗ୍ରହଣମାସରେ ମେଘର ଏପରି ସ୍ୱଚ୍ଛ ଦେଖି ମନରେ ବଡ଼ ଭୟ ହେଉଅଛି । ବାସ୍ତବରେ ଏବଂ ସ୍ଥାନରେ ଜଗୁଆଳତ୍ରୟ ବାୟୁଆର ଶୁଣା ଯାଉଅଛି । ଏବୋଡନଦେ ମେଘ ଛାଡ଼ିଯିବ

ଏମନ୍ତ ବିଶ୍ୱାସ ହେଉ ନାହିଁ ମନ୍ତ ଯେବେ ଖ ଓ ଏକପ୍ରକାର ଏପରି ଅବସ୍ଥା ରହିବ ତେବେ ଫସଲ ନଷ୍ଟ ହେବ ସନ୍ଦେହ ନାହିଁ । ଅସ୍ମୁମାନେ ସୁଅଲ ସରକାରଙ୍କ ନାଲବ୍ଧନସ ରକ୍ଷା କରିବାନିମନ୍ତେ ଇକ୍ତ ଦେବତା ଏ ସମୟରେ ନିର୍ଦ୍ଦୟ ହେଉଅଛନ୍ତି । ଇଂରେଜ ସଜନଙ୍କର ଯେପରି ପ୍ରବଳ ପ୍ରତାପ ଇନ୍ଦ୍ରାଦ ଦେବତାମାନେ ତାହାଙ୍କର ଅନୁସରଣ କରନ୍ତେ ଏଥିରେ ଚେଷ୍ଟ କରୁ ନାହିଁ । ମାତ୍ର ସରକାର ପ୍ରଜାଙ୍କ ପ୍ରତି ଚାହିଁବା କି ଉଚିତ ନୁହଇ ?

---

ବାବୁ ବଳରାମମଲ୍ଲିକ ଖ ନଦୀରସ୍ଥାନ ପ୍ରଧାନସଭାର ଏକଜଣ ସେକ୍ରେଟରୀ ଥିଲେ । ଏବେ ତାଙ୍କର ଅବସାନ୍ତ ସହ ଏବଂ ପରିଣାମ ଅଲ୍ପ ଚଉଷଠି କାର୍ଯ୍ୟ ଉନ୍ନତି ଦ୍ୱାରା ସଭାଟି ସ୍ଥାୟୀ ହୋଇ ଏପର୍ଯ୍ୟନ୍ତ ଯେ କାର୍ଯ୍ୟ ହେବାକୁ ସମର୍ଥ ହେଉ ଅଛି ସନ୍ଦେହ ନାହିଁ । ଏହାଙ୍କର ଏ ନଗରରୁ ଖୁଲନାକୁ ବଦଳ ହେବାରୁ ସଭାର କାର୍ଯ୍ୟ ବିଷୟ ଶୁଣିବ ସତ ଶୁରୁତାର ସନ୍ଧ୍ୟା ସମୟରେ ଏଥିପାଇଁ ସଭାର ଏକ ଅଧିବେଶନ ହୋଇଥିଲା । ସମସ୍ତଙ୍କ ସମ୍ମତରେ ଅର୍ଥ୍ୟ ହେଲା ଯେ ଲୋକମ ବାବୁଙ୍କ ସଙ୍ଗ ଗତ ପାଇଁ ତାହାଙ୍କ ସାହାଯ୍ୟ ବିନା ସଭାର ଅଭ ହେବ । ଅତଏବ ସେ ଯେପରି ଜଣେ ସେକ୍ରେଟରୀ ଅଛନ୍ତି ସେପରି ରହି ଦେବା ସନ୍ତୁଦ ଓ ଅବାସ୍ତବ କାର୍ଯ୍ୟ ଓ ଆଶ୍ରମିକ କାର୍ଯ୍ୟର ବଦଳ ପ୍ରଥାର ଉଭୟ କାର୍ଯ୍ୟମାନ କରିବେ ଏବଂ ତାକୁ ଗଲଦବାଇ ସୋଷ ସହକାରୀ ସମ୍ପାଦକ ସ୍ୱରୂପ ଏଠାରେ କାର୍ଯ୍ୟ କରିବେ । କମିଟିର ଏ କଥାର ଉତ୍ତମ ହୋଇଅଛି । ବଦଳ୍ମନପୁରିଦଠାରେ ସଙ୍ଗ କୁଣୀ ତାହାଙ୍କ ସଙ୍ଗୀନ ସଭାର ସହିତ କପରି ରହି ହେବ ?

---

ଗତମାସ ତା ୨୯ ଦିନରେ ଗ୍ରେଟବ୍ରିଟେନ ବଡେଣ୍ଟ ଅର୍ଥାତ୍ ଉପନିବେଶର ଆସ୍ଥିବ୍ୟୟର ତାଲିକା ଇଂଲଣ୍ଡର ପାର୍ଲାମେଣ୍ଟ ସଭାରେ ଉପସ୍ଥିତ ହୋଇଥିଲା । ଗ୍ଲାଡଷ୍ଟୋନ ଅଣ୍ଡର-ସେକ୍ରେଟେରୀ ରସେଲ ସାହେବ ଏହା ଉଣାଇବା ତାଳରେ ଭାରତଶାସନର ଅନେକ ପ୍ରଶଂସା କରିଥିଲେ । ଅଧା ଥିଲା ବଜେଟ କପିଲସରେ ଭାରତବିଷର ତାଙ୍ଗା ଗୁହାଣ ଯେନ ଗବର୍ଣ୍ଣମେଣ୍ଟ ହେବ ବାସ୍ତବରେ ଶ୍ରୀଯୁକ୍ତ ବେଲ ସାହେବ ଉଲଗାସିଙ୍କ ଅବସ୍ଥା

Digitized by srujanika@gmail.com

Split by PDF Splitter



ଏବଂ ଭାରତ ଓ ଇଂଲଣ୍ଡର ସମ୍ବନ୍ଧ ଅନୁସନ୍ଧାନନିମନ୍ତେ ଗୋଟିଏ ରାଜକୀୟ କମିଶନ ବସାଇବାର ପ୍ରସ୍ତାବ କଲେ ଏବଂ ଶ୍ରୀଯୁକ୍ତ ନୌରୋଜି ଦାଦାଭାଇ ତାହା ସମର୍ଥନ କଲେ ମାତ୍ର ସଭାରେ ସେ ପ୍ରସ୍ତାବ ଅଗ୍ରାହ୍ୟ ହୋଇ ବହୁତେ ସ୍ଥଗିତ ହେଲା । କେବଳ ପ୍ରଧାନ ମନ୍ତ୍ରୀ ଏତିକି ଭରସା ଦେଲେ ଯେ ଭାରତବାସିଙ୍କର ଗୁହାରିମାନ ଶୁଣାଯିବ ଏବଂ ପ୍ରତିକାରର ବ୍ୟବସ୍ଥା ହେବ । ମାତ୍ର ଅନୁସନ୍ଧାନ ବିନା କେଉଁ ଗୁହାରିର ସତ୍ୟତା ସ୍ଥିର ହେବ ଜଣାଯାଉ ନାହିଁ । ସମ୍ପ୍ରତି ଭାରତଗବର୍ଣ୍ଣମେଣ୍ଟ ଯାହା କହିବେ ତାହା ହିଁ ଗୃହୀତ ହେବ । ଭାରତଶାସନକାର୍ଯ୍ୟର ସମାଲୋଚନା ଏହି ଭାବରେ ପ୍ରତିବର୍ଷ ବଜେଟରେ ହୋଇ ଆସୁଅଛି । ଏ ବର୍ଷ ମଧ୍ୟ ସେହିପରି ହେଲା ଏଥିରେ ଅମ୍ଭମାନଙ୍କର ସନ୍ତୁଷ୍ଟ ହେବା ଉଚିତ ।

—※—

ଉତ୍କଳର ୨ୟ ଓ ୩ୟ ସଂଖ୍ୟା ଏବଂ ଉତ୍କଳମଧୁର ୪ ର୍ଥ ସଂଖ୍ୟା ଅମ୍ଭେମାନେ ପ୍ରାପ୍ତ ହୋଇଅଛୁଁ । ୨ୟ ସଂଖ୍ୟା ଉତ୍କଳର ମଲାଟର ବଡ଼ ଅକ୍ଷରରେ 'ଅଶ୍ଳୀଳତାହିଂସା' ଶବ୍ଦଟି ଛପା ହୋଇଅଛି ଏବଂ ଦ୍ୱିତୀୟ ସ୍ତମ୍ଭରେ ଯେଉଁ ପଦ୍ୟ ପ୍ରକାଶିତ ହୋଇଅଛି ତହିଁକୁ ପଢ଼ିବାର ପ୍ରତି ପାଠକଙ୍କ କାର୍ଯ୍ୟର ସମତା ଦେଖାଇବାରୂପେ ବ୍ୟକ୍ତ ହୋଇଅଛି । ଯାହାଙ୍କ ଲେଖନୀକୁ ଏପରି ବାହାରିଅଛି ତାହାଙ୍କର ସଭ୍ୟତା ଓ ରୁଚି କି ଧନ୍ୟ ! ଏପରି ନ ହେଲେ କି ଅଧୁନାତନ ଉତ୍କଳସାହିତ୍ୟର ଉନ୍ନତି ହେବ ? ଏଥିରେ ଲେଖକମାନଙ୍କ ପ୍ରତି ଦେଶଗଣ ଲାଗି ସୁଭଗଂ ଲକ୍ଷ୍ମୀରୁ ଅନେକ ବଡ଼ । ଏହାର ଆଦର ଏତେଦେଶ ଯେ ସେତେଗୁଣ ବଢ଼ାଇବା ନିମନ୍ତେ ଅଳ୍ପ ଦିନରେ ଶେଷ ହୋଇଗଲା । ଏଥିରୁ ଅନେକ ଗ୍ରାହକ ନିରାଶ ହୋଇ ଫେରିଗଲେ । ବିଶେଷତଃ ଏଥିରେ 'ପଞ୍ଚାଶବତନାମା' ନାମରେ ଯେଉଁ କବିତାଟି ପ୍ରକାଶିତ ହୋଇଅଛି ତାହା ଲେଖକଙ୍କ ମନକୁ ବଡ଼ ଯୋଗାଇ ଦେଖାଯାଏ ଏବଂ ଗ୍ରନ୍ଥ ସକଳସ୍ଥାନରେ ତହିଁର ଚର୍ଚ୍ଚା ଲାଗିଥିଲା । ଏଥିରୁ ପ୍ରମାଣ ହେଉଅଛି ଯେ ଉତ୍କଳ ଅବଶ୍ୟ ଉନ୍ନତି ପ୍ରତି ସର୍ବସାଧାରଣଙ୍କ ମନ ଅଶ୍ଳୀଳତାପ୍ରମାଣରେ ଆକର୍ଷିତ ହୋଇଅଛି ଏବଂ ଲଜ୍ଜା ଓ କୁତ୍ସିତଭାବପୂର୍ଣ୍ଣ ପ୍ରବନ୍ଧ ପଢ଼ିବାକୁ ଲୋକେ ଲଜ୍ଜା କରନ୍ତି ନାହିଁ । ଏହି ରୁଚି ଜାତ କରିବା ଅପେକ୍ଷା ଅଶ୍ଳୀ-

ଳତା ନାହିଁ କହିବା କତ୍ତୁରୀର ଉଦ୍ଦେଶ୍ୟ ଏବଂ ତାହା ଯେପ୍ରକାରେ ସିଦ୍ଧ ହେଉଛି ସେପ୍ରକାରେ ସେ କୃତକାର୍ଯ୍ୟ ହୋଇଅଛନ୍ତି ବୋଲି ସନ୍ତୋଷପୂର୍ବକ ଘୋଷଣା କଲେ ଅମ୍ଭେମାନେ ଆନନ୍ଦିତ ହେବୁଁ ।

---

ବଙ୍ଗପ୍ରଦେଶର ଗତବର୍ଷର ଇନ୍‌କମ୍‌ଟିକସବିଭାଗର କାର୍ଯ୍ୟବିବରଣରୁ ପ୍ରକାଶିତ ହୋଇଅଛି ଗତବର୍ଷ ଏବଂ ତହିଁ ପୂର୍ବବର୍ଷର ଫଳାଫଳ ନିମ୍ନଲିଖିତ ମତେ ଅଟଇ ଯଥା :—

| | ସନ ୧୮୯୧।୯୨ | ସନ ୧୮୯୨।୯୩ |
|---|---|---|
| ଟିକସଦାତାଙ୍କ ସଂଖ୍ୟା | ୧୧୧୧୭୦ | ୧୧୧୮୫ |
| ଜମା | ଟ ୪୧୭୦୩୭୮ | ଟ ୪୧୭୬୩୨୪ |
| ଉସୁଲ | ଟ ୪୦୨୦୮୪୩ | ଟ ୪୦୬୦୬୦୧ |
| ଖରଚ | ଟ ୧୮୬୯୨୯ | ଟ ୧୮୦୧୬୪ |

ଉପରଲିଖିତ ତାଲିକାରୁ ଦେଖାଯାଉଅଛି ପୂର୍ବବର୍ଷଠାରୁ ଗତବର୍ଷ ଅଧିକା ପ୍ରାୟ ୭୦୦ ଜଣ ଉପରେ ଟିକସ ବସିବା ମାତ୍ର ମୋଟରେ ୧୯ ହଜାର ଟଙ୍କା ଆୟ ବୃଦ୍ଧି ହେଲା । ଏହି ସାମାନ୍ୟ ବୃଦ୍ଧିରୁ ପ୍ରକାଶ ଯେ ଇନକମଟିକସ ରାଜସ୍ୱସଂଗ୍ରହର ଗୋଟିଏ ଭଲ ଉପାୟ ନୁହଇ । ଏହା ସପକ୍ଷରେ କେବଳ ଏତିକି କୁହାଯାଇପାରେ ଯେ ସଙ୍ଗତିପନ୍ନ ଅଳ୍ପଲୋକଙ୍କ ଏହା ଦେଣ ପଡ଼ୁଥିବାରୁ ଅଧିକାଂଶ ଗରିବଲୋକ ଏ କଷ୍ଟରୁ ମୁକ୍ତ ଅଛନ୍ତି । ତଥାପି ବନ୍ଦୋବସ୍ତଦୋଷରୁ କେତେ ଗରିବଲୋକ ଯେ ହଇରାଣ ହେଉଛନ୍ତି ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନବର୍ଷରେ ୧୧୬୪୦ ଆପତ୍ତି ଦରଖାସ୍ତ ପଡ଼ିଥିଲା ଏବଂ ତହିଁମଧ୍ୟରୁ ୪୨୦୫ ଖଣ୍ଡ ସଫଳ ହୋଇଥିଲା । ଟଙ୍କା ଉସୁଲ ନିମନ୍ତେ ପ୍ରାୟ ସାଢ଼େ ପାଞ୍ଚହଜାର ଓ୍ୱାରେଣ୍ଟ ବାହାରିଥିଲା ଏବଂ ୩୭୨ ଜଣର ସମ୍ପତ୍ତି ନିଲାମ ହୋଇଥିଲା । ଏସବୁ ଅବସ୍ଥା ଲୋକଙ୍କ ବାଧ୍ୟବାର ପ୍ରମାଣ । ବର୍ତ୍ତମାନ ଯେପରି ସମୟ ପଡ଼ିଅଛି ବାର୍ଷିକ ୫ ଶତ ଟଙ୍କା ଆୟ ଥିବା ବ୍ୟକ୍ତିର ଅବସ୍ଥା ଉତ୍ତମ ବୋଲି କହି ହେବ ନାହିଁ ଏବଂ ସେ ଆୟ ନିଶ୍ଚୟ କରିବା ମଧ୍ୟ ବଡ଼ କଠିନ । ଯେବେ ଏକହଜାର ଟଙ୍କା ଆୟ ପର୍ଯ୍ୟନ୍ତ ଛାଡ଼ି ହୁଅନ୍ତା ତେବେ ଏ ଟିକସର ପୀଡ଼ା ଅନେକ ଊଣା ହୁଅନ୍ତା ଏବଂ ବର୍ତ୍ତମାନ ପରି ଅସନ୍ତୋଷଜନକ ହୁଅନ୍ତା ନାହିଁ । ବଡ଼ ଦୁଃଖର ବିଷୟ ଯେ ଗବର୍ଣ୍ଣମେଣ୍ଟ ଏ କଥା ବୁଝି ନାହାନ୍ତି ।

---

ଏହି ନଗରକୁ ସ୍ୱାମୀ ବିଶ୍ୱନାଥ ଆଗମନକରି ୨।୩ ଥର ଚଉକ ପ୍ରିଣ୍ଟିଂଲୁଆମାନଙ୍କ ଦ୍ୱିତଳଗୃହରେ ହିନ୍ଦୁଧର୍ମ ବକ୍ତୃତା ଦେଇଥିବା ଓ ତାହା ରକ୍ଷାକରିବା ଅଭିପ୍ରାୟରେ ସୁଯୋଗ୍ୟ ବକ୍ତାମାନ ଦେଇ ମାଙ୍ଗଳୀମଣ୍ଡଳ ନାମକ ଏକ ଧର୍ମସଭା ସ୍ଥାପନ କରିବା ନିମନ୍ତେ ବାରମ୍ବାର ପ୍ରସ୍ତାବ କରିଥିଲେ । ଗତ ରବିବାର ଶ୍ରୀ ଗୋପାଳଜୀଉଙ୍କ ମନ୍ଦିରରେ ଏ ନଗରସ୍ଥ ଭଗବଦ୍‌ଭକ୍ତିପ୍ରଦାୟିନୀ ସଭାର ବର୍ତ୍ତମାନ ଧର୍ମସମ୍ବନ୍ଧରେ କର୍ତ୍ତବ୍ୟ ସ୍ଥିର କରିବାନିମନ୍ତେ ଏକ ବିଶେଷ ଅଧିବେଶନ ହୋଇଥିଲା ତହିଁରେ ସଭାର ନିୟମିତ କାର୍ଯ୍ୟ ପୁରାଣ ପାଠାନ୍ତ ପରେ ସଭାପତି ପଣ୍ଡିତ ଶ୍ରୀ ହରିହର ଷଡ଼ଙ୍ଗୀ ରେଭିନ୍ୟୁସ୍ଥାନାନ୍ତରିତ ହୋଇଥିବାରୁ ସଭା ଅତ୍ୟନ୍ତ ଦୁଃଖ ପ୍ରକାଶକରି ସଭାପତିଙ୍କ ପଦରେ ପଣ୍ଡିତ ଶ୍ରୀ ବୈଦ୍ୟନାଥ ଶତପଥୀଙ୍କୁ ଓ ସହକାରୀ ସଭାପତି ପଦରେ ପଣ୍ଡିତ ଶ୍ରୀ କୃପାସିନ୍ଧୁ ଶତପଥୀ ଓ ପଣ୍ଡିତ ଶ୍ରୀ ପୁରୁଷୋତ୍ତମ ତର୍କାଳଙ୍କାରଙ୍କୁ ସର୍ବସମ୍ମତିକ୍ରମେ ନିଯୁକ୍ତ କଲେ । ତହିଁଉତ୍ତାରୁ ପ୍ରତି ରବିବାର ନିୟମିତ ପୁରାଣପାଠ ପରେ ନିମ୍ନଲିଖିତ ପଣ୍ଡିତ ମହୋଦୟଗଣ ଧର୍ମସମ୍ବନ୍ଧୀୟ ଉପଦେଶମାନ ଦେବାର ସ୍ଥିର ହୋଇଅଛି ଯଥା, ପଣ୍ଡିତ ଶ୍ରୀ କୃପାସିନ୍ଧୁ ଶତପଥୀ, ପଣ୍ଡିତ ଶ୍ରୀ ଗଦାଧର ତ୍ରିପାଠୀ, ପଣ୍ଡିତ ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ, ପଣ୍ଡିତ ଶ୍ରୀ ନାରାୟଣ ଦାସ, ପଣ୍ଡିତ ଶ୍ରୀ ମୁକୁନ୍ଦ ଦାସ ତୀର୍ଥ, ପଣ୍ଡିତ ଶ୍ରୀ ଦୀନବନ୍ଧୁ ତର୍କଭୂଷଣ, ପଣ୍ଡିତ ଶ୍ରୀ ଶ୍ରୀପତି ବିଦ୍ୟାଭୂଷଣ, ପଣ୍ଡିତ ଶ୍ରୀ ବୈଦ୍ୟନାଥ ଶତପଥୀ, ପଣ୍ଡିତ ଶ୍ରୀ ପୁରୁଷୋତ୍ତମ ତର୍କାଳଙ୍କାର । ସ୍ୱାମୀ ଜୀଉଙ୍କ ବକ୍ତୃତା ଯୋଗୁଁ ଭଗବଦ୍‌ଭକ୍ତିପ୍ରଦାୟିନୀ ସଭା ଉତ୍ତେଜିତ ହେବାର ଦେଖି ଅମ୍ଭେମାନେ ଆନନ୍ଦିତ ହେଲୁଁ । ଭରସା କରୁଁ ଏହା ସ୍ଥାୟୀ ହେବ ଏବଂ ହିନ୍ଦୁସମାଜର ସମସ୍ତ ଧନୀ, ମାନୀ, ବିଦ୍ୱାନ୍, ବ୍ୟକ୍ତିମାନେ ଏଥିରେ ଯୋଗ ଦେବେ । ଶୁଣିଲୁଁ ଯେ ପ୍ରତି ରବିବାର ଉପଦେଶ ଅନ୍ତେ ନାମକୀର୍ତ୍ତନ କରିବାର ସଭା ଉଦ୍‌ଯୋଗ କରୁଅଛନ୍ତି ।

---

ପାଟନା ଢାକା ଏବଂ ଚଟ୍ଟଗ୍ରାମ ବିଭାଗମାନଙ୍କର କେତେକ ସ୍ଥାନରେ ବୃଷ୍ଟି ଓ ବନ୍ୟାହେତୁ ଫସଲ ନଷ୍ଟ ହେବାର ଶୁଣି ବଙ୍ଗୀୟ ଗବର୍ଣ୍ଣମେଣ୍ଟ ବିଶେଷ ତଦନ୍ତ କରାଇଥିଲେ । ସେହି ତଦନ୍ତର ଫଳ ଏହି କି କୌଣସି ସ୍ଥାନରେ ଦୁର୍ଭିକ୍ଷ ଆଶଙ୍କା ହେବାର କାରଣ ନାହିଁ ଫସଲହାନିର

Digitized by srujanika@gmail.com

ଅଶଙ୍କା ନାହିଁ । କେବଳ ସ୍ଥାନବିଶେଷର ଉଚ୍ଚ- ଭୂମିରେ ଲୋକଙ୍କର କଷ୍ଟ ହେବାର ସମ୍ଭାବନା ।

ପାଟନାର କମିଶନରଙ୍କ ଲେଖିଅଛନ୍ତି ଯେ ବନ୍ୟା- ଦ୍ୱାରା ଖବାଦ କ୍ଷତି ମାତ୍ର ନାହାନ୍ତି । ଠାକେ ଫସଲ ଧୋଇ ଯାଇଥିଲା ମାତ୍ର ସେ ଜଳ ସବୁ ଭୂଷ ହୋଇଅଛି । ଚଟ୍ଟଗ୍ରାମର କମିଶନରଙ୍କ ମତରେ କେବଳ ନୂଆଖାଲିରେ ବହୁ ସାହାଯ୍ୟ ପ୍ରୟୋଜନ କରୁଥିବା ଅଭ ସମସ୍ତ ସ୍ଥାନର ଅବସ୍ଥା କ୍ରମଶଃ ଭଲ ହେଉଅଛି । ଢାକାବିଭାଗର ଖାବରଗଞ୍ଜ ଓ ଫରିଦପୁର ଜିଲାମାନଙ୍କ ଅନ୍ତର୍ଗତ ଜଳ ପ୍ରଦେଶ ନାମକ ସ୍ଥାନରେ ବହୁ କଷ୍ଟ ପଡ଼ିବାର ଭୟ ଅଛି । ଏ ଭୂମିଖଣ୍ଡର ଲୋକ- ସଂଖ୍ୟା ୪୦ ହଜାର । ଏମାନଙ୍କ ମଧ୍ୟରେ କେଉଟଙ୍କ ସଂଖ୍ୟା ଅଧିକ । ସେମାନଙ୍କର ଜୀବିକା ମାଛମରା ଓ ମାଛ ଏଠାରେ ଅସୀମ ପରିମାଣରେ ମିଳଇ । ଅବଶିଷ୍ଟ ଲୋକ ଖ୍ରୀଷ୍ଟିୟାନ ଓ ନମଶୂଦ୍ର- ମାନ ଅଟନ୍ତି । ସେମାନେ ମୂଳ ଲଗିବାକୁ ଅନ୍ୟାନ୍ୟ ସ୍ଥାନକୁ ଯିବା ଆସିବା କରନ୍ତି । କଲ୍ ହସମ୍ପୁରମାସ ପୂର୍ବେ ଗଲୁ ବାହାରନ୍ତି ନାହିଁ । ପର୍ଯ୍ୟଲୋଚନ ଏମାନଙ୍କ ସକାଶେ ସାହାଯ୍ୟ କାର୍ଯ୍ୟ ଚିନ୍ତିଥିବା ମାତ୍ର କେହୁ ମୂଳଲଗି ଅସିଲେ ନାହିଁ । ଏଥିରୁ ଜଣାଯାଏ କଷ୍ଟର ଦୃଷ୍ଟ ଅତ୍ୟ ପଡ଼ି ନାହିଁ । ତଥାଚ ସ୍ଥାନୀୟ କାଦମ୍ବାଙ୍କେ ଜାଗ୍ରତ ଅଛନ୍ତି ଯେ କଷ୍ଟ ଦେଖିଲେ ଅବଶ୍ୟ- କୀୟ ସାହାଯ୍ୟଦାନର ବ୍ୟବସ୍ଥା କରିବେ । ଖାବରଗଞ୍ଜ ଓ ଫରିଦପୁର ବଙ୍ଗଳାର ଧାନ- କୋଠି ବୋଲି ଯାଇ ପାରେ । ବନ୍ୟାଦର୍ଶିତାଦ୍ୱାରା ଜଣା ଯାଉଅଛି ଯେ ସାଧାରଣତଃ ଏଠାରେ ବିଶେଷ ଅନଟନ ହେବ । ସମ୍ପ୍ରତି ଭଲ ଏବର୍ଷର ବନ୍ୟା ଅଳ୍ପ ଭୂମିଖଣ୍ଡକୁ ରାଖି- ବାର ? ଜଣାଯାଏ ଏବଂ ସେଗ୍ରାମମାନଙ୍କରେ ଜମିଦାରମାନଙ୍କର ସାହାଯ୍ୟ କରିବା ଉଚିତ ବୋଲି ଗବର୍ଣ୍ଣମେଣ୍ଟ କହୁଅଛନ୍ତି । ଯେବେ ଜମିଦାରମାନେ କିଛି ନ କରିବେ ତେବେ ଜଣ୍ଟ ବେ । ଭିଜ ଓ ସ୍ଥାନୀୟ କାଦମ୍ବମାନେ ଅତ- ନିଃଶାୟ ଥ, 'ଦାନ୍ୟ ଦାନ କରିବେ ।

---

## ପ୍ଲାମ୍-ଉତ୍ପତ୍ତି ।

ପ୍ଲାମ୍ବର୍ଣ୍ଣ ଗବର୍ଣ୍ଣମେଣ୍ଟର ଗୋଟିଏ ପ୍ରଧାନ ଉତ୍ପତ୍ତି ଅଟଇ ଏବଂ ଏହା କ୍ରମାଗତ ବୃଦ୍ଧି ହେବା ଭାରତର ମଙ୍ଗଳ ବୋଲିବାକୁ ହେବ । ପୂର୍ବେ ଏହିଁ ଉଭୟର ବାର୍ଷିକ ବିବ- ରଣ ପ୍ରକାଶିତ ହୋଇଥିଲା । ସମ୍ପ୍ରତି ପ୍ରତି- ବର୍ଷରେ ଥରେ ବିବରଣୀ ପ୍ରକାଶ ହେବାର ନିୟମ ହୋଇଅଛି । ଗତ ୧୮୯୩ ସାଲ ମାର୍ଚ୍ଚ- ମାସ ତା ୩୧ ରିଖରେ ଶେଷ ହେବା ଗତ- ବର୍ଷର ଯେଉଁ ବିବରଣ ଇଣ୍ଡିଆ ଗେଜେଟ୍ରେ ବୋରଡ଼ ପ୍ରକାଶ କରିଅଛନ୍ତି ତହିଁର ଫଳା- ଫଳ ନିମ୍ନେ ପ୍ରକାଶିତ ହେଲା । ଯଥା ;—

| ଜିଲ୍ଲା | ଟ.ଡ | ଜମି |
|---|---|---|
| [illegible] | [illegible] | [illegible] |

ଅତଏବ ଦେଖାଯାଏ ଯେ ପୂର୍ବାପେକ୍ଷା ଆୟ ବୃଦ୍ଧି ଏବଂ ବ୍ୟୟ ଭିଣା ହୋଇ ଗତବର୍ଷ ମଧ୍ୟ- ରେ ଦଶଲକ୍ଷ ଟଙ୍କାରୁ ଅଧିକ ଲଭ ହୋଇ ଅଛି । ବଙ୍ଗଳରେ ସାଧାରଣ ଷ୍ଟାମ୍ପ ଏବଂ କୋର୍ଟଫିସ ଷ୍ଟାମ୍ପ ଏହି ଉଭୟ ଶ୍ରେଣୀର ଷ୍ଟାମ୍ପ- ରେ ଏହି ବୃଦ୍ଧି ଲକ୍ଷିତ ହୁଅଇ । ଭାରତମଧ୍ୟ ଏକିକ ଯେ କୋର୍ଟଫିସର ଆୟ ସାଧାରଣଷ୍ଟାମ୍- ପର ଆୟର ଦୁଇଗୁଣରୁ ଅଧିକ ଅଟେ । ବଙ୍ଗଦେଶ ଟଙ୍କାର ଆୟ ମଧ୍ୟ ପ୍ରାୟ ୬୦ ହଜାର ବୃଦ୍ଧି ହୋଇଅଛି ଏବଂ ତାହାର ହ୍ରାସ ମୋଫସଲରେ ଜମିଦ ଷ୍ଟାମ୍ପ କମିବା ହେବା ଏଥିର କାରଣ ଅଟଇ । ଏ ସ୍ତମ୍ଭସମ୍ବନ୍ଧୀୟ ଆଉ ଗୋଟିଏ ଶୁଭଫଳ ଏହି ଯେ ଷ୍ଟାମ୍ପ ଅଚଳ ନଗଳ ହେଉ ପୂର୍ବ ଗତବର୍ଷରେ ତ ୩୧୫ମ୍- ର ମୋକଦ୍ଦମାରେ ତ ୭୩୯ ୯ ପାଇଥିଲା- ସ୍ଥଳେ ବର୍ତ୍ତମାନ ଗତବର୍ଷରେ ତ ୬୬୭ ମର ମୋକଦ୍ଦମାରେ ତ ୬୮୫ ଏ ଦଣ୍ଡୀୟ ହୋଇ- ଅଛନ୍ତି । ଷ୍ଟାମ୍ପ ଅଚଳ ନଗଳ ଅପରାଧ ଯେ କେହି ଧରାଇ ଦେବ ତାହାକୁ ପୁରସ୍କାର ଦିଅ- ଯିବାର ନିୟମ ହୋଇଅଛି । ଏହି ନିୟମାନୁ- ସାରେ ଅତ୍ୟାଦ୍ୟ ଲୋକମାନଙ୍କର ସମସ୍ତ ଓଡ଼ିଶା ଓ ଛୋଟନାଗପୁରରେ ବହୁ ପୁରସ୍କାର ଦିଆଯାଇ ନ ଥିବାରୁ ଗବର୍ଣ୍ଣମେଣ୍ଟ ଖେଦ କରିଅଛନ୍ତି । ପୁରସ୍କାର ପାଇବେ ଲୋକେ ଅପରାଧ ଧରାଇ ଦେବାକୁ ସହଜରେ ହେବେ । ମାତ୍ର ଆମ୍ଭେମାନେ ଏ ନିୟମର ପକ୍ଷପାତୀ ନାହୁଁ । ପୁରସ୍କାର ଲୋଭରେ କେତେ ଦୁଷ୍ଟ ଲୋକ ଡାଲଟୋଣ୍ଡିଗଞ୍ଜରେ ଭଲଲୋକଙ୍କ ଉପରେ ଅପ- ରାଧ ଲଗାଇ ଦେବାର ଦେଖାଯାଇ ଅଛି ।

ଉପରଲିଖିତ ମତେ ଏକ ପକ୍ଷରେ ଆୟ- ବୃଦ୍ଧି ଏବଂ ଅନ୍ୟ ପକ୍ଷରେ ବ୍ୟୟର ଘଟମାଣି ଜଣା ଆନନ୍ଦର ବିଷୟ ହେଲେହେଁ ଯେତେ- ବେଳେ ମନେ ହୁଅଇ ଯେ କୋର୍ଟଫିସ ହାର ସର୍ବାପେକ୍ଷା ଅଧିକ ଆୟ ହେଉଅଛି ଏବଂ ଏହି କୋର୍ଟଫିସ ମୋକଦ୍ଦମା କରିବା ବ୍ୟକ୍ତିଙ୍କଠାରୁ ଅଗତ୍ୟା ଏମନ୍ତ ଭାବରେ ଆଦାୟ ହେଉଅଛି ଯେ ଅନେକ ଲୋକ କୋର୍ଟଫିସ ଯୋଗାଇ- ବାର ସମର୍ଥ ଅଭାବରେ ବିଚାର ଅଦାଲତର ସାହାଯ୍ୟ ଲୋଡ଼ି ପାରୁ ନାହାନ୍ତି ତେତେବେଳେ କଷ୍ଟ ବୋଧ ହୁଅଇ । ଅନ୍ତତଃ କୋର୍ଟଫିସର ଆୟ କମାଇବା ବଢ଼ିବା ସ୍ଥଳେ ଲୋକଙ୍କ ହିତା- ର୍ଥେ ତହିଁର ଦର କିଛି କମ କରିବା ଉଚିତ ।

---

## ବନ୍ଦୋବସ୍ତ ଓ ଶିକ୍ଷିତ ସମାଜ ।

ବନ୍ଦୋବସ୍ତ ମହକୁମାର ସାମାନ୍ୟ କର୍ମଚା- ରୀଠାରୁ ଉଚ୍ଚତମ ପର୍ଯ୍ୟନ୍ତ ନାନାପ୍ରକାର ବେଆଇନ କାର୍ଯ୍ୟଦ୍ୱାରା ପ୍ରଜା ଓ ଜମିଦାରମାନଙ୍କ ଅନେକ କ୍ଲେଶ ପାଉଥିବେହେଁ ପ୍ରଜାମାନେ ଏବେ ଓଡ଼ିଶା ଦୁର୍ଭିକ୍ଷର ତାଡ଼ନା କଷ୍ଟ ଓ ଶୁଷ୍କ ଦୁର୍ଭିକ୍ଷରେ ଅସ୍ଥିର ତହିଁ ଉପରେ ବନ୍ଦୋବସ୍ତକର୍ମଚାରୀଙ୍କ ନିନ୍ଦ କରିଲେ ତାଙ୍କେ ସବୁର ବ୍ୟାଘାତ ହେବ ଓ ମାମଲା ଲଢ଼ିବାକୁ ଦ୍ରବ୍ୟ ନାହିଁ ଏଥିପାଇଁ ଅତ୍ୟାଚାରର ପ୍ରତିବାଦ ନ କରି ସେମାନଙ୍କୁ ସନ୍ତୁଷ୍ଟ କରିବାକୁ ତତ୍ପର ଏବଂ ଜମିଦାରମାନେ ଜମିଦାରୀ ଲଭ୍ୟ ଏବଂ ଅଧିକ ଉପଦ୍ରବରେ ପଡ଼ିବା ଭୟରେ ଚୁପ ରହିବାର କଥା ପାଠକବର୍ଗ ଜଣେ ସଂବାଦଦାତାଙ୍କ ବର୍ଣ୍ଣନା କରି ଗୋଟିଏ ପତ୍ର- ରେ ଆମ୍ଭମାନଙ୍କ ନିକଟକୁ ଲେଖି ପଠାଇଅଛନ୍ତି । ତାହାଙ୍କର କେତେକ କଥା ଆମ୍ଭମାନଙ୍କ ମନକୁ ଆସିବାରୁ ତଳଲିଖିତ ଅଂଶଟି ସର୍ବସାଧାରଣଙ୍କ ଜ୍ଞାନାର୍ଥେ ଉଦ୍ଧାର କଲୁଁ ଯଥା ;—

ପ୍ରଜାଠାରୁ ଜମିଦାର ପର୍ଯ୍ୟନ୍ତ ବନ୍ଦୋବସ୍ତ କର୍ମଚାରୀଙ୍କ ବେଆଇନ କାର୍ଯ୍ୟର ଉତ୍ପାତ ପ୍ରତାପର ନ କରି ଭୀତ ହୋଇ ରହିବା ଅଧି-

Split by PDF Splitter
Digitized by srujanika@gmail.com